
# କୁମାରନ୍ ଆସାନ

କେ.ଏମ୍. ଜର୍ଜ



ଭାରତୀୟ

OR
891.481 218 1
As-13 G
AS13 ଜ

INDIAN INSTITUTE
OF
ADVANCED STUDY
LIBRARY, SHIMLA

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

# କୁମାରନ୍ ଆସାନ

କେ. ଏମ. ଜର୍ଜ

ଅନୁବାଦ : ଜାନକୀବଲ୍ଲଭ ମହାନ୍ତି

ସାହିତ୍ୟ ଏକାଡେମୀ
ନୂଆଦିଲ୍ଲୀ

KUMARAN ASAN : Translated into Oriya by Janakiballav Mohanty from *K. M. George's* English Monc same title. Sahitya Akademi, New Delhi. 198

SAHITYA AKADEMI
REVISED PRICE Rs. 15-00

OR
As 13 G

ସାହିତ୍ୟ ଏକାଡେମୀ
ରବୀନ୍ଦ୍ର ଭବନ, ୩୫, ଫିରୋଜସାହ ରୋଡ଼,
ନୂଆଦିଲ୍ଲୀ—୧୧୦୦୦୧

ଶାଖା କାର୍ଯ୍ୟାଳୟ :
ରବୀନ୍ଦ୍ର ସରୋବର ଷ୍ଟାଡିୟମ୍, ବ୍ଲକ୍ ୫ ବ
କଲିକତା—୭୦୦୦୨୯

୨୯, ଏଲ୍ଡାମସ୍ ରୋଡ଼, ତେନାମପେଟ୍,
ମାଡ୍ରାଜ—୬୦୦୦୧୮

୧୭୨, ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ,
ଦାଦର, ବମ୍ବେ—୪୦୦୦୧୪

Library IIAS, Shimla
OR 891.481 218 1 As 13 G
00117775

SAHITYA AKADEMI
EVISED PRICE Rs. 15-00

କଳିଙ୍ଗ ମୁଦ୍ରଣୀ, ୭୭ ବ, ଅଖିଲ୍ ମିସ୍ତ୍ରୀ ଲେନ, କଲିକତା—୭୦୦୦୦୯ ଦ୍ୱାରା
ମୁଦ୍ରିତ ଓ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ।

Indian Institute ... SIMLA
117775
21/12/84

# ସୂଚୀ


| | | |
|---|---|---|
| ୧ । | ବିନମ୍ର ଅର୍ଘ୍ୟମାଲ୍ୟ | ୨ |
| ୨ । | ସ୍ୱାମୀ ଓ ଜନ୍ମଭୂମି | ୭ |
| ୩ । | ପ୍ରଭାତର ଦର୍ଶନୀୟ | ୧୩ |
| ୪ । | ସଂପ୍ରଦାୟର ଆହ୍ୱାନ | ୨୧ |
| ୫ । | ସ୍ତୁତିକାବ୍ୟ | ୨୪ |
| ୬ । | ଭୂପତିତ କୁସୁମ | ୨୯ |
| ୭ । | ପ୍ରେମ କବିତାବଳୀ | ୩୮ |
| ୮ । | ଗୃହର ଆକର୍ଷଣ | ୪୭ |
| ୯ । | ପ୍ରାର୍ଥନାପତ୍ର ଓ ଗୀତା | ୫୫ |
| ୧୦ । | ସମାଜ ସଂପର୍କିତ କାବ୍ୟସମୂହ | ୬୪ |
| ୧୧ । | କ୍ଷୁଦ୍ର କବିତାବଳୀ | ୭୨ |
| ୧୨ । | ଅନ୍ୟାନ୍ୟ କୃତିତ୍ୱ | ୭୫ |
| ୧୩ । | କରୁଣା | ୮୩ |
| ୧୪ । | ଶେଷ କଥା | ୯୨ |
| | ନିର୍ବାଚିତ ଗ୍ରନ୍ଥପଞ୍ଜି | ୧୦୦ |

# ସ୍ୱୀକୃତି

କବିଙ୍କ କବିତାଂଶକୁ ଅନୁବାଦ କରିବାରେ ମୋତେ ବିଶେଷ ସାହାଯ୍ୟ କରିଥିବାରୁ ଡକ୍ଟର କେ. ଆଇପ୍‌ପା ପାନ୍ନିକର ଓ ଶ୍ରୀ ଏମ୍. ପ୍ରଭଙ୍କୁ ଏବଂ ଟାଇପ୍ ହୋଇଥିବା କାଗଜ ପଢ଼ିବା ଓ ଆବଶ୍ୟକ ସୂଚନା ଦେବାଲାଗି ଶ୍ରୀ କେ. ସୁକୁମାରନ୍, ଶ୍ରୀ କେ. ଅଶୋକନ୍, ଶ୍ରୀ ଏନ୍. କେ. ଦାମୋଦରନ୍, ଶ୍ରୀ ପି. କେ. ବାଲକୃଷ୍ଣନ୍, ଶ୍ରୀ ଏମ୍. କେ. କୁମାରନ୍, ପ୍ରଫେସର କେ. ଶ୍ରୀନିବାସନ୍ ଓ ପ୍ରଫେସର ସୁକୁମାର ଆଝିକୋଡ଼ଙ୍କୁ ଏବଂ ମହାକବି କୁମାରନ୍‌ଙ୍କ ଆଲୋକ-ଚିତ୍ର ଓ ପାଣ୍ଡୁଲିପି ଯୋଗାଇ-ଥିବାରୁ ତାହାଙ୍କ ପୁତ୍ର ଶ୍ରୀ କେ. ପ୍ରଭାକରନ୍‌ଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି ।

# ଚିନମ୍ପ ଅୟାମ୍ମାରମ୍ପ

୧୮୯୨ରେ ସ୍ୱାମୀ ବିବେକାନନ୍ଦ କେରଳକୁ ଆସିଥିବା ସମୟରେ ଏହି ଅଞ୍ଚଳଟିକୁ ନିଶ୍ଚିତ ଭାବରେ ଉନ୍ମାଦଗ୍ରସ୍ତ ବ୍ୟକ୍ତିଙ୍କର ଏକ ଆଶ୍ରୟସ୍ଥଳ ବୋଲି ଅଭିହିତ କରିଥିଲେ । ଏହାର କାରଣ, ଏହି ରାଜ୍ୟରେ-ଜାତି ଓ ସଂପ୍ରଦାୟଗତ ବିଭେଦ ବ୍ୟାପକ ଭାବରେ ପରିବ୍ୟାପ୍ତ । ବିଶ୍ୱଭ୍ରାତୃତ୍ୱର ଯୁଗ ପ୍ରତିଷ୍ଠାରେ ନିୟୋଜିତ ବ୍ୟକ୍ତିଙ୍କ ମନରେ କେରଳରେ ଥିବା ଅସ୍ପୃଶ୍ୟତା ଓ ଅସ୍ପୃଶ୍ୟମାନଙ୍କପ୍ରତି ଦୂରେଇଛଡ଼ା ମନୋଭାବ ଯୋଗୁଁ ନୈରାଶ୍ୟ ଓ ଘୃଣା ଜାତ ହୋଇଥିବାରୁ ଏପରି ଆକ୍ଷେପୋକ୍ତି ଥିଲା ଯଥାର୍ଥ । ଦେଶର ଅନ୍ୟାନ୍ୟ କେତେକ ଅଂଚଳ ପ୍ରତି ମଧ୍ୟ ଏହି ଉକ୍ତି ଅଳ୍ପ ପରିମାଣରେ ହେଲେହେଁ ପ୍ରଯୁଜ୍ୟ ।

ସାମାଜିକ ସ୍ଥିତିରେ ଉଚ୍ଚତମ ବିବେଚିତ ହେଉଥିବା ବ୍ରାହ୍ମଣ ଓ ନିମ୍ନତମ ବିବେଚିତ ହେଉଥିବା ହରିଜନଙ୍କ ମଧ୍ୟରେ ଆହୁରି କେତେକ ଜାତି ଓ ଉପଜାତି ମଧ୍ୟ ରହିଛନ୍ତି । ଅନୁନ୍ନତ ସଂପ୍ରଦାୟ "ତଫସିଲଭୁକ୍ତ ଜାତି" ଓ "ତଫସିଲଭୁକ୍ତ ଗୋଷ୍ଠୀ" ଭଳି ଶ୍ରେଣୀ ବିଭାଗ ମଧ୍ୟରେ ବହୁ ଉପଜାତି ଅନ୍ତର୍ଭୁକ୍ତ । କେରଳର ଏକ ପ୍ରଧାନ ସଂପ୍ରଦାୟ ଏଝବ ( ଏମାନେ ଥିଆ ନାମରେ ମଧ୍ୟ ଅଭିହିତ ) ମାନେ ମଧ୍ୟ ଅନୁନ୍ନତ ସଂପ୍ରଦାୟ ଭାବରେ ବିବେଚିତ ହୁଅନ୍ତି । ଏକଥା ସତ୍ୟଯେ-ବିଗତ ତିନି ଚାରି ଦଶନ୍ଧି ମଧ୍ୟରେ ଏମାନଙ୍କର ଅନଗ୍ରସରତା ବହୁ ପରିମାଣରେ ଦୂରୀଭୂତ ହୋଇ ଯାଇଛି । ମାତ୍ର ସ୍ୱାମୀ ବିବେକାନନ୍ଦ କେରଳକୁ ଆସିଥିବା ବେଳେ ଏମାନେ ଥିଲେ ଅତ୍ୟନ୍ତ ଅନୁନ୍ନତ । ଆମର ଆଲୋଚ୍ୟ କବି କୁମାରନ୍ ଆସନ ଏହି ସଂପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ ।

ତ୍ରିବେନ୍ଦ୍ରମ୍‌ରୁ ପ୍ରାୟ ତିରିଶ ମାଇଲ ଉତ୍ତରରେ କଇକ୍‌କାରା ନାମରେ ଏକ କ୍ଷୁଦ୍ର ଗ୍ରାମ ଅବସ୍ଥିତ । ଗୋଟିଏ ଦିଗରୁ ସମୁଦ୍ର ଏହାକୁ ସାଦର କରାଘାତ କରେ । ଅନ୍ୟଦିଗରୁ ଅଞ୍ଜୁଥେଙ୍ଗୁ ହ୍ରଦ ଏହାକୁ ମୃଦୁ କରାଘାତ କରିଥାଏ । ସମୁଦ୍ର ଉପକୂଳର ବୈଶିଷ୍ଟ୍ୟ ସ୍ୱରୂପ ଏହାର ଶୁଭ୍ର ସୈକତ ପ୍ରଚୁର ନାରିକେଳ ବୃକ୍ଷ ସମାକୀର୍ଣ୍ଣ । ଏହି ଗ୍ରାମର ଅଧିବାସୀଗଣ ଅତି ସାଧାରଣ । ସମସ୍ତେ ପ୍ରାୟ ଏଝବ । ସେମାନଙ୍କୁ ଜୀବନଧାରଣ ଲାଗି କଠିନ ପରିଶ୍ରମ କରିବାକୁ ପଡ଼େ । କେରଳର ଶହ ଶହ ଗ୍ରାମ ଭଳି ଏହି ଗ୍ରାମଟି ଅଜ୍ଞାତ ରହି ଯାଇଥାନ୍ତା, ମାତ୍ର କେରଳର ସର୍ବଶ୍ରେଷ୍ଠ ଆଧୁନିକ

କବି କୁମାରନ୍ ଆସନଙ୍କ ଜନ୍ମପୀଠ ହୋଇଥିବାଯୋଗୁ ଏହା ସୁବିଦିତ ହୋଇଅଛି । ମାଲୟାଲମ ସାହିତ୍ୟ ସହିତ ସାମାନ୍ୟତମ ପରିଚୟ ଥିବା ବ୍ୟକ୍ତି ପକ୍ଷରେ ଏହା ଏକ ପବିତ୍ର ସ୍ମୃତିପୀଠ ଓ ଦର୍ଶନୀୟ ସ୍ଥାନରେ ପରିଣତ ହୋଇଛି । ସମ୍ପ୍ରତି ଜନସାଧାରଣ ସେଠାରେ ଏକ ସ୍ମାରକ ଭବନ ନିର୍ମାଣ କରିଛନ୍ତି ଏବଂ ସ୍ୱର୍ଗତଃ କବିଙ୍କ ସମ୍ମାନଲାଗି ଏଠାରେ ବାର୍ଷିକ ସାହିତ୍ୟ ସମାରୋହ ଅନୁଷ୍ଠିତ ହେଉଅଛି ।

କୁମାରନ୍ ଆସାନ ଚୈତ୍ର ପୂର୍ଣ୍ଣିମାଦିନ ୧୮୭୩ ମସିହା ଅପ୍ରେଲ ୧୨ ତାରିଖ (୧୦୪୮ ଏମ.ଇ. ମେଡ଼ମ ୨)ରେ ଜନ୍ମ ଗ୍ରହଣ କରିଥିଲେ । ଜ୍ୟୋତିଷରେ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କ ମତରେ ଚୈତ୍ର ପୂର୍ଣ୍ଣିମୀ ଜାତ ବ୍ୟକ୍ତି ଶୁଭଲକ୍ଷଣ ସମ୍ପନ୍ନ । ବ୍ୟକ୍ତିର ଉନ୍ନତି ତାହାର ବ୍ୟକ୍ତିଗତ ଉଦ୍ୟମରୁ ହୋଇଥାଏ, ଅଥବା ନାକ୍ଷତ୍ରିକ ପ୍ରଭାବରୁ ହୋଇଥାଏ ଏହା ବିଚାର ସାପେକ୍ଷ । ମାତ୍ର ଏଠାରେ ଆମେ ତାହାର ଆଲୋଚନା କରିବାକୁ ଯାଉନାହୁଁ । ଆସନଙ୍କର ପିତା ନାରାୟଣନ୍‌ଙ୍କର ପ୍ରଧାନ ବୃତ୍ତିଥିଲା କତା ଦଉଡ଼ି, ନଡ଼ିଆପାଠ ଓ ଅନ୍ୟାନ୍ୟ ପଦାର୍ଥର ବ୍ୟବସାୟ । ସେ ଥିଲେ ସଙ୍ଗୀତ ଅନୁରାଗୀ । ମାଲୟାଲମ ଓ ତାମିଲ ସାହିତ୍ୟରେ ତାଙ୍କର ଭଲ ଜ୍ଞାନ ଥିଲା । ଗ୍ରାମର ଉନ୍ନତି ବିଷୟରେ ସେ ଥିଲେ ତତ୍ପର । ମୁଖ୍ୟତଃ ତାଙ୍କର ଉଦ୍ୟମରେ କାଇକ୍‌କେରାରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଆସାନଙ୍କ ମା' କାଲିୟମ୍ମା (ଡାକ ନାମ କୋଚୁପେନ୍ନ୍) ଆନୁଷ୍ଠାନିକ ଶିକ୍ଷା ପାଇନଥିଲେ ମଧ୍ୟ ପୌରାଣିକ ଗଳ୍ପ ସବୁ ଜାଣିଥିଲେ ଓ ପିଲମାନଙ୍କୁ ସେ ସବୁ ଶୁଣାଉଥିଲେ । ସେ ଥିଲେ "ଥୋମ୍ମାନ ଭିଲ୍‌ଲକୋମ୍" ଘରର ଝିଅ । ଖୁବ୍ ଈଶ୍ୱର ବିଶ୍ୱାସୀ ଓ ଦୟାଳୁ ।

ନାରାୟଣନ୍ ଓ କାଲିୟମ୍ମାଙ୍କର ଦ୍ୱିତୀୟ ସନ୍ତାନ ହେଉଛନ୍ତି କୁମାରନ୍ । ସେମାନଙ୍କ ଛଅଟି ପୁତ୍ର ଓ ଦୁଇଟି କନ୍ୟା ମଧ୍ୟରୁ ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ମରିଯାଇଥିଲେ । ପ୍ରଥମ ପୁତ୍ର କିଷ୍ଣନ୍ ଘର କାମରେ ଓ ବ୍ୟବସାୟରେ ବାପାଙ୍କୁ ସାହାଯ୍ୟ କରୁଥିଲେ । ସିଏ ପିତାମାତାଙ୍କ ମୃତ୍ୟୁ ପରେ ସେହି ପରିବାରର ସମସ୍ତ ଦାୟିତ୍ୱ ସମ୍ପାଦନ କରୁଥିଲେ । କୁମାରନଙ୍କ (ଡାକ ନାମ କୁମାରୁ) ସାନଭାଇ କୋଚୁ ଶଂକରନ୍ ସାରାଜୀବନ ଅବିବାହିତ ଓ ବିଷୟଜଞ୍ଜାଳରୁ ମୁକ୍ତ ଥିଲେ । ଅନ୍ୟ ଦୁଇଭାଇ ଗୋବିନ୍ଦନ୍ ଓ ଶିଖରନ୍ ଥିଲେ ଶିକ୍ଷକ ।

ସେ ଯୁଗରେ ପିଲାମାନେ ଗ୍ରାମ ପାଠଶାଳା (କୁଡ଼ିଡ଼ୀ ପଲ୍‌ଲି କୁଡ଼ମ୍)କୁ ପଢ଼ିବା ଲାଗି ଯାଉଥିଲେ । କୁକଡ଼ୀର ଅର୍ଥ କୁଟୀର ଓ ପଲ୍ଲୀକୁଡ଼ମ୍ ଅର୍ଥ ବିଦ୍ୟାଳୟ । ପ୍ରକୃତରେ ଏହି ବିଦ୍ୟାଳୟଗୁଡ଼ିକ ଗୁଳଘରେ ଅନୁଷ୍ଠିତ ହେଉଥିଲା । ଏଠାରେ

ଜଣେ ଶିକ୍ଷକ ବା ଆସାନ୍ ପଚଶ ତିରଣଟି ପିଲାଙ୍କୁ ଲେଖାପଢ଼ା ଓ ହିସାବ ଶିଖାନ୍ତି । କେବଳ ଗୁଡ଼ିଏ ଶ୍ରେଣୀ ଥିବା ପ୍ରାଥମିକ ବିଦ୍ୟାଳୟ ମାନଙ୍କରେହିଁ ସ୍ଲେଟ ଓ ପେନ୍‌ସିଲ ଭଳି ଦାମିକା ଜିନିଷ ବ୍ୟବହୃତ ହେଉଥିଲା । କେତେକ ପିଲାଙ୍କର ପାଠପଢ଼ା ଏହି ଗ୍ରାମ ଗୁରୁଶାଳୀରେହିଁ ଶେଷ ହୋଇ ଯାଉଥିଲା । ଅଳ୍ପ କେତେକ ପ୍ରାଥମିକ ସ୍କୁଲ ମାନଙ୍କରେ ଯାଇ ପଢୁଥିଲେ । ଗ୍ରାମ୍ୟ ବିଦ୍ୟାଳୟ ମାନଙ୍କରେ ବସିବା ଲାଗି ଛାତ୍ରମାନେ ନିଜ ନିଜର ଆସନ ( ଚଟ୍ଟୁ ) ସାଙ୍ଗରେ ନେଇ ଆସୁଥିଲେ । ଶିକ୍ଷକ ( ଆସାନ ) ଏକ ପିଠିଥିବା ଅଳ୍ପ ଉଚ୍ଚ କାଠ ଷ୍ଟୁଲ୍ ଉପରେ ବସନ୍ତି । କେଉଁଠି କେଉଁଠି ନିଜର ବେତ, ଲେଖନୀଭଳି 'ମୂଲ୍ୟବାନ' ସାମଗ୍ରୀ ଥୋଇବା ପାଇଁ ଏକ କାଠ ବାକ୍ସ ରଖାଯାଏ । ତାଳପତ୍ରରେ ଲେଖାହୋଇଥିବା ବର୍ଣ୍ଣମାଳାକୁ ଛାତ୍ରମାନେ ସେମାନଙ୍କ ସମ୍ମୁଖରେ ପ୍ରସାରିତ ବାଲିକାଗଣିଉପରେ ଝିପି ଆଙ୍ଗୁଠିରେ ଲେଖୁଥିଲେ । ଏହିପରି ଭାବରେ ସେମାନେ ବର୍ଣ୍ଣମାଳା ଓ ପଣକିଆ ଶିଖୁଥିଲେ ।

କୁମାରନ୍‌ଙ୍କୁ ସାତବର୍ଷ ବୟସ ହୋଇଥିବା ବେଳେ ସେ ଏହିପରି ଏକ ବିଦ୍ୟାଳୟରେ ନାମ ଲେଖାଇଥିଲେ । ତାଙ୍କ ଶିକ୍ଷକଙ୍କ ନାମ ଥିଲା ଅଣ୍ଣଥିଲ୍ ଆସାନ । ସେ ଜ୍ୟୋତିଷ, ଚିକିତ୍ସା, ଜଡ଼ିବୁଟି ବିଷୟରେ ମଧ୍ୟ ଥିଲେ ଅଭିଜ୍ଞ । ମନୋଯୋଗୀ ଛାତ୍ର ଥିବାଯୋଗୁ କୁମାରନ୍‌ଙ୍କୁ ଶିକ୍ଷକଙ୍କ ଅଧିକ ବେତାଘାତ ସହିବାକୁ ପଡ଼ୁନଥିଲା । ଏହି ବିଦ୍ୟାଳୟରେ ଏକବର୍ଷ ପଢ଼ିଲା ପରେ କୁମାରନ୍ ଜଣେ ପ୍ରସିଦ୍ଧ ଚିକିତ୍ସକ ଓ ସଂସ୍କୃତ ପଣ୍ଡିତ କୋଚୁରମନ୍ ବୈଦ୍ୟରଙ୍କ ପାଖରେ ପଢ଼ିଲେ । ସେ ତାଙ୍କଠାରୁ ଅମରକୋଷ, ସିଦ୍ଧରୂପ, ଶ୍ରୀରାମୋଦନ୍ତ, କୃଷ୍ଣବିଳାସ, ରଘୁବଂଶ ଅଧ୍ୟୟନ କରିଥିଲେ । ଏହାଛଡ଼ା କଠିନ ମାଘ କାବ୍ୟର କିୟଦଂଶ ମଧ୍ୟ ସେ ତାଙ୍କ ପାଖରେ ଅଧ୍ୟୟନ କରିଥିଲେ ! ଯାହାହେଉ, ତାଙ୍କ ପାଖରେ କୁମାରନ୍‌ଙ୍କୁ ଅଳ୍ପ ସମୟ ପଢ଼ିବାକୁ ପଡ଼ିଥିଲା । କାରଣ ଗୁରୁ ପିଲାମାନଙ୍କୁ ଶିକ୍ଷାଦେବା ଅପେକ୍ଷା ଚିକିତ୍ସା ବୃତ୍ତିକୁ ଅଧିକ ଲାଭଜନକ ବୋଲି ମନେ କରି ଶିକ୍ଷକତା ଛାଡ଼ି ଦେଇଥିଲେ । କୋଚୁରମନ୍ ଜଣେ ଆୟୁର୍ବେଦିକ ଚିକିତ୍ସକ ଭାବରେ ସଫଳତା ଲାଭ କରିଥିଲେ । ମାତ୍ର ଏହା ଫଳରେ କୁମାରନ୍‌ଙ୍କୁ ପାଠପଢ଼ା ଛାଡ଼ିବାକୁ ହେଲା ଓ ସେ ଗୋଟିଏ ବର୍ଷ ଘରେ ବସି ବୃଥାରେ କାଳ କଟାଇଥିଲେ ।

ଏହିଭଳି ପରିସ୍ଥିତିରେ କୁମାରନ୍‌ଙ୍କ ବାପା ଓ ଗ୍ରାମର ଅନ୍ୟମାନେ ସରକାରଙ୍କୁ ଅନୁରୋଧ କରି ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଚଳାଇବା ପାଇଁ ଅନୁମତି ପାଇଲେ । ଫଳରେ କୁମାରନ୍‌ଙ୍କ ପକ୍ଷରେ ଏକ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଔପଚାରିକ ଶିକ୍ଷା ଲାଭକରିବା ସୁବିଧାଜନକ ହୋଇଥିଲା । ଏଠାରେ ସେ ତିନିବର୍ଷ

ପଢ଼ିଲେ ଏବଂ ଚଉଦବର୍ଷ ବୟସରେ ଏଠାରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ। ପୁନଶ୍ଚ ସେହି ଚଉଦବର୍ଷ ବୟସରେ ସେ ଏହି ବିଦ୍ୟାଳୟରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ। ଏଥିରୁ ଏତେ ଅଳ୍ପ ବୟସରେ ଯେ ଲୋକେ ତାଙ୍କୁ ସମ୍ଭ୍ରମ କରୁଥିଲେ ତାହା ଜଣାପଡ଼େ। ଯାହାହେଉ ଏହି ପଦରେ ସେ ମାତ୍ର କେତେ ମାସରୁ ଅଧିକ ରହିପାରି ନଥିଲେ ; କାରଣ ଏକ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟର ଶିକ୍ଷକଙ୍କ ସର୍ବନିମ୍ନ ବୟସ ଅଠର ବର୍ଷ ହେବା ଆବଶ୍ୟକ ଥିଲା।

ଏହାପରେ କୁମାରନ୍ ଜଣେ ପାଇକାରୀ ବ୍ୟବସାୟୀଙ୍କ ନିକଟରେ ମୋହରିର କାମ କଲେ। ପଢ଼ାପଢ଼ିରେ ଆଗ୍ରହ ନଥିବା ଯୋଗୁଁ ସେ ଯେ ଏହି ବୃତ୍ତି ଗ୍ରହଣ କରିଥିଲେ ତାହାନୁହେଁ ; ବରଂ ତାଙ୍କୁ ଏହା ବାଧ୍ୟ ହୋଇ କରିବାକୁ ପଡ଼ିଥିଲା। କୁମାରନ୍‌ଙ୍କର ସେତେବେଳକୁ ଉଚ୍ଚଶିକ୍ଷା ପାଇଁ ଖୁବ୍ ଆଗ୍ରହ ଜନ୍ମିଥାଏ। ମାତ୍ର ତାଙ୍କ ବାପା ଚାହିଁଲେ ସେ କିଛି କାମକରି ପରିବାର ଚଳାଇବାରେ ସାହାଯ୍ୟ କରୁ। ମାତ୍ର କୁମାରନ୍‌ଙ୍କ ଇଚ୍ଛା ଭିନ୍ନ, ଥରେ ସେ ବାପାଙ୍କ କଥା ନମାନି ଘର ଛାଡ଼ି ଯାଇ ଅଜାଙ୍କ ଘରେ ରହିଲେ। ମା' ତାଙ୍କ ପାଖକୁ ଯାଇ ବହୁତ ବୁଝାଇଲେ। ମାତ୍ର କୁମାରନ୍‌ଙ୍କର ଏକାଜିଦ୍ ସେ ପାଠ ପଢ଼ିବେ। ଶେଷରେ ତାଙ୍କର ମାଲିକ ମଧ୍ୟ ତାଙ୍କୁ ପାଠ ପଢ଼ାଇବା ପାଇଁ ବାପାଙ୍କୁ ପରାମର୍ଶ ଦେଲେ। ଅବଶେଷରେ ବାପା କୁମାରନ୍‌ଙ୍କୁ ପଢ଼ିବା ପାଇଁ ଅନୁମତି ଦେବାକୁ ବାଧ୍ୟ ହେଲେ। ନବସ୍ଥାପିତ 'ବିଜ୍ଞାନ ସଦାୟିନୀ' ନାମକ ଏକ ସଂସ୍କୃତ ବିଦ୍ୟାଳୟରେ କୁମାରନ୍‌ଙ୍କ ନାମ ଲେଖାହେଲା। ସେତେବେଳକୁ ତାଙ୍କୁ ଷୋଳବର୍ଷ ବୟସ, ତାଙ୍କର ପଢ଼ିବା ପାଇଁ ତୀବ୍ର ଆଗ୍ରହ ଓ ତାହାଙ୍କ ପିତାଙ୍କ ଆର୍ଥିକ ଦୁରବସ୍ଥାକୁ ହୃଦୟଙ୍ଗମ କରି ସେହି ବିଦ୍ୟାଳୟର ଆଚାର୍ଯ୍ୟ କୁମାରନ୍‌ଙ୍କୁ ଫିସ୍ ଦେବାରୁ ଅବ୍ୟାହତି ଦେଇଥିଲେ।

ତରୁଣ ବୟସରେ କୁମାରନ୍ ଖୁବ୍ ଚଞ୍ଚଳ ପ୍ରକୃତିର ଥିଲେ। ତାହାଙ୍କ ଜନ୍ମସ୍ଥାନରେ ତାହାଙ୍କ ଚପଳତା ସମ୍ପର୍କରେ କେତେକ ଗପ ଶୁଣିବାକୁ ମିଳେ। ସେଥିରୁ ଅନେକ ତାଙ୍କ ଜୀବନୀ ମାନଙ୍କରେ ଲିପିବଦ୍ଧ ହୋଇଛି। ଦେଖିବାକୁ ସେ ଖର୍ବାକୃତିବିଶିଷ୍ଟ ହେଲେ ହେଁ ସେ ଥିଲେ ଖୁବ୍ ଶକ୍ତିଶାଳୀ। ଅନାୟାସରେ ସାଙ୍ଗସାଥିମାନଙ୍କୁ ସେ ପହିଁରିବାରେ ହଟାଇ ପାରୁଥିଲେ। ହ୍ରଦ ଓ ସମୁଦ୍ର ଉଭୟ ସ୍ଥାନରେ ପହିଁରିବାରେ ସେ ଥିଲେ ଅଭ୍ୟସ୍ତ। ମାଛ ମାରିବାରେ ତାଙ୍କର ଆଗ୍ରହ ଥିଲା। ଥରେ ଗୋଟିଏ ମାଛ ବନଶୀ ଡୋର ଛଡ଼ାଇ ପଳାଇଗଲାରୁ ବନ୍ଧୁମାନଙ୍କ ନିଷେଧ ସତ୍ତ୍ୱେ ସେ ତା ପଛେ ପଛେ ବହୁ ଦୂରକୁ ପହିଁରି ଯାଇ ମାଛକୁ ଆୟତ୍ତ କରି ପାରିଥିଲେ। କୌଣସି ଗୋଟିଏ କାମ ଆରମ୍ଭ କଲେ ସେ ତାକୁ ଶେଷ ନକରି ଛାଡ଼ୁ ନଥିଲେ। ଏହିପରି ଥିଲା ତାଙ୍କର

ଧୈର୍ଯ୍ୟ ଓ ଏକାଗ୍ରତା । ସଂସ୍କୃତ ବିଦ୍ୟାଳୟରେ ଯୋଗଦେବା ପରେ ଉଚ୍ଚାଭିଳାଷୀ ଛାତ୍ର ଭାବେ ସେ ମନଯୋଗପୂର୍ବକ ଅଧ୍ୟୟନରେ ଲାଗି ପଡ଼ିଲେ । କବିତା ରଚନାରେ ବି ସେ ସଫଳତା ଲାଭ କରିଥିଲେ । ଏହି ତରୁଣ ବୟସରୁ ସେ ଏଥିପାଇଁ ଅନେକଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ସୁପରିଚିତ କବି ମୁଲୁର ପଦ୍ମନାଭ ପାନ୍ନିକରଙ୍କ ରଚିତ କବି ରାମାୟଣମ୍‌ର ଏକ ଶ୍ଳୋକରୁ ଏହା ଜଣାଯାଏ । 'କବି ରାମାୟଣମ'ଟି ହେଉଛି ବିଦ୍ରୁ କାବ୍ୟ ଗ୍ରନ୍ଥ ଉଚ୍ଚସ୍ମିତା କବି କୁଞ୍ଜିକୁଟ୍ଟନ୍ ଥମ୍ପୁରାନ୍‌ଙ୍କ 'କବି ଭାରତମ୍'ର ପରିଣାମ । କେରଳର ପ୍ରସିଦ୍ଧ କବିମାନଙ୍କୁ ମହାଭାରତର ଚରିତ୍ର ରୂପେ ଉପସ୍ଥାପନ କରିବା ଥିଲା କବିଭାରତମ୍‌ର ଉଦ୍ଦେଶ୍ୟ । ଥମ୍ପୁରାନ୍ ଏଟିର କବି ମାନଙ୍କୁ ଏଥିରେ ଆଶାନୁରୂପ ସ୍ୱୀକୃତି ଦେଇ ନାହାନ୍ତି । ସ୍ୱଳ୍ପ ସଂଖ୍ୟକ କବିଙ୍କୁ ହିଁ ସେ ଏହି ସମ୍ମାନ ଦେଇଛନ୍ତି । ଏପରିକି ବିଶିଷ୍ଟ କବି ମୁଲୁର ପଦ୍ମନାଭ ପାନ୍ନିକରଙ୍କୁ ଏଥିରୁ ବାଦ୍ ଦେଇଛନ୍ତି । ସେଥିପାଇଁ ସେ କବି ରାମାୟଣମ୍‌ର ରଚନାରେ ପ୍ରବୃତ୍ତ ହୋଇ ଆପଣାର ମନୋମତ କବିମାନଙ୍କୁ ଏଥିରେ ଦର୍ଶାଇଛନ୍ତି । ଏଥିରେ ସେ ଆସାନଙ୍କୁ କେ. ଏନ୍. କୁମାରନ୍ ରୂପେ ଉଲ୍ଲେଖ କରିଛନ୍ତି ଓ ତାଙ୍କୁ ଗଭସ୍ତି (ମର୍କଟ ଦଳପତି) ରୂପେ ଉଲ୍ଲେଖ କରିଛନ୍ତି ।

ସୁପରିଚିତ ସଂସ୍କୃତ ପଣ୍ଡିତ ଓ ଶିକ୍ଷକ ମନମ୍ପୁର ଗୋବିନ୍ଦନ୍ ଆସାନ ଥିଲେ ବିଜ୍ଞାନ ସଂପ୍ରଦାୟିନୀର ସଂସ୍ଥାପକ । କୁମାରନ୍ ଏଠାରେ ବର୍ଷକ ମଧ୍ୟରେ ମାଘ, ନୈଷଧ, ଶକୁନ୍ତଳା ଓ କୁବଳୟାନନ୍ଦ ପ୍ରଭୃତି ସୁପରିଚିତ ଗ୍ରନ୍ଥ ଅଧ୍ୟୟନ କରିଥିଲେ । ବିଦ୍ୟାଳୟମାନଙ୍କରେ କବିତାରଚନା ଶିକ୍ଷା କରାଯାଉଥିଲା । କୁମାରନ୍ ଘଣ୍ଟାକ ମଧ୍ୟରେ ପନ୍ଦରରୁ କୋଡ଼ିଏଟି ଶ୍ଳୋକ ରଚନା କରିପାରୁଥିଲେ । ପରବର୍ତ୍ତୀ କାଳରେ କୁମାରନ୍ ସ୍ୱୀକାର କରିଛନ୍ତି ଯେ ସେତେବେଳେ କବିତା ରଚନାର ଉଦ୍ଦେଶ୍ୟ ଥିଲା ନିର୍ଭୁଲ ଭାବେ ଛନ୍ଦଯୋଜନାକୁ ଆୟତ୍ତ କରିବା । କବିତାର ଅର୍ଥ ବା ଶୈଳୀକୁ ଗୁରୁତ୍ୱ ଦିଆଯାଉ ନଥିଲା । ଆଙ୍ଗିକ ସଂପର୍କରେ ଗୀତ ରଚନା-କାରମାନେ ଅଧିକ ସଚେତନ ଥିଲେ । କୁମାରନ୍ କେବଳ ଗୁଡ଼ିଏ ଶ୍ଳୋକ ଲେଖି ନଥିଲେ ଏହି ସମୟରେ ସେ 'ବାଳୀ ବିବାହମ୍' କାବ୍ୟ ଓ 'ଉଷା କଲ୍ୟାଣମ୍' ନାମକ ଏକ ନାଟକ ମଧ୍ୟ ଲେଖିଥିଲେ । ସେଠାକାର ପିଲାମାନେ ଉଷାକଲ୍ୟାଣମ୍ ନାଟକକୁ ବହୁବାର ମଞ୍ଚସ୍ଥ କରିଥିଲେ । ଏଥିରୁ ତରୁଣ କବିଙ୍କର ଜନସ୍ୱୀକୃତି ସୂଚିତ ହୁଏ । ଗୋବିନ୍ଦନ୍ ଆସାନ୍‌ଙ୍କ ପାଖରେ ପ୍ରାୟ ଦୁଇବର୍ଷ ପଢ଼ିଲାପରେ ସେ ତାଙ୍କଠାରୁ ବିଦାୟ ନେଇଥିଲେ । ମନେହୁଏ ଶିକ୍ଷକ ଗୁରୁଙ୍କୁ କହିଲେ—"ମୋଠାରୁ ତୁମର ଆଉ ଅଧିକ କିଛି ଶିଖିବାକୁ ନାହିଁ । ଏଥର ତୁମେ ଯାଇପାର ।" ଥରେ ଶାକୁନ୍ତଳମ୍ ପଢ଼ାଉଥିବା ବେଳେ ଗୋଟିଏ ଶ୍ଳୋକର ଅନ୍ତର୍ନିହିତ ଅର୍ଥ ସଂପର୍କରେ ଗୁରୁ ଓ ଗ୍ରୁରଙ୍କ ମଧ୍ୟରେ ମତଭେଦ ଜନ୍ମିଲା । ଆଲୋଚନାରୁ ଗ୍ରୁରର ମହତ୍ତ୍ୱହିଁ ପ୍ରକଟିତ ହୋଇଥିଲା । ସେତେବେଳେ ମାତ୍ର କୁମାରନ୍‌ଙ୍କୁ ଅଠର ବର୍ଷ ବୟସ ।

# ସ୍ୱାମୀ ଓ ଚିନ୍ନାସ୍ୱାମୀ

କେରଳର ଲୋକ ସଂଖ୍ୟାର ଶତକଡ଼ା ତିରିଶ ହେଉଛନ୍ତି ଏଝବ ସଂପ୍ରଦାୟ ଓ ସେମାନେ ଥିଲେ ଦ୍ରୁତ ପ୍ରଗତିଶୀଳ । ସେମାନେ ଏବେ ମଧ୍ୟ ଅନଗ୍ରସର ଗୋଷ୍ଠୀଭାବେ ବିବେଚିତ ହୁଅନ୍ତି । ମାତ୍ର ଏକଶହ ବର୍ଷ ପୂର୍ବେ ସେମାନଙ୍କ ଅନଗ୍ରସରତା ଥିଲା ଅଚିନ୍ତନୀୟ । ସେମାନେ ବହୁ ସାମାଜିକ ନିଗ୍ରହ ଭୋଗ କରୁଥିଲେ । ବିଦ୍ୟାଳୟ ମାନଙ୍କରେ ସେମାନେ ପଢ଼ି ପାରୁନଥିଲେ । କେତେକ ମନ୍ଦିର ନିକଟବର୍ତ୍ତୀ ରାଜ-ପଥରେ ଗମନାଗମନ ସେମାନଙ୍କ ପାଇଁ ନିଷିଦ୍ଧ ଥିଲା । ସରକାରୀ ଚାକିରୀକୁ ଏକ-ଚାଟିଆ କରିଥିବା ଉଚ୍ଚ ବର୍ଣ୍ଣର ବ୍ୟକ୍ତିମାନେ ଚାହୁଁଥିଲେ, ସେମାନେ ସେମାନଙ୍କ ପାରଂପରିକ ବୃତ୍ତି ତାଡ଼ି କାଟିବା, ଚାଷ କରିବା ଓ ବସ୍ତ୍ର ବୟନକୁ ନେଇ ସନ୍ତୁଷ୍ଟ ରହନ୍ତୁ । ତ୍ରାବାଙ୍କୋର ଓ କୋଚିନର ଅବସ୍ଥା ଥିଲା ଅତ୍ୟନ୍ତ ଖରାପ୍ । ସରକାରୀ ବିଦ୍ୟାଳୟରେ ପଢ଼ିବାର ଅଧିକାର ଓ ସର୍‌କାରୀ ଚାକିରି ପାଇବାର ଅଧିକାର ଲାଗି ଖ୍ରୀ ୧୮୯୬ ରେ ୧୩,୦୦୦ ଏଝବ ଏକ ଆବେଦନ ପତ୍ର ତ୍ରାବାଙ୍କୋର ମହାରାଜାଙ୍କୁ ପ୍ରଦାନ କରିଥିଲେ । ଏଝବମାନେ ଶିକ୍ଷା ପାଇବା ଲାଗି ଅଥବା ସରକାରୀ ଚାକିରି ଲାଗି ଅଭିଳାଷୀ ନୁହନ୍ତି ଓ ସେମାନଙ୍କ କୌଳିକ ବୃତ୍ତିରେ ସନ୍ତୁଷ୍ଟ ଅଛନ୍ତି, ଏହିପରି ଅଭିମତ ସହ ଆବେଦନ ପତ୍ରଟିକୁ ଫେରାଇ ଦିଆଯାଇଥିଲା । ଏହି ଆବେଦନ ପତ୍ରଟି ଯେ ପ୍ରରୋଚନାର ଫଳ ଏହାହିଁ ପରୋକ୍ଷରେ ଜଣାଇ ଦିଆଯାଇଥିଲା ।

ସଂପ୍ରଦାୟ ଭାବେ ଏଝବମାନେ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ନିଗ୍ରହ ଭୋଗ କରୁଥିଲେ । ସେମାନଙ୍କଠାରୁ ଅଧିକ ନିଗୃହୀତ ସଂପ୍ରଦାୟ ଥିଲେହେଁ ଏଝବ ସଂପ୍ରଦାୟର ନେତୃବର୍ଗ ଥିଲେ ସାମାଜିକ ଉତ୍ପୀଡ଼ନ ବିଷୟରେ ଅଧିକ ସଚେତନ । ଏହିପରି ଏକ ସମୟରେ ମହାନ ମୁକ୍ତିଦାତା ନାରାୟଣ ଗୁରୁ (୧୮୫୬-୧୯୨୮) ଦିଗ୍‌ବଳୟରେ ଆବିର୍ଭୂତ ହୋଇଥିଲେ । ଆଧ୍ୟାତ୍ମିକ ଗୁରୁଭାବେ ସେ ସୁବିଦିତ ହେଲେହେଁ ଧାର୍ମିକ ବିକାଶ ସାଧନ ତାଙ୍କର ଏକ ମାତ୍ର ଲକ୍ଷ୍ୟ ନ ଥିଲା । ଶିକ୍ଷାଗତ ଓ ସାମାଜିକ ବିକାଶ ସାଧନ ମଧ୍ୟ ଥିଲା ତାଙ୍କର ଲକ୍ଷ୍ୟ । ନିଜେ ଏଝବ ସଂପ୍ରଦାୟର ବ୍ୟକ୍ତି ହେଲେହେଁ ବିବିଧ ନିପୀଡ଼ନ ଭୋଗ କରୁଥିବା ଅନ୍ୟାନ୍ୟ ସଂପ୍ରଦାୟର ମୁକ୍ତି ପାଇଁ ସେ ସଂଗ୍ରାମ କରିଥିଲେ । ହିନ୍ଦୁଶାସ୍ତ୍ର ଅନୁଯାୟୀ ଶୂଦ୍ରର ସନ୍ୟାସୀ ହେବାର ଅଧିକାର ନଥିଲା । ଏଝବମାନଙ୍କର ଉପାସନା ନିମିତ୍ତ ନାରାୟଣ ଗୁରୁ କେରଳରେ

ବହୁ ମନ୍ଦିର ନିର୍ମାଣ କରାଇଥିଲେ ଏବଂ ହରିଜନ ବୋଲାଉଥିବା ପୁଲୟ ପ୍ରଭୃତି ନୀଚ ବର୍ଣ୍ଣର ବ୍ୟକ୍ତିମାନଙ୍କୁ ମଧ୍ୟ ଏଠାରେ ଉପାସନା କରିବାର ସୁଯୋଗ ଦେଇଥିଲେ । ମନ୍ଦିର ମାନଙ୍କରେ ଶିବ ମୂର୍ତ୍ତି ପ୍ରତିଷ୍ଠା ସଂପର୍କରେ ଯେଉଁମାନେ ତାଙ୍କୁ ପ୍ରଶ୍ନ କରୁଥିଲେ ସେମାନଙ୍କୁ ଗୁରୁଙ୍କର ଉତ୍ତର ଥିଲା, ମୁଁ ଏଥିରେ 'ବ୍ରାହ୍ମଣଙ୍କ ଶିବ'ଙ୍କୁ ସ୍ଥାପନ କରୁନାହିଁ, 'ଏଝବ ଶିବ'ଙ୍କୁହିଁ ସ୍ଥାପନ କରୁଛି । ତାହାଙ୍କ, ଜାତି ଏକ, ଧର୍ମ ଏକ, 'ମଣିଷ ପାଇଁ ଭଗବାନ ଏକ', ଆହ୍ୱାନ ମନ୍ତ୍ର ଏକ ମହାନ ସାମାଜିକ ବିପ୍ଳବର ବୀଜ ବପନ କରିଥିଲା । ବ୍ୟକ୍ତି ବା ଗୋଷ୍ଠୀ ବିଶେଷ ସ୍ୱତନ୍ତ୍ର ସୁବିଧା ପାଇବାର ପ୍ରଶ୍ନ ଏଣୁ ଉଠୁ ନଥିଲା । ବିବାହ ସହ ସଂପୃକ୍ତ କେତେକ ନିରର୍ଥକ ଆଚରଣ ବିଧି ବିରୁଦ୍ଧରେ ମଧ୍ୟ ସେ ସଂଗ୍ରାମ କରିଥିଲେ ଓ ସଂପ୍ରଦାୟରେ ଅସ୍ଥିମଜ୍ଜାଗତ ହୋଇଥିବା ବହୁ କୁସଂସ୍କାରକୁ ଦୂର କରିବାକୁ ସମର୍ଥ ହୋଇଥିଲେ । ମହାନ୍ ସମାଜ ବିପ୍ଳବୀ ହେଲେ ହେଁ ସେ ଥିଲେ ସର୍ବଦା ଶାନ୍ତ ସମାହିତ ଓ ଗମ୍ଭୀର, ସରଳତାର ଅବତାର । ଲୋକେ ତାଙ୍କୁ ଅତ୍ୟନ୍ତ ଭକ୍ତି କରୁ ଥିବାରୁ 'ସ୍ୱାମୀ' ଭାବରେ ସେ ସମ୍ବୋଧିତ ହେଉଥିଲେ ।

ସ୍ୱାମୀଙ୍କ ପ୍ରେରଣାରେ 'ଶ୍ରୀ ନାରାୟଣ ଧର୍ମ ପରିପାଳନ ଯୋଗମ୍' ନାମକ ଏକ ଅନୁଷ୍ଠାନ ଖ୍ରୀ ୧୯୦୩ ମେ ୧୫ରେ ଗଢ଼ି ଉଠିଥିଲା । ଏସ୍. ଏନ୍. ଡ଼ି.ପି. ଯୋଗମ୍ (ସଂଘ) ନାମରେ ଅଭିହିତ ଏହି ଅନୁଷ୍ଠାନ ବିଚ୍ଛିନ୍ନ ଓ ବିଖଣ୍ଡିତ ସଂପ୍ରଦାୟକୁ ଏକୀଭୂତ କରି ଏହାର ସାମାଜିକ ଓ ଆର୍ଥିକ ମୁକ୍ତି ଆନୟନରେ ପ୍ରଧାନ ଆୟୁଧ ହୋଇ ପାରିଥିଲା । ଏହାର ପ୍ରାଣକେନ୍ଦ୍ର ଥିଲେ ସ୍ୱୟଂ ସ୍ୱାମୀ । ୧୯୨୮ରେ ସେ ସମାଧି ଗ୍ରହଣ କରିବା ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ ଏଥିପାଇଁ କାର୍ଯ୍ୟ କରିଥିଲେ । ତାହାଙ୍କ ଆଧ୍ୟାତ୍ମିକ ଶକ୍ତି ଏ ପର୍ଯ୍ୟନ୍ତ ମଧ୍ୟ ସଂଘକୁ ନିୟନ୍ତ୍ରିତ କରୁଅଛି । ଅର୍ଦ୍ଧଶତାବ୍ଦୀ ପୂର୍ବେ ଏଝବମାନଙ୍କ ମଧ୍ୟରେ ପାଞ୍ଚଜଣ ମଧ୍ୟ ଡ଼ିଗ୍ରୀ ଧାରୀ ବ୍ୟକ୍ତି ନଥିଲେ । ମାତ୍ର ଏବେ ସେମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧିଧାରୀ ହଜାର ହଜାର ବ୍ୟକ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ବହୁ ଦାୟିତ୍ୱସଂପନ୍ନ ପଦରେ ଅଧିଷ୍ଠିତ । ସଂଘ ପକ୍ଷରୁ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟ ପରିଚାଳିତ ହେଉଛି । ନାରାୟଣ ଗୁରୁଙ୍କ ପୁଣ୍ୟ ପ୍ରଭାବରେ ସଂପ୍ରଦାୟର କିପରି ବିକାଶ ସାଧିତ ହୋଇଥିଲା ତାହା ଏଥିରୁ ଜଣାଯାଏ ।

ସ୍ୱାମୀ ତାହାଙ୍କ ଜୀବଦ୍ଦଶାରେ ଅନେକଙ୍କୁ ପ୍ରତ୍ୟକ୍ଷ ଭାବରେ ଅନୁପ୍ରାଣିତ କରିଥିଲେ । ଏହି ବ୍ୟକ୍ତିମାନଙ୍କ ମଧ୍ୟରେ କୁମାରନ୍ ଆସାନ ଥିଲେ ଅଗ୍ରଗଣ୍ୟ । ଅଠର ବର୍ଷ ବୟସରେ ନାରାୟଣ ଗୁରୁଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ । ଗୁରୁଙ୍କୁ ସେତେବେଳେ ଛତିଶ ବର୍ଷ ବୟସ, ଅସାଧାରଣ ଯୋଗୀ ଭାବେ ସେତେବେଳକୁ

ସେ ସୁପରିଚିତ। ଅବଶ୍ୟ ପରବର୍ତ୍ତୀ କାଳରେ ତାଙ୍କର ଖ୍ୟାତି ଓ ମହିମା ଅଧିକ ପରିବ୍ୟାପ୍ତ ହୋଇ ଯାଇଥିଲା। ଯାହାହେଉ ଏକ ପ୍ରବଳ ଅବର୍ଣ୍ଣନୀୟ ଆକର୍ଷଣରେ ପ୍ରଭାବରେ ସେ ଗୁରୁଙ୍କ ନିକଟକୁ ଆକୃଷ୍ଟ ହୋଇ ଯାଇଥିଲେ। ଗୁରୁ ମଧ୍ୟ କୁମାରନ୍‌ଙ୍କୁ ଦେଖି ଆନନ୍ଦିତ ହେଲେ। ଦୂରଦୃଷ୍ଟି ବଳରେ ସେ ତାଙ୍କଠାରେ ଦେଖିବାକୁ ପାଇଲେ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନା। ଏହା ଏକ ପ୍ରକାର ରାମକୃଷ୍ଣଙ୍କର ନରେନ୍ଦ୍ରନାଥଙ୍କ ସହ ସାକ୍ଷାତ ଭଳି—ଯିଏ ପରବର୍ତ୍ତୀ କାଳରେ ବିବେକାନନ୍ଦରେ ପରିଣତ ହୋଇଥିଲେ। ତରୁଣ କୁମାରନ୍‌ଙ୍କ ଜୀବନଧାରାକୁ ଏହା ପରିବର୍ତ୍ତିତ କରି ଦେଇଥିଲା। ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ଏହି ସଂଯୋଗ କେବଳ ଉଭୟଙ୍କ ପକ୍ଷେ ମଙ୍ଗଳପ୍ରଦ ନଥିଲା, ସମଗ୍ର ସଂପ୍ରଦାୟ ଓ ସଭ୍ୟତାର ଆଲୋକ ଲାଗି ଅଭିଳାଷୀ ଥିବା କେରଳର ସମଗ୍ର ଜନସାଧାରଣଙ୍କ ଲାଗି ଏହା ଥିଲା ମଙ୍ଗଳପ୍ରଦ।

କୁମାରନ୍‌ଙ୍କୁ ଅଠର ବର୍ଷ ହୋଇଥିବା ବେଳେ ତାହାଙ୍କ ଆନୁଷ୍ଠାନିକ ଶିକ୍ଷା ଲାଭର ପରିସମାପ୍ତି ଘଟିଥିବା ବିଷୟ ପୂର୍ବରୁ କୁହାଯାଇଛି। ମାତ୍ର ସେ ଅଧ୍ୟୟନ ଅନୁରାଗୀ ଥିବାରୁ ନିଜେ ମନଯୋଗପୂର୍ବକ ଘରେ ପଢ଼ାପଢ଼ି କରୁଥିଲେ। ଯାହା ହାତ ପାହାନ୍ତାକୁ ମିଳୁଥିଲା ସେ ତାର ସଦୁପଯୋଗ କରୁଥିଲେ। ତାମିଲ ଓ ସଂସ୍କୃତ ପ୍ରତି ତାଙ୍କର ଥିଲା ବିଶେଷ ଅନୁରାଗ। ମାଲୟାଲମରେ ମଧ୍ୟ ସେ ଏହି ସମୟରେ କେତେକ ଭକ୍ତିଭାବନା ସମ୍ବଳିତ କବିତା ରଚନା କରିଥିଲେ। ସେ ଗୁଡ଼ିକ ହେଉଛି 'ସୁବ୍ରମନ୍ୟମ ଶତକମ୍' ଓ 'ଭକ୍ତିବିଲାପମ୍' (ଆସାନଙ୍କ ଗ୍ରନ୍ଥାବଳୀର ୩ୟ ଭାଗରେ ସନ୍ନିବିଷ୍ଟ)। ସ୍ୱାମୀ କୁମାରନ୍‌ଙ୍କ ଏହି ତରୁଣ ବୟସର କବିତା ଶୁଣି ଆନନ୍ଦ ଲାଭ କରିଥିବା ବିଷୟ ଶୁଣିବାକୁ ମିଳେ। ଏଥିପାଇଁ ସେ ତାଙ୍କୁ ପ୍ରଶଂସା କରିଥିଲେହେଁ ତାହାଙ୍କ କବିତାରେ ପ୍ରକାଶିତ ଆଦିରସାତ୍ମକ ପ୍ରସଙ୍ଗକୁ ଗୁରୁତ୍ୱ ନଦେବାକୁ ଉପଦେଶ ଦେଇଥିଲେ। କୁମାରନ୍‌ଙ୍କ ବିକାଶୋନ୍ମୁଖୀ ମନକୁ ସ୍ୱାମୀଙ୍କ ସଂପର୍କ ଏକ ପୂଣ୍ୟ ପ୍ରଭାବରେ ରଂଜିତ କରିଦେଇଥିଲା।

ସେହି ସମୟରେ କୁମାରନ୍‌ଙ୍କ କାର୍ଯ୍ୟ ଭିତରୁ ଗୋଟିଏ ଥିଲା ପିଲାମାନଙ୍କୁ ସଂସ୍କୃତ ଶିକ୍ଷା ଦେବା। ସେହି ସମୟରୁ ହିଁ 'ଆସାନ' ପଦବୀଟି ତାଙ୍କ ନାମ ସହିତ ଜଡ଼ିତ ହୋଇ ଯାଇଛି। ଏହାର ଅର୍ଥ ଶିକ୍ଷକ (୧) ଏହିପରି ଭାବେ କୁମାରନ୍ ବା କୁମାରୁ କୁମାରନ୍ ଆସାନରେ ପରିଣତ ହେଲେ। ବସ୍ତୁତଃ ଏହି ପଦବୀ ଏପରି ଜନପ୍ରିୟତା ଅର୍ଜନ କରିଛି ଯେ 'ଆସାନ' କହିଲେ ମାଲୟାଲମ ଭାଷାରେ ସାମାନ୍ୟ

---

୧-'ଆସାନ' ଆଚାର୍ଯ୍ୟ ଶବ୍ଦରୁ ଉଦ୍ଭୂତ (ଆଚାର୍ଯ୍ୟ—ଅସରିଆ-ଆସାନ)

ପରିଚୟ ଥିବା ବ୍ୟକ୍ତି କବିଙ୍କୁହିଁ ବୁଝିବେ । ମାତ୍ର କେବଳ କୁମାରନ୍ କହିଲେ ଏହା କବିଙ୍କ ନାମର ପରିଚାୟକ ହେବ ନାହିଁ ।

ସ୍ୱାମୀ ବେଳେବେଳେ କୟିକ୍କରାକୁ ଆସୁଥିଲେ ଓ ତରୁଣ କବିଙ୍କୁ ଦେଖା କରୁଥିଲେ । ସେମାନଙ୍କ ମଧ୍ୟରେ ସଂପର୍କ କପରି ଘନିଷ୍ଠ ହୋଇଥିଲା ସେ ବିଷୟରେ ବିଶେଷ କିଛି ଜଣାଯାଏ ନାହିଁ । ମାତ୍ର ଆସାନଙ୍କ ମନକୁ ଯେ ଏହା ପ୍ରଭାବିତ କରିଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ଆସାନ ଏଣିକି ନିର୍ଜନତାକୁ ଭଲ ପାଇଲେ । ଧ୍ୟାନ କରିବା ଲାଗି ସେ ନିକଟବର୍ତ୍ତୀ ପର୍ବତ ବା ଅରଣ୍ୟକୁ ଚାଲି ଯାଉଥିଲେ । ଦାର୍ଶନିକ ଭାବନାରେ ଉଦ୍ଦୀପ୍ତ ତାହାଙ୍କ ମନ ଯେପରି ଏକ ଅନୁକୂଳ ପରିବେଶରେ ଆତ୍ମସ୍ଥ ହେବା ଲାଗି ଅଭିଳାଷୀ ହେଉଥିଲା ।

କୁମାରନ୍‌ଙ୍କର ଥିଲା ବଳିଷ୍ଠ ଦେହ ଓ ବର୍ଣ୍ଣ ଥିଲା ଉଜ୍ଜ୍ୱଳ ଧୂସର । ସେ ଥିଲେ ଏକ ପ୍ରକାର ଗେଡ଼ା, ବେକଟି ତାଙ୍କର ଥିଲା ମୋଟା ଓ ମୁଣ୍ଡଟି ଥିଲା ବଡ଼ । ତାହାଙ୍କ କୁଂଚିତ କେଶ ଓ ଉଜ୍ଜ୍ୱଳ ବଡ଼ ବଡ଼ ଆଖି ଯେ କୌଣସି ଲୋକଙ୍କୁ ତାଙ୍କ ଆଡ଼କୁ ଆକୃଷ୍ଟ କରିଦେଉଥିଲା । ତାହାଙ୍କ ଆକୃତିରୁ ପ୍ରତିଭାତ ହେଉଥିଲା ତାହାଙ୍କର ଦୃଢ଼ ଆତ୍ମବିଶ୍ୱାସ । ତାଙ୍କୁ ଭଲ ଭାବେ ଜାଣି ନଥିବା ଲୋକେ ଏହାକୁ ଭ୍ରମବଶତଃ ଅହମିକା ମନେ କରିବା ସ୍ୱାଭାବିକ ।

କୁମାରନ୍ ଆସାନଙ୍କୁ ସ୍ୱାମୀ ତାହାଙ୍କ ଅରୁଭିପୁରମ୍ ଆଶ୍ରମକୁ ଆସିବା ଲାଗି ଆମନ୍ତ୍ରଣ କଲେ । ସବୁ ବିଷୟକୁ ପଛରେ ପକାଇ ଦେଇ ସେ ଆନନ୍ଦରେ ଗୁରୁଙ୍କ ସହିତ ଆଶ୍ରମକୁ ଗଲେ । ଶିଷ୍ୟ ଭାବେ ସେ ତାଙ୍କ ପାଖେ ତିନିବର୍ଷ ରହିଥିଲେ । ଅରୁଭିପୁରମ୍ (ଆକ୍ଷରିକ ଅର୍ଥ ଜଳସ୍ରୋତର ତଟଭୂମି) ଆଶ୍ରମଟି ନେୟାର ନଦୀ କୂଳରେ ଏକ ଜନମାନବହୀନ ଅରଣ୍ୟ ମଧ୍ୟରେ ଅବସ୍ଥିତ । ଏହାର ପ୍ରାକୃତିକ ପରିବେଶ ସୁନ୍ଦର ଓ ଅବିଚଳିତ ଧ୍ୟାନ ଲାଗି ଅନୁକୂଳ । ସେଥିପାଇଁ ସ୍ୱାମୀ ଏହି ସ୍ଥାନଟିକୁ ବାଛିଥିଲେ । ଏହାହିଁ ସ୍ୱାମୀଙ୍କ ପ୍ରତିଷ୍ଠିତ ପ୍ରଥମ ଅନୁଷ୍ଠାନ । ସଂପ୍ରତି ତୀର୍ଥ କ୍ଷେତ୍ରଭଳି ଏଠାରେ ପ୍ରତ୍ୟେକ ବର୍ଷ ବିପୁଳ ଜନସମାବେଶ ହେଉଅଛି ।

ମାସିକ 'ବିବେକୋଦୟମ୍'ରେ ଆସାନ ଏହି ସ୍ଥାନର ସୁନ୍ଦର ବର୍ଣ୍ଣନା କରିଅଛନ୍ତି—"ଏହି ଜନମାନବହୀନ ସ୍ଥାନର ଚିତ୍ତାକର୍ଷକ ଜଳପ୍ରବାହ, ପାର୍ବତ୍ୟ ଶଯ୍ୟାରେ ପ୍ରବାହିତ ହେଲାବେଳେ ତାହାର କଲ୍ଲୋଳ, ପାର୍ବତ୍ୟ ଭୂମି, ବାଲୁକାମୟ ତଟଦେଶ, ଦୁଇ ପାଖରେ ତୁଙ୍ଗ ପର୍ବତ, ସବୁଜ ଅରଣ୍ୟ, ନିର୍ଜନତାପ୍ରିୟ ସ୍ୱାମୀଙ୍କୁ ମୁଗ୍ଧ କରୁଥିଲା । ବେଳେ ବେଳେ ସେ ସମସ୍ତଙ୍କ ଅଜ୍ଞାତରେ ବିନା ଖାଦ୍ୟରେ

ପର୍ବତ ଗୁମ୍ଫାରେ ବହୁଦିନ ରହୁଯାଉଥିଲେ । କାଳକ୍ରମେ ଲୋକେ ଏହି ଅଦ୍ଭୁତ ଯୋଗୀଙ୍କ ବିଷୟ ଜାଣିପାରିଲେ ।

ସ୍ୱାମୀ ଏହି ସ୍ଥାନଟିକୁ ଖୋଜି ୧୮୮୪ରେ ଆସି ଏଠାରେ ଅବସ୍ଥାନ କରିଥିଲେହେଁ ଏହାର ତିନିବର୍ଷ ପରେ ସେ ଏହାକୁ ସର୍ବସାଧାରଣଙ୍କ ଲାଗି ଏକ ଉପାସନା ପୀଠରେ ପରିଣତ କରିଥିଲେ । ୧୮୯୨ରେ କୁମାରନ୍ ଆସି ସ୍ୱାମୀଙ୍କ ସହ ଯୋଗ ଦେଲେ ଓ ତିନିବର୍ଷ ପର୍ଯ୍ୟନ୍ତ ତାହାଙ୍କ ପାଖେ ପାଖେ ରହୁଥିଲେ । ଦୁହେଁ ସାଙ୍ଗ ହୋଇ ଦେଶ ସାରା ବୁଲୁଥିଲେ ଓ ଲୋକମାନଙ୍କୁ ସାମାଜିକ ଓ ଆଧ୍ୟାତ୍ମିକ ଉପଦେଶ ଦେଉଥିଲେ । ଏହି ସମୟ ମଧ୍ୟରେ ସେମାନଙ୍କ ଉଦ୍ୟମରେ କେତେଗୋଟି ମନ୍ଦିର ମଧ୍ୟ ସ୍ଥାପିତ ହୋଇଥିଲା । ସ୍ୱାମୀଙ୍କ ସାହଚର୍ଯ୍ୟ ଯୋଗୁଁ ଶିଷ୍ୟ ଆସାନଙ୍କଠାରେ ଯୋଗୀସୁଲଭ ଗୁଣାବଳୀ ପ୍ରକଟିତ ହୋଇଥିଲା । ସେଥିପାଇଁ ପରବର୍ତ୍ତୀ କାଳରେ ଶିଷ୍ୟ 'ଚନ୍ନା ସ୍ୱାମୀ' ନାମରେ ପରିଚିତ ହେଲେ । ଏହାର ଅର୍ଥ 'ଶ୍ରେଷ୍ଠ ସ୍ୱାମୀ' । ଆପଣାର ପରିବାରବର୍ଗ ସହ ତାଙ୍କର ସଂପର୍କ କିପରି ଶିଥିଳ ଥିଲା ସେ ସଂପର୍କରେ ଏହି କଥାଟି ଉଲ୍ଲେଖଯୋଗ୍ୟ ।

ଦିନେ ଶିବଗିରିଦିନ ଆସାନ୍‌ଙ୍କ ବଡ଼ଭାଇ ଓ କକା ଅରୁଭିପୁରମ୍ ଆଶ୍ରମକୁ ଆସିଥିଲେ । ବୃହତ୍ ପ୍ରକୋଷ୍ଠରେ ସ୍ୱାମୀ ଶାନ୍ତ ଗମ୍ଭୀର ଭାବେ ବସିଥାନ୍ତି । ପାଖରେ ବସିଥାନ୍ତି କୁମାରନ୍ । କୁମାରନ୍ ସେମାନଙ୍କ ସହ ଅପରିଚିତ ବ୍ୟକ୍ତି ଭଳି ବ୍ୟବହାର କଲେ । ମାତ୍ର ସ୍ୱାମୀ ସେମାନଙ୍କ ସହ କଥାବାର୍ତ୍ତା କଲେ । ସେ ଦୁହେଁ କହିଲେ, କୁମାରନ୍‌ଙ୍କ ବାପା ଓ ମା' ପୁଅକୁ ଦେଖିବା ଲାଗି ଉତ୍କଣ୍ଠିତ । ସ୍ୱାମୀଙ୍କ ସମ୍ମତି ପାଇଲେ ସେମାନେ ତାଙ୍କୁ ସାଙ୍ଗରେ ନେଇଯିବେ । ସ୍ୱାମୀ କହିଲେ, ବାପା ଓ ମାଆଙ୍କୁ ଦେଖି ସେ ଫେରି ଆସିବାରେ ମୋର ଆପତ୍ତି ନାହିଁ । ଏହି କଥାବାର୍ତ୍ତା ସମୟରେ ଆସାନ ଚୁପ୍‌ଚାପ୍ ବସିଥାନ୍ତି । ସ୍ୱାମୀ କହିଲେ, ଓନାମ ପର୍ବବେଳେ କୁମାରନ୍ ଘରକୁ ଯିବ । ତାହାହିଁ ହେଲା । ଓନାମ ପର୍ବବେଳେ ଜଣେ ସାଥି ସହ ଆସାନ ଘରକୁ ଗଲେ । ଦୁହେଁ ଘର ବାହାରେ ବସିଲେ । ପରିବାରବାଲୁ କୁମାରନ୍ କହିଲେ, ତାଙ୍କ ସାଥି କନିଷ୍ଠାର ଜାତିର ଲୋକ । ତାକୁ ଯଦି ଘର ଭିତରକୁ ଯିବାକୁ ଦିଆଯାଏ, ତେବେ ସେ ଘରେ ପ୍ରବେଶ କରିବେ । ଏଥିପାଇଁ ଅନୁମତି ଦିଆଗଲା । କେବଳ ସେତିକି ନୁହେଁ, କୁମାରନ୍‌ଙ୍କ ବାପା ସେମାନଙ୍କ ସହିତ ମଧ୍ୟ ଆହାର କରିଥିଲେ । ଗୁରୁଙ୍କ ପୂର୍ବ ବ୍ୟବସ୍ଥା ଅନୁଯାୟୀ ଆସାନ ଆଶ୍ରମକୁ ଫେରି ଆସିଲେ । ସ୍ୱାମୀଙ୍କ ସହ ତିନିବର୍ଷ ରହିବା ସମୟ ମଧ୍ୟରେ ସେ ବହୁ ଗ୍ରନ୍ଥ

ଅଧ୍ୟୟନ ଓ ସାଧନାରେ ଆତ୍ମନିୟୋଗ କରିଥିଲେ । ବେଦାନ୍ତ ସମ୍ପର୍କୀୟ କେତେକ ଗ୍ରନ୍ଥ ସେ ଉତ୍ତମ ରୂପେ ଆୟତ୍ତ କରିବା ବ୍ୟତୀତ ଯୌଗିକ ସଂସ୍କୃତିରେ ମଧ୍ୟ ବ୍ୟୁତ୍ପତ୍ତି ଲାଭ କରିଥିଲେ । ତରୁଣ କୁମାରନ୍‌ଙ୍କ ଉପରେ ସ୍ୱାମୀଙ୍କ ପ୍ରଭାବ ଥିଲା ସୁବିପୁଳ । ସମ୍ପ୍ରଦାୟର କଲ୍ୟାଣ ସାଧନ ଲାଗି ତାଙ୍କର ଜୀବନ ଥିଲା ଉତ୍ସର୍ଗୀକୃତ । ଏହି ଆଶ୍ରମରେ ରହୁଥିବାବେଳେ ସେ 'ଶିବ ସ୍ତୋତ୍ରମାଳା' ରଚନା କରିଥିଲେ । ଗୁରୁଙ୍କ ଭଳି ସେ ଥିଲେ ଶିବ ଉପାସକ ।

# ପ୍ରସାରିତ ଦିଗ୍‌ବଳୟ

ନାରାୟଣ ଗୁରୁ କେବଳ ଜଣେ ଆଧ୍ୟାତ୍ମିକ ନେତା ନଥିଲେ । ସଂପ୍ରଦାୟର ବିକାଶ ଲାଗି ଶିକ୍ଷାର ଗୁରୁତ୍ୱ ଓ ସାମାଜିକ ସଂସ୍କାର ବିଷୟରେ ମଧ୍ୟ ସେ ଥିଲେ ସଚେତନ । କେବଳ ଆଧ୍ୟାତ୍ମିକ ଅର୍ଥରେ ନୁହେଁ ସାମାଜିକ ଅର୍ଥରେ ମଧ୍ୟ ଶକ୍ତି ଲାଭର ମୂଳ ଯେ ଜ୍ଞାନ ଏହା ସେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜାଣିଥିଲେ । ମନ୍ଦିର ସ୍ଥାପନ କରିବା ତାଙ୍କର ଲକ୍ଷ୍ୟ ନଥିଲା । ୧୯୧୭ ମସିହାରେ ସେ ଦେଇଥିବା ଗୋଟିଏ ବାର୍ତ୍ତାରେ ଦୃଢ଼ତାର ସହିତ କହିଥିଲେ—

"ମନ୍ଦିର ନିର୍ମାଣରେ ଅର୍ଥ ବ୍ୟୟ କରିବା ଯୋଗୁ ଲୋକେ ପଶ୍ଚାତ୍ତାପ କରିବା ସ୍ୱାଭାବିକ । ମାତ୍ର ଏହି ଉଦ୍ୟମକୁ ସଂପୂର୍ଣ୍ଣ ବନ୍ଦ କରିଦେବାକୁ ପରାମର୍ଶ ଦେବା ମଧ୍ୟ ଠିକ୍ ନୁହେଁ । ଏହି ଦୃଷ୍ଟିରୁ ଶ୍ରେଷ୍ଠ ମନ୍ଦିର ସବୁ ନିର୍ମିତ ହେଉ । ଶିକ୍ଷାନୁଷ୍ଠାନ ଗୁଡ଼ିକହିଁ ହେଉଛି ଯଥାର୍ଥରେ ବଡ଼ ମନ୍ଦିର । ବିଶ୍ୱାସ କରାଯାଉଥିଲା ଯେ ମନ୍ଦିରମାନଙ୍କ ମାଧ୍ୟମରେ ଜାତି ନିର୍ବିଶେଷରେ ସବୁ ଲୋକଙ୍କୁ ଏକାଠି କରିହେବ । ମାତ୍ର ଆମେ ଯାହା ଆଶା କରିଥିଲୁ କାର୍ଯ୍ୟତଃ ତାହା ସଫଳ ହୋଇ ପାରିଲା ନାହିଁ । ମନ୍ଦିର ଯୋଗୁ ଜାତିଗତ ଭେଦ ବଢ଼ିଲା । ଏବେ ଆମେ ଲୋକଙ୍କୁ ଶିକ୍ଷାଦେବାକୁ ଯତ୍ନ କରିବା । ଲୋକେ ଅଧିକ ଜ୍ଞାନ ଲାଭ କରନ୍ତୁ । ସେମାନଙ୍କୁ ଉନ୍ନତ କରାଇବା ଲାଗି ଏହାହିଁ ଏକମାତ୍ର ପନ୍ଥା ।"

ମହାନ ଦୂରଦ୍ରଷ୍ଟା ଗୁରୁ ସାମାଜିକ ଶିକ୍ଷାଗତ ବିକାଶକୁ କାର୍ଯ୍ୟକାରୀ କରିବା ଲାଗି କୁମାରନ୍ ଆସାନଙ୍କୁ ଉପଯୁକ୍ତ ମନେ କରିଥିଲେ । ମାତ୍ର କୁମାରନ୍ ସେ ପର୍ଯ୍ୟନ୍ତ ଏଥିପାଇଁ ପ୍ରସ୍ତୁତ ହୋଇ ନଥାନ୍ତି । ଏଝବ ସଂପ୍ରଦାୟର ଦୁଇ ପୁରୁଷଶ୍ରେଷ୍ଠ ହେଉଛନ୍ତି ସ୍ୱାମୀ ଓ ଚନ୍ନାସ୍ୱାମୀ । ମାତ୍ର ଏହି ଦୁଇଜଣଙ୍କ ସହି ଯେଉଁ ତୃତୀୟ ବ୍ୟକ୍ତି ଘନିଷ୍ଠ ଭାବେ ସଂପୃକ୍ତ ତାହାଙ୍କ ବିଷୟ ଏଠାରେ ଉଲ୍ଲେଖ କରିବା ଆବଶ୍ୟକ । ସେ ହେଉଛନ୍ତି ତ୍ରିବନ୍ଦ୍ରମ୍‌ର ଡାକ୍ତର ପି. ପାଲ୍‌ପୁ । ଏଝବ ସଂପ୍ରଦାୟର ଲୋକ ହୋଇଥିବା ଯୋଗୁହିଁ ତାଙ୍କୁ ଭାଗ୍ୟ ଅନ୍ୱେଷଣ କରିବା ଲାଗି ନିଜ ଦେଶ ଛାଡ଼ି ଅନ୍ୟତ୍ର ଯିବାକୁ ପଡ଼ିଥିଲା । ସାମାଜିକ ଓ ଧାର୍ମିକ ବିକାଶ ଲାଗି ସ୍ୱାମୀ ଆପଣାର ଜୀବନକୁ ଯେପରି ଉତ୍ସର୍ଗ କରିଥିଲେ, ଡ. ପଲ୍‌ପୁ ସେହିପରି ସାମାଜିକ ଓ ଅର୍ଥନୈତିକ ବିକାଶ ଲାଗି ଆପଣାର ଶକ୍ତି ବିନିଯୋଗ କରିଥିଲେ ।

ଖ୍ରୀ୧୮୬୩ରେ ପଲ୍ପୁଙ୍କ ଜନ୍ମ, ସ୍ୱାମୀଙ୍କଠାରୁ ସେ ଚାରିବର୍ଷ ସାନ । ଏଝବ-ମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ିବାକୁ ଅନୁମତି ମିଳୁ ନଥିଲା । ଯୋଗକୁ ତ୍ରିବାନ୍ଦ୍ରମ୍‌ରେ ଥିବା ଇଂରାଜୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ଜଣେ ଇଂରେଜ ବ୍ୟକ୍ତି । ସେ କୌଣସି ମତେ ପଲ୍ପୁଙ୍କ ନାଁ ସ୍କୁଲରେ ଲେଖାଇ ଦେଲେ । ଏହି ଭାବରେ ସେ ଏଫ୍. ଏ. (ପ୍ରାକ୍ ଡିଗ୍ରୀ ପରୀକ୍ଷା) ପାସ କରିଥିଲେ । ଏହାପରେ ସେ ସରକାରୀ ମେଡିକାଲ ସ୍କୁଲରେ ନାଁ ଲେଖାଇବାକୁ ଚେଷ୍ଟାକଲେ । ଏଥିପାଇଁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲେହେଁ ସେ ମନୋନୀତ ହୋଇ ପାରି ନଥିଲେ । ପଲ୍ପୁ ଏଥିରେ ଦବିଯାଇ ନଥିଲେ । ସେ ମାଡ୍ରାଜ ଯାଇ ସେଠାରେ ଏଲ୍. ଏମ୍. ଏସ୍. ପଢ଼ି ଡିଗ୍ରୀ ପାଇଁ ପାରିଥିଲେ । ଏହାପରେ ସେ ତ୍ରିବାନ୍ଦ୍ରମ୍‌କୁ ଫେରି ଆସିଲେ, ଚାକିରିଟିଏ ପାଇଁ ସେ ବହୁତ ଚେଷ୍ଟାକଲେ, ମାତ୍ର ତାଙ୍କୁ ତାହା ମଧ୍ୟ ମିଳି ନଥିଲା । ମହୀଶୂରରେହିଁ ତାଙ୍କୁ ଚାକିରି ମିଳିଲା । ସେଠାରେ ସେ ହେଲ୍‌ଥ ଅଫିସର ଓ ଲମ୍ଫ୍ ପ୍ରତିଷ୍ଠାନର ଡିରେକ୍ଟର ହୋଇ ପାରିଥିଲେ । ସେ ଯୁଗରେ ସେ ମାସିକ ଟ୧୦୦୦( ଦରମା ପାଉଥିଲେ । ଏଥିରୁ ତାଙ୍କର ପ୍ରତିଷ୍ଠା ଅନୁମାନ କରାଯାଇ ପାରେ । ତଥାପି ନିଜ ଦେଶରେ ଜାତିଭେଦ-ମନୋବୃତ୍ତି ସମ୍ପନ୍ନ ଲୋକେ ତାଙ୍କ ପ୍ରତି ଭଲ ବ୍ୟବହାର କରୁ ନଥିଲେ ।

ନିଜ ସମ୍ପ୍ରଦାୟ ପାଇଁ ପଲ୍ପୁଙ୍କ ଆତ୍ମତ୍ୟାଗ ବିଷୟ ଯେପରି ସ୍ୱୀକୃତି ଲାଭ କରିବା କଥା ତାହା ହୋଇ ପାରିନାହିଁ । ଯୋଜନା କରିବାରେ ଓ ସଂଗଠନ ପରିଚାଳନା କରିବାରେ ସେ ଥିଲେ ସୁଦକ୍ଷ । ସିଏହିଁ ହେଉଛନ୍ତି 'ଏଝବ ସ୍ମାରକ' ଓ ଏସ୍. ଏନ୍. ଡି.ପି. ଯୋଗମ୍ ନାମକ ଦୁଇଟି ଅନୁଷ୍ଠାନର ପ୍ରଥମ ପରିକଳ୍ପନାକାରୀ । ଏହି ଅନୁଷ୍ଠାନ ଥିଲା ତାଙ୍କର ଅତିପ୍ରିୟ ଓ ଏଥିପାଇଁ ସେ ଆପଣାର ବହୁତ ସମୟ ଓ ଅର୍ଥ ବିନିଯୋଗ କରିଥିଲେ । ନାରାୟଣ ଗୁରୁ ଓ ଡା. ପଲ୍ପୁଙ୍କ ସଂଯୋଗ ସମ୍ପ୍ରଦାୟ ପକ୍ଷେ ଥିଲା ଅତୀବ ଶୁଭପ୍ରଦ, ଏହା ଥିଲା ଶକ୍ତି, ସମ୍ଭ୍ରମ, ଉଦ୍ୟମ ଓ ପ୍ରବୀଣତାର ଶୁଭ ସମ୍ମେଳନ । ଦୁହେଁ ଚମତ୍କାର ଭାବେ ହୋଇଥିଲେ ପରସ୍ପରର ପରିପୂରକ, ଏହି ଦୁଇଜଣଙ୍କ ମଝିରେ କୁମାରନ୍ କିପରି ଏହି ଲକ୍ଷ୍ୟ ସାଧନରେ ଗୁରୁତ୍ୱପୂର୍ଣ୍ଣ ଓ ଏକ-ନିଷ୍ଠ ଭୂମିକା ଗ୍ରହଣ କରିଥିଲେ ଓ କିପରି ଏହା ସଂଘଟିତ ହୋଇଥିଲା ତାହା ଆମର ଏହି ପ୍ରସଂଗରେ ପ୍ରଣିଧାନ ଯୋଗ୍ୟ ।

୧୮୯୬ରେ ସ୍ୱାମୀ ତାଙ୍କ ଶିଷ୍ୟମାନଙ୍କ ସହ ବାଙ୍ଗାଲୋର ଯାଇଥିଲେ । ଡାଃ ପଲ୍ପୁ ସ୍ୱାମୀ ଓ ଶିଷ୍ୟମାନଙ୍କୁ ଆନନ୍ଦର ସହିତ ସ୍ୱାଗତ କଲେ ଓ ସେମାନଙ୍କ ଉପଯୁକ୍ତ ସତ୍କାର କରିଥିଲେ । ସମ୍ପ୍ରଦାୟର ଉନ୍ନତି ସମ୍ପର୍କରେ ସେମାନଙ୍କ ମଧ୍ୟରେ

ବହୁ କଳ୍ପନା ଜଳ୍ପନା ଚାଲିଲା । ଏହାହିଁ ଠିକ୍ ହେଲା ଯେ ସଂପ୍ରଦାୟର ଭବିଷ୍ୟତ ଶିକ୍ଷିତଯୁବକ ମାନଙ୍କ ଉପରେହିଁ ବହୁ ପରିମାଣରେ ନିର୍ଭର କରେ । ଡ. ପଲ୍‌ପୁ ଜଣେ ଯୁବକର ଉଚ୍ଚ ଶିକ୍ଷା ଲାଗି ସମସ୍ତ ବ୍ୟୟ ବହନ କରିବାକୁ ରାଜି ହୋଇଗଲେ । ଏହାପରେ ସ୍ୱାମୀ ତାଙ୍କର ପରାମର୍ଶ ଦେଇ କହିଲେ କୁମାରନ୍‌ହିଁ ଏଥିପାଇଁ ଉପଯୁକ୍ତ । ସ୍ୱାମୀଙ୍କ ଅଭିପ୍ରାୟ ଥିଲା ଡ. ପଲ୍‌ପୁଙ୍କ ପକ୍ଷେ ଆଦେଶ ସ୍ୱରୂପ । ସେ ସଙ୍ଗେ ସଙ୍ଗେ କୁମାରନ୍‌ଙ୍କୁ ଉଚ୍ଚଶିକ୍ଷା ଦେବାର ବ୍ୟବସ୍ଥା କରିବାକୁ ପ୍ରସ୍ତୁତ ହୋଇଗଲେ ।

କୁମାରନ୍‌ଙ୍କୁ ସେଠାରେ ଛାଡ଼ି ସ୍ୱାମୀ ଶିଷ୍ୟମାନଙ୍କ ସହ ବାହାରିଗଲେ । ଚିଦାମ୍ବରମ୍, ମଦୁରାଇ ପ୍ରଭୃତି ତାମିଲନାଡୁର କେତେକ ସ୍ଥାନକୁ ଯାଇ ଫେରିବେଳେ ବାଟେ ସେ ତ୍ରାଭାଙ୍କୋର ଫେରିଗଲେ । ଗୁରୁଙ୍କର ବିଚ୍ଛେଦ କୁମାରନ୍‌ଙ୍କ ପକ୍ଷେ କଷ୍ଟଦାୟକ । ସେ ଦୃଢ଼ମନା ଓ ଉଚ୍ଚଶିକ୍ଷା ଲାଗି ଅଭିଳାଷୀ ଥିଲେହେଁ ଗୁରୁଙ୍କ ପ୍ରତି ତାଙ୍କର ଆକର୍ଷଣ ଥିଲା ଅତୀବ ନିବିଡ଼ । ସେ କାନ୍ଦିବାକୁ ଲାଗିଲେ ।

ଡ. ପଲ୍‌ପୁ ବାଙ୍ଗାଲୋରରେ ସପରିବାର ରହୁଥାନ୍ତି । କୁମାରନ୍‌ଙ୍କୁ ସେ ଆନନ୍ଦରେ ତାଙ୍କ ଘରେ ଆପଣାର ଲୋକ ଭଳି ରଖିଲେ । ଡ. ପଲ୍‌ପୁ ଓ ତାଙ୍କ ପରିବାରସହ କୁମାରନ୍‌ଙ୍କ ସଂପର୍କ ତାହାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ସେତେବେଳେ ତାଙ୍କୁ ବାଇଶ ବର୍ଷ ବୟସ । ଅଳ୍ପଦିନ ମଧ୍ୟରେ ଶ୍ରୀ ଚାମରାଜେନ୍ଦ୍ର ସଂସ୍କୃତ କଲେଜରେ ତାଙ୍କର ନାଁ ଲେଖା ହୋଇଗଲା ।

ବାଙ୍ଗାଲୋରର ଏହି ସଂସ୍କୃତ କଲେଜଟି ଥିଲା ସର୍ବତୋଭାବେ ଉଚ୍ଚବର୍ଣ୍ଣର ହିନ୍ଦୁଙ୍କ ଲାଗି ଉଦ୍ଦିଷ୍ଟ । ଏପରିକି ଅବ୍ରାହ୍ମଣ ଲିଙ୍ଗାୟତମାନେ ମଧ୍ୟ ଏଠାରେ ପଢ଼ିପାରୁ ନଥିଲେ । ଡ. ପଲ୍‌ପୁଙ୍କ ସହ ମହୀସୁର ରାଜ୍ୟର ତତ୍‌କାଳୀନ ଦେୱାନ କେ. ଶେଷାଦ୍ରି ଆୟାରଙ୍କର ଥିଲା ସୁସଂପର୍କ । ସେଥିପାଇଁ କୁମାରନ୍ ଆସାନ ଏଠାରେ ସ୍ୱତନ୍ତ୍ର ସୁବିଧାବଳରେ ପଢ଼ିବାକୁ ମନୋନୀତ ହୋଇଥିଲେ । ଆସାନ ଥିଲେ ଏହି କଲେଜର ଏକମାତ୍ର ଅବ୍ରାହ୍ମଣ ଛାତ୍ର । ଆସାନ ତାଙ୍କର ଜଣେ ବ୍ୟକ୍ତିଗତ ବନ୍ଧୁଙ୍କ ପାଖକୁ ଏହି ସମୟରେ ଲେଖିଥିବା ଏକ ପତ୍ରର କିୟଦଂଶରୁ ସେତେବେଳର ଅବସ୍ଥା ଜାଣିହେବ ।

"ପ୍ରିୟବନ୍ଧୁ,

ତୁମର ବହି ଓ ପତ୍ର ମୁଁ ପାଇଛି । ଏ ପର୍ଯ୍ୟନ୍ତ ମୁଁ ତୁମ ପାଖକୁ ଚିଠି ଲେଖି ପାରିନାହିଁ, ସେଥିପାଇଁ କ୍ଷମାମାଗିବା ଛଡ଼ା ଗତ୍ୟନ୍ତର ନାହିଁ । କେବଳ ତୁମକୁ ନୁହେଁ କାକ୍‌କାକୁଝିର ଅନ୍ୟ ବନ୍ଧୁମାନଙ୍କୁ ମଧ୍ୟ । ମୁଁ ଚିଠି ଦେଇ ପାରିନାହିଁ, ଏଥିପାଇଁ ନିଶ୍ଚୟ ଦୋଷୀ ।

ମୁଁ ଏଠିକାର ସଂସ୍କୃତ କଲେଜରେ ଯୋଗ ଦେଇଛୁ । ଏହି ଅନୁଷ୍ଠାନରେ ମୁଁ ହେଉଛୁ ଏକମାତ୍ର ଅବ୍ରାହ୍ମଣ ଛାତ୍ର । ଅନେକେ ମୁଁ ଏଠି ପଢ଼ିବାର ବିରୋଧୀ । ଯାହାହେଉ, ସମସ୍ତ ଏହି ବିରୋଧକୁ ଲଘୁ କରି ଦେଇଛୁ । ଏବେ ମୁଁ ମାସିକ ଗୋଟିଏ ଟଙ୍କା ବୃତ୍ତି ( ସ୍କଲରସିପ୍ ) ପାଉଛୁ । ଏହାଠାରୁ ଅଧିକ ପାଇବାର ସମ୍ଭାବନା ମଧ୍ୟ ଅଛୁ । ଏବେ ମୁଁ 'ନୀଳକଣ୍ଠିୟମ୍' ପଢୁଛୁ ।

ଏଠି ଏକ ପ୍ରକାର ଭଲ । ଆଶାକରେ, ମୋର ଏହି ସୁସଂବାଦ ତୁମେ ଅନ୍ୟ ବନ୍ଧୁମାନଙ୍କୁ ଜଣାଇଦେବ । ସମସ୍ତଙ୍କ ପାଖକୁ ସ୍ୱତନ୍ତ୍ର ଭାବେ ଲେଖିବାକୁ ଇଚ୍ଛା ଥିଲା । ମାତ୍ର ସମୟର ଅଭାବ ଓ ଆଳସ୍ୟ ଯୋଗୁ ଏହା କରିପାରୁ ନାହିଁ ।

ହଁ, ଏବେ ମୁଁ କବିତା ଲେଖିବାକୁ ଯଥେଷ୍ଟ ସମୟ ପାଉନାହିଁ । ତଥାପି ସଂସ୍କୃତ ଓ ମାଲୟାଲମରେ କେତୋଟି ଲେଖିଛୁ ।

ତୁମ୍ଭମାନଙ୍କର କୁଶଳ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ।

ତୁମର ଅନ୍ତରଂଗ

କୁମାର ।

ଆସାନ ଏହି କଲେଜରେ ତିନିବର୍ଷ ପଢ଼ିଲେ । 'ନ୍ୟାୟ ବିଦ୍ୱାନ' ପରୀକ୍ଷା ଲାଗି ତର୍କଶାସ୍ତ୍ର ତାଙ୍କର ଇଚ୍ଛାଧୀନ ବିଷୟ ଥିଲା । ଷଣ୍ମାସିକ ଓ ବାର୍ଷିକ ପରୀକ୍ଷାମାନଙ୍କରେ ତାଙ୍କର ଫଳ ଖୁବ୍ ଭଲ ହୋଇଥିଲା । ଶେଷ ପରୀକ୍ଷାରେ ସେ ପ୍ରଥମ ସ୍ଥାନ ଲାଭ କରିବେ ଏହାଥିଲା ଏକ ପ୍ରକାର ସୁନିଶ୍ଚିତ । ଏହାଫଳରେ ସହପାଠୀମାନଙ୍କ ମଧ୍ୟରେ ଈର୍ଷା ଜନ୍ମିଲା ଓ କୁମାରନ୍ ଯେପରି ପରୀକ୍ଷା ଦେଇ ନପାରିବେ ସେଥିପାଇଁ ସେମାନେ ଚକ୍ରାନ୍ତ କରିବାକୁ ଲାଗିଲେ । ଅବ୍ରାହ୍ମଣ ଛାତ୍ରଙ୍କୁ ଏହି ଅନୁଷ୍ଠାନରେ ପଢ଼ିବାକୁ ଓ ବିଶେଷତଃ ସେମାନଙ୍କୁ ବେଦ-ଶାସ୍ତ୍ରାଦି ପଢ଼ିବାକୁ ସୁଯୋଗ ଦିଆଯାଉ-ଥିବା ବିରୁଦ୍ଧରେ ସେମାନେ ଆନ୍ଦୋଳନ କରିବାକୁ ଉଦ୍ୟମ କଲେ । ଏହା ଫଳରେ କୁମାରନ୍‌ଙ୍କୁ କଲେଜରୁ ବହିଷ୍କୃତ କରିବାକୁ ଦେଓ୍ୱାନ ବାଧ୍ୟ ହେଲେ । ଏଣୁ ସେ ଶେଷ ପରୀକ୍ଷା ଦେଇ ପାରି ନଥିଲେ ।

ଯୋଗକୁ ଏହି ଆନ୍ଦୋଳନ ବେଳେ ବାଙ୍ଗାଲୋର ସହରରେ ପ୍ଲେଗ ରୋଗ ବ୍ୟାପିଲା । କଲେଜକୁ ହଠାତ୍ ବନ୍ଦ କରି ଦିଆଗଲା । ଏହା ସାଙ୍ଗକୁ ଆସାନଙ୍କ ହିତାକାଂକ୍ଷୀ ଡ. ପଲ୍‌ପୁଙ୍କୁ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ବାଙ୍ଗାଲୋର ଛାଡ଼ି ୟୁରୋପ ଯିବାକୁ ପଡ଼ିଲା । ଏହିସବୁ ଘଟଣାରେ ଆସାନ ହତାଶ ହୋଇପଡ଼ିଲେ ।

ମାତ୍ର ଆଶାର ବିଷୟ ଆସାନଙ୍କ ପାଇଁ ଡ. ପଲ୍‌ପୁ ବିଦେଶଯାତ୍ରା ପୂର୍ବରୁ ବ୍ୟବସ୍ଥା କରି ଯାଇଥିଲେ । ସେ ମାଡ୍ରାଜରେ ରହୁଥିବା ତାଙ୍କର ସହପାଠୀ ଓ ବନ୍ଧୁ

ଡ. ନଂଜୁଣ୍ଡ ରାଓଙ୍କ ଉପରେ କୁମାରନ୍‌ଙ୍କ ଉଚ୍ଚଶିକ୍ଷାର ଦାୟିତ୍ୱ ଦେଇ ଯାଇଥିଲେ । ଆସାନ ଯାଇ ତାଙ୍କ ପାଖେ ରହିଲେ । ଡ. ରାଓ ଆସାନଙ୍କ ବିଷୟ ଆନ୍ତରିକତାର ସହ ବୁଝିଲେ । ଆସାନଙ୍କ ବିନୟ ଓ ବୁଦ୍ଧିମତ୍ତା ତାଙ୍କୁ ମୁଗ୍ଧ କରିଥିଲା ।

ଆସାନ ମାଡ୍ରାଜରେ ପ୍ରାୟ ଛଅ ମାସ ରହିଥିଲେ । ଜଣେ ପଣ୍ଡିତଙ୍କ ପାଖେ ସେ ପଢାପଢ଼ି କରୁଥିଲେ । ଏହି ବ୍ୟବସ୍ଥା ଡ଼. ପଲ୍‌ପୁଙ୍କର ମନୋମତ ହୋଇ ନଥିଲା । ତାହାଙ୍କ ପରାମର୍ଶ କ୍ରମେ ଡ. ରାଓ ଆସାନଙ୍କୁ ଉଚ୍ଚ ଶିକ୍ଷା ଲାଗି କଲିକତା ପଠାଇବାର ବ୍ୟବସ୍ଥା କରିଦେଲେ । ସ୍ଥିର ହୋଇ ଥିଲା, ଡ. ରାଓ ଡ. ପଲ୍‌ପୁଙ୍କ ହିସାବରୁ ଆସାନଙ୍କ ନିକଟକୁ ମାସିକ ଟ୧୦.୦୦ ପଠାଇବେ । ମାତ୍ର ଡ଼. ରାଓ ଆସାନଙ୍କ ଉପରେ ଏତେ ସନ୍ତୁଷ୍ଟ ହୋଇ ଯାଇଥିଲେ ଯେ ସେ ମଧ୍ୟ ନିଜ ପକ୍ଷରୁ ଆହୁରି ଅଧିକ ଟ୩.୦୦ ତାଙ୍କର ଚଳିବାର ସୁବିଧା ଲାଗି ପଠାଉଥିଲେ ।

ଆସାନ ଯାଇ କଲିକତା ସଂସ୍କୃତ କଲେଜରେ ପଢ଼ିଲେ । ସେଠାରେ ମଧ୍ୟ ସେ ସେହି ନ୍ୟାୟଶାସ୍ତ୍ରକୁ ଇଚ୍ଛାଧୀନ ବିଷୟ ଭାବେ ଗ୍ରହଣ କରିଥିଲେ । ଏହାଛଡ଼ା ସେ ବ୍ୟାକରଣ ଓ କାବ୍ୟ ଶ୍ରେଣୀରେ ମଧ୍ୟ ଯୋଗ ଦେଉଥିଲେ । ତର୍କତୀର୍ଥ ପରୀକ୍ଷା ଦେବାଲାଗି ତାଙ୍କୁ ଦୁଇବର୍ଷ ଅଧ୍ୟୟନ କରିବାକୁ ପଡ଼ିଥିଲା । ସେ ଦିନକୁ ପ୍ରାୟ କୋଡ଼ିଏ ଘଣ୍ଟା କଠିନ ପରିଶ୍ରମ କରୁଥିଲେ । ତାଙ୍କୁ ସମସ୍ତେ ଗ୍ରନ୍ଥକୀଟ କହି ଚିଡ଼ାଉ-ଥିଲେ । ତାଙ୍କ ଗୁରୁଙ୍କ ନାମ କାମାକ୍ଷାନାଥ ତର୍କବାଗୀଶ । ସେ ତାଙ୍କୁ ଖୁବ୍ ଭଲ ପାଉଥିଲେ ଓ ବିଶେଷ ଘଟଣା ଉପଲକ୍ଷେ ତାଙ୍କୁ କବିତା ରଚନା କରିବାକୁ କହୁଥିଲେ । କଲିକତାରେ ଥିବାବେଳେ ପଢାପଢ଼ିରେ ଖୁବ୍ ବ୍ୟସ୍ତଥିବା ଯୋଗୁଁ ସେ କୌଣସି ମୌଳିକ କାବ୍ୟ ରଚନା କରିପାରି ନଥିଲେ । ଯାହାହେଉ, ମାଲୟାଲମ୍ ପତ୍ରିକା ମାନଙ୍କୁ ସେ "ଓରୁବଂଗଦେଶିକନ" (ଜଣେ ବଂଗଦେଶୀ) ଛଦ୍ମ ନାମରେ ତାହାଙ୍କ ଲେଖା ଗୁଡ଼ିକ ପଠାଉଥିଲେ ।

କଲିକତାରେ ମଧ୍ୟ ଶେଷ ପରୀକ୍ଷା ଦେବା ଆସାନଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା । ଏହାର କାରଣ ହେଉଛି ଖ୍ରୀ-୧୯୦୦ରେ କଲିକତା ନଗରୀରେ ହୋଇଥିବା ପ୍ଲେଗରୋଗ । ଆସାନ ପରୀକ୍ଷା ଦେବା ପୂର୍ବରୁ କଲେଜ ବନ୍ଦ ହୋଇଗଲା ଓ ସେ କଲିକତା ଛାଡ଼ି ଚାଲି ଯିବାକୁ ବାଧ୍ୟ ହେଲେ । ମନେହୁଏ ଉପାଧି ଲାଭ ତାଙ୍କ ଭାଗ୍ୟରେ ନଥିଲା । ସେତେବେଳକୁ ଡ.ପଲ୍‌ପୁ ବାଙ୍ଗାଲୋରରୁ ଫେରି ଆସିଥାନ୍ତି । ଏଣୁ ଚିନ୍ନାସ୍ୱାମୀ (ଡ଼. ପଲ୍‌ପୁ ଆସାନଙ୍କୁ ଆଦରପୂର୍ବକ ଏହି ନାମରେହିଁ ଡାକୁଥିଲେ) କଲିକତାରୁ

ବାଙ୍ଗାଲୋର ଫେରିଗଲେ। ଏହାପରେ ସେ ଡ. ପଲ୍‌ପୁଙ୍କ ସହିତ ଯାଇଥିଲେ ତ୍ରିବାନ୍ଦ୍ରମ୍।

ପଢ଼ାପଢ଼ି କରିବା ସତ୍ତ୍ୱେ ଆଶାନ କୌଣସି ଡିଗ୍ରୀ ପାଇ ପାରି ନଥିଲେ। ଏଣୁ ଯେଉଁ ପାଞ୍ଚବର୍ଷ ବାହାରେ କଟାଇଥିଲେ ତାହା ବୃଥା ଗଲା ବୋଲି ମନେ ହୋଇ ପାରେ। ଶିକ୍ଷାର ଏକମାତ୍ର ଲକ୍ଷ୍ୟ ଡିଗ୍ରୀଟିଏ ପାଇବା ହେଲେ ଏଭଳି ଧାରଣା ହୁଏତ ଯଥାର୍ଥ। ମାତ୍ର କୌଣସି ବିଷୟରେ ଜ୍ଞାନ ଲାଭ ଯଦି ଶିକ୍ଷାର ଉଦ୍ଦେଶ୍ୟ ହୁଏ ତେବେ ଏହି ସମୟଟି ତାହାଙ୍କ ଜୀବନର ଅତୀବ ଫଳପ୍ରସୂ। ବିବିଧ ଅଭିଜ୍ଞତା ଲାଭ କରିବା ଓ ବିଭିନ୍ନ ଦିଗରୁ ଜୀବନର ଅର୍ଥ ହୃଦୟଙ୍ଗମ କରି ତାହାକୁ ଦକ୍ଷତାର ସହିତ ଜୀବନରେ କାର୍ଯ୍ୟକାରୀ କରିବା ଯଦି ଶିକ୍ଷାର ଉଦ୍ଦେଶ୍ୟ ହୁଏ ତେବେ ଏହି ସମୟଟି ଆଶାନଙ୍କ ଜୀବନର ସବୁଠାରୁ ମୂଲ୍ୟବାନ। ବାଙ୍ଗାଲୋର, ମାନ୍ଦ୍ରାଜ ଓ କଲିକତାରେ ସମୟ ଅତିବାହିତ କରିବା ଫଳରେ କନ୍ନଡ଼, ତାମିଲ୍ ଓ ବଙ୍ଗଳାର ସାହିତ୍ୟ ସମ୍ପର୍କରେ ତାଙ୍କର ଆଖି ଖୋଲି ଯାଇଥିଲା। ସଂସ୍କୃତ ଓ ଇଂରାଜୀ ସେ ଏହିସବୁ ସ୍ଥାନରେ ପଢ଼ିଥିଲେ, ମାତ୍ର ବିଭିନ୍ନ ସ୍ଥାନକୁ ଯିବା ତାଙ୍କ ପକ୍ଷରେ ଥିଲା ମହାନ୍ ଆଶୀର୍ବାଦ ସ୍ୱରୂପ। ନିଜ ଦେଶ ବାହାରକୁ ଯାଇ ବିଭିନ୍ନ ସଂସ୍କୃତିର ସମ୍ପର୍କରେ ଆସିବା ଫଳରେ ତାହାଙ୍କ ମାନସ-ଦିଗ୍‌ବଳୟ ବହୁ ପରିମାଣରେ ପ୍ରସାରିତ ହୋଇଯାଇ ଥିଲା।

ଖ୍ରୀ-୧୮୯୫ରେ କେରଳ ଛାଡ଼ିବା ପୂର୍ବରୁ ସେ ତାମିଲ ଭାଷାରେ ଯତ୍‌ସାମାନ୍ୟ ଚଳନୀୟ ଜ୍ଞାନ ଓ ସଂସ୍କୃତରେ ଯଥେଷ୍ଟ ପ୍ରବୀଣତା ଅର୍ଜନ କରିଥିଲେ। ବାଙ୍ଗାଲୋର ଓ କଲିକତାରେ ଅବସ୍ଥାନ ତାହାଙ୍କୁ ସଂସ୍କୃତରେ ଅଧିକ ବ୍ୟୁତ୍ପତ୍ତି ଲାଭ କରିବାରେ ସହାୟକ ହୋଇଥିଲା। ବାଙ୍ଗାଲୋରରେ ତିନିବର୍ଷ ଅତିବାହିତ କରିବା ସମୟରେ ସେ କନ୍ନଡ଼ ଭାଷା ଓ ସାହିତ୍ୟ ସମ୍ପର୍କରେ ନିଶ୍ଚୟ ଅଭିଜ୍ଞତା ଅର୍ଜନ କରିଥିବେ। ଏତଦ୍ ସତ୍ତ୍ୱେ ଇଂରାଜୀ ପ୍ରତି ତାଙ୍କର ଥିଲା ଏକ ସ୍ୱାଭାବିକ ଅନୁରକ୍ତି। ବାଙ୍ଗାଲୋରରେ ଥିବାବେଳେ ସେ ନିଜ ଉଦ୍ୟମରେ ଇଂରାଜୀ ପଢ଼ି ବେଶ୍ ଦକ୍ଷତା ଅର୍ଜନ କରି ପାରିଥିଲେ। ଡ. ପଲ୍‌ପୁଙ୍କ ପରିବାରରୁ ସେ ଏଥିପାଇଁ ଆବଶ୍ୟକ ସାହାଯ୍ୟ ପାଇ ପାରିଥିଲେ। ଇଂରାଜୀରେ ଭଲଜ୍ଞାନ ନଥିଲେ ମଧ୍ୟ ବାଙ୍ଗାଲୋର ଓ ମାନ୍ଦ୍ରାଜରେ ଚଳିବା ତାଙ୍କ ପକ୍ଷେ କଷ୍ଟକର ନଥିଲା। ମାତ୍ର ଇଂରାଜୀ ଜ୍ଞାନ କଲିକତାରେ ତାଙ୍କପାଇଁ ଥିଲା ଏକାନ୍ତ ଆବଶ୍ୟକ। ଏଣୁ ଆଶାନ ମନଯୋଗପୂର୍ବକ ଇଂରାଜୀ ପଢ଼ିଥିଲେ, ସେ ଯେତେ ବେଶି ଇଂରାଜୀ ସାହିତ୍ୟ ପଢ଼ିଲେ ସେତିକି ଅଧିକ ପରିମାଣରେ ସେ ଏହାପ୍ରତି ଆକୃଷ୍ଟ ହୋଇ ପଡ଼ିଲେ। ଇଂରାଜୀ ପ୍ରତି ଶ୍ରଦ୍ଧା ଓ ତାହାର ପ୍ରୟୋଗ ଯୋଗୁଁ

ପରବର୍ତ୍ତୀ କାଳରେ ସେ ଏହି ଭାଷାରେ ବେଶ୍ ଦକ୍ଷତା ଅର୍ଜନ କରିଥିଲେ । ପରବର୍ତ୍ତୀ କାଳରେ ସେ କାବ୍ୟ କବିତା ସମ୍ପର୍କରେ ଯେଉଁସବୁ ଟିପ୍‌ପଣୀ ବା ନୋଟ୍ ପ୍ରସ୍ତୁତ କରିଥିଲେ ଓ ଆପଣାର ଦିନଲିପି ଲେଖିଥିଲେ ସେ ସବୁ ମୁଖ୍ୟତଃ ଇଂରାଜୀ ଭାଷାରେହିଁ ତାଙ୍କ ଦ୍ୱାରା ଲିଖିତ । ଏଥିରୁ ତାଙ୍କର ଇଂରାଜୀ ପ୍ରତି ଅନୁରାଗର ପ୍ରମାଣ ମିଳିଥାଏ । ତ୍ରିବାଙ୍କୋରର ଜନପ୍ରିୟ ବିଧାନସଭାରେ ସେ ଇଂରାଜୀରେହିଁ ଭାଷଣ ଦେଉଥିଲେ । କେରଳ ବାହାରେ ପାଞ୍ଚବର୍ଷ ଅତିବାହିତ କରିବା ସମସ୍ତ ମଧ୍ୟରେହିଁ ସେ ଏହି ଭାଷାକୁ ଆୟତ୍ତ କରିବାରେ କ୍ଷମ ହୋଇଥିଲେ । ଯେଉଁମାନେ ତାଙ୍କ ଭାଷଣ ଶୁଣିଛନ୍ତି ସେମାନେ ତାଙ୍କର ଏହି ଭାଷାରେ ଦକ୍ଷତା ଥିବା ବିଷୟ ସ୍ୱୀକାର କରନ୍ତି । ମାତ୍ର ତାଙ୍କର ଏହି ଭାଷାର ଉଚ୍ଚାରଣ ସେତେ ଭଲ ନ ଥିଲା ।

ଆସାନ କଲିକତାରେ ଥିବା ସମୟରେ ରବୀନ୍ଦ୍ରନାଥଙ୍କ ବୟସ ପ୍ରାୟ ଚାଳିଶ । ତାଙ୍କର ବହୁ ଉଚ୍ଛ୍ୱାସଧର୍ମୀ, ରୋମାଣ୍ଟିକ କବିତା ସେତେବେଳକୁ ପ୍ରକାଶିତ ହୋଇ ସାରିଥିଲା । ବସ୍ତୁତଃ ସେ ଯୁଗର ବଂଗଳା ସାହିତ୍ୟ ରୋମାଣ୍ଟିକ ଭାବନାରେ ଥିଲା ପ୍ରଭାବିତ । ତରୁଣ ସ୍ୱର୍ଣ୍ଣାଭୂର କବି ଆସାନ ଏହାଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ରବୀନ୍ଦ୍ରନାଥଙ୍କୁ ଆସାନ କିପରି ସମ୍ମାନ କରୁଥିଲେ ତାହା ତାହାଙ୍କ 'ଦିବ୍ୟକୋକିଲମ୍' ନାମକ କବିତାରୁ ଜଣାଯାଏ । ୧୯୨୨ରେ ରବୀନ୍ଦ୍ରନାଥ କେରଳ ଆସିଥିବା ସମୟରେ ସେ ଏହାକୁ ରଚନା କରିଥିଲେ ଓ ସଭାସ୍ଥଳରେ ନିଜେ ପାଠ କରିଥିଲେ । ଏହାଛଡ଼ା ରବୀନ୍ଦ୍ରନାଥ ଅଲଓ୍ୱି ସହରର ଅଦ୍ୱୈତାଶ୍ରମ ପରିଦର୍ଶନ କଲାବେଳେ ଆସାନ ସଂସ୍କୃତରେ ରଚନା କରିଥିବା ତାହାଙ୍କ 'ସ୍ୱାଗତ ପଞ୍ଚକମ୍' କବିତାଟି କବିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଆପଣାର ଆଲୋଚନାତ୍ମକ ରଚନାରେ ମଧ୍ୟ ସେ ରବୀନ୍ଦ୍ରନାଥଙ୍କ ପ୍ରସଂଗ ଉଲ୍ଲେଖ କରି ଅଛନ୍ତି । ବଂଗଳା ସାହିତ୍ୟ ଉପରେ ପାଶ୍ଚାତ୍ୟ ପ୍ରଭାବ ନିଶ୍ଚୟ ଆସାନଙ୍କର ଦୃଷ୍ଟି ଆକର୍ଷଣ କରିଥିବ । ବଂଗଳା ଭାଷା ଭଲଭାବେ ଜାଣି ନଥିବାରୁ ସେ ନିଶ୍ଚୟ ଶେଲି, କିଟ୍‌ସ ଓ ବ୍ରାଉନିଙ୍ଗ୍ ପ୍ରଭୃତିଙ୍କ ମୂଳ-ଲେଖା ପଢ଼ିଥିବେ । ଏହି କବିମାନଙ୍କ ରଚନାବଳୀ ତାଙ୍କୁ ମୁଗ୍‌ଧ କରିଥିବାର ଯଥେଷ୍ଟ ପ୍ରମାଣ ମିଳୁଅଛି । କଲିକତା ଜୀବନ ଯେ ଆସାନଙ୍କ ଲାଗି ଇଂରାଜୀ ସାହିତ୍ୟର ଦ୍ୱାର ଉନ୍ମୁକ୍ତ କରିଦେଇଥିଲା ଏହା ସ୍ୱୀକାର କରିବାକୁ ପଡ଼ିବ ।

ଆସାନଙ୍କ ଜୀବନର ଅନ୍ୟ ଏକ ପର୍ଯ୍ୟାୟ କିପରି ବିକଶିତ ହୋଇଥିଲା ତାହା ମଧ୍ୟ ଏଠାରେ ଉଲ୍ଲେଖଯୋଗ୍ୟ । ସ୍ୱାମୀଙ୍କ ସହିତ ତାଙ୍କର ସମ୍ପର୍କ ଥିଲା ଭକ୍ତିମୂଳକ । ଆପଣାର ପିତାମାତାଙ୍କୁ ସେ ଭଲ ପାଉଥିଲେହେଁ ଏଥିରେ କୌଣସି ବିଶେଷତ୍ୱ ନଥିଲା । ଯଦି କିଛି ବିଶେଷତ୍ୱ ଥାଏ ତାହା ହେଉଛି ତାଙ୍କର ଉଦାସୀନତା । ଯାହାକୁ

ସମ୍ପୂର୍ଣ୍ଣ ଭାବେ ବୁଝାଇବା ସମ୍ଭବ ହେବ ନାହିଁ । ଡ. ପଲ୍ପୁଙ୍କ ପ୍ରତି ତାଙ୍କର ଆକର୍ଷଣ ଥିଲା କୃତଜ୍ଞତା ଓ ସ୍ନେହର ଏକ ସମ୍ମିଶ୍ରଣ । ଶ୍ରୀମତୀ ପଲ୍ପୁ ଓ ତାହାଙ୍କ ପିଲାମାନଙ୍କ ସ୍ନେହ ଓ ଆଦରର ସଂପର୍କରେ ଆସି ସେ ମାନବିକ ସଂପର୍କର ଏକ ନୂତନ ଦିଗ ବିଷୟରେ ଅବହିତ ହୋଇ ପାରିଥିଲେ । ଡ. ପଲ୍ପୁଙ୍କ ସହିତ ତାଙ୍କର ରକ୍ତଗତ ସଂପର୍କ ନଥିଲେହେଁ ତାଙ୍କ ଘରହିଁ ଥିଲା ଆସାନଙ୍କର ଘର । ଏଇଠି ସେ ସବୁଠାରୁ ଅଧିକ ଆନନ୍ଦ ପାଉଥିଲେ ।

ଆସାନ 'ଗରସପ୍ପା ଜଳପ୍ରବାହ' ନାମରେ ଏକ କବିତା ଲେଖିଛନ୍ତି ତାହା ତାଙ୍କର ବାଙ୍ଗାଲୋର ଘର ଛାଡ଼ିବାର ଏଗାର ବର୍ଷ ପରର କଥା । ପୂର୍ବ ପରିକଳ୍ପିତ ବ୍ୟବସ୍ଥା ଅନୁଯାୟୀ ଡ. ପଲ୍ପୁ ଓ ତାହାଙ୍କ ପରିବାରସହ ଏହି ଜଳପ୍ରବାହ ନିକଟରେ ତାଙ୍କର ସାକ୍ଷାତ ହୋଇଥିଲା । ଅତୀତର ସ୍ମୃତିଚାରଣ ମୂଳକ ଏହି କବିତାଟିରୁ ପଲ୍ପୁଙ୍କ ପରିବାରସହ ତାଙ୍କର କିପରି ଘନିଷ୍ଠ ସଂପର୍କ ଥିଲା ତାହା ଜଣାଯାଏ ।

ଆସାନ କେତେମାସ ପାଇଁ ଡ. ନଞ୍ଜୁଣ୍ଡ ରାଓଙ୍କ ଘରେ ରହିଥିବା ବିଷୟ ଆଗରୁ କୁହାଯାଇଛି । କଲିକତାରେ ସେ ଜଣେ ବ୍ରାହ୍ମଣ ପରିବାରରେ ରହୁଥିଲେ । ଏହି ପରିବାର ମଧ୍ୟ ତାଙ୍କୁ ସ୍ନେହ କରୁଥିଲେ । ଆସାନ ଯେତେବେଳେ ଏହି ନଗରରୁ ବାଧ୍ୟ ହୋଇ ବିଦାୟ ନେଲେ ସେତେବେଳେ ଏହି ପରିବାରର ସମସ୍ତେ ପାହାନ୍ତାରେ ଷ୍ଟେସନକୁ ଆସିଥିଲେ । ଗାଡ଼ି ଛାଡ଼ିବାବେଳେ ସେମାନେ ଏକପ୍ରକାର କାନ୍ଦି ପକାଇଥିଲେ । ଏହି ପରିବାର ସହ ତାଙ୍କର କିପରି ସଂପର୍କ ଥିଲା ସେ ବିଷୟରେ କିଛି ଜଣାଯାଇ ନାହିଁ । ଏ ସଂପର୍କରେ ଆସାନ କେବଳ ଏତିକି ମନ୍ତବ୍ୟ କରିଥିବା ଜଣାଯାଏ—"ସେଠାରେ ମୁଁ ଯଦି ଆଉ କିଛିଦିନ ଅଧିକ ରହିଥାନ୍ତି ତେବେ ବୋଧହୁଏ ଜଣେ ବଙ୍ଗାଳୀ ଝିଅକୁ ବିବାହ କରି ସେଇଠି ରହିଯାଇଥାନ୍ତି ।" ମାତ୍ର ମାଲୟାଲମ୍ ସାହିତ୍ୟର କପାଳ ଭଲ ।

କେରଳ ବାହାରେ ବଙ୍ଗାଳୀ, କାନାଡ଼ୀ ଓ ମାଲୟାଳୀ ପରିବାର, ବହୁ ଶିକ୍ଷକ ଓ ଛାତ୍ର ଓ ବହୁ ପ୍ରକାର ଲେଖକଙ୍କ ସହ ସଂପର୍କ କୁମାରନ୍‌ଙ୍କ ଜୀବନର ଆଦର୍ଶକୁ ସମୃଦ୍ଧ କରିଥିଲା । କେରଳର ଅନ୍ୟ କେଉଁ ପ୍ରସିଦ୍ଧ ଲେଖକ ତାଙ୍କ ପ୍ରାରମ୍ଭିକ କର୍ମ ଜୀବନ ମଧ୍ୟରେ ଏହି ସୁଯୋଗ ପାଇନାହାନ୍ତି । ଉଲ୍ଲୋଓ୍ୱାଲ ଭାରତ ଓ ପୃଥିବୀର ବିଭିନ୍ନ ଅଞ୍ଚଳକୁ ଯାଇଥିଲେ । ମାତ୍ର ଏହା ବହୁ ବିଳମ୍ବରେ ଓ ତାହାଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଘଟିଥିଲା । ଏହି ଦୃଷ୍ଟିରୁ ଆସାନ ଭାଗ୍ୟବାନ । ଏହି ଅଭିଜ୍ଞତାହିଁ ତାଙ୍କୁ ଏକ ଭିନ୍ନ କବି ରୂପେ ଗଢ଼ିଥିଲା ।

# ସଂପ୍ରଦାୟର ଆହ୍ୱାନ

କଲିକତାରୁ କେରଳ ଫେରିବା ପରେ ଆସାନଙ୍କର ନାରାୟଣଗୁରୁଙ୍କ ନିକଟକୁ ଯିବା ଏକାନ୍ତ ସ୍ୱାଭାବିକ । ଏହାପରେ ପୁଣି ସେଇ ଅରୁଭିପୁରମ୍ ଆଶ୍ରମ ହେଲା ତାଙ୍କର ଆବାସସ୍ଥଳ । ସଂଘ କାର୍ଯ୍ୟରେ ଅଧିକ ଦକ୍ଷତା ଓ ତତ୍ପରତାସହ ସେ ଗୁରୁଙ୍କୁ ସାହାଯ୍ୟ କଲେ । ସେତେବେଳକୁ ତାଙ୍କ ବୟସ ୨୭ ବର୍ଷ ଓ ସେ ଅଧିକ ଅଭିଜ୍ଞ ହୋଇ ସାରିଥାନ୍ତି । ସ୍ୱାମୀଙ୍କ ନେତୃତ୍ୱରେ ପରିଚାଳିତ ଧାର୍ମିକ ଓ ସାମାଜିକ କାର୍ଯ୍ୟସମୂହ ସେତେବେଳକୁ ଯଥେଷ୍ଟ ପରିମାଣରେ ବଢ଼ିଯାଇଥାଏ । ଯେଉଁମାନେ ଏହି ଶ୍ରେଷ୍ଠ ଅନୁଷ୍ଠାନଟିକୁ ଗଢ଼ିଥିଲେ ସେମାନେ ଏହାର ସଂପ୍ରସାରଣ ଓ ଅଭିବୃଦ୍ଧି ଲାଗି ଏହାକୁ ରେଜିଷ୍ଟ୍ରିଭୁକ୍ତ ଅନୁଷ୍ଠାନ କରିବାକୁ ମନସ୍ଥ କଲେ । ଏଣୁ ଖ୍ରୀ: ୧୯୦୨ରେ ଏହି ଅନୁଷ୍ଠାନଟି 'ଶ୍ରୀ ନାରାୟଣ ଧର୍ମ ପରିପାଳନ ଯୋଗମ୍' ନାମରେ ନାମିତ ହୋଇ ରେଜିଷ୍ଟ୍ରିଭୁକ୍ତ ହେଲା । ଏଝବ ମାନଂକର ଧାର୍ମିକ, ସାମାଜିକ ଓ ଶିକ୍ଷାଗତ ବିକାଶସାଧନ ଥିଲା ଏହାର ଲକ୍ଷ୍ୟ । ନାରାୟଣ ଗୁରୁ ଥିଲେ ଏହାର ସ୍ଥାୟୀ ସଭାପତି ଓ ମୁଖ୍ୟ ପ୍ରେରଣାଦାତା । ଏହି ଯୋଜନାର ମୁଖ୍ୟ ପରିକଳ୍ପନାକାରୀ ଡ. ପଲ୍ପୁଙ୍କୁ ଏହାର ଉପସଭାପତି ରୂପେ ମନୋନୀତ କରାଯାଇଥିଲା । ସର୍ବସମ୍ମତିକ୍ରମେ ଆସାନ ହେଲେ ଏହାର ସାଧାରଣ ସଂପାଦକ । କର୍ମକର୍ତ୍ତାଭାବେ ଏମାନଂକଠାରୁ ଆଉ କେହି ଯୋଗ୍ୟ ବ୍ୟକ୍ତି ନଥିଲେ । ଅନୁଷ୍ଠାନର ଅଫିସ ତ୍ରିଭାନ୍ଦ୍ରମରେ ଖୋଲିଲା ।

ଆସାନ ଆପଣାକୁ ଏହି କାମରେ ଉତ୍ସର୍ଗ କରି ଦେଲେ । ସେ ସମସ୍ତ ଶକ୍ତି ଓ ସମୟ ଦେଇ କାମ କରିବା ଫଳରେ ଅନୁଷ୍ଠାନ ସବୁଦିଗରେ ଉନ୍ନତି କରି ପାରିଥିଲା । ଏହି ସମୟରେ ଆପଣାର ସର୍ଜନାତ୍ମକ ସାହିତ୍ୟିକ କାର୍ଯ୍ୟ ଲାଗି ତାଙ୍କୁ ଖୁବ୍ କମ୍ ସମୟ ମିଳୁଥିଲା । କ୍ରମେ ଦକ୍ଷିଣରେ କନ୍ୟାକୁମାରୀଠାରୁ ଆରମ୍ଭ କରି ଉତ୍ତରରେ ମାଙ୍ଗାଲୋର ପର୍ଯ୍ୟନ୍ତ ଅନୁଷ୍ଠାନର ବହୁ ଶାଖା ଗଢ଼ି ଉଠିଲା । ଏଝବ ସଂପ୍ରଦାୟର ଜନସାଧାରଣଙ୍କ ଅବସ୍ଥା ଶତାବ୍ଦୀର ପ୍ରାରମ୍ଭରେ କିପରି ଦୁର୍ଦ୍ଦଶାଗ୍ରସ୍ତ ଥିଲା ତାହା ଆଜି ସହଜରେ କଳ୍ପନା କରାଯାଇ ନ ପାରେ । ବିଗତ ଚାରି ପାଞ୍ଚ ଦଶନ୍ଧି ମଧ୍ୟରେ ସେମାନଙ୍କ ଅବସ୍ଥାର ଅଦ୍ଭୁତ ପରିବର୍ତ୍ତନ ହୋଇଯାଇଛି । ଦେଶୀୟ ରାଜ୍ୟମାନଂକର ବିବରଣୀ ପୁସ୍ତକ ଓ ଇତିହାସ ପୁସ୍ତକରେ ଏଝବମାନଂକର ଯେଉଁ ବିବରଣୀ ପ୍ରଦତ୍ତ ହୋଇଛି ତହିଁରୁ ସେମାନଂକ ଅବସ୍ଥା ଯେ କେତେଢ଼େ ଖରାପ ଥିଲା ତାହା ପଢ଼ି ଆଜି ଆମେ

Indian ... 117775

ଅଦୃଶ୍ୟ ହୋଇଯାଉ । ଆପଣା ସଂପ୍ରଦାୟର ନଗ୍ନହୀନ ଅବସ୍ଥାରେ ଗଭୀର ମର୍ମାହତ ହୋଇ ଆସାନ ଏହାର ନବୀକରଣ ଲାଗି ଆପଣାର ସମସ୍ତ ଜୀବନ, ଚିନ୍ତା ଓ କର୍ମ ସମର୍ପଣ କରି ଦେଇଥିଲେ । ଜଣେ ମହାନ୍ ସଂଗଠନକାରୀ ଭାବେ ସଂପ୍ରଦାୟର ଦାବୀ ଓ ତାହାର ଯଥାର୍ଥତା ବିଷୟରେ ସମଗ୍ର ଦେଶବାସୀଙ୍କୁ ଅବହିତ କରାଇ ପାରିଥିଲେ ।

ଏହି ସଂଘ (ଯୋଗମ୍)ର କାର୍ଯ୍ୟ ଧାର୍ମିକ, ସାମାଜିକ ଓ ଶିକ୍ଷାତ୍ମକ ସ୍ତରରେ କେନ୍ଦ୍ରୀଭୂତ ହୋଇଥିଲା । ପ୍ରାରମ୍ଭରୁ ଏହା ରାଜନୈତିକ ବିଷୟ ପ୍ରତି କୌଣସି ଗୁରୁତ୍ୱ ଦେଇ ନଥିଲା । ସର୍ବସାଧାରଣଙ୍କ ଲାଗି ଉନ୍ମୁକ୍ତ ରାସ୍ତାରେ ଯାଆସ କରିବା, ସର୍ବସାଧାରଣଙ୍କ ଅର୍ଥରେ ପରିଚାଳିତ ସ୍କୁଲ୍ କଲେଜ ମାନଙ୍କରେ ପାଠ ପଢ଼ିପାରିବା, ସର୍ବସାଧାରଣଙ୍କ ଅର୍ଥରେ ପରିଚାଳିତ ଦେବାଳୟମାନଙ୍କରେ ଉପାସନା କରିବା ପ୍ରଭୃତି ବିଷୟରେ ଏଝବ ମାନଙ୍କର ଅଧିକାର ହାସଲ ଲାଗି ସଂଘ ଗୁରୁତ୍ୱ ଦେଇଥିଲା । ଅସ୍ପୃଶ୍ୟତା ଭଳି ଏକ ବିଷୟକୁ ଆଧୁନିକ ପ୍ରଗତିଶୀଳ ସମାଜ ସ୍ୱୀକାର କରି ନପାରେ । ଅସ୍ପୃଶ୍ୟ ବିବେଚିତ ହେଉଥିବା ଜଣେ ବ୍ୟକ୍ତି ଖ୍ରୀଷ୍ଟିୟାନ ବା ମୁସଲମାନ ହୋଇଗଲେ ସେ ଆଉ ଅସ୍ପୃଶ୍ୟ ବିବେଚିତ ହେଉନଥିଲା । ସାମାଜିକ ପ୍ରତିଷ୍ଠା ଲାଗି ସଂପ୍ରଦାୟର ସମସ୍ତେ ଧର୍ମାନ୍ତରିତ ହୋଇ ଯାଆନ୍ତୁ ଏହା ଡ. ପଲ୍‌ପୁ ବା ଆସାନ ଚାହୁଁ ନ ଥିଲେ । ଥିୟାମାନେ ସମ୍ମାନର ସହିତ ଥିୟା ହୋଇ ରହନ୍ତୁ, ଏହାହିଁ ଥିଲା ସେ ଦୁହିଁଙ୍କ ମତ । ସଂଘର ୬ଷ୍ଠ ବାର୍ଷିକ ଅଧିବେଶନ ଓ ବିଂଶ ବାର୍ଷିକ ଅଧିବେଶନର ସଭାପତି ଅଭିଭାଷଣ ପ୍ରସଙ୍ଗରେ ଯଥାକ୍ରମେ ଡ଼. ପଲ୍‌ପୁ ଓ ଆସାନ ଏହାହିଁ ବ୍ୟକ୍ତ କରିଥିବା ଜଣାଯାଏ ।

କ୍ରମବର୍ଦ୍ଧିଷ୍ଣୁ ସଂଘର (ଶ୍ରୀ. ନା. ଧ. ପ. ଯୋଗମ୍) ସାଧାରଣ ସଂପାଦକ ଭାବେ ଆସାନଙ୍କୁ ସବୁବେଳେ ଭ୍ରମଣ କାର୍ଯ୍ୟରତ ହେବାକୁ ପଡ଼ୁଥିଲା । ସଂଘର ଶାଖା ପ୍ରତିଷ୍ଠା ଓ ପରିଚାଳନା ସଂକ୍ରାନ୍ତରେ କେରଳ ରାଜ୍ୟର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ତାଙ୍କୁ ଯାଆସ କରିବାକୁ ପଡୁଥିଲା । କେନ୍ଦ୍ର ଅଫିସର ମୁଖ୍ୟ ଭାବେ ତାଙ୍କୁ ବିଭିନ୍ନ ସ୍ଥାନରେ ଭାଷଣ ଦେବାକୁ ଓ ବିବାଦ ନିଷ୍ପତ୍ତି କରିବାକୁ ପଡୁଥିଲା । ଆପଣାର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ଓ ଅଜ୍ଞାନତାରେ ନିମଜ୍ଜିତ ବ୍ୟକ୍ତିମାନଙ୍କୁ ଜାଗ୍ରତ ଓ ସଚେତନ କରାଇବା ଥିଲା ତାଙ୍କର କାର୍ଯ୍ୟ । ସଂପ୍ରଦାୟର ସଂଖ୍ୟାଧିକ ବ୍ୟକ୍ତି ଗତାନୁଗତିକ ବ୍ୟବସ୍ଥାରେ ଏକ ପ୍ରକାର ସନ୍ତୁଷ୍ଟ ଥିଲେ ଓ ପ୍ରଚଳିତ ବିଧାନର ବୈଧତା ସଂପର୍କରେ ଚିନ୍ତାକରୁ ନଥିଲେ । ଜନସାଧାରଣଙ୍କର ଏହି ଜଡ଼ତାକୁ ଭାଙ୍ଗି ସେମାନଙ୍କ ଭିତରେ ଏକ ଶୁଭଂକର ଅସନ୍ତୋଷ ଭାବ ଜାଗ୍ରତ କରାଇବା ଏବଂ ସାମାଜିକ ସମତା ଓ ବିକାଶପ୍ରତି ଅନୁରାଗୀ କରାଇବା ଥିଲା ସଂଘର ସାଧାରଣ ସଂପାଦକଙ୍କର ମୁଖ୍ୟ

କର୍ତ୍ତବ୍ୟ । ଆସାନ ଏହାକୁ ଅପୂର୍ବ ଦକ୍ଷତା ଓ ପ୍ରଶଂସନୀୟ ଧୈର୍ଯ୍ୟର ସହିତ ସଂପାଦନ କରଥିଲେ ।

ଏହା ସାଙ୍ଗକୁ *'ବିବେକୋଦୟମ୍' ନାମକ ଏକ ପତ୍ରିକା ସଂପାଦନ ଓ ମୁଦ୍ରଣର ଦାୟିତ୍ୱ ମଧ୍ୟ ତାଙ୍କୁ ନିର୍ବାହ କରିବାକୁ ପଡ଼ୁଥିଲା । ଏହାକୁ ଲୋକେ 'ଏଝବମାନଙ୍କ ଗେଜେଟ' ବୋଲି କହୁଥିଲେ । ୧୯୦୪ ଏପ୍ରିଲ ମାସରେ ଏହାର ପ୍ରଥମ ସଂଖ୍ୟା ପ୍ରକାଶ ପାଇଥିଲା । ଉଦ୍‌ବୋଧନାତ୍ମକ ଲେଖା, ଶାଖା ଅନୁଷ୍ଠାନ ପ୍ରତି ଉପଦେଶ, ସଂଘ ସଂପର୍କୀୟ ବିବରଣୀ ଏବଂ ବହୁବିଧ ସାହିତ୍ୟିକ ଓ ସାଂସ୍କୃତିକ ବିଷୟ ଏହି ପତ୍ରିକାର ସ୍ତମ୍ଭରେ ପ୍ରକାଶ ପାଉଥିଲା । ବସ୍ତୁତଃ ଏହାଥିଲା ସଂଘର ମୁଖପତ୍ର ଓ ବିଦେଶରୁ ସ୍ୱଦେଶକୁ ଫେରିଥିବା ସମ୍ଭାବନା ସଂପନ୍ନ କବିଙ୍କ ଭାବ ଅଭିବ୍ୟକ୍ତିର ଉପଯୁକ୍ତ ମାଧ୍ୟମ । ଆସାନ ଏହି ପତ୍ରିକା ସହ ସଂପୃକ୍ତ ଥିବା ଯୋଗୁଁହିଁ ଏହା କେବଳ ସଂଘର ଏକ ମୁଖପତ୍ର ଭାବେ ସିମିତ ରହି ପାରି ନଥିଲା । କେରଳର ସାହିତ୍ୟପ୍ରେମୀ ମାନେ ମଧ୍ୟ ଏହି ପତ୍ରିକା ପ୍ରତି ଅନୁରକ୍ତ ଥିଲେ । 'ବିବେକୋଦୟମ୍' ସମାଜ, ସାହିତ୍ୟ ଓ ରାଜନୀତି ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଆପଣାର କର୍ତ୍ତବ୍ୟ ସଂପାଦନ କରୁଥିଲା ଓ ଆସାନଙ୍କ ସଂପାଦନା ଯୋଗୁଁହିଁ ଏହାର ଗୌରବ ଓ ଜନପ୍ରିୟତା ବଢ଼ି ଯାଇଥିଲା । ଏହାର ସଂପାଦକୀୟ ରଚନା ଗୁଡ଼ିକ, ବିଚାରପ୍ରବଣତା ଓ ମନନଶୀଳତା ସଂପନ୍ନ ଗଦ୍ୟ ରଚନା ଭାବେ ସର୍ବୋତ୍କୃଷ୍ଟ ।

ଅନେକ ଏହା ଜାଣି ବିସ୍ମିତ ହେବେ ଯେ ଆସାନ ଦୁଇଟି ଶିଳ୍ପ ପ୍ରଦର୍ଶନୀ, ସଂଘର ବାର୍ଷିକ ଅଧିବେଶନ ସମୟରେ ସଫଳତାର ସହିତ ଆୟୋଜନ କରାଇ ପାରିଥିଲେ । ପ୍ରଥମଟି କୁଇଲନ୍‌ରେ ୧୯୦୪ରେ ସଂଘର ୨ୟ ବାର୍ଷିକ ଅଧିବେଶନ ସମୟରେ ଓ ଅନ୍ୟଟି କାନାନୁରରେ ୧୯୦୭ରେ ଅନୁଷ୍ଠିତ ୪ର୍ଥ ବାର୍ଷିକ ଅଧିବେଶନ ସମୟରେ ହୋଇଥିଲା । ଅବଶ୍ୟ ଏହା ଡ. ପଲ୍‌ପୁଙ୍କ କଳ୍ପନାପ୍ରସୂତ, ମାତ୍ର ଏହାକୁ ଦୂରଦୃଷ୍ଟି ଓ ସଫଳତାର ସହିତ କାର୍ଯ୍ୟରେ ପରିଣତ କରାଇବା ହେଉଛି ଆସାନଙ୍କ କୃତିତ୍ୱ । ସେତେବେଳେ ଏପରି ବିଷୟ ଥିଲା ଅତୀବ ବିରଳ ।

---

* ଆସାନ ଓ ଅନ୍ୟାନ୍ୟ ପରିଚାଳକଙ୍କର ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ଯେ ଅସୀମ ଭକ୍ତି ଥିଲା ତାହା ପତ୍ରିକାର ଏତାଦୃଶ ନାମକରଣରୁହିଁ ସୂଚିତ ହୁଏ ।

# ରୀତି-କାବ୍ୟ

କୁମାରନ୍ ଆସାନଂକଠାରେ କାବ୍ୟକ ସମ୍ଭାବନାର ଯଥେଷ୍ଟ ଲକ୍ଷଣ ପରିଲକ୍ଷିତ ହୋଇଥିଲେହେଁ ପ୍ରଥମ ଶ୍ରେଣୀର କବିଭାବେ ତାଂକର ଉନ୍ମେଷ ବହୁ ବିଳମ୍ବରେ ହୋଇଥିଲା । ଏଥିପାଇଁ ବହୁ କାରଣ ବିଦ୍ୟମାନ । ସେ କଲିକତାରୁ ଫେରିବା ବେଳକୁ ତାଂକର ବୟସ ସତେଇଶ ; ସଙ୍ଗେ ସଙ୍ଗେ ସେ ନାରାୟଣଗୁରୁଂକ ଆଶ୍ରମରେ ଯୋଗ ଦେଇ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ଆପଣାକୁ ନିଯୋଜିତ କରିଦେଲେ । ପ୍ରାୟ ଦୁଇବର୍ଷ ମଧ୍ୟରେ ତାଙ୍କୁ ସଂଘର ସାଧାରଣ ସଂପାଦକଭାବେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିଲା । ପରବର୍ତ୍ତୀ ପାଞ୍ଚ ବର୍ଷ ତାଙ୍କୁ ବିବିଧ ପରିକଳ୍ପନା ଓ ସଂଘର ଦୈନନ୍ଦିନ ପରିଚାଳନାଗତ ବ୍ୟାପାରରେ ଲିପ୍ତ ରହିବାକୁ ପଡ଼ିଥିଲା । ଫଳରେ ସାହିତ୍ୟ ସର୍ଜନାତ୍ମକ କାର୍ଯ୍ୟ ପାଇଁ ତାଙ୍କୁ ଏକ ପ୍ରକାର ଅବସର ବା ଶକ୍ତି ମିଳୁ ନଥିଲା । ଯଥାର୍ଥତଃ ୩୫ ବର୍ଷ ବୟସରେହିଁ ଆସାନଙ୍କ କବିତ୍ୱ ଏକ ନିର୍ଦ୍ଦିଷ୍ଟ ରୂପରେ ଆତ୍ମପ୍ରକାଶ କଲା । ତାଂକ ରଚିତ ଏହି ଗ୍ରନ୍ଥଟି ହେଉଛି 'ଓରୁ ୱୀଣାପୂବୁ' (ଏକ ଭୂପତିତ କୁସୁମ-୧୯୦୮) । ତଥାପି ତାହାଂକ କୈଶୋରିକ କାବ୍ୟୋଦ୍ୟମ ଓ ଏହି ପୂର୍ଣ୍ଣ ବିକଶିତ ଅବସ୍ଥାର ମଧ୍ୟବର୍ତ୍ତୀ ସମୟଟି ସଂପୂର୍ଣ୍ଣ ନିଷ୍ଫଳ ନୁହେଁ । ଏକଥା ସତ ଯେ ତାହାଂକ ଅନୁରାଗ 'କାବ୍ୟସୃଷ୍ଟି' ଓ 'ସଂଗଠନ କାର୍ଯ୍ୟ' ମଧ୍ୟରେ ଦ୍ୱିଧା ବିଭକ୍ତ ହୋଇ ଯାଇଥିଲା ଓ ଏହା ମଧ୍ୟରୁ ସଂପ୍ରଦାୟର ଆହ୍ୱାନହିଁ ତାଙ୍କ ପକ୍ଷେ ମୁଖ୍ୟ ହୋଇ ପଡ଼ିଥିଲା । ତାଙ୍କ ଭିତରେ କାବ୍ୟ-ପ୍ରେରଣା ଲୁକ୍‌କାୟିତ ଥିଲେହେଁ କବିଭାବେ ସେ ପ୍ରସିଦ୍ଧି ଅର୍ଜନ କରି ପାରି ନଥିଲେ । ଏହାର ଅଧିବାସ ତଥାପି ହୋଇ ପାରି ନଥିଲା ।

ସଂଘର ଦାୟିତ୍ୱ ବୋଝ ବହନ କରିବାର ପୂର୍ବରୁ ଦୁଇବର୍ଷ ମଧ୍ୟରେ ସେ ଯେଉଁ କେତେକ ଗ୍ରନ୍ଥ ରଚନା କରିଥିଲେ ତାହା ଉପେକ୍ଷଣୀୟ ନୁହେଁ । ସେ ଗୁଡ଼ିକ ହେଉଛି—

୧ । ସୌନ୍ଦର୍ଯ୍ୟଲହରୀ (ଅନୁବାଦ) —୧୯୦୧

୨ । ଶିବସ୍ତୋତ୍ରମାଳା—୧୯୦୨

୩ । ମେଘସଂଦେଶମ୍ (ଅସଂପୂର୍ଣ୍ଣ ଅନୁବାଦ) —୧୯୦୨

୪ । ବିଚିତ୍ର-ବିଜୟମ୍ (ନାଟକ) —୧୯୦୨

୫ । ପ୍ରବୋଧଚନ୍ଦ୍ରୋଦୟମ୍ (ଅନୁବାଦ) —୧୯୦୨

ପ୍ରଥମ ଓ ପଞ୍ଚମ ଗ୍ରନ୍ଥଦ୍ୱୟ ସଂସ୍କୃତ ସାହିତ୍ୟର ମହାନ କୃତିର ଅନୁବାଦ। 'ବିଚିତ୍ରବିଜୟମ୍' ନାଟକଟି ଏବଂ ସ୍ତୋତ୍ରମାଳା ସୁପରିଚିତ ସଂସ୍କୃତ ନାଟକ ଓ ସ୍ତୋତ୍ର ମାନଙ୍କ ଆଦର୍ଶରେ ପରିକଳ୍ପିତ। ଭାବ ଓ ଆଙ୍ଗିକ ଦୃଷ୍ଟିରୁ ବିଚାରକଲେ ଏହି ରଚନା ଗୁଡ଼ିକ ଅତି ପାରଂପରିକ ରୀତିସମ୍ମତ। ଏହା ତାହାଙ୍କୁ ପଦ୍ୟ ରଚନାରେ ଓ ଏହାର କଳା କୌଶଳ ସମ୍ପର୍କରେ ସୁନ୍ଦର ଭାବେ ଅଭ୍ୟସ୍ତ କରାଇଦେଇଥିଲା। ବିଗତ ଶତାବ୍ଦୀର ଶେଷ ଭାଗରେ କେରଳରେ ଯେଉଁକାବ୍ୟ ରୀତି ପ୍ରଚଳିତ ଥିଲା ତାହାଥିଲା ମୁଖ୍ୟତଃ ସଂସ୍କୃତ ମହାକାବ୍ୟର ଅନୁକରଣାତ୍ମକ। ଏଥିରେ ଆଲଂକାରିକତା ଓ ସଂସ୍କୃତ ଛନ୍ଦ ଅଲଂକାରର ପ୍ରଭାବ ଥିଲା ସର୍ବାଧିକ। ଏହାର ଭାଷା ମଧ୍ୟ ଥିଲା ସଂସ୍କୃତ ଓ ମାଲୟାଲମ୍ ଭାଷାର ଏକ ସମ୍ମିଶ୍ରଣ।

ଦ୍ରୁତ ଧାବନକାରୀଙ୍କୁ ମଧ୍ୟ ପ୍ରଥମେ ଟଳି ଟଳି ପାଦ ପକାଇବାକୁ ପଡ଼ିଥାଏ। କବି ପ୍ରତିଭା ସେହିପରି ଅନୁକରଣ ମଧ୍ୟ ଦେଇ ବିକଶିତ ହୋଇଥାଏ। କେତେକ କବିଙ୍କ ପକ୍ଷେ ଏହି ପ୍ରସ୍ତୁତି ପର୍ବ ସଂକ୍ଷିପ୍ତ ହୋଇଥାଏ ତ କେତେକଙ୍କ ପକ୍ଷେ ଏହାହୁଏ ଦୀର୍ଘତର। ଆଂଶିକ ଭାବେ ଏହା ପରିସ୍ଥିତି ଓ ଆଂଶିକଭାବେ ଏହା କବିଙ୍କ ମାନସିକସ୍ଥିତି ଉପରେ ନିର୍ଭରଶୀଳ। ଯାହାହେଉ କବି ଏକ ନିର୍ଦ୍ଦିଷ୍ଟ ରୀତିରେ କାହିଁକି ଲେଖିଲେ ତାହାର ମର୍ମୋଦ୍‌ଘାଟନ କରିବା ସହଜ ନୁହେଁ। କାରଣ ଏହି ସମ୍ପର୍କୀୟ ଆବଶ୍ୟକ ବିଷୟସମୂହ ଜାଣିବା ସମ୍ଭବ ହୋଇ ପାରେ ନାହିଁ।

ପୂର୍ବୋକ୍ତ ତିନଗୋଟି ଅନୁବାଦକୁ ଉତ୍ତମ ପଦ୍ୟାଭ୍ୟାସ ଭାବେ ଗ୍ରହଣ କରାଯାଇ ପାରେ। ଶିବ ସ୍ତୋତ୍ରମାଳା ୨୧ ପୃଷ୍ଠା ବିଶିଷ୍ଟ ଏକ କ୍ଷୁଦ୍ର ରଚନା। କବି ଲେଖିଥିବା ଏହାର ମୁଖବଂଧଟି ଗୁରୁତ୍ୱପୂର୍ଣ୍ଣ ଓ ମୂଳଶ୍ଳୋକାବଳୀ ସଦୃଶ ଚିତ୍ତାକର୍ଷକ। କବି ଲେଖିଛନ୍ତି—"ଅନ୍ତରରେ ଶାନ୍ତି ଓ ଆନନ୍ଦ ଆନୟନ ଲାଗି ଭକ୍ତିମୂଳକ କବିତା ଓ ସଙ୍ଗୀତଠାରୁ ଉତ୍ତମ ଜିନିଷ ନାହିଁ। ଈଶ୍ୱର ବିଶ୍ୱାସୀ ମାନେ ଦେବାଳୟ ଓ ପ୍ରତିମାଠାରୁ ଯେଉଁ ଆନନ୍ଦ ଓ ଆଶ୍ୱାସନା ପାଇ ନଥାନ୍ତି ତାହା ସେମାନେ ଏଥିରୁ ପାଇଥାନ୍ତି। ଯୁକ୍ତି ଓ ଯଥାଯୋଗ୍ୟ ଉପମା ମାଧ୍ୟମରେ ସେ ଭକ୍ତି କବିତାର ଉପାଦେୟତାକୁ ପାଠକମାନଙ୍କ ନିକଟରେ ଉପସ୍ଥାପିତ କରିଯାଇ ଅଛନ୍ତି। ଭକ୍ତର ମନକୁ ଏହା ନିର୍ମଳ କରାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ପାର୍ଥିବ ଆନନ୍ଦରୁ ଦୂରେଇ ଭଗବତ୍ ଭାବନାର ରହସ୍ୟାନୁଭୂତିରେ ନିମଜ୍ଜିତ କରାଇବାରେ ସହାୟକ।"

ବିଚିତ୍ରବିଜୟମ୍—ଏହି ନାଟକର ପାଣ୍ଡୁଲିପିରୁ ଜଣାଯାଏ ଯେ ଏହାର ରଚନା ୧୯୦୬ ସେପ୍‌ଟେମ୍ବର ୬ ତାରିଖରେ ଆରମ୍ଭ ହୋଇଥିଲା। ମାତ୍ର ଏହା କେବେ ସମାପ୍ତ ହୋଇଥିଲା ତାହା ଏଥିରେ ଲିପିବଦ୍ଧ ହୋଇନାହିଁ। ବସ୍ତୁତଃ ଏହା ସମାପ୍ତ

ହୋଇ ପାରିନାହିଁ । ରଚନାଟି ଅଞ୍ଚଳକ ଜନପ୍ରିୟତା ଅର୍ଜନ କରିଥିଲେହେଁ ଆସାନ ଏହାକୁ ମୁଦ୍ରଣ କରାଇବାରେ ଖୁସି ନଥିଲେ । ତାଙ୍କ କଥାନୁଯାୟୀ ଆମୂଳ ବିଧିବଦ୍ଧ ପରିମାର୍ଜନା ହେଲେହେଁ ଏହା ମୁଦ୍ରଣ ଉପଯୋଗୀ ହୋଇ ପାରିବ । ତାହାଙ୍କ ମୃତ୍ୟୁପରେ ଏହା ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା । ଏହା ଅସମାପ୍ତ ହେଲେହେଁ ଭରତବାକ୍ୟମ୍ ପ୍ରଭୃତ ଉପସଂହାରଗତ ଖଣ୍ଡକୁ ବାଦ୍‌ଦେଲେ, ଏକପ୍ରକାର ସମାପ୍ତ ପ୍ରାୟ । ଏହି ଦୃଷ୍ଟିରୁ ନାଟକଟି ବିଶ୍ୱର ସାପେକ୍ଷ ।

ପାଞ୍ଚଗୋଟି ଅଙ୍କରେ ଏହାର କଥାବସ୍ତୁ ବିସ୍ତାରିତ । ଏକ ପୁରାତନ କାହାଣୀ ଉପରେ ଏହା ଆଧାରିତ । କେଉଁ ସୂତ୍ରରୁ ଏହା ଗୃହୀତ ତାହା ନିର୍ଣ୍ଣୟ କରିବା କଷ୍ଟକର । କାଶୀର ରାଜା ବ୍ରହ୍ମଦତ୍ତ ମଗଧର ରାଜା ଦୀର୍ଘଧୀଙ୍କୁ ପରାଜିତ କରିଦେଲେ । ବହୁ ବର୍ଷ ପରେ ବ୍ରହ୍ମଦତ୍ତ ଜାଣିବାକୁ ପାଇଲେ ଯେ ଦୀର୍ଘଧୀ, ତାଙ୍କ ସ୍ତ୍ରୀ ଓ ପିଲାମାନେ ଛଦ୍ମବେଶରେ କାଶୀର ଏକ କୁମ୍ଭାର ଗ୍ରାମରେ ରହୁଛନ୍ତି । ବ୍ରହ୍ମଦତ୍ତ ଦୀର୍ଘଧୀଙ୍କୁ ହତ୍ୟା କରିବାକୁ ଆଦେଶ ଦେଇଛନ୍ତି । ଦୀର୍ଘଧୀ ଏହା ଜାଣି ପାରିଲେହେଁ ପଳାଇ ଯାଇ ପାରିଲେ ନାହିଁ । ରାତ୍ରିରେ ସୈନ୍ୟମାନେ ଆସି ତାଙ୍କୁ ଆଘାତ କରିଛନ୍ତି । ତାଙ୍କ ଆଖି ଆଗରେ ତାଙ୍କ ସ୍ତ୍ରୀଙ୍କୁ ଅପମାନିତ କରିଛନ୍ତି । ସେମାନେ ରାଜାଙ୍କୁ ନଦୀର ଅପର ପାର୍ଶ୍ୱକୁ ନେଇଯାଇଛନ୍ତି । ପରେ ତାଙ୍କୁ ହତ୍ୟା କରିବା ଲାଗି ଡଙ୍ଗାରେ ନେଇଯାଉଥିବା ବେଳେ ସେ ତାଙ୍କ ସ୍ତ୍ରୀଙ୍କ ମୃତ ଦେହ ନଦୀରେ ଭାସୁଥିବା ଦେଖିଛନ୍ତି । ସେହିସମୟରେ ସ୍ତ୍ରୀ ନଦୀକୁ ଡେଇଁ ପଡ଼ି ଆତ୍ମହତ୍ୟା କରିଛନ୍ତି । ମଗଧରାଜାଙ୍କ ପୁତ୍ର ଦୀର୍ଘବାହୁ ସେତେବେଳେ ତାଙ୍କ ଗୁରୁଙ୍କ ନିକଟରେ ଥିଲେ । ପିତାଙ୍କ ଦୁର୍ଦ୍ଦଶା ବିଷୟ ଶୁଣିବାରୁ ସେ ଧାଇଁ ଆସିଛନ୍ତି । ପିତା ପୁତ୍ରଙ୍କ ସାକ୍ଷାତ ହେଲା । ପିତାଙ୍କର ପୁତ୍ରକୁ ଶେଷ ଉପଦେଶ ହେଉଛି "ଘୃଣ୍ୟ ବ୍ୟକ୍ତିକୁ ଘୃଣା କର ନାହିଁ, ତାକୁ ପ୍ରେମ କର" ମାତ୍ର ପୁତ୍ର ସେତେବେଳେ ଏହି କଥାକୁ ସମର୍ଥନ କରିପାରି ନଥିଲେ ।

କେତେବର୍ଷ ପରେ ଦୀର୍ଘବାହୁ ବ୍ରହ୍ମଦତ୍ତଙ୍କ କନ୍ୟା ମୃଣାଳିନୀର ସଙ୍ଗୀତ ଶିକ୍ଷକ ହୋଇପାରିଛନ୍ତି । ସେ ମୃଣାଳିନୀକୁ ପ୍ରେମ କରନ୍ତି । ମାତ୍ର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ତାହାର ପିତାଙ୍କୁ ହତ୍ୟା କରିବା ଥିଲା ତାଙ୍କର ଅଭିଳାଷ । ଏହି ଦ୍ୱନ୍ଦ୍ୱକୁ କବି ଅତ୍ୟନ୍ତ ଚମତ୍କାର ଭାବରେ ଉପସ୍ଥାପିତ କରିଅଛନ୍ତି । ପ୍ରେମର ଉପସ୍ଥାପନା ମୂଳକ ଦୃଶ୍ୟଟି ଏପରି ଚିତ୍ତାକର୍ଷକ ଯେ ଆଧ୍ୟାତ୍ମ ଜଗତର 'ସନ୍ନ୍ୟାସୀ' ଯେ ଏହା ଲେଖି ପାରନ୍ତି ତାହା ଧାରଣା କରି ହୁଏ ନାହିଁ ।

ପରେ ରାଜା ତାହାଙ୍କର ବିଶ୍ୱାସୀ ରଥଚାଳକଙ୍କୁ ନେଇ ଶିକାର କରିବାକୁ

ଯାଇଥିଲେ । ଏହି ରଥ ଚାଳକ ଥିଲେ ସ୍ୱୟଂ ଦୀର୍ଘବାହୁ । ଦୀର୍ଘବାହୁ ରଥକୁ ଦୂରକୁ ନେଇଗଲେ । ରାଜାଙ୍କ ଅନ୍ୟାନ୍ୟ ଅନୁଗାମୀଗଣ ବର୍ତ୍ତମାନ ବହୁ ଦୂରରେ । ଏହି ସମୟରେ ରାଜା କ୍ଳାନ୍ତବଶତଃ ଆପଣାର ଖଣ୍ଡାଟିକୁ ବିଶ୍ୱସ୍ତ ରଥ ଚାଳକକୁ ଦେଇ ରଥରେ ଶୋଇ ପଡ଼ିଲେ । ପିତୃହତ୍ୟାର ପ୍ରତିଶୋଧ ନେବାର ଏହାହିଁ ଉପଯୁକ୍ତ ସୁଯୋଗ । ଏପରି ସୁଯୋଗ ଆଉ ମିଳିବ ନାହିଁ । ଏହି ଶତ୍ରୁଟିକୁ ମାରିଦେଲେ ତାଙ୍କର ପ୍ରେମିକା ହେବ ପିତୃହୀନା । ଯଦି ସେ ନ ମାରନ୍ତି ତେବେ ସେ ହେବେ ପିତାଙ୍କର ଅଧମ ସନ୍ତାନ । ଏହି ଦ୍ୱନ୍ଦ୍ୱରେ ତାଙ୍କ ହୃଦୟ ବିମଥିତ ହେବାକୁ ଲାଗିଲା । ଅବଶେଷରେ ସେ ଖଡ୍‌ଗ ଉତ୍ତୋଳନ କଲେ । ଏତିକବେଳେ ସେ ଏକ ଶବ୍ଦ ଶୁଣିବାକୁ ପାଇଛନ୍ତି । ଏହା ଥିଲା ପିତାଙ୍କର ସେଇ ଅନ୍ତିମ ଉପଦେଶ । ତାହାଙ୍କ ହାତରୁ ଖଣ୍ଡାଟି ଖସି ପଡ଼ିଛି । ଖଣ୍ଡାର ମୁଠା ରାଜାଙ୍କୁ ସ୍ପର୍ଶ କରିଛି ଓ ତାହାଙ୍କ ନିଦ ଭାଙ୍ଗିଯାଇଛି । ସେ ଦେଖିବାକୁ ପାଇଲେ ଦୀର୍ଘବାହୁ ଆତ୍ମହତ୍ୟା କରିବାକୁ ଉଦ୍ୟତ । ରାଜା ତାଙ୍କୁ ଏଥିରୁ ନିବୃତ୍ତ କଲେ । ସେମାନଙ୍କ ଆଳାପରେହିଁ ଏହାର ସମାଧାନ ହୋଇ ଯାଇଛି ।

ପଞ୍ଚମ ଓ ଶେଷ ଅଙ୍କରେ ଦୀର୍ଘବାହୁ ଓ ମୃଣାଳିନୀଙ୍କ ବିବାହ ହୋଇଛି ଓ ରାଜା ଦୀର୍ଘବାହୁଙ୍କୁ ରାଜ୍ୟ ସମର୍ପଣ କରି ବାନପ୍ରସ୍ଥ ଜୀବନଯାପନ କରିବାକୁ ଯାତ୍ରା କରିଛନ୍ତି । ଏହିପରି 'ବିଚକ୍ଷଣବିଜୟମ୍'ର କଥାବସ୍ତୁ ପରିସମାପ୍ତ । 'ଶାକୁନ୍ତଳମ୍' ନାଟକର ପ୍ରଭାବ ଏଥିରେ ସୁସ୍ପଷ୍ଟ । ଏଥିରେ ସନ୍ନିବିଷ୍ଟ ଶ୍ଳୋକଗୁଡ଼ିକ ସଂସ୍କୃତ ରୀତିରେ ସୁଲିଖିତ । ସଂସ୍କୃତ କାବ୍ୟ ପରଂପରାକୁ ଅନୁସରଣ କରି ନାଟକଟି ଲିଖିତ ହୋଇଥିଲେହେଁ ଏହାର କେତେକ ବୈଶିଷ୍ଟ୍ୟ ଅଛି । ଅରୁଭପୁରମ୍‌ରେ ରହୁଥିବା ସମୟରେ ଆସାନ ଆଉ ଗୋଟିଏ ନାଟକ ରଚନା କରିଥିଲେ । ଏହାର ନାମ 'ମାର୍କଣ୍ଡେୟବିଜୟମ୍' । ଏହି ଅସଂପୂର୍ଣ୍ଣ ନାଟକଟି ଏ ପର୍ଯ୍ୟନ୍ତ ମୁଦ୍ରିତ ହୋଇନାହିଁ ।

ତୃତୀୟ ପରିଚ୍ଛେଦରେ କୁହାଯାଇଛି ଯେ ଆସାନ କଲିକତାରେ ଥିବାବେଳେ ଇଂରାଜୀ ଓ ବଙ୍ଗଳା ସାହିତ୍ୟର ରୋମାଣ୍ଟିକ୍ ଭାବଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ ଓ ଏହି ଦୃଷ୍ଟିରୁ ସେ ଭାଗ୍ୟବାନ୍ । ସେତେବେଳେ ତାଙ୍କୁ ୨୭ ବର୍ଷ ହେବାକୁ ଯାଉଥାଏ । ୩୫ ବର୍ଷ ନ ହେବା ପର୍ଯ୍ୟନ୍ତ ତାଙ୍କ ଭିତରେ ଯଥାର୍ଥ କବି ଆସାନଙ୍କର ଅଭ୍ୟୁଦୟ ହୋଇନଥିଲା । ସେ ବିଶେଷ କିଛି ଲେଖିନଥିଲେ ଓ ଯାହାଲେଖିଥିଲେ ସେ ସବୁ କିପରି ପାରଂପରିକ ରୀତିରେ ଥିଲା ତାହା ଏଠାରେ ଉଲ୍ଲେଖ କରାଗଲା । ସଂଘର କାର୍ଯ୍ୟ କଳାପରେ ବ୍ୟସ୍ତ ବିଜଡ଼ିତ ଥିବା ଯୋଗୁଁ ତାଙ୍କର ଲେଖାଲେଖି ବିଳମ୍ବିତ ହୋଇଥିଲା, କେବଳ ଏତିକି କହି ଦେବାଟା ଯଥେଷ୍ଟ ନୁହେଁ ।

ଆସାନଙ୍କ ମନକୁ ରଜା ପ୍ରଜାପତିର ଫ୍ଲାସ୍କ୍ ଆକୃତି ବିଶିଷ୍ଟ ଖୋସା ସହ ତୁଳନା କରାଯାଇପାରେ । ଏହାର ରୂପ ବିଚିତ୍ର । ଫ୍ଲାସ୍କ୍‌ର ବେକ ପାଖେ ଥିବା ସଂକୀର୍ଣ୍ଣ ଛିଦ୍ର ମଧ୍ୟ ଦେଇ ଏକ ସୁନ୍ଦର ପତଙ୍ଗଟି ବାହାରି ଆସେ । ବନ୍ଦିହୋଇଥିବା ପତଙ୍ଗର ଆକାର ଓ ସଂକୀର୍ଣ୍ଣ ନିର୍ଗମନ ପଥକୁ ତୁଳନା କରି ଆମେ ଆଶ୍ଚର୍ଯ୍ୟ ହୋଇଥାଉ । ସେଇ ସଂକୀର୍ଣ୍ଣ ପଥରେ ଆସିବା ଲାଗି ପତଙ୍ଗକୁ ବହୁତ ଚାପ ସହିବାକୁ ପଡ଼େ ଓ କଷ୍ଟ ସ୍ୱୀକାର କରିବାକୁ ହୁଏ । ଏହାହିଁ ହେଉଛି ପ୍ରକୃତିର ବ୍ୟବସ୍ଥା ; ପାଣି ଦେହରେ ନିଶ୍ରୃତ ସବୁ ଢାଳିଦେବା । ଏହା ସମୟ ସାପେକ୍ଷ । ବର୍ଣ୍ଣୋଜ୍ଜ୍ୱଳ ପକ୍ଷର ବିକାଶ ଲାଗି ଏହା ଏକାନ୍ତ ଆବଶ୍ୟକ । ଯଦି କୃତ୍ରିମ ଉପାୟରେ ଏହାକୁ ଶୀଘ୍ର ବାହାରକରି ଦିଆଯାଏ ତେବେ ପତଙ୍ଗଟି ସ୍ଫୀତାକାରରେହିଁ ବାହାରିବ । ଆସାନଙ୍କ ଭିତରେ ଥିବା ରୋମାଣ୍ଟିକ କବି ପୁରୁଷଟି ମନର ଖୋସା ଭିତରୁ ବାହାରିବା ଲାଗି ସେହିପରି ସମୟ ଲାଗିଥିଲା । ଆନନ୍ଦର ବିଷୟ, ଏହା ଅପରିଣତ ଅବସ୍ଥାରେ ଫୁଲନ୍ତା ଦେହ ନେଇ ଆତ୍ମପ୍ରକାଶ କରିନଥିଲା । ଏହା ଦେଖା ଦେଇଥିଲା ସୁନ୍ଦର ସୁପରିମିତ ରୂପରେ ।

# ଭୂପତିତ କୁସୁମ

ଏକ ସୁନ୍ଦର ରାଜା-ପ୍ରଜାପତି ଖୋଷା ଭିତରୁ ୧୯୦୮ରେ ଆତ୍ମପ୍ରକାଶ କରି କେରଳ ଆକାଶରେ ଘୂରି ବୁଲିଲା । କାବ୍ୟପ୍ରେମୀଗଣ ତାହାର ସୁନ୍ଦର ପକ୍ଷ ସନ୍ଦର୍ଶନ କରି ମୁଗ୍ଧ ହୋଇଗଲେ । 'ଓରୁବୀଣାପୁଭ୍ବ' ( ଏକ-ଭୂପତିତ କୁସୁମ )ର ପ୍ରକାଶ ଆସାନଙ୍କ କବି ଜୀବନର ଉତ୍ତରଣର ସଙ୍କେତ । ୪୧ଟି ଶ୍ଳୋକ ବିଶିଷ୍ଟ ଏହି କ୍ଷୁଦ୍ର କବିତାଟିର ଆତ୍ମପ୍ରକାଶ, ଆଧୁନିକ ମାଲୟାଲମ୍ କବିତା ଇତିହାସରେ ଏକ ମହାନ୍ ଘଟଣା ଭାବେ ବିବେଚିତ ହୁଏ । କାରଣ କବିତାପ୍ରେମୀଙ୍କ ମଧ୍ୟରେ ଏହା ଶୃଙ୍ଖଳ ଖେଳାଇଦେବା ସଙ୍ଗେ ସଙ୍ଗେ କବିତା ରଚନା କ୍ଷେତ୍ରରେ ଏକ ନୂତନ ଆଦର୍ଶ ପ୍ରତିଷ୍ଠା କରିଥିଲା । ବିଶିଷ୍ଟ ଆଲୋଚକ ମୁର୍କୋଥ୍ କୁମାରନ୍‌ଙ୍କ ସମ୍ପାଦିତ 'ମିତବାଦୀ' ନାମକ ଏକ ପତ୍ରିକାରେ ଏହା ସର୍ବପ୍ରଥମେ ପ୍ରକାଶିତ ହୋଇଥିଲା । ଅନତିବିଳମ୍ବରେ ଏହା ସୁପରିଚିତ ସାହିତ୍ୟିକ ସି. ଏସ୍. ସୁବ୍ରମନିଅନ୍ ପୋଟିଙ୍କ ଲିଖିତ ଏକ ଚମତ୍କାର ଉପୋଦ୍‌ଘାତ ସମ୍ବଳିତ ହୋଇ 'ଭାଷା ପୋଷିଣୀ' ନାମକ ପ୍ରଖ୍ୟାତ ମାସିକ ପତ୍ରରେ ପୁନଃ ପ୍ରକାଶିତ ହେଲା । ଏହି ଉପୋଦ୍‌ଘାତରେ ସେ କବିତାର ଶିଳ୍ପ ଓ ଧର୍ମ ସମ୍ପର୍କରେ ଥିବା କେତେକ ଭ୍ରମାତ୍ମକ ଧାରଣା ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ କବିତାଟି ଅନ୍ୟ ଏକ ସ୍ୱୀକୃତି ଅର୍ଜନ କଲା । ସାହିତ୍ୟିକମାନଙ୍କ ପୃଷ୍ଠ-ପୋଷକ ଓ ବିଶିଷ୍ଟ କବି କେରଳ ବର୍ମା ଓ୍ୱଲିୟା କୋଇଲ ଥମ୍ପୁରନ୍ ସେତେବେଳେ ସ୍କୁଲପାଇଁ ପ୍ରସ୍ତୁତ ହେଉଥିବା ପାଠ୍ୟ ପୁସ୍ତକ କମିଟିର ଥିଲେ ସଭାପତି । ସେ ଏହି କବିତାଟିକୁ ପାଠ୍ୟ ପୁସ୍ତକର ଅନ୍ତର୍ଭୁକ୍ତ କରିଥିଲେ । 'ବୀଣାପୁଭ୍ବ'କୁ ସମସ୍ତେ ସ୍ୱାଗତ କଲେ ଓ ଏହାର ଅନ୍ତର୍ନିହିତ ଶକ୍ତି ସମକାଲୀନ ରଚନାକୁ ବିପୁଳ ପରିମାଣରେ ପ୍ରଭାବିତ କରିଥିଲା । ଏଭଳି କବିତାର ରଚୟିତା ବିଶିଷ୍ଟ ସୃଜନ ଶକ୍ତି ସମ୍ପନ୍ନ କବି ଭାବେ ସ୍ୱୀକୃତ ହେବା ସ୍ୱାଭାବିକ । ଆସାନଙ୍କ 'ଭୂପତିତ କୁସୁମ' ଥିଲା ମାଲୟାଲମ୍ କବିତା କ୍ଷେତ୍ରରେ ଏକ ନୂତନ କାବ୍ୟ ସୃଷ୍ଟିର କୁସୁମ ବିକାଶ । ଏହାଥିଲା ଅଳଙ୍କାର ଭାର ମୁକ୍ତ, ସତେଜ ଓ ସ୍ୱର୍ଣ୍ଣାତୁର ।

କୁସୁମ, ତାହା ପୁଣି ଭୂପତିତ, ଏ ସଂପର୍କରେ କବିତା ରଚନାର ଉପସ୍ଥିତ କାରଣ କଣ ? ପ୍ରକୃତରେ କିଛି କାରଣ ଥିଲା କି ? ଏ ବିଷୟରେ ଆମେ ନିଶ୍ଚିତ ଭାବେ କିଛି କହି ପାରିବୁ ନାହିଁ । ଅନେକ ସମୟରେ କବିତା ସୃଷ୍ଟିପାଇଁ ପରିସ୍ଥିତିର

ପ୍ରଭାବ ହୁଏ ଗୁରୁତ୍ୱପୂର୍ଣ୍ଣ । ଆସାନ ଯେତେବେଳେ ବିଶେଷ କାର୍ଯ୍ୟ ଉପଲକ୍ଷେ ବାଧ୍ୟ-ହୋଇ ଘରଠାରୁ ଦୂରରେ ଥିଲେ ସେତିକବେଳେ ଏଇ କବିତାଟି ରଚିତ ହୋଇ-ଥିଲା । କବିତା ସମ୍ପର୍କରେ ସଂକ୍ଷିପ୍ତ ଟିପ୍ପଣୀ ଦେଇ କବି ଲେଖିଥିଲେ । ଏମ. ଇ. ୧୦୮୩ ବ୍ରିସିଗୋମ୍ ମାସ (୧୯୦୮)ରେ ପାଲଘାଟରେ ତାଙ୍କୁ ବାଧ୍ୟ ହୋଇ ଅଟକି ରହିବାକୁ ପଡ଼ିଥିଲା । ସେତିକବେଳେ ଏହା ଲିଖିତ । କାହିଁକି ତାଙ୍କୁ ସେଠାରେ ଅଟକି ରହିବାକୁ ପଡ଼ିଥିଲା ତାହା 'ବିବେକୋଦୟମ୍'ରେ ବିଶେଷ ଭାବରେ ପ୍ରକାଶିତ ତାହାଙ୍କ ନୋଟ୍‌ରୁ ଜାଣିହୁଏ । ନାରାୟଣ ଗୁରୁ କୁମାରନ୍ ଆସାନଙ୍କୁ ସାଙ୍ଗରେ ନେଇ କାଲିକଟ୍ ଯାଉଥିଲେ । ସେଠାରେ ଏକ ଶିବମନ୍ଦିର ପ୍ରତିଷ୍ଠା ଥିଲା ତାଙ୍କର ମୁଖ୍ୟ ଅଭିପ୍ରାୟ । ବାଟରେ ସେମାନେ ଏର୍ଣ୍ଣାକୁଲମ୍‌ରେ ଥିବା ସମୟରେ ଗୁରୁ ହଇଜାରେ ଆକ୍ରାନ୍ତ ହୋଇ ପଡ଼ିଲେ । ହଠାତ୍ ଅବସ୍ଥା ଗୁରୁତର ହୋଇ ପଡ଼ିଲା । ସେମାନଙ୍କ ସାଙ୍ଗରେ ଯାଉଥିବା ଜଣେ ଶିଷ୍ୟ ସେଇ ରୋଗରେ ମରିଗଲେ । କେତେ-ଦିନ ପର୍ଯ୍ୟନ୍ତ ସ୍ୱାମୀଙ୍କ ଅବସ୍ଥା ମଧ୍ୟ ସାଂଘାତିକ ହୋଇ ରହିଲା । ଘଟଣାକ୍ରମେ ପାଲଘାଟର ଜଣେ ଡାକ୍ତର ଡ. କିଷ୍ଟନଙ୍କ ଡାକ୍ତରଖାନାକୁ ତାଙ୍କୁ ନିଆଗଲା ଓ ଆବଶ୍ୟକ ଚିକିତ୍ସା ଓ ଯତ୍ନଯୋଗୁ ତାଂକ ଅବସ୍ଥା କ୍ରମେ ଭଲ ଆଡ଼କୁ ଗତିକଲା । ସେହି ଡାକ୍ତରଖାନା ଘରର ଗୃହପାଖେ ଥିଲା ନାନାପ୍ରକାର ଫୁଲର ଗଛ । ଗୁରୁଙ୍କ ଅବସ୍ଥା ଓ ଭୂପତିତ ଫୁଲମାନଙ୍କୁ ଦେଖି କବିଙ୍କ ମନରେ ଏକ ଅପୂର୍ବ (ସୃଷ୍ଟିର) କାବ୍ୟ ପ୍ରେରଣା ଜାତ ହୋଇଥିବା ସୁନିଶ୍ଚିତ । ଆସାନଙ୍କ ମନରେ କଣ ସଂଘଟିତ ହୋଇଥିଲା ସେ ବିଷୟ ଅନୁମାନ କରିବା କଷ୍ଟକର । ମାତ୍ର ଦୁଇଟି ବିଷୟରେ ଆମେ ସୁନିଶ୍ଚିତ । ପ୍ରଥମତଃ ଆସାନଙ୍କ ସହ ଗୁରୁଙ୍କ ସଂପର୍କ ଥିଲା ଅତୀବ ଘନିଷ୍ଠ ଓ ସେତେବେଳେ ଗୁରୁଙ୍କ ଅବସ୍ଥା ଜୀବନ ଓ ମୃତ୍ୟୁ ମଧ୍ୟରେ ଦୋଦୁଲ୍ୟମାନ ହେଉ-ଥିଲା । ଦ୍ୱିତୀୟତଃ କବିତାଟି ସେତିକବେଳେ ଲେଖା ହୋଇଥିଲା, ଯେତେବେଳେ କବି ଗଭୀର ବ୍ୟଥା ଓ ଉତ୍କଣ୍ଠାରେ ଆତୁର ହୋଇ ପଡ଼ିଥିଲେ ।

କବିତାଟି କେଉଁ ଧରଣର ? ଏହି ପାର୍ଥିବ ଜୀବନ ଓ ତାହା ପରବର୍ତ୍ତୀ ବିଷୟକୁ ନେଇ କଣ ଏହା ଲିଖିତ ? ସବୁ ଭାଷାରେ ଫୁଲ ସଂପର୍କରେ ବହୁ କବିତା ରଚିତ ହୋଇଛି । ଫୁଲର ମାଦକତାକୁ ଅନୁଭବ କରି ନଥିବ ଓ ଫୁଲ ବିଷୟରେ କବିତା ଲେଖି ନଥିବ ଏପରି ଜଣେ କବି ପାଇବା କଷ୍ଟକର । କାବ୍ୟ ଉପାଦାନ ଭାବେ ଏହା ବହୁଳ ଭାବେ ବ୍ୟବହୃତ । ମାତ୍ର କର୍ଦ୍ଦମରେ ବିଲୁଣ୍ଠିତ ଓ ବିସ୍ମୃତ ହେବାକୁ ବସିଥିବା ଏକ ଭୂପତିତ କୁସୁମ କବିତା ଲାଗି ଏକ ଉପଯୁକ୍ତ ବିଷୟ । ଏକ ଭୂପତିତ କୁସୁମ ସଂପର୍କରେ ଭାବିବାକୁ ଯାଇ ଆସାନ ସମଗ୍ର ମାନବ ଜୀବନକୁ ଏହା ସହ ସଂଯୁକ୍ତ କରି ଅଛନ୍ତି । ଶୋକ ଗୀତର ବହୁ ଉପାଦାନ

ଏଥିରେ ନିହିତ । ଗୁରୁଙ୍କ ଅବସ୍ଥା ଯେ ତାଙ୍କୁ ଏପରି ଭାବନାଯୁକ୍ତ କରିଥିଲା ଏହା ବିଶ୍ୱାସଯୋଗ୍ୟ ମନେହୁଏ । ଏହି ଭାବନାହିଁ ଏକ ସୁନ୍ଦର କବିତା ରୂପେ ଆତ୍ମପ୍ରକାଶ କରିଛି । 'ବୀଣାପୂଭୁ' ଜଣେ ବ୍ୟକ୍ତିବିଶେଷର ଶୋକଗୀତ ନୁହେଁ—ଏହା ସମସ୍ତଙ୍କର ଶୋକଗୀତ । କାରଣ ଏହା ଏକ ପ୍ରତୀକାତ୍ମକ ଶୋକଗୀତ ।

ରୀତିସମ୍ମତ କାବ୍ୟ ସଂପର୍କରେ ପୂର୍ବରୁ ଯତ୍‌ସାମାନ୍ୟ ଉଲ୍ଲେଖ କରାଯାଇଛି । କେରଳର ୧୯ଶ ଶତାବ୍ଦୀର ବିଶିଷ୍ଟ କବିଗଣ ସଂସ୍କୃତ ଆଦର୍ଶରେ ମହାକାବ୍ୟ ରଚନାକୁ କାବ୍ୟ ସୃଷ୍ଟିର ଅପରିହାର୍ଯ୍ୟ ଅଂଗ ବିବେଚନା କରୁଥିଲେ । ବିଂଶ ଶତାବ୍ଦୀର ୨ୟ ଦଶକ ପର୍ଯ୍ୟନ୍ତ ଏହି ରୀତି ପ୍ରାୟ ଚାଲି ଆସିଥିଲା । ଏହି ରଚନା-ମାନଙ୍କର ସର୍ଗର ସଂଖ୍ୟା, ବର୍ଣ୍ଣନୀୟ ବିଷୟ, ବିବିଧ ଛନ୍ଦ ଓ ଅଲଙ୍କାରର ନିୟୋଜନ ପ୍ରଭୃତି ବାହ୍ୟ ଉପାଦାନକୁ ଗୁରୁତ୍ୱ ଦିଆଯାଉଥିଲା । ଏହି ବାହ୍ୟ ବିଷୟକୁ ନେଇ କବିମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା ଓ ଏହା ଫଳରେ ସେମାନେ କାବ୍ୟର ଆତ୍ମାକୁ ଭୁଲି ଯାଉଥିଲେ । ମାଲୟାଲମ୍ କାବ୍ୟ କବିତା ଏହିପରି ନବ୍ୟ ମହାକାବ୍ୟ ଧାରାରେ ସ୍ଥାଣୁତ୍ୱ ଲାଭ କରିଥିବା ସମୟରେ ଆସାନ ତାହାଙ୍କ ରୋମାଣ୍ଟିକ କବିତା ସହ ଆବିର୍ଭୂତ ହେଲେ । ତାହାଙ୍କ କବିତାରେ ଅନ୍ୟାନ୍ୟ ବିଷୟ ଅପେକ୍ଷା ଭାବର ଆଧିପତ୍ୟ ପ୍ରକଟିତ ହେଲା । ପାଶ୍ଚାତ୍ୟ କବିତାର ପ୍ରଭାବ କ୍ରମେ ଆସାନଙ୍କ କବି ମାନସରେ ଏହି ସଚେତନତା ସୃଷ୍ଟି ହୋଇ ପାରିଥିଲା ।

ଏଥିରୁ କେହି ଯେପରି ମନେ ନ କରନ୍ତୁ ଯେ 'ବୀଣାପୂଭୁ' ଆତ୍ମପ୍ରକାଶ କରିବା ପୂର୍ବରୁ ମାଲୟାଲମ୍‌ରେ ପାଶ୍ଚାତ୍ୟ ପ୍ରଭାବ ସମ୍ବଳିତ କବିତାର ନିଦର୍ଶନ ନଥିଲା । ଅଳ୍ପ କେତେକ କବିତା, ବିଶେଷତଃ ଶୋକ ଗୀତର କବିତା ମାଲୟାଲମ୍ ପାଠକ ପଢ଼ିବାକୁ ପାଇ ମୁଗ୍ଧ ହୋଇଥିଲେ । ମାତ୍ର ଯଥାର୍ଥତା ଗୀତିକବିତାର ଉଚ୍ଛ୍ୱାସ 'ଭୂପତିତ କୁସୁମ' ପ୍ରକାଶିତ ହେବା ପରେହିଁ ପରିଲକ୍ଷିତ ହୋଇଥିଲା । ସମକାଳୀନ ସୁପ୍ରସିଦ୍ଧ କବି ଭଲ୍ଲୁର ଏସ୍. ପରମେଶ୍ୱର ଆୟାରଙ୍କ ଉକ୍ତିରୁ ଏହାର ଯଥାର୍ଥ ସାକ୍ଷ୍ୟ ମିଳିଥାଏ ।※

"ବୀଣାପୂଭୁ" ମାଲୟାଲମ୍ କବିତା କ୍ଷେତ୍ରରେ ଯେଉଁ ପଥ ପ୍ରସ୍ତୁତ କରିଥିଲା ତାହା ଥିଲା ସ୍ୱତନ୍ତ୍ର । ପାଶ୍ଚାତ୍ୟ ସାହିତ୍ୟରେ ସୁପ୍ରବୀଣ ବହୁ ବ୍ୟକ୍ତି, ତାହାଙ୍କ ପୂର୍ବରୁ କବିତା

※ ଭଲ୍ଲୁର ଏସ. ପରମେଶ୍ୱର ଆୟାର (୧୮୭୭-୧୯୪୯) ତାହାଙ୍କ ସୁପରିଚିତ ମାଲୟାଲମ୍ ସାହିତ୍ୟର ଇତିହାସ" କେରଳ ଭାଷା, ସାହିତ୍ୟ ଚରିତମ୍"ରେ କୁମାରନ୍ ଆସାନ ଓ ତାହାଙ୍କ ରଚନାବଳୀ ସପର୍କରେ ଏହା ଲେଖିଅଛନ୍ତି ।

ରଚନା କରିଛନ୍ତି । ମାତ୍ର କଥାବସ୍ତୁ ଓ ବର୍ଣ୍ଣନାକୁ ପାଶ୍ଚାତ୍ୟ ଶୈଳୀରେ ଉପସ୍ଥାପିତ କରାଇବାରେ ଆସାନ ହେଉଛନ୍ତି ପ୍ରଥମ କବି । ସାହିତ୍ୟ-ଗଗନରେ 'ବୀଣାପୂଭୂ' ହେଉଛି ଏକ ଅତୁଳନୀୟ ସମୁଜ୍ଜ୍ୱଳ ନକ୍ଷତ୍ର ।

ଏହି କ୍ଷୁଦ୍ର କବିତାଟି କପରି ମାଲୟାଲମ୍ କବିତାକ୍ଷେତ୍ରରେ ନୂତନ ଯୁଗ ଆନୟନ କରିଥିଲା ସେ ସମ୍ପର୍କରେ କେତୋଟି ରଚନା ଓ ପୁସ୍ତକ ପ୍ରକାଶ ପାଇଛି । ଏହି କବିତାର କେତୋଟି ସ୍ତବକ ଆମେ ଏବେ ବିଚାରକୁ ନେଇପାରୁ ।

କବି ଏକ ଭୂପତିତ କୁସୁମକୁ ଦେଖି ଏହାର ଜୀବନର ବିଭିନ୍ନ ପର୍ଯ୍ୟାୟକୁ କଳନା କରିଛନ୍ତି । ଏହାର ପ୍ରତ୍ୟେକଟି ସ୍ତବକ ଓ ପ୍ରତ୍ୟେକଟି ଶବ୍ଦ କେବଳ ଇଭିଦର ଭାଗ୍ୟ ପରିବର୍ତ୍ତନର ନୁହେଁ ପରନ୍ତୁ ମାନବ ଜୀବନର ସୂଚକ ।

''ଆହା କେଡ଼େ କମନୀୟ ହେ କୁସୁମ
ଉଚ୍ଚେ ତୁହି ଶୋଭୁଥିଲୁ ରାଜରାଣୀ ସମ
କେଡ଼େ ଶୋଚନୀୟ ଏବେ
ଲୋଟୁଅଛୁ ଧରାର ଧୂଳିରେ
ବିଚ୍ୟୁତ ହୋଇଛୁ ପୁଣି ବୃନ୍ତରୁ ତୋହର
ଅସ୍ଥିର ଏ ଭବେ ଭାଗ୍ୟ
. ନଶ୍ୱର ଅଟଇ ପୁଣି ରୂପର ମାଧୁରୀ ।'' ✻✻

ଫୁଲର ଶୈଶବକୁ କବି ଲକ୍ଷ୍ୟ କରି ଲେଖିଛନ୍ତି—
ଲତିକା ଜନମ ଦେଲା ସଯତନେ ତୋତେ
ପାଳିଲା ଆଦରେ ପୁଣି
ପଲ୍ଲବର ସୁକୋମଳ ବକ୍ଷ ଆବରଣେ
ଏତେ ପ୍ରେମ ଭରେ
ଝୁଲାଇ ମୃଦୁଳେ ପୁଣି ପବ ସଞ୍ଚଳନେ
ଉପରେ ଉଠାଇ ପୁଣି ତଳକୁ ପକାଇ
ଅସ୍ଫୁଟେ ଗାଇଣ ତାର ଶିଶୁଭୁଲା ଗୀତ ।''

---

✻✻ 'ବୀଣାପୂଭୂ'ର ଇଂରାଜୀ ଉଦ୍ଧୃତିଗୁଡ଼ିକ ନଂଟଜରା ଈଶ୍ୱରନ୍‌ଙ୍କ ଅନୁବାଦରୁ ଗୃହୀତ ।

ଏଇ ଶ୍ରେଷ୍ଠ ଶିଶୁଟି ବଢ଼ି ପ୍ରାପ୍ତବୟସ୍କ ହୋଇଥିଲି—

"ବିକାଶି ଏସନେ ତୋର ରଂଗେ ଦେଲି ଦେଖା
ଶୋଭାର ସଂପଦରାଶି ନାହିଁ ଯା ତୁଳନା
ଧୀରେ ବଦଳିଲା ତୋର ବଦନର ଆଭା
ଦୀପ୍ତ ହେଲା ତୋର ଗଣ୍ଡଦେଶ
ହେ କୁସୁମ, ଲଭି ଏକ ନବୀନ ଆଲୋକେ
ତହିଁରେ ଫୁଟିଲା ପୁଣି ନବଜାତ ସ୍ମିତହାସ୍ୟରେଖା ।"

କବିତାର ପ୍ରାରମ୍ଭରୁ ଶିଶୀର ସ୍ମିତହାସ୍ୟରୁ ଆରମ୍ଭ କରି କୁସୁମଟି ନାରୀ ରୂପରେହିଁ ପରିକଳ୍ପିତ । ଦୁଗ୍ଧ-ଶୁଭ୍ର ଚନ୍ଦ୍ରାଲୋକରେ ଅବଗାହନ କରି ନିବେଦିତ ଉଷ୍ମ ସୂର୍ଯ୍ୟାଲୋକରେ ନୃତ୍ୟ କରି ମୁକୁଳଟିର ଶୈଶବ ଅତିବାହିତ ହେଲା । ଏହାପରେ ତାହାର ମୁଖରେ ଦେଖାଦେଲା ତାରୁଣ୍ୟର ଅରୁଣିମା । ତା'ର ଆକର୍ଷଣ ଥିଲା କିପରି ? କବିଙ୍କ ଭାଷାରେ ଏହା ଥିଲା ଦୁର୍ନିମମମନୀୟ ।

"ହୋଇଥିଲେ ଆତ୍ମତ୍ୟାଗୀ ସନ୍ନ୍ୟାସୀ ସେ ଏକ
ଅବା ଭୀରୁ, ଶତ୍ରୁଠାରୁ ଯିଏ ପଳାୟିତ ।
ଯିଏ ହୋଇଥିଲେ ସେହୁ ଯଦି ଚକ୍ଷୁଷ୍ମାନ
ରହିବେ ସେମାନେ ରହିଁ ତାହାକୁ ଘଡ଼ିଏ
ତାର ପୂର୍ଣ୍ଣ ବିକଶିତ ରୂପଶ୍ରୀ ବିଲୋକି ।"

ଏପରି ଆକର୍ଷଣୀୟ ରୂପସଂପନ୍ନା ନବ ତରୁଣୀ ବହୁ ପ୍ରେମିକଙ୍କୁ ପ୍ରଲୁବ୍ଧ କରିଛି । ଅନେକେ ତାର ପାଣିଗ୍ରହଣ କରିବାକୁ ଅଭିଳାଷୀ ହେଲେ । ମାତ୍ର ସେ ସମସ୍ତଙ୍କୁ ପ୍ରତ୍ୟାଖ୍ୟାନ କରି ଏକ କୃଷ୍ଣକାୟ ଭ୍ରମରକୁହିଁ ନିର୍ବାଚନ କଲା । ସେଇ ପ୍ରେମିକଟି ଏବେ ତାର ପ୍ରେମିକାର ମୃତ ଦେହ ଚାରିପଟେ ଘୂରିବୁଲୁଛି ଓ କରୁଣ କ୍ରନ୍ଦନ କରୁଛି—

"ଜଣକୁ ମୁଁ ଅରପିଛି ଏ ମୋର ଦେହକୁ
ସବୁ ଦିନ ଲାଗି, ଏହି କଥା କହି
ଅନ୍ୟ ପ୍ରେମିକଙ୍କୁ ତୁମେ ଦେଇଛ ଫେରାଇ ।
ଭୁଲିଯାଅ ନାହିଁ 'ମୋତେ' ଆଗୋ ପ୍ରିୟତମା
କହୁଥିଲା ଏହି କଥା ଭ୍ରମର କି ସତେ !"

ଓଷ୍ଠାଧର ସ୍ପର୍ଶ କରିବା ପୂର୍ବରୁ ମଦ୍ୟ ପାତ୍ରଟିକୁ କିଏ ଯେପରି ଦୂରେଇ ନେଲା । ପ୍ରେମ ଯେପରି ଅପୂର୍ବ ଆନନ୍ଦର ଉତ୍ସ ସେହିପରି ପ୍ରଚଣ୍ଡ ଦୁଃଖର । ଯଥାଯୋଗ୍ୟ

ପ୍ରତିଦାନ ନପାଇଲେ ପ୍ରେମ ଆଣେ ବ୍ୟର୍ଥତା ଓ ନୈରାଶ୍ୟ । ଏଇ ଦେବାନେବା ସତ୍ତ୍ୱେ ଜୀବନକୁ ସମୁଦ୍‌ଭାସିତ କରାଇବାରେ ପ୍ରେମ ଭଳି ଜିନଷ ଜଗତରେ ଆଉ ନାହିଁ । ଜୀବନର ସର୍ବପ୍ରଧାନ ଶତ୍ରୁ ହେଉଛି ମୃତ୍ୟୁ ।

'ଆହା ମୋର ପ୍ରାଣର କୁସୁମ
ମରଣ ରଖିଛି ଏବେ
ତୁମ ପରେ ହସ୍ତ ତାର ନିଷ୍ଠୁର ଶୀତଳ
ସ୍ତବ୍ଧ ତୁମ ସୁରଭି ନିଃଶ୍ୱାସ
ଅରଣ୍ୟେ ଶବର ଯଥା ଗୃଧ୍ରେ ଆଦରଇ
ଅବା ହତ୍ୟା କରେ ନିରୀହ କପୋତ ।'

ପୁଷ୍ପଟି ପ୍ରକୃତିର ସନ୍ତାନ । ମୃତ୍ୟୁ ତା ଉପରେ ନିଷ୍ଠୁର ହାତ ରଖିବାରୁ ସମସ୍ତ ପ୍ରକୃତି ଏହି ଦୁଃଖରେ କାତର ହୋଇ ପଡ଼ିଛି ।

'ତନ୍ତୁଁ କ୍ଷୁଦ୍ର ଊର୍ଣ୍ଣନାଭ ବିରଚିଲେ
ଶୁଭ୍ର ସୂକ୍ଷ୍ମ ରେଶମ ବସନର ତୁମ ଶେଷ ଆବରଣ ଲାଗି
ଉଷା ତାର ସୁକୋମଳ କରେ ବିମଣ୍ଡିଲା
(ମରଣେ ବି ସୁମହତ ଦେହ)
ନିହାର ମୁକୁତା ମାଳେ ଶିର ତୁମ ନାହିଁ ଯା ତୁଳନା
ତୁମର ପତନେ ହୋଇ ତାରାଗଣ ବେଦନା ବିହ୍ୱଳ
ଚାହୁଁଥିଲେ ଶିଶିର-ଲୋତକ
ପାଦପର ପଲ୍ଲବ ଗହନୁ
କପୋତର ଅବିରତ ବିକଳ କ୍ରନ୍ଦନ
ଭାସି ଆସୁଥିଲା ପୁଣି ଏଇ ଧରଣୀକୁ ।'

କବି ଏହାପରେ ଗଭୀର ଦୁଃଖର ବର୍ଣ୍ଣନା ସ୍ୱରୂପ ଲେଖିଛନ୍ତି—

"କାହିଁକି ହେଲ ବା ତୁମେ ଏତେ ତୁଚ୍ଛ ମନ୍ତ
ଏତେ ପୁଣି ସୁଗୁଣ ମଣ୍ଡିତା
କାହିଁକି ହେଲ ବା ପୁଣି ଦୁର୍ଦ୍ଦଶା ପୀଡ଼ିତ ?
କିଏ ସେ କହିବ ଅବା ସୃଷ୍ଟିର ଏ ରହସ୍ୟ ନିଗୂଢ଼
ସୁମହତ ଅବିଳମ୍ବେ ଲଭଇ ମରଣ ।"

ଏହିପରି ବହୁବିଧ ପ୍ରଶ୍ନ କବିଙ୍କ ମନରେ ଜାତ ହୋଇଛି । ଉପଯୁକ୍ତ ଉତ୍ତର ନପାଇ ସେ ମନକୁ ପ୍ରବୋଧ ଦେଇଛନ୍ତି—

‘ଶୋକେ ବିହ୍ୱଳିତ ହେବା ନିଷ୍ଫଳ କେବଳ
ଦୁର୍ଭାଗ୍ୟ ନାଶଇ ସବୁ ସୁଖ ଏ ଜଗତେ
ଏ ଶରୀରେ ଅଛି ଯେଉଁ ଆତ୍ମା ଅବିନାଶୀ
ଧରଇ ସେ ଭିନ୍ନ ରୂପ
ଅନନ୍ତ ଶକତି ବଳେ ବିଶ୍ୱ ବିଧାତାର ।’

ଆପଣ କଣ ନୈରାଶ୍ୟବାଦୀ ? କବିତାଟି କପରି ଶେଷ ହୋଇଛି ? ଏହାର ପରିଣତି କଣ ନୈରାଶ୍ୟରେ ?

‘ସଜଳ ନୟନ ପତା ଢାଙ୍କି ଦେଇ ନୟନ ଯୁଗଳ
ଭୂତଳେ ଝାଉଁଳି ପଡ଼େ ଯେଣୁ ଏକ ବିକଚକୁସୁମ
ମିଶିବ ଧୂଳିରେ ସେହି ଶେଷେ ପୁଣି ପର୍ଯ୍ୟୁଷିତ ହୋଇ
ଭାଗ୍ୟଲିପି ଏହାହିଁ ସବୁରି
କି ହେବ ଲୋତକ ଢାଳି ?
ହାୟ ଏହି ମାନବ ଜୀବନ
ଖାଲି ଏକ ସ୍ୱପ୍ନହିଁ କେବଳ ।’

ଏକଥା ସତ ଯେ ସମଗ୍ର କବିତାଟିର ‘ଭାବନା ଓ ଅନୁଭବ’ ବେଦନାସିକ୍ତ । କବିତାର ପ୍ରଥମ ଓ ଶେଷ ଶବ୍ଦ ହେଉଛି ‘ହାୟ’ରେ ; କବିତାର ଭାବ କରୁଣ ରସ-ପ୍ରଧାନ । ଏହା ମଧ୍ୟ ସତ୍ୟ ଯେ ଏହି ବିଷାଦାତ୍ମକ ପରିବେଶରେ ଆପଣ ଜୀବନକୁ ଏକ ସ୍ୱପ୍ନ ଭାବେ ବିବେଚନା କରିଛନ୍ତି । ମାତ୍ର ଏହି ସ୍ୱପ୍ନ ନିଷ୍ଫଳ ନୁହେଁ ; ଏହା ଅର୍ଥପୂର୍ଣ୍ଣ ଓ ଏହାର ପରିଣତି ମଧ୍ୟ ରହିଛି । ପାର୍ଥିବ ସ୍ଥିତିର ଅବସାନ ସଙ୍ଗେ ଫୁଲର ଜୀବନ ନିଃଶେଷ ହୋଇଯାଏ ନାହିଁ ।

ଧୀରେ ହୁଏ ଯେ ତାରକା ଅସ୍ତମିତ ପଶ୍ଚିମ ସାଗରେ
ସେ ପୁଣି ଉଦିତ ହୁଏ ପୂର୍ବାଚଳଗିରେ
ଅତି ଶୁଭ୍ର ସମୁଜ୍ଜ୍ୱଳ ଆନନ୍ଦ ଉଲ୍ଲାସେ
ହେ କୁସୁମ, ତୁମେ ସେହିପରି ମେରୁର ଉରସେ
ବିକଶିତ ହେବ ପୁଣି ‘କଳ୍ପକ ଶାଖାରେ’ ।

କବି କୁସୁମର ଏକ ଗୌରବମୟ ଭବିଷ୍ୟତ ଦୂରଦୃଷ୍ଟିର ସହିତ କଳ୍ପନା କରିଥିଲେ । ଏଣୁ ଆପଣଙ୍କୁ ବିଷାଦବାଦୀ କହିବା ଯୁକ୍ତିଯୁକ୍ତ ନୁହେଁ ।

ବିଷାଦ ଭାବନାରୁ କବିଙ୍କ ଦୃଷ୍ଟିକୋଣ ବିଷାଦବାଦୀ, ଏହା ନିଶ୍ଚିତ ଭାବେ କୁହାଯାଇ ନପାରେ । ଆମେ ଯେଉଁ ଜଗତରେ ବାସକରୁ ତାହା ଏକାଧାରରେ ଆନନ୍ଦ ଓ ବିଷାଦର; ଏହା ଆମକୁ ସ୍ୱୀକାର କରିବାକୁହିଁ ପଡ଼ିବ । ମାତ୍ର ଆନନ୍ଦ ପରିବର୍ତ୍ତେ ବିଷାଦହିଁ ଜୀବନକୁ ଗଭୀର ଭାବେ ବୁଝିବାରେ ଆମକୁ ସହାୟତା କରିଥାଏ, ଉପସ୍ଥିତ ଜୀବନ ଓ ଏହାର ପରବର୍ତ୍ତୀ ପର୍ଯ୍ୟାୟ ସହ ଆମକୁ ସଂପୃକ୍ତ କରିଦିଏ । ଆସାନ ଏହାକୁ ଯେ ଉତ୍ତମ ରୂପେ ହୃଦୟଙ୍ଗମ କରିଥିଲେ ତାହା ତାହାଙ୍କ ବୀଣାପୂଭୁ ଓ ତାହାର ପରବର୍ତ୍ତୀ କବିତାରୁ ଜଣାଯାଏ ।

ଆସାନଙ୍କ କାବ୍ୟକୃତି ମଧ୍ୟରେ ବୀଣାପୂଭୁ ଶୀର୍ଷସ୍ଥାନ ଦାବୀକରେ । ଏଥିରୁ କବିଙ୍କର ଅନନ୍ୟ ବ୍ୟକ୍ତିତ୍ୱର ପରିଚୟ ମିଳେ । ତାହାଙ୍କ ପରବର୍ତ୍ତୀ ରଚନା ଏହି ବ୍ୟକ୍ତିତ୍ୱର ବିକଶିତ ରୂପ ମାତ୍ର । ଆମେ ଦେଖିଛୁ 'ଭୂପତିତ କୁସୁମ' କେବଳ ଏକ ଫୁଲ ନୁହେଁ ଏହା ଏକ ପ୍ରତୀକ ଓ ତହିଁରେ ସମଗ୍ର ମାନବଜୀବନକୁ ସଂଯୁକ୍ତ କରାଯାଇଅଛି । କବିତାଟିରେ ଦୁଇଟି ବିଭାବର ସ୍ପନ୍ଦନ ଆମେ ଦେଖିଥାଉଁ—ଗୋଟିଏ ହେଉଛି ବିୟୋଗମୂଳକ ସ୍ୱର ଓ ମାନସିକସ୍ଥିତି, ଅନ୍ୟଟି ହେଉଛି ଦୁର୍ବଳ ଓ କ୍ଳିଷ୍ଟ ଭାବପ୍ରତି ଦୃଷ୍ଟିଆକର୍ଷଣ କରିବାର ପ୍ରବୃତ୍ତି । ଫୁଲଟି ହେଉଛି ଦୁର୍ବଳ ପକ୍ଷର । ତାହାଙ୍କ 'ନଳିନୀ' ବା 'ଲୀଳା', 'ସୀତା' 'କରୁଣା' ପ୍ରଭୃତି ସବୁ ପ୍ରସିଦ୍ଧ କାବ୍ୟରେ ଏହି ଦୁଇଟି ବିଭାବର ଗୁରୁତ୍ୱ ଦେଖିବାକୁ ମିଳେ । ( ପରବର୍ତ୍ତୀ ଅଧ୍ୟାୟରେ ଏ ସଂପର୍କରେ ବିଶଦଭାବେ ଉଲ୍ଲେଖ କରାଯାଇଛି ) ଏଗୁଡ଼ିକରେ ବିୟୋଗାନ୍ତକ ଭାବୋଚ୍ଛ୍ୱାସ ଅଭିବ୍ୟକ୍ତ । ଏହାର ନାୟିକାଗଣ ମୁଖ୍ୟ ଓ ସେମାନଙ୍କ ବିପର୍ଯ୍ୟୟହିଁ ଆମ ଆଗରେ କବି ଉପସ୍ଥାପିତ କରିଅଛନ୍ତି । ସେମାନେ ଏହି ଜଡ଼ ଜଗତରୁ ବିଦାୟ ନେବାକୁ ଉଦ୍ୟତ କିମ୍ବା ନରଜୀବନରୁ ଦୈହିକ ଆନନ୍ଦ ପରିତ୍ୟାଗ କରିବାକୁ ଉଦ୍ୟତ—ଏହି ରୂପରେ କବି ସେମାନଙ୍କୁ ଆମ ନିକଟରେ ଉପସ୍ଥାପିତ କରିଅଛନ୍ତି । ବିଷୟ ଉପସ୍ଥାପନାର ରୀତି ମଧ୍ୟ ସମାନ । ଏହି କବିତାଟି ମୁଖ୍ୟ ଚରିତ୍ର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ନାଟକୀୟ ମୁହୂର୍ତ୍ତରୁ ଆରମ୍ଭ ହୋଇଛି । ଏହି ପରିସ୍ଥିତି ଯୋଗୁ ଏହା ପାଠକର ପୂର୍ଣ୍ଣ ସହାନୁଭୂତି ଆକର୍ଷଣ କରିଥାଏ ।

'କି କରୁଣ ତୁ ପଡ଼ିଛୁ ତଳେହୋଇ ଧୂଳି ଧୂସରିତ
ବୃନ୍ତରୁ ବିଚ୍ୟୁତ ।'

ଏହାପରେ ଅତୀତର ଅନେକ ଦୃଶ୍ୟ । ଏଇଠି ବିରତ ନ ହୋଇ କବି ପୁଣି ସେଇ ଦୁଃଖଦ ବର୍ତ୍ତମାନକୁ ଫେରିଛନ୍ତି, ଆଶା ଓ ଆଶ୍ୱାସନାପୂର୍ଣ୍ଣ ଭବିଷ୍ୟତ ଆଡ଼କୁ ଦୃଷ୍ଟି ପ୍ରସାରିତ କରିଅଛନ୍ତି । ଏହାହିଁ କବିତାଟିର ମୋଟାମୋଟି ଗଠନରୀତି ।

ଅନ୍ୟ ଭାଷାରେ କହିଲେ ଆଶାନଙ୍କ ମୁଖ୍ୟ କାବ୍ୟଗୁଡ଼ିକ 'ଭୂପତିତ କୁସୁମ'ର ପରିମାର୍ଜିତ ରୂପ ଅଥବା ଏହାର ଗଠନଶୈଳୀକୁ ଅନୁସରଣ କରିଛି । ପ୍ରତୀକ ପରିବର୍ତ୍ତେ ସେଗୁଡ଼ିକରେ ରହିଛି ନୂତନ ଘଟଣା ଓ ନାମସବୁ । ନଳିନୀ, ଲୀଳା, ସୀତା, ବାସ-ବଦତ୍ତା, ଫୁଲର ସ୍ଥାନ ଅଧିକାର କରିଛନ୍ତି । 'ପ୍ରାରୋଦନମ୍'ନାମକ ତାଙ୍କର ଅନ୍ୟ ଏକ କବିତାଟି ବିଶିଷ୍ଟ କବି ଓ ପଣ୍ଡିତ ଏ. ଆର. ରାଜରାଜ ବର୍ମାଙ୍କ ଉଦ୍ଦେଶ୍ୟରେ ରଚିତ ଏକ ଶୋକଗୀତ ମାତ୍ର ।

ଏହିପରି ଭାବେ କୁମାରନ୍ ଆଶାନଙ୍କ କାବ୍ୟ ବୈଶିଷ୍ଟ୍ୟର ଯଥାର୍ଥ ମୁଦ୍ରାଙ୍କ ଭୂପତିତ କୁସୁମରେ ନିହିତ । ଏହା ତାହାଙ୍କ ଜୀବନ ଦର୍ଶନର ସର୍ବୋତ୍କୃଷ୍ଟ ଅଭିବ୍ୟକ୍ତି । ସମସ୍ତ କରୁଣ ଓ ବିଷାଦାଚ୍ଛନ୍ନ ପରିସ୍ଥିତିରୁ ସେ ଆଶା, ବିଶ୍ୱାସ, ପ୍ରେମର ଭାବନା ନେଇ ଆତ୍ମପ୍ରକାଶ କରିଛନ୍ତି । ଫୁଲ ସବୁଦିନ ପାଇଁ ବିଦାୟ ନେଉନି, ମାତ୍ର ସେ ଲଭ କରୁଛି ଏକ ଅଧିକ ଗୌରବମୟ ଓ ସ୍ଥାୟୀଜୀବନୀ ।

**ନଳିନୀ—**

ପୂର୍ବ ପରିଚ୍ଛେଦରେ ଆମେ 'ବୀଣାପୁଷ୍ପ'ର ପ୍ରତୀକାତ୍ମକ ଗୁଣ ଓ ତତ୍ପରବର୍ତ୍ତୀ ରଚନାବଳୀରେ କପରି ତାହା ପରିବର୍ଜିତ ହୋଇଛି ତାହା ଦର୍ଶାଇଛୁ । ପ୍ରତୀକଧର୍ମୀତା ବର୍ଜନ ମଧ୍ୟରେ ଏକ ମଧ୍ୟବର୍ତ୍ତୀ ସ୍ତର ବିଦ୍ୟମାନ । ତାହାଙ୍କ ପରବର୍ତ୍ତୀ ରଚନା 'ନଳିନୀ'ର ଆଲୋଚନାରୁ ଏହା ସୁସ୍ପଷ୍ଟ ହୋଇପାରିବ । ୧୯୧୧ରେ ଏହା ପ୍ରକାଶ ପାଇଥିଲା । କାବ୍ୟର ନାୟିକା ନଳିନୀ ହେଉଛି ଏଠି ଏକ ପଦ୍ମ କୁସୁମ । ଏବେ ଝିଅମାନଙ୍କ ନାମ ଭାବେ ଏହା କେରଳରେ ଖୁବ୍ ଜନପ୍ରିୟ । ମାତ୍ର ଆସାନ ଏହି କାବ୍ୟଟି ରଚନା କଲାବେଳେ ଏହି ନାମଟି ଏପରି ଜନପ୍ରିୟ ନଥିଲା । ନଳିନୀ ଶବ୍ଦର ଅର୍ଥ ହେଉଛି ପଦ୍ମଗୁଚ୍ଛ ( ପଦ୍ମ ପୁଷ୍କରିଣୀ ମଧ୍ୟ ) । ଅନୁମିତ ହୁଏ କାବ୍ୟ ନାୟିକାର ଅନ୍ୟ ନାମ ଥିଲା ମାତ୍ର ଯଥାର୍ଥତଃ ତାହା ନୁହେଁ । କବି ବିଚାରପୂର୍ବକ ନାୟିକାର ଏତାଦୃଶ ନାମକରଣ କରିଛନ୍ତି । ଏହା ବ୍ୟତୀତ ଅନ୍ୟ କୌଣସି ନାମ ଏଥିପାଇଁ ଉପଯୁକ୍ତ ହୋଇନଥାନ୍ତା । 'ବୀଣାପୁଷ୍ପ'ର ଫୁଲ ଭଳି ନଳିନୀ ମଧ୍ୟ ଏକ ଜାତିବାଚକ ଶବ୍ଦ, ଅର୍ଥାତ ପଦ୍ମ । ସେହିପରି ଏହି କାବ୍ୟର ନାୟକର ନାମ ମଧ୍ୟ 'ଦିବାକରନ୍' ଅର୍ଥାତ୍ ସୂର୍ଯ୍ୟ ।

ଭାରତୀୟ କବିପ୍ରସିଦ୍ଧି ଓ କାବ୍ୟ ପରଂପରାରେ ସୂର୍ଯ୍ୟ ଓ ପଦ୍ମର ସମ୍ପର୍କ ଅତି ଜଣାଶୁଣା । କବି ଏଥିରେ ଆଂଶିକ ଭାବେ ସେଇ ପ୍ରତୀକ ଧର୍ମିତାକୁ ରକ୍ଷାକରି ପ୍ରେମାନୁଭୂତିକୁ ବିକଶିତ କରାଇଅଛନ୍ତି ଓ ଚରିତ୍ରମାନଙ୍କୁ ସାଧାରଣ ଭାବେ ଦିବାକର, ନଳିନୀ ଭଳି ନାମରେ ନାମିତ କରିଅଛନ୍ତି । ସୂର୍ଯ୍ୟ ହେଉଛନ୍ତି ପ୍ରେମିକ ଓ ପଦ୍ମ ହେଉଛି ପ୍ରେମିକା । ଏହି ପାରଂପରିକ ଗ୍ରନ୍ଥିରେ ଆସାନ କେଉଁ ଧରଣର ତରଳ ପ୍ରଣୟରସକୁ ଢାଳିଛନ୍ତି ତାହା ବିଚାର୍ଯ୍ୟ ।

ଆସାନଙ୍କୁ 'ସ୍ନେହଗାୟକ' ବା ପ୍ରେମର ଚାରଣକବି ଭାବେ ଉଲ୍ଲେଖ କରାଯାଇଅଛି । ତାହାଙ୍କର ସବୁ ପ୍ରଧାନ କାବ୍ୟ ପ୍ରଣୟପ୍ରଧାନ ଓ ନାରୀକେନ୍ଦ୍ରିକ । କାମନା ରହିତ ପ୍ରେମ ବର୍ଣ୍ଣନା ପ୍ରତି ସେ ଥିଲେ ଅଧିକ ଅନୁରାଗୀ । କଥାବସ୍ତୁର ଅନ୍ତର୍ଗତ ସହିତ ଏହି ପ୍ରେମ ହୋଇଛି ପବିତ୍ର, ଉଦାର ଓ ଉର୍ଦ୍ଧ୍ୱାଭିମୁଖୀ । ସେ ଯୁଗର କେରଳ ସାହିତ୍ୟ କ୍ଷେତ୍ରରେ ଏହାଥିଲା ଏକ ପରିବର୍ତ୍ତନର ସୂଚକ ।

ସେତେବେଳେ ପାରଂପାରିକ ମହାକାବ୍ୟ ସ୍ତୋତ୍ର ଓ ଅଦ୍ଭୁତରସ ବହୁଳ ସ୍ତୋତ୍ର ମଧ୍ୟରେ କାବ୍ୟ ଦୋଦୁଲ୍ୟମାନ ହେଉଥିଲା । ସାଧାରଣ କବି ପକ୍ଷେ ଶୃଂଗାର ଏକ ଦୈହିକ ଅନୁରାଗ । ଅତିପ୍ରାକୃତ ଆବେଦନ ଓ ଆଙ୍ଗିକଗତ ପରିପୂର୍ଣ୍ଣତା ମହାକାବ୍ୟର ମୁଖ୍ୟ କାବ୍ୟ ବୃତ୍ତି । ଆବେଗର ଦୁଃସାହସିକତା ଓ ଅବାଧ କଳ୍ପନାବିଳାସ ପ୍ରଭୃତି ରୋମାଣ୍ଟିକ କଳ୍ପନାର ଲକ୍ଷଣସମୂହ ସେ ପର୍ଯ୍ୟନ୍ତ ମାଲୟାଲମ କବିତାରେ ଅନୁପ୍ରବିଷ୍ଟ ହୋଇ ନଥିଲା । ଏହାପରି ସମୟରେହିଁ ଇଂରେଜୀ ରୋମାଣ୍ଟିକ କବିତାରେ ଅନୁପ୍ରାଣିତ କୁମାରନ୍ ଆସାନ୍ ମାଲୟାଲମ କବିତା କ୍ଷେତ୍ରରେ ଆବିର୍ଭୂତ ହୋଇଥିଲେ । 'ବୀଣାପୁଭୁ' ତାଙ୍କ ଲାଗି ମାଲୟାଲମ କବିତା-ମନ୍ଦିରର ଦ୍ୱାର ଉନ୍ମୁକ୍ତ କରିଦେଲା । ଏତିକବେଳେ ସେ ମଧ୍ୟ ଦେଖିବାକୁ ପାଇଥିଲେ କୁଳୀନ କବିଗଣ ସେମାନଙ୍କ ଗତାନୁଗତିକ ପ୍ରଣୟ-ପ୍ରଧାନ କାବ୍ୟକୁ ନେଇ ମନ୍ଦିରର ଅଳିନ୍ଦ ଓ ପ୍ରାକାର ମଧ୍ୟରେ କେବଳ ଭ୍ରମଣ କରୁଛନ୍ତି । ସେମାନଙ୍କ ସହିତ ଆପଣାକୁ ନ ମିଶାଇ ସେ ସିଧା ଯାଇ ଆପଣାର ନଳିନୀ କାବ୍ୟ ସହ ଦେବପ୍ରତିମାଙ୍କ ନିକଟରେ ଉପସ୍ଥିତ ହୋଇଥିଲେ । ଅନେକେ ଏହା ଦେଖି ବିସ୍ମିତ ହେଲେ, ଅନେକେ ପ୍ରଶ୍ନିଳ ଆଖିରେ ତାଙ୍କୁ ଚାହିଁ ରହିଲେ । ମାତ୍ର ଅତି ଅଳ୍ପ ସଂଖ୍ୟକ ବ୍ୟକ୍ତିହିଁ କଣ ଘଟିଗଲା ତାହା ହୃଦୟଙ୍ଗମ କରିପାରିଥିଲେ । ଏହାଥିଲା ଏକ ରୋମାଣ୍ଟିକ ଆନ୍ଦୋଳନର ଆତ୍ମପ୍ରକାଶ ।

ଯଥାର୍ଥ ରୋମାଣ୍ଟିକ ସ୍ତୋତ୍ରରେହିଁ ଆସାନ ଜୀବନର ରୋମାଣ୍ଟିକ ଦିଗ ଉପରେ ଗୁରୁତ୍ୱ ଅର୍ପଣ କରିଥିଲେ । ତଥାପି ତାହାଙ୍କ କାବ୍ୟ ମହାକାବ୍ୟିକ ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ପାରି ନଥିଲା । ବସ୍ତୁତଃ ଏହାଥିଲା ରୋମାଣ୍ଟିକ ଚେତନା ଓ କ୍ଲାସିକ ଚେତନାର ଏକ ସମନ୍ୱୟ । ଏହା ମଧ୍ୟ ପ୍ରଣିଧାନଯୋଗ୍ୟ ଯେ 'ନଳିନୀ'ର ଏକ ଉପଶୀର୍ଷକ ହେଉଛି 'ଓରୁ ସ୍ନେହମ୍' ଅର୍ଥାତ୍ ଗୋଟିଏ ପ୍ରେମ । କବିଙ୍କ ଲିଖିତ ଅବତରଣିକାରୁ ଜଣାଯାଏ, ଏହି କାବ୍ୟ ପ୍ରତି କବିଙ୍କର ଏକ ବିଶେଷ ଅନୁରାଗ ଥିଲା । ୧୯୦୯ରେ ସେ ଏହାକୁ ରଚନା କରିବାକୁ ଆରଂଭ କଲେ । ମାତ୍ର ଏହା ତାହାଙ୍କ ନୋଟ୍ ବହିରେ ପାଣ୍ଡୁଲିପି ଆକାରରେ ୧୯୧୧ ପର୍ଯ୍ୟନ୍ତ ରହିଥିଲା । ବିଶେଷ ଅନୁରାଗବଶତଃ ସେ ଏହାକୁ ସେହିବର୍ଷ ପ୍ରକାଶ କରାଇଥିଲେ । ଆଲୋଚକମାନଙ୍କ ମତରେ ଏଥିରେ ଆତ୍ମଜୀବନଧର୍ମୀ ଉପାଦାନ ଥିବାରୁ କବି ଏହା ପ୍ରତି ସମ୍ଭବତଃ ସ୍ୱତନ୍ତ୍ର ଅନୁରାଗ ଦର୍ଶାଇଛନ୍ତି । ଦିବାକରନ୍ଙ୍କ ଦୃଷ୍ଟିଭଙ୍ଗୀହିଁ ଚନ୍ନା ସ୍ୱାମୀଙ୍କ ( ଆସାନ ) ଦୃଷ୍ଟିଭଙ୍ଗୀ, କାରଣ ଏହା ରଚିତ ହେବା ବେଳକୁ ଚନ୍ନାସ୍ୱାମୀଙ୍କ ବୟସ ୩୬ ଓ ସେ ସେପର୍ଯ୍ୟନ୍ତ ଥିଲେ ଅବିବାହିତ ।

**ନଳିନୀର କଥାବସ୍ତୁ**—ଦିବାକରନ୍ ଓ ନଳିନୀ ଥିଲେ ପ୍ରତିବେଶୀ । ଶୈଶବରୁ ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା । ଦୁହେଁ ଏକାଠି ପଢ଼ନ୍ତି ଓ ଖେଳନ୍ତି । ଏହିପରିଭାବେ ଦୁହେଁ ବନ୍ଧୁ କୈଶୋରରେ ପଦାର୍ପଣ କଲେ । ଏହି ସମୟରେ ଦିବାକରନ୍ ଘରଛାଡ଼ି ସନ୍ନ୍ୟାସୀ ହୋଇଗଲା । ନଳିନୀ ଏକଥା ଜାଣିପାରି ଖୁବ୍ ଦୁଃଖିତ ହେଲା । ଦିନକୁ ଦିନ ତାର ଦୁଃଖ ବଢ଼ିବାକୁ ଲାଗିଲା । ନଳିନୀର ପିତା ମାତା ତାକୁ ସାନ୍ତ୍ୱନା ଦିଅନ୍ତି, ମାତ୍ର ତଦ୍ୱାରା କୌଣସି ସୁଫଳ ମିଳେ ନାହିଁ । ବୟସ ହେବାରୁ ପିତାମାତା ତାହାର ବିବାହ ଲାଗି ବ୍ୟବସ୍ଥା କଲେ ।

ମାତ୍ର ଏହା ଜାଣି ନଳିନୀ ମନରେ ଅଧିକ ଦୁଃଖ ଜାତ ହେଲା । ଉଦ୍ଧାରର କୌଣସି ଉପାୟ ନଦେଖି ସେ ଆତ୍ମହତ୍ୟା କରିବାକୁ ସ୍ଥିର କଲା । ଦିନେ ମଧ୍ୟ ରାତ୍ରରେ ସେ ଘରୁ ପଳାଇ ଯାଇ ଏକ ଅରଣ୍ୟ ମଧ୍ୟସ୍ଥ ପୁଷ୍କରିଣୀକୁ ଲମ୍ଫ ପ୍ରଦାନ କରିଛି । ଏହା ଜଣେ ସନ୍ନ୍ୟାସୀ ଦେଖିବାକୁ ପାଇ ତାହାକୁ ରକ୍ଷା କରିଛନ୍ତି ଓ ଆପଣା ଆଶ୍ରମକୁ ନେଇ ଯାଇଛନ୍ତି । ସେଇଠି ନଳିନୀ ଉଦ୍ଧାରକର୍ତ୍ତାଙ୍କ ଠାରୁ ଯୋଗ ସମ୍ପର୍କରେ ଶିକ୍ଷା ଲଭ କରିଛି ।

ଏହିପରି ଭାବେ ପାଞ୍ଚବର୍ଷ ଅତିବାହିତ ହୋଇଗଲା । ଅପ୍ରତ୍ୟାଶିତ ଭାବେ ଦିନେ ସେହି ଅରଣ୍ୟରେ ଦିବାକରନ୍ ଆସି ଉପସ୍ଥିତ ହୋଇଛି । ଅକସ୍ମାତ ଭାବେ ନଳିନୀ ଓ ଦିବାକରନ୍ ମଧ୍ୟରେ ସାକ୍ଷାତ ହୋଇଗଲା । ଏହିପରି ଏକ ନାଟକୀୟ ମୁହୂର୍ତ୍ତରୁ ନାଟକଟିର ଆରମ୍ଭ । ଏଇଠି ଆରମ୍ଭ ହୋଇଛି ମାନବିକ ପ୍ରଣୟ ଓ ତ୍ୟାଗ ମଧ୍ୟରେ ଆତ୍ମିକ ଦ୍ୱନ୍ଦ୍ୱ । ଏହି ଘଟଣାର ଆନୁଷ୍ଠାନ କ୍ଷେତ୍ର ହିମାଳୟକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କବି ଚରିତ୍ରମାନଙ୍କୁ ମଧ୍ୟ ଏଠାରେ ଉପସ୍ଥାପିତ କରାଇଅଛନ୍ତି ।

କବିଙ୍କ ମତରେ 'ନଳିନୀ'ରେ ଉଷାର ପବିତ୍ରତା ଓ ସୌନ୍ଦର୍ଯ୍ୟ ନିହିତ । ପୁଷ୍କରିଣୀରେ ସ୍ନାନ ସାରି ଆର୍ଦ୍ର ବସନରେ ସେ ଧ୍ୟାନ ଭାବାପନ୍ନା । ନିକଟରେ ଦିବାକରନ୍, ମାତ୍ର ସେମାନଙ୍କ ମଝିରେ ଗୋଟିଏ ଗଛ ଥିବାରୁ ଗୁର ଚକ୍ଷୁରେ ଭେଟ ହୋଇନାହିଁ । ଦୁହିଁଙ୍କ ହୃଦୟରେ ଉତ୍କଣ୍ଠା । କବି କିନ୍ତୁ ଦୁହିଁଙ୍କ ହୃଦୟର ଭାବକୁ ଅବଧାରଣା କରି ପାରିଛନ୍ତି । କିଛି ସମୟ ପରେ ଦୁହେଁ ଦୁହିଁକି ଦେଖିଲେ । ଦିବାକରନ୍ ତାକୁ ଦେଖି ଭାବିଲା, ଗଛ ଭିତରୁ ଯେପରି ଚଂଦ୍ର କିରଣ ଆଭାସିତ ହେଉଛି । ତାକୁ ସେ ଚିହ୍ନି ପାରିଲା ନାହିଁ । ଯାହା ହେଉ ନଳିନୀର ପ୍ରତିକ୍ରିୟା ଥିଲା ଭିନ୍ନ ଧରଣର । ନିମିଷକ ମଧ୍ୟରେ ସେ ଦିବାକରନ୍‌କୁ ଚିହ୍ନି ପାରିଛି ।

ନାରୀମାନଙ୍କ ଆଖି ସ୍ୱତନ୍ତ୍ର, ଯାହାକୁ ସେମାନେ ଭଲ ପାଆନ୍ତି, ତାକୁ

ସେମାନେ ଠିକ୍ ବାଛି ନେଇ ପାରନ୍ତି । ମୁହୂର୍ତ୍ତିକ ପାଇଁ ସେ ରହିଗଲା । ମାତ୍ର ପରେ ସେ ନିଜକୁ ସଂଯତ କରି ପାରିନି—

'ଚମକି ସେ ଠିଆ ହେଲା ହୋଇ ବିଚଳିତ
ମୁହୂର୍ତ୍ତିକ ଲାଗି
ତାପରେ ସେ ଧାଇଁଗଲା ଯୋଗୀଙ୍କ ଆଡ଼କୁ
ଜଳଯଥା ବହିଯାଏ ସାଗରାଭିମୁଖେ
ଭାଙ୍ଗିଗଲେ ସେତୁବନ୍ଧ ।'

କିଛି ବିଚାର ନକରି ସେ ଯୋଗୀଙ୍କ ପାଦତଳେ ପଡ଼ିଯାଇଛି । ତାର ଅସଜଡ଼ା କେଶଗୁଚ୍ଛ ଯୋଗୀଙ୍କ ପାଦସ୍ପର୍ଶ କଲାମାତ୍ରେ ସେ ପରମ ଆନନ୍ଦ ଲାଭ କରିଛି । ମାତ୍ର ଯୋଗୀ ସଂପୂର୍ଣ୍ଣ ଭାବେ ବିସ୍ମୟ ବିମୂଢ଼ ହୋଇ ପଡ଼ିଛନ୍ତି । ସେ ଏଇ ନାରୀଟିକୁ ଚିହ୍ନି ପାରିନାହାନ୍ତି । ଏଣୁ ତାର କାର୍ଯ୍ୟକଳାପ ତାଙ୍କ ମନରେ ଏକ ଭୀତମିଶ୍ରିତ ବିସ୍ମୟ ସୃଷ୍ଟି କରିଛି । ତଥାପି ଯଥାର୍ଥ ଯୋଗୀ ଭାବେ ସେ କୌଣସି ଉତ୍ତେଜନା ପ୍ରକାଶ କରିନାହାନ୍ତି ।

ନଳିନୀ ଏବେ ତାଙ୍କୁ ସେମାନଙ୍କ ପୂର୍ବସଂପର୍କ ସ୍ମରଣ କରାଇ ଦେଇ ସେ କିପରି ଗଭୀର ଭାବେ ତାଙ୍କୁ ଭକ୍ତି କରେ ତାହା ଜଣାଇଛି ।

'ସନ୍ନ୍ୟାସିନୀ ଯେବେ ଥିଲି ମୁହିଁ
ତପସ୍ୟା ମୋ ଥିଲା ଏକା ତୁମରି ସକାଶେ ।
ମୋତେ ତୁମେ ସ୍ମର ଅବା ନାହିଁ
ପୂର୍ଣ୍ଣ ହେଲା ଆଶା ମୋର ତୁମରି ଦର୍ଶନେ ।'

ତାହାର ଦୁଃଖରେ ଦିବାକରନ୍ ଦୁଃଖବୋଧ କରିଛି । ମାତ୍ର ସେ ଯେଉଁ ପଥ ବାଛି ନେଇଛି ସେ ପଥରୁ ସେ ଫେରି ପାରିବ ନାହିଁ । ଦୃଢ଼ ଭାବେ ଠିଆ ହୋଇ ସେ ତାକୁ ପାର୍ଥିବ ପ୍ରେମର ବ୍ୟର୍ଥତା ବିଷୟ ବୁଝାଇବାକୁ ଚେଷ୍ଟା କରିଛି—

'ଭାଗ୍ୟବତୀ ତୁମେ
ଯୋଗିନୀର ସାହଚର୍ଯ୍ୟ ଲଭି
ବିଦାୟ ନେଉଛି ଏବେ, ଲଭ ତୁମେ ପ୍ରଶାନ୍ତି ବିମଳ
ଭାଗ୍ୟେ ଥିଲେ ପୁଣି ଆମ ହୋଇବ ସାକ୍ଷାତ ।'

ନଳିନୀର ହୃଦୟରେ ସୁପ୍ତ ପ୍ରେମ ପ୍ରଦୀପ୍ତ ହୋଇ ଉଠିଛି । ସେ କହିଛି—

'ତୁମେ ମୋର ସକଳ ସଂପଦ
ମୋର ପ୍ରାଣ ଆନନ୍ଦ ଓ ମୁକ୍ତି

ଏକ ମାତ୍ର ଆଶା ମୋର ପ୍ରଭୁ ତୁମ ଚରଣ କମଳ
ଏହାର ବନ୍ଧନେ ମୁହିଁ ହୋଇବି ଅନାଥ ।'

ଦିବାକରନ୍ ସେଠାରୁ ଯାଇ ପାରନାହିଁ । ହୃଦୟ ମନ୍ଥନକାରୀ ଦ୍ୱନ୍ଦ୍ୱ ଆରମ୍ଭ ହୋଇଗଲା । ଆପଣାର ସମସ୍ତ ଶକ୍ତି ପ୍ରୟୋଗ କରି ସେ ନଳିନୀକୁ ପ୍ରବୋଧ ଦେଇଛି—

"ଆଗୋ ସୁଚରିତା' ନିଶ୍ଚିତ ଅଟଇ କାମ୍ୟ ସେ ଦିବ୍ୟାଙ୍ଗଧୃତା
ଯାହା ତୁମେ ରଖି ଅଛ ହୃଦୟେ ଜଗାଇ
ମାତ୍ର ଭଙ୍ଗୁର ବିଷୟେ ନ ହେଉଗୋ ଏହା ସମର୍ପିତ ।
ଶବ ପରେ ପୁଷ୍ପାଞ୍ଜଳି ସମ
ଜଗତର ସାରସ୍ୱତ ଅଟଇ ପ୍ରଣୟ
ପ୍ରଣୟର ସାରତତ୍ତ୍ୱ ସତ୍ୟହିଁ କେବଳ
ସେଥିପାଇଁ ଉପେକ୍ଷିଛୁ ମୁହିଁ
ଲୋଭନୀୟ ଜଗତର ସବୁ ଆକର୍ଷଣ ।'

ଅବଶେଷରେ ନଳିନୀ ଜୀବନରେ ବିପୁଳ ପରିବର୍ତ୍ତନ ଘଟିଗଲା । ଭୌତିକ ବୋଝକୁ ସେ ଆଉ ବହନ କରିବାକୁ ଚାହିଁଲା ନାହିଁ । ପଦ୍ମଟି ଉତ୍ସର୍ଗିତ ହେଲା ସୂର୍ଯ୍ୟଙ୍କୁ । ଜୀବନରେ ସେ ଯାହା ପାରି ନଥିଲା ମୃତ୍ୟୁରେହିଁ ସେ ତାହା ଲାଭ କରିଛି । ଦେହର ଅବଶେଷକୁ ସେ ଦିବାକରନ୍ ଦେହରେ ଢାଳି ଦେଇଛି । ଏହି ଅପୂର୍ବ ମିଳନକୁ କବି ନିମ୍ନୋକ୍ତ ଭାଷାରେ ବର୍ଣ୍ଣନା କରି ଅଛନ୍ତି ।

'ମିଶିଯାଏ ଯଥା ତରଙ୍ଗ ଏକ ଶାନ୍ତ ତରଙ୍ଗେ
ମିଶେ ଯଥା ଦୀପ୍ତ ମୟୂଖ ଅନ୍ୟ ମୟୂଖ ସଙ୍ଗେ
ମିଶିଯାଏ ଯଥା ଲଳିତ ଧ୍ୱନି ଅନ୍ୟ ଧ୍ୱନିରେ
ମିଶି ଦୁଇ ତନୁ ତେସନେ ଏକ ହେଲା ସତ୍ତ୍ୱରେ ।'

ସର୍ବୋତ୍ତମ ଆନନ୍ଦର ସେଇ ମୁହୂର୍ତ୍ତରେ କୁମାରୀ ତାର ପାର୍ଥିବ ସ୍ଥିତିକୁ ଅତିକ୍ରମ କରିଯାଇଛି ।

କେତେକଙ୍କ ମତରେ ନଳିନୀ ଏକ ବିୟୋଗାନ୍ତକ ପ୍ରସଙ୍ଗ ଓ ଏହାର ନାୟିକାର ପ୍ରେମ ବିଫଳ । ବସ୍ତୁତଃ ପ୍ରେମର ଗତି ଓ ଲକ୍ଷ୍ୟ ଉପରେ ଏହା ନିର୍ଭର କରେ । ଶାରୀରିକ ମିଳନ ଓ ଭୌତିକ ସୁଖ ଯଦି ପ୍ରେମର ପରିଣାମ ହୁଏ ତାହେଲେ ନଳିନୀର ପରିଣତି ଶୋଚନୀୟ । ମାତ୍ର ଯଦି ଦୈହିକ ଆନନ୍ଦ ଅପେକ୍ଷା ଅଧିକ ଶାନ୍ତି ଏଥିରୁ ମିଳିପାରେ ତେବେ ଏହି କାବ୍ୟର ସଫଳତା ଜଣେ ଉପଲବ୍ଧି କରିପାରିବ । ଆସାନ ପ୍ରେମର ପାଶ୍ଚାତ୍ୟ ପ୍ଲାଟୋନୀୟ ଧାରଣା ସହ ସଂସ୍କୃତର ଶୃଙ୍ଗାର ଭାବକୁ ଏଥିରେ

ସମ୍ମିଶ୍ରିତ କରାଇ ଅଛନ୍ତି । ସମ୍ଭୋଗ (ମିଳନ) ଓ ବିପ୍ରଲମ୍ଭ (ବିରହ) ଭେଦରେ ଶୃଙ୍ଗାର ଦ୍ୱିବିଧ । ଶେଷୋକ୍ତ ବିଷୟର ବିକାଶକୁ ଦଶଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ୧ – ଚକ୍ଷୁପ୍ରୀତି, ୨ – ମାନସ ସଙ୍ଗମ, ୩ – ସଂକଳ୍ପ, ୪ – ଜାଗରଣ, ୫ – କାର୍ଶ୍ୟମ୍ (କୃଶତା), ୬ - ବିଷୟ ବିମୁଖତା, ୭ – ଲଜ୍ଜାନାଶ, ୮ – ଉନ୍ମାଦ, ୯ - ମୂର୍ଚ୍ଛା, ୧୦ – ମରଣ ।

ବିପ୍ରଲମ୍ଭ ଯେ କୌଣସି ପର୍ଯ୍ୟାୟରେ ସମ୍ଭୋଗରେ ରୂପାନ୍ତରିତ ହୋଇପାରେ । ନଳିନୀ ଏହି ସମସ୍ତ ପର୍ଯ୍ୟାୟରେ ଗତି କରିଛି । କାବ୍ୟରେ ଆମେ ତାକୁ ପ୍ରଥମେ ଯେତେବେଳେ ତାର ପ୍ରେମିକ ସମ୍ମୁଖରେ ଦେଖୁ ସେତେବେଳକୁ ସେ ଶୃଙ୍ଗାରର ଛଅଗୋଟି ସ୍ତର ଅତିକ୍ରମ କରି ସାରିଛି । ସପ୍ତମ ପର୍ଯ୍ୟାୟରେ ସେ ନିଃସଙ୍କୋଚରେ ଆପଣାର ପ୍ରେମକୁ ସ୍ୱୀକାର କରିଛି । ପ୍ରେମିକ ସହ ତାହାର ସଂଳାପରୁ ତାହାର ପୂର୍ବବର୍ତ୍ତୀ ପର୍ଯ୍ୟାୟ ବିଷୟ ଆମେ ଅବଗତ ହେଉ । ଶେଷ ତିନଗୋଟି ପର୍ଯ୍ୟାୟ ଆମ ଆଗରେ ଖୁବ୍ ଶୀଘ୍ର ସଂଘଟିତ ହୋଇଯାଏ । ଶେଷ ପରିଣତି, ମୃତ୍ୟୁ ଦୁଇଟି ଉପାୟରେ ହୋଇପାରେ—ଅତ୍ୟଧିକ ବ୍ୟର୍ଥତାବୋଧରୁ ଅଥବା ସମ୍ଭୋଗ ବା ଆତ୍ମାର ମିଳନରୁ । ପ୍ରଥମୋକ୍ତ ବିଷୟ ନଳିନୀରେ ସଂଘଟିତ ହୋଇଛି । ମରଣଶୀଳ ବ୍ୟକ୍ତିଙ୍କ ପକ୍ଷେ ଏହା ଏକ ବୌଦ୍ଧିକ ବ୍ୟାପାର ଭାବେ ପ୍ରତୀୟମାନ ହୋଇପାରେ । ମାତ୍ର ସେହି ଅଲଭ୍ୟ ଶୀର୍ଷ ଦେଶକୁହିଁ ଆସାନ ନଳିନୀର ପ୍ରେମକୁ ଉତ୍ତୀର୍ଣ୍ଣ କରାଇ ଅଛନ୍ତି ।

**ଲୀଳା**—ଆସାନ ପ୍ରେମର ଯେଉଁ ଚିତ୍ର ଆଙ୍କିବାକୁ ଚାହିଁଥିଲେ ତାହା ନଳିନୀରେ ଅପୂର୍ଣ୍ଣଭାବେ ଅଂକିତ ହୋଇଛି ବୋଲି ଅନୁଭବ କରିଥିଲେ । ଏଣୁ ସେ 'ଲୀଳା' ନାମକ ଅନ୍ୟ ଏକ କାବ୍ୟ ରଚନା କଲେ । ନଳିନୀ ପ୍ରକାଶିତ ହେବାର ତିନିବର୍ଷ ପରେ ୧୯୧୪ରେ ଏହା ପ୍ରକାଶିତ ହୋଇଥିଲା । ମାତ୍ର ନଳିନୀ ସମାପ୍ତ ହେବା ପୂର୍ବରୁ ଏହି କାବ୍ୟଟିକୁ ସେ ପରିକଳ୍ପନା କରିଥିଲେ । 'ଲୀଳା'ର ମୁଖବନ୍ଧରୁ ଏହା ଜଣାଯାଏ । 'ନଳିନୀ' ଲେଖିବା ପୂର୍ବରୁ ମୁଁ ସେଇ ଧରଣର ଏକ କ୍ଷୁଦ୍ର କାବ୍ୟ ଲେଖିବାର ଆବଶ୍ୟକତା ଅନୁଭବ କରିଥିଲି । ତାହାର କାରଣ ହେଉଛି—ନଳିନୀର ନାୟକ ନାୟିକା ରାଜସଗୁଣମୁକ୍ତ ଓ ସାତ୍ତ୍ୱିକ ଗୁଣସମ୍ପନ୍ନ । ସାତ୍ତ୍ୱିକର ପୂର୍ବବର୍ତ୍ତୀ ଅବସ୍ଥାରେହିଁ ମାନବ ଜୀବନ ଓ ତାହାର ବେଦନା ଓ ରହସ୍ୟକୁ ଭଲ ଭାବରେ ଫୁଟାଇ ହେବ ।'

ଏହା କବିଙ୍କର ଏକ ଅକପଟ ସ୍ୱୀକାରୋକ୍ତି । ପ୍ରେମର ପ୍ରଚ୍ଛନ୍ନ ଅନୁଭବକୁ 'ନଳିନୀ' ମାଧ୍ୟମରେ ଫୁଟାଇ ହେବନି । ସେ ନଳିନୀର ସାତ୍ତ୍ୱିକ ଭାବକୁ ଜାଗତିକ

ଆବେଗ ଦ୍ୱାରା ଦୂଷିତ କରିବାକୁ ଚାହିଁ ନଥିଲେ । ଉପଯୁକ୍ତ ଉପମା ସାହାଯ୍ୟରେ କବି ଦୁଇଟି କାବ୍ୟର ଧାରାକୁ ତୁଳନା କରି ଅଛନ୍ତି ।

"ନଳିନୀ ବା ପଦ୍ମର ସୌରଭ ମୃଦୁ ଓ ଏହାର ବର୍ଣ୍ଣ ମଧ୍ୟ ଅଧିକ ଉତ୍ତେଜକ ନୁହେଁ । ମାତ୍ର 'ଲୀଲା' ହେଉଛି ଗୋଟିଏ ଚଂପକ ପୁଷ୍ପ । ଏହାର ବାସନା ଯେପରି ତୀବ୍ର ସେହିପରି ଏହାର ବର୍ଣ୍ଣ ମଧ୍ୟ ଆକର୍ଷଣୀୟ । ଗୋଟିଏ ହୃଦୟକୁ ଦ୍ରବୀଭୂତ କରିଦିଏ, ଅନ୍ୟଟି ମନକୁ ଉଦ୍ଦୀପ୍ତ ଓ ବିଚଳିତ କରିଦିଏ ।" ନଳିନୀର କଥାବସ୍ତୁ ଆସାନଙ୍କ ନିଜସ୍ୱ । ମାତ୍ର ଲୀଲାର କଥାବସ୍ତୁ ପାରସ୍ୟ ସାହିତ୍ୟର ସୁପରିଚିତ କ୍ଲାସିକ୍ ନିଜାମୀଙ୍କ ରଚିତ 'ଲୟଲିମଜନୁ' ଅବଲଂବନରେ ରଚିତ । ଏହି ଗଳ୍ପଟି ହିନ୍ଦୁ କଲେଜ ମାଗାଜିନ୍‌ରେ ଡ. ଆନନ୍ଦ କୁମାରସ୍ୱାମୀଙ୍କ ରଚିତ ଏକ ଲେଖାରୁ କୁମାରନ୍ ଆସାନ ପଢ଼ିବାକୁ ପାଇଥିଲେ । ମୂଳଲେଖା ପଢ଼ିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନଥିଲା । ମାତ୍ର ଅନେକ ଦିନ ପର୍ଯ୍ୟନ୍ତ ଉକ୍ତ କଥାର ବାହ୍ୟରୂପଟି ତାଙ୍କ ମନରେ ଖେଳି ବୁଲୁଥିଲା । ଆପଣାର ଅନୁଭୂତିକୁ ଓ ଭାବକୁ ସେ ଏଥିରେ ଏହିପରି ଉପସ୍ଥାପିତ କରିଅଛନ୍ତି ।

ଉତ୍ତର ଭାରତର ଉଦୟପୁରରେ ଏହି ଘଟଣା ସଂଘଟିତ । ଅର୍ଥପାଳକ ନାମକ ଜଣେ ବଣିକର କନ୍ୟା ହେଉଛି ଲୀଲା । ବେପାରକୁ ଯାଇଥିବା ବେଳେ ଜଣେ ଧନୀ ବେପାରୀଙ୍କ ପୁତ୍ର ସଂଗେ କନ୍ୟାର ବିବାହ ଦେବାକୁ ସେ ବ୍ୟବସ୍ଥା କରିଥିଲା । ମାତ୍ର ଲୀଲା ତାର ବାଲ୍ୟବନ୍ଧୁ ମଦନକୁ ଇତି ମଧ୍ୟରେ ହୃଦୟ ଅର୍ପଣ କରିଦେଇଛି । କିନ୍ତୁ ଶେଷରେ ପିତାଙ୍କ ମନୋନୀତ ପାତ୍ରଙ୍କ ସହ ତାର ବିବାହ ହୋଇଗଲା । ପିଂଜରାବଦ୍ଧ ପକ୍ଷୀ ସଦୃଶ ସେ ଯାଇ ସ୍ୱାମୀଙ୍କ ସହ ରହିଲା । ମାତ୍ର ମଦନକୁ ସେ ଏତେ ସ୍ନେହ କରୁଥିଲା ଯେ ତାହାକୁ ମନରୁ ଦୂର କରିପାରିଲା ନାହିଁ । ଅଳ୍ପଦିନ ମଧ୍ୟରେ ତାର ସ୍ୱାମୀଙ୍କର ମୃତ୍ୟୁ ହୋଇଗଲା । ସମ୍ଭବତଃ ପତ୍ନୀ ସହ ତାହାଙ୍କ ଭୂମିକା ଅସହନୀୟ ହୋଇ ପଡ଼ିଥିଲା । ଲୀଲା ଏହିପରି ଭାବେ ମୁକ୍ତ ଲଭି କରି ନିଜ ଘରକୁ ଫେରି ଆସିଛି । ଘରକୁ ଆସି ସେ ଶୁଣିବାକୁ ପାଇଛି, ମଦନ ମନଦୁଃଖରେ ବହୁ କାଳରୁ ବିନ୍ଧ୍ୟ ପର୍ବତକୁ ଚାଲିଯାଇଛି । ଇତ୍ୟବସରରେ ଲୀଲାର ପିତାମାତାଙ୍କର ମଧ୍ୟ କାଳ ହୋଇଯାଇଥାଏ । ଆପଣାର ସଖୀ ସହିତ ଲୀଲା ମଦନକୁ ଖୋଜିବାକୁ ବହିର୍ଗତ ହେଲା । ବହୁ ଅନ୍ୱେଷଣ ପରେ ଅବଶେଷରେ ସେ ମଦନର ସାକ୍ଷାତ ଲଭି କଲା । ମାତ୍ର ସେତେବେଳକୁ ମଦନ ଉନ୍ମାଦ । ଆପଣାର ପ୍ରିୟତମାକୁ ଅପ୍ରତ୍ୟାଶିତ ଭାବେ ଦେଖିବାକୁ ପାଇ ତାହାର ଭାବାବେଗ ଚରମକୁ ଉଠିଯାଇଛି । ସେ ରେବା ନଦୀକୁ ଡେଇଁ ପଡ଼ିଛି । ଏହାପରେ ଲୀଲା ଆଉ କଣ ବା କରି ପାରନ୍ତା । ସେ ମଧ୍ୟ ସେହି ରେବା ନଦୀରେ ଆଶ୍ରୟ ନେଇଛି ।

'ନଳିନୀ' ଭଳି ଲୀଳା ଏକ ବର୍ଣ୍ଣନାତ୍ମକ କାବ୍ୟ ନୁହେଁ । ଏହା ଛଅଗୋଟି ଦୃଶ୍ୟରେ ନିବଦ୍ଧ ଏକ ଏକାଙ୍କିକା ସଦୃଶ । କାବ୍ୟଟି ଛଅଗୋଟି ସର୍ଗ ବିଶିଷ୍ଟ । ପ୍ରଥମ ସର୍ଗର ପ୍ରଥମ ଶ୍ଳୋକଟି ଏକ ସଂଳାପର ଅଂଶ-ଏଥିରେ ସଖୀ ମାଧବୀ ଅଚେତନ ଅବସ୍ଥାରେ ଶାୟିତା କାବ୍ୟ ନାୟିକାକୁ ଜାଗ୍ରତ କରାଇବାକୁ ଚେଷ୍ଟା କରୁଛି ।

"ହେ ପ୍ରଣୟ ବଧୂର
ସୁଖର ବେଳା ଆଗତ ତେଜ ଏବେ ଶୟନ
ସନ୍ଧାନ ମିଳିଅଛି ତୁମ ପ୍ରିୟତମର
ଗୁଣବନ୍ତ ଯେହୁଁ
ତୁମେ ଏବେ ଜାଗଉଠ ଦୀର୍ଘ ସୁସୁପ୍ତିରୁ
ମାଧବୀ ମୁଁ ତୁମ ପ୍ରିୟ ସଜନୀ ।"

ଏହାପରେ ଏକ ନାଟକୀୟ ମୁହୂର୍ତ୍ତରୁ କାବ୍ୟଟି ଆରମ୍ଭ । ପରେ ସଂଳାପ ଓ ଆଖ୍ୟାନ ମାଧ୍ୟମରେ ଅତୀତର କଥାବସ୍ତୁ ଉଦ୍‌ଘାଟିତ ହୋଇଛି । ୨ୟ ସର୍ଗରେ ମଦନଲାଗି ଲୀଳା ହୃଦୟର ପ୍ରଣୟ ଗଭୀରତା ଅଭିବ୍ୟକ୍ତ । ମାଧବୀ ଓ ଲୀଳାର ସୁଦୀର୍ଘ ଅନ୍ୱେଷଣ ଓ ମଦନ ସହ ସାକ୍ଷାତ ତୃତୀୟ ସର୍ଗରେ ବର୍ଣ୍ଣିତ । ମଦନକୁ ଭେଟିବା ପୂର୍ବରୁ ସେ ନିକଟରେ ଅଛିବୋଲି ଲୀଳା ଅନୁଭବ କରିପାରୁଛି । ଚଂପକ ପୁଷ୍ପର ସୁଗନ୍ଧରୁ ସେ ତାର ସୂଚନା ପାଇଥିବା ସମ୍ଭବପର । ଆସାନଙ୍କ ଚରିତ୍ର ସବୁ ଧୀରେ ଧୀରେ ଅନ୍ତର୍ଜଗତରେ ଅବଚେତନ ମନୋରାଜ୍ୟରେ ହଜିଯାଆନ୍ତି ଓ ଆଖି ଯାହା ଦେଖିବାକୁ ଅସମର୍ଥ, ତାହା ଦେଖି ପାରନ୍ତି । ମଦନ ଆଉପୂର୍ବ ଭଳି ରକ୍ତମାଂସ ଧାରୀ ସୁନ୍ଦର ମଣିଷଟିଏ ନହୋଇ ଅସ୍ଥିକଂକାଳସାର ହୋଇଯାଇଛି । ଲୀଳା ତାହାକୁ ଆଲିଂଗନ କରୁଛି ଓ ମଦନ ମଧ୍ୟ ସେଥିରେ ଲାଭ କରୁଛି ପରମ ଆନଂଦ । ଏହି ଯୁଗଳ ପ୍ରେମିକ-ପ୍ରେମିକା ନଳିନୀ ଓ ଦିବାକରନ୍ ଭଳି ନୁହଁନ୍ତି ।

'ହେଲେହେଁ ଅବଶ ପୁଣି ଅର୍ଦ୍ଧ ଅଚେତନ
କେବଳ ଅସ୍ଥି ସର୍ବସ୍ୱ
ଗ୍ରହିଲି ସେ ତା ଆଡ଼କୁ ଗଭୀର ଆଗ୍ରହେ
ଆବଦ୍ଧ ନୁହଁଇ ପ୍ରେମ ଦେହରେ କେବଳ···
ଲୀଳା ତାକୁ ଧରିଲା ଆବୋରି
ଯେସନେ ତରୁ ଲତିକା ଘେରିଥାଏ ଶୁଷ୍କତରୁ ଅଙ୍ଗେ
କ୍ଳାନ୍ତ ହସ୍ତପଦ ତାର ଦେଲା ସେ ଆଉଁସି
ଶୋକେ ଉଚ୍ଛ୍ୱସିତ ହୋଇ ଗଦ୍‌ଗଦ୍ ସ୍ୱରେ
ସେ କହିଲା ପ୍ରିୟତମ ମୋର ।'

ଆସାନଙ୍କ ଅଧିକାଂଶ କାବ୍ୟ ଭଳି 'ଲୀଳା' ଏକ ବ୍ୟର୍ଥ ପ୍ରଣୟ ମୂଳକ କାବ୍ୟ । ପ୍ରଣୟର ସମସ୍ତ ଦ୍ୱାର ଯେପରି ଏଠାରେ ଅବରୁଦ୍ଧ । 'ଲୀଳା'ରେ ମାନସିକ ଦ୍ୱନ୍ଦ୍ୱକୁ ସୁନ୍ଦର ଭାବେ ଏକ ଶ୍ଳୋକରେ ବର୍ଣ୍ଣନା କରାଯାଇଛି ।

'ହୁଏ ଯାହା ଇଚ୍ଛା ତାହା ନହୁଅଇ କର
ବାଞ୍ଛିତ ବିଷୟେ ମନ ନହୁଏ ସଂଯୁକ୍ତ
ବିଧାତାର ଅଭିପ୍ରାୟ ଅତୀବ ଦୁର୍ଜ୍ଞେୟ
ଏ ଜୀବନ କ୍ଷଣସ୍ଥାୟୀ
ଅଥଚ ମୂଲ୍ୟହୀନ ମାନବର ସ୍ଥିତି ।'

ଲୀଳା ଅନୁଭବ କରିଥିବା ଏହି ବ୍ୟର୍ଥତାବୋଧ କବି ନିଶ୍ଚିତ ଭାବେ ତାହାଙ୍କ କର୍ମ କଠିନ ଜୀବନରେ ବହୁବାର ଅନୁଭବ କରିଥିବେ । ସେ ଉପଲବ୍ଧି କରିଥିଲେ ପ୍ରେମାବେଗକୁ ଅବଦମିତ କରିବା ସଂଭବ ନୁହେଁ । ତୁମେ ଏହାକୁ ଯେତେ ଅବଦମିତ କରିବାକୁ ଚେଷ୍ଟା କରିବ, ଏହା ସେତିକ ଅଧିକ ଆତ୍ମପ୍ରକାଶ କରିବ । ଆସାନ ଯେଉଁ ପରିବେଶମାନଙ୍କରେ ଜୀବନଯାପନ କରୁଥିଲେ ସେ କ୍ଷେତ୍ରରେ ଲୋକେ ପ୍ରେମାନୁଭୂତିର ଉତ୍ତରଣ ସମ୍ପର୍କରେ ଅବହିତ ନଥିଲେ । ଏଣୁ ସମାଜକୁ ପ୍ରେମର ବିପୁଳ ପ୍ରଭାବ ଓ ତାହାକୁ କିପରି ବାସ୍ତବତାଠାରୁ ଉର୍ଦ୍ଧ୍ୱାୟିତ ଓ ମାର୍ଜିତ କରାଯାଇ ପାରେ, ଏହା ଜଣାଇବା ଥିଲା ଆବଶ୍ୟକ । 'ନଳିନୀ' କାବ୍ୟରେ କଠିନ ଓ ଗୌରବମୟ ଦିଗଟି ଅଭିବ୍ୟକ୍ତ । ଜୀବନର ନିମ୍ନ ଓ ଅଧିକ ବାସ୍ତବ ଦିଗକୁ ନେଇ 'ଲୀଳା' କାବ୍ୟଟି ଲିଖିତ । ତଥାପି କବିଙ୍କ ଅଭିବ୍ୟକ୍ତି କୁଶଳତା 'ଲୀଳା'ରେ ଅଧିକ ପ୍ରକଟିତ । ଏହି ଦୁଇଟି କାବ୍ୟ ଯୋଗୁଁ ଆସାନ କେରଳର ଆଲୋଚକଙ୍କ ଭାଷାରେ ଯଥାର୍ଥତଃ ସ୍ନେହଗାୟକନ୍ (ପ୍ରେମର ଗୀତିକବି) ପଦବୀରେ ମଣ୍ଡିତ ହୋଇଅଛନ୍ତି ।

ନଳିନୀ ଭଳି ଲୀଳା ମଧ୍ୟ ଏକ ଭୂପତିତ କୁସୁମ । ମାତ୍ର ଜଗତରେ ସେମାନଙ୍କ ଜୀବନର ଅବସାନ ଅନ୍ୟ ଏକ ଗୌରବମୟ ଜୀବନର ଆରଂଭର ସୂଚକ ମାତ୍ର । ଆସାନ ଆତ୍ମାର ଅବିନଶ୍ୱରତା ବିଶ୍ୱାସ କରୁଥିଲେ । ତାଙ୍କ ଇମର୍ସନ ଫସଲ୍ଡଙ୍କ ଦର୍ଶନ ସହ ତାହାଙ୍କର ଭାବଗତ ସାମଂଜସ୍ୟ ରହିଛି । ଫସଲ୍ଡଙ୍କ ଉକ୍ତି ହେଉଛି "ମୁଁ ମୂଳରୁ ଅବିନଶ୍ୱରତାରେ ବିଶ୍ୱାସୀ । ବ୍ୟକ୍ତି ହିସାବରେ ମୋ ନିଜର ଆବଶ୍ୟକତା ଦୃଷ୍ଟିରୁ ନୁହେଁ । ମାତ୍ର ମୋର ମନେହୁଏ ଏହାକୁ ଅସ୍ୱୀକାର କଲେ ସମଗ୍ର ମାନବଜାତି ନୈରାଶ୍ୟଜନକ ପରିସ୍ଥିତିର ସମ୍ମୁଖୀନ ହେବ ଓ ଦର୍ଶନ ନୈରାଶ୍ୟଜନକ ପରାମର୍ଶରେ ପରିଣତ ହୋଇଯିବ ।"

ସହଚରୀ ମାଧବୀ ଅପ୍ରତ୍ୟାଶିତ ହୃଦୟ ବିଦାରକ ବିଚ୍ଛେଦର ଦୁଃଖ ସହି ନପାରି କାନ୍ଦି କାନ୍ଦି ଶେଷରେ ଏକ ଶିଶୁ ଭଳି ଶୋଇ ପଡ଼ିଛି । ମନୋହର ରୂପସମ୍ପନ୍ନ ଦିବ୍ୟ ନାୟକନାୟିକା ତାକୁ ନିଦରୁ ଉଠାଇ ସାନ୍ତ୍ୱନା ପ୍ରଦାନ କରିଛନ୍ତି ।

# ଗୃହର ଆକର୍ଷଣ

କୁମାରନ୍ ଆସାନ ୧୯୦୬ରୁ ସଂଘର ସଂଗଠନ ଓ ପରିଚାଳନା ଦାୟିତ୍ୱ ଗ୍ରହଣ କଲା ପରଠାରୁ ଆପଣା ଗୋଷ୍ଠୀର ଜନସାଧାରଣଙ୍କ ଆଧ୍ୟାତ୍ମିକ ଓ ସାମାଜିକ ବିକାଶ ବ୍ୟାପାରରେ ସଂପୂର୍ଣ୍ଣଭାବେ ନିୟୋଜିତ ଥିଲେ । ଏଥିପାଇଁ ସେ ଗୁରୁଙ୍କ ପ୍ରେରଣାପ୍ରଦ ଉପଦେଶ ଲାଭ କରୁଥିଲେ ଓ ଆପଣାର ଆଧ୍ୟାତ୍ମିକ ଜୀବନ ମଧ୍ୟ ଗଠନ କରିଥିଲେ । ମାତ୍ର ଆସାନଙ୍କର ଥିଲା ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ତାହା ଆଉ କେଉଁ ବଳିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବରେ ନିୟନ୍ତ୍ରିତ ହେବା ସହଜ ନଥିଲା । ଏକଥା ସତ ଯେ ଆସାନଙ୍କର କୌଣସି ପାରିବାରିକ ବନ୍ଧନ ନଥିଲା । ଏଣୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ସେ ଆପଣାର ବିବାହ ବିଷୟ ଭାବି ନଥିଲେ । ସମସ୍ତେ ଭାବି ନେଇଥିଲେ ସେ ବ୍ରହ୍ମଚାରୀ ହୋଇ ରହିଯିବେ । ଚିନ୍ନା ସ୍ୱାମୀ ପଦବୀ ମଧ୍ୟ ଏହି ଧାରଣାକୁ ଦୃଢ଼ୀଭୂତ କରିଥିଲା । ମାତ୍ର ଆସାନଙ୍କ ମନରେ କଣ ସଂଘଟିତ ହେଉଥିଲା ତାହା ଖୁବ୍ କମ ବ୍ୟକ୍ତି ଜାଣିଥିଲେ । ଆପଣାର ବ୍ୟକ୍ତିଗତ ବିଷୟ ମଧ୍ୟ ସେ ଅନ୍ୟ ନିକଟରେ ପ୍ରକାଶ କରୁ ନଥିଲେ । ତାଙ୍କର ବ୍ୟକ୍ତିଗତ ଦିନଲିପି ମଧ୍ୟ ଥିଲା ଗୋପନୀୟ ।

ତାଙ୍କ ଭିତରେ ଯେ ଏକ ଅନାଶକ୍ତ ଭାବର ବିକାଶ ଘଟିଥିଲା ତାହା ଅନସ୍ୱୀକାର୍ଯ୍ୟ । ୧୯୧୧ରେ ତାଙ୍କର ମାତାଙ୍କ ମୃତ୍ୟୁ ହେଲାବେଳେ ସେ ଆପଣାର ଆବେଗପ୍ରବଣ ଆକର୍ଷଣ ଦର୍ଶାଇବା ଲାଗି ଆପଣା ଘରକୁ ଧାଇଁ ଯାଇ ନଥିଲେ । ଏହି ସଂପର୍କରେ ସେ ପରେ ଅବଶ୍ୟ କେତୋଟି ଶୋକାତ୍ମକ କବିତା ଲେଖିଥିଲେ । ଆପଣାର ଲୋକମାନଙ୍କସହ ଆସାନଙ୍କ ଆଚରଣରେ ମଧ୍ୟ ଉଦାସୀନତା ପ୍ରକଟିତ ହେଉଥିଲା । ଜଣେ ସ୍ୱାମୀ ବା ସନ୍ନ୍ୟାସୀ ଆପଣାର ଲୋକମାନଙ୍କ ପ୍ରତି ଅନାଶକ୍ତ ରହିବାହିଁ କାମ୍ୟ ।

ଆସାନଙ୍କ ମନରେ 'ବ୍ରହ୍ମଚାରୀ' ଓ 'ଗୃହସ୍ଥାଶ୍ରମୀ' ମଧ୍ୟରେ ନିଶ୍ଚୟ ଦ୍ୱନ୍ଦ୍ୱ ଜନ୍ମିଛି । ଅବଶେଷରେ ଶେଷୋକ୍ତ ବିଷୟଟିର ଜୟ ହୋଇଛି । ବୀଣାପୂଭୂ, ନଳିନୀ ଓ ଲୀଲାରୁ ତାହାଙ୍କ ମାନସିକ ପରିବର୍ତ୍ତନର ସୂଚନା ମିଳିଥାଏ । ତ୍ରିଭାନ୍ଦ୍ରମ୍‌ର ଜୀବନ ଓ କେତେକ ପରିବାରସହ ସଂପର୍କ ତାହାଙ୍କ ମନୋଭାବକୁ କେତେକ ପରିମାଣରେ ନମନୀୟ କରାଇବାରେ ସାହାଯ୍ୟ କରିଥିବ । ଡ. ପଲ୍‌ପୁଙ୍କ ପରିବାରସହ ତାଙ୍କର ଆକର୍ଷଣ କିପରି ବିକାଶ ଲାଭ କରିଥିଲା ତାହାପୂର୍ବରୁ କୁହାଯାଇଛି । ସଂଘର

ସଂଗଠନ କାର୍ଯ୍ୟ ଉପଲକ୍ଷେ ତାଙ୍କୁ ବାରଂବାର ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଥିଲେ ହେଁ, ସଂଘର କେନ୍ଦ୍ରଅଫିସ ତ୍ରିବାନ୍ଦ୍ରମରେହିଁ ତାଙ୍କୁ ବେଶିଦିନ ରହିବାକୁ ପଡୁଥିଲା । ଡ. ପଲପୁଙ୍କ ଭାଇ ପି. ମାଧବନ୍ ବୈଦ୍ୟନ୍ ଥିଲେ ଜଣେ ବିଶିଷ୍ଟ ଆୟୁର୍ବେଦୀୟ ଚିକିତ୍ସକ । ଆସାନ ୧୪ ବର୍ଷ ଧରି ଏହି ପରିବାର ସହ ଘନିଷ୍ଠ ଥିଲେ । ଏଣୁ ସେ ଥିଲେ ଏକ ପ୍ରକାର ଏହି ପରିବାରର ଲୋକ । ଆଉ ଗୋଟିଏ ପରିବାର ସହ ମଧ୍ୟ ତାଙ୍କର ଘନିଷ୍ଠତା ଜନ୍ମିଥିଲା । ତାହା ହେଉଛି ଡ. ପଲପୁଙ୍କ ମାମୁଁ କୁମାରୁ ରାଇଟରଙ୍କ ପରିବାର । କୁମାରୁ ରାଇଟର ସଂଘର ଅଡ଼ିଟର ଥିଲେ ଓ କେତେବର୍ଷପାଇଁ ଏହାର ଉପସଭାପତି ମଧ୍ୟ ହୋଇଥିଲେ ।

ପରେ ଏହି ପରିବାର ସହ କବିଙ୍କ ସଂପର୍କ ବିଶେଷ ଭାବରେ ଗଢ଼ି ଉଠିଥିଲା । ଏହି ପରିବାରର ଗୃହିଣୀ ଥିଲେ ରୂପବତୀ ଓ ସଙ୍ଗୀତ-ସାହିତ୍ୟ-ଅନୁରାଗୀ । ବିଶେଷ ଭାବେ ସେ ଥିଲେ କୁମାରନ୍‌ଙ୍କ କାବ୍ୟର ଅନୁରାଗିଣୀ । ଯାହା ହେଉ ଆସାନ ଯେ ଏହି ପରିବାରର ଦିନେ ଜାମାତା ହେବେ ଏହା କେହି କଳ୍ପନା ସୁଦ୍ଧା କରି ନଥିଲେ । ମାତ୍ର ଦିନେ ବିଚିତ୍ରଭାବେ ଏହା ହୋଇଥିଲା । ୪୫ ବର୍ଷର ବୃଦ୍ଧ କବି ଏହି ପରିବାରର ସତର ବର୍ଷର ଝିଅଟିକୁ କଣ୍ଠିହେଲେ । ସେ ଯେଉଁ ଦିନ କଲିକତାରୁ ଆସି ଏହି ପରିବାରରେ ପଦାର୍ପଣ କରିଥିଲେ ସେହି ଦିନହିଁ ଏହି ଝିଅଟି ଜନ୍ମ ହୋଇଥିଲା ଓ ପରେ କେତେଦିନ ପାଇଁ ମଧ୍ୟ ଥିଲା ତାଙ୍କର ଶିଷ୍ୟା ।

କାମଦେବଙ୍କ ଲୀଳା ବିଚିତ୍ର । ଗୈରିକବସନ ପରିହିତ ସନ୍ନ୍ୟାସୀଙ୍କୁ ମଧ୍ୟ ସେ ପ୍ରଭାବିତ କରିଦିଅନ୍ତି । ପ୍ରେମସହ ସମ୍ପୃକ୍ତ କବିଙ୍କୁ ବା ସେ କିପରି ପ୍ରଭାବିତ ନକରି ଛାଡ଼ିଦେବେ ? କୁମାରୁ ରାଇଟରଙ୍କ କନ୍ୟା ଭାନୁମତୀ ଅଳ୍ପ ବୟସରେ କେହି ମୁଣ୍ଡ ଘୂରାଉ ନଥିଲେ । ଏଗାରବର୍ଷ ବୟସରେ ତାର ପାଠପଢ଼ା ବନ୍ଦ ହେଲା । ଘର କାମର ଦାୟିତ୍ୱ ତା ଉପରେ ପଡ଼ିଲା । କାରଣ ଏହି ସମୟରେ ଗୋଟିଏ ଘଟଣାରେ କେତେଦିନ ପାଇଁ ତାର ମାଆଙ୍କ ମୁଣ୍ଡ ଖରାପ ହୋଇ ଯାଇଥିଲା । ଘଟଣାଟି ହେଉଛି, ଭାନୁମତୀର ୧୯ ବର୍ଷ ବୟସ୍କା ବଡ଼ ଭଉଣୀ ବାହାହୋଇଗଲା ପରେ ହଠାତ୍ ଶୋଚନୀୟ ଭାବେ ମରିଯାଇଥିଲା । ଏଣୁ ସ୍କୁଲରେ ପାଠ ପଢ଼ିବାର ସୁଯୋଗରୁ ଭାନୁମତୀ ହେଲା ବଂଚିତା । ଯାହାହେଉ ତାକୁ ଇଂରେଜୀ ଶିଖେଇବା ଲାଗି ଜଣେ ଗୃହଶିକ୍ଷକ ନିଯୁକ୍ତ ହୋଇଥିଲେ । ମାତ୍ର ଏହି ବ୍ୟବସ୍ଥା ମଧ୍ୟ ବେଶି ଦିନ ଚାଲିପାରିଲା ନାହିଁ । ତାପରେ ବାପାମାଆ ତାକୁ ସାଧାରଣ ଭାବେ ସଂସ୍କୃତ ଶିକ୍ଷା ଦେବାକୁ ମନସ୍ଥ କଲେ । କୁମାରନ୍ ଆସାନଙ୍କ ସଙ୍ଗେ ଏ ସଂପର୍କରେ ପରାମର୍ଶ କରାଗଲା । ନିଜର ସୁବିଧାକ୍ରମେ ସେ ଯତ୍‌ସାମାନ୍ୟ ସଂସ୍କୃତ ପଢ଼ାଇ ଦେବାକୁ

ଗ୍ରହଣ କରିଦେଲେ । ଏଥିରେ ସମସ୍ତେ ଖୁସି, ଜଣେ ବିଶିଷ୍ଟ କବିଙ୍କୁ ଘରୋଇ ଶିକ୍ଷକ ଭାବେ ପାଇଥିବାରୁ ପଞ୍ଚଦଶ ବର୍ଷୀୟା ଭାନୁମତୀ ହେଲା ବିଶେଷ ଆନନ୍ଦିତା । ବାସ୍ତବିକ ଭାନୁମତୀ ଅତି ଆଗ୍ରହ ଓ ଉତ୍ସାହର ସହିତ ସଂସ୍କୃତ ପଢ଼ିବାକୁ ଲାଗିଲା । ଗୁରୁ ମଧ୍ୟ ଜଣେ ଉତ୍ସାହୀ ଓ ଅନୁଗତ ଶିଷ୍ୟା ପାଇ ଆନନ୍ଦିତ । ପ୍ରସଙ୍ଗକ୍ରମେ ସେ ଦିନେ ଦିନେ ତାଙ୍କୁ ସ୍ୱରଚିତ କବିତା ଆବୃତ୍ତି କରି ତାର ଅର୍ଥ ବୁଝାଇ ଦେଉଥିଲେ । ପରବର୍ତ୍ତୀ କେତେବର୍ଷ ମଧ୍ୟରେ ଭାନୁମତୀର ଅଗୋଚରରେ ତାହାର ଗୁରୁଙ୍କପ୍ରତି ଅନୁରାଗର ବର୍ଣ୍ଣ ବଦଳି ଯାଇଥିଲା । ପ୍ରାକୃତିକ ଧାରାରେ ତାର ଦେହ ହେଲା କୁସୁମିତ ଓ ମନ ହୋଇ ଉଠିଥିଲା ମଧୁମୟ । ଆମ କବି ନିଜେ କହିଛନ୍ତି—

> "ଆସିଲେ ସମୟ
> ଲତିକା ତା ଶଯ୍ୟା ଅବା ପାଦପ ତଳୁରେ
> ନକରି ଅପେକ୍ଷା, ହୁଏ କୁସୁମେ ମଣ୍ଡିତା ।"

ଶିଷ୍ୟା ଗୁରୁଙ୍କୁ ଖୁବ୍ ଭକ୍ତିକରେ । ସବୁଦିନ ଆସି ତାଙ୍କୁ ଫୁଲ୍ ଦିଏ । ଯେଉଁ ଦିନ ସେ ନ ଆସନ୍ତି ସେ ଦିନ ତାର ମନ ବିଷନ୍ନ ହୋଇଯାଏ । ଏହି ଅନୁରାଗ ଥିଲା ସଂପୂର୍ଣ୍ଣ କାମ-ଗନ୍ଧ-ହୀନ । ଭାନୁମତୀଙ୍କ ସ୍ମୃତିକଥାରୁ ତାହାହିଁ ଜଣାଯାଏ । ତାର ଏହି ଅନୁରାଗହିଁ କ୍ରମେ ଭକ୍ତିରେ ପରିଣତ ହୋଇଥିଲା । ସେଇ ବୟସର ଝିଅଟିର ଏପରି ମନୋଭାବ ପରିବର୍ତ୍ତିତ ହେବାରେ ବିଚିତ୍ରତା ନାହିଁ । ମାତ୍ର ଏକ ବିରାଟ ଅନୁଷ୍ଠାନର ଦାୟିତ୍ୱରେ ଥିବା ଓ ସମାଜରେ ସମ୍ମାନିତ ହେଉଥିବା ଏବଂ ନାରାୟଣ ଗୁରୁଙ୍କ ଆଧ୍ୟାତ୍ମିକ ଉତ୍ତରାଧିକାରୀ ଭାବେ ବିବେଚିତ ହେଉଥିବା ଜଣେ ୪୫ ବର୍ଷର ପରିଣତ ବୟସ୍କ ବୃଦ୍ଧ କବିଙ୍କର ପରିବର୍ତ୍ତନକୁ କ'ଣ ବୁଝାଯିବ ? ତାଙ୍କର ପ୍ରତ୍ୟେକ ପଦକ୍ଷେପ ବିଚାରସମ୍ମତ ହେବା ଆବଶ୍ୟକ । କିନ୍ତୁ ସେ ତା କରିଥିଲେ କି ?

ଆସାନ ଅଫିସ କାମରେ ଦିନସାରା ବ୍ୟସ୍ତରହି କେବଳ ସଂଧ୍ୟାରେ ଭାନୁମତୀକୁ ପଢ଼ାଇବା ଲାଗି ସମୟ ପାଉଥିଲେ । ଦିନେ ଖୁବ୍ ବର୍ଷା ହେବାରୁ ରାତିଟା ଭାନୁମତୀଙ୍କ ଘରେ ରହିଯିବାକୁ ତାଙ୍କୁ ଅନୁରୋଧ କରାଗଲା । ଏହାପରେ ସୁବିଧା ଦୃଷ୍ଟିରୁ ତାଙ୍କର ଅନ୍ୟତ୍ର ନରହି ସେଇଠି ରହିବାକୁ ଘରର ସମସ୍ତେ ଅନୁରୋଧ କଲେ । ଭାନୁମତୀକୁ ପଢ଼ାଇବାଲାଗି ସେ କୌଣସି ପାରିଶ୍ରମିକ ନେଉ ନ ଥିବାରୁ ଆସାନଙ୍କର ତାଙ୍କ ଘରେ ରହିବାରେ କିଛି ଅସ୍ୱାଭାବିକତା ନଥିଲା । ସେହି ସମୟରେ ଆସାନ ଦୁଇଜଣ ଜର୍ମାନବ୍ୟକ୍ତିଙ୍କୁ ସଂସ୍କୃତ ପଢ଼ାଉଥିଲେ ଓ ଏଥିପାଇଁ ପ୍ରତ୍ୟେକଙ୍କଠାରୁ ୬୪ ଟଙ୍କା ପାରିଶ୍ରମିକ ପାଉଥିଲେ । ଆସାନ ଆସି ଭାନୁମତୀଙ୍କ ଘରେ

ରହିଲେ ଓ ସେଇଠି ଖିଆପିଆ କଲେ । ଏଣୁ ଗୁରୁଙ୍କ ତତ୍ତ୍ୱନେବା ଶିଷ୍ୟାର ଦାୟିତ୍ୱ ହେବା ସ୍ୱାଭାବିକ ।

ଯାହାହେଉ ଏହି ପରିସ୍ଥିତିରେ ସେମାନଙ୍କ ସଂପର୍କ ଗୁରୁ ଓ ଶିଷ୍ୟା ଭଳି ରହିବା କଥା । ଆସାନ ମଧ୍ୟ ଥିଲେ ଅତ୍ୟନ୍ତ ଆତ୍ମସଂଯମୀ ଓ ସୁଶୃଙ୍ଖଳ । ଉତ୍ତେଜନାରେ ବିଚଳିତ ହେବା ଭଳି ବ୍ୟକ୍ତି ସେ ନଥିଲେ । ସେ ଯାହା କରୁଥିଲେ ତାହା ବହୁ ବିଚାର ବିବେଚନା ପୂର୍ବକ କରୁଥିଲେ । କୌଣସି ବିଷୟରେ ନିଷ୍ପତ୍ତି ଗ୍ରହଣ କଲାପରେ ସେଥିରୁ ତାଙ୍କୁ ନିବୃତ୍ତ କରିବା ଥିଲା କଷ୍ଟକର । ଏଇ ଅଳ୍ପ ବୟସ୍କା ଝିଅଟିକୁ ଯେ ସେ ସ୍ନେହ କରୁଥିଲେ ଏଥିରେ ସନ୍ଦେହ ନାହିଁ । କ୍ରମେ ସେ ଅନୁଭବ କଲେ ଭାନୁମତୀର ସ୍ନେହରେ ରହିଛି ବିଶେଷତ୍ୱ, ଭଲ ଗୃହିଣୀଠାରୁ ମଧ୍ୟ ଏପରି ଆନ୍ତରିକତା ଆଶା କରିଯାଇ ନପାରେ । ନୀରବ ମୁହୂର୍ତ୍ତରେ ସେ ଏହାର ଭଲ ଓ ମନ୍ଦ ଦିଗ ବିଷୟରେ ଚିନ୍ତା କରିଥିବେ । ବହୁ ପୁରୁଷ ଓ ସ୍ତ୍ରୀଙ୍କ ସହ ତାଙ୍କର ବନ୍ଧୁତା ଥିଲେହେଁ କୌଣସି ଜଣେ ବ୍ୟକ୍ତି ନିକଟରେ ସେ ଆପଣାକୁ ସଂପୂର୍ଣ୍ଣ ଉତ୍ସର୍ଗ କରି ଦେଇ ନଥିଲେ । କାହାକୁ ସେ ସଂପୂର୍ଣ୍ଣ ଆପଣାର ବୋଲି ଭାବୁ ନଥିଲେ । ନିଜକୁ ଉତ୍ସର୍ଗ କରିଦେବାରେ ଯେ ଜୀବନର ପରିପୂର୍ଣ୍ଣତା ନିହିତ ଏହାହିଁ ତାଙ୍କର ହୃଦବୋଧ ହେଲା । ଭାନୁମତୀଠାରୁ ସେ ତା' ପାଇବେ, ଏହାହିଁ ଥିଲା ତାଙ୍କର ଧାରଣା । ମୋହାଚ୍ଛନ୍ନ ଆବେଗପ୍ରବଣ ଭାବରେ ନୁହେଁ ଶାନ୍ତ, ଆନୁକ୍ରମିକ ଗତିରେହିଁ ସେ ଏହା ଉପଲବ୍‌ଧି କରିପାରିଥିଲେ ।

ପବନରେ ଫୁଲିଉଠିଥିବା ବେଲୁନ୍‌ଟି କେଉଁଠି ହେଲେ ଫାଟିଯାଏ । କାହିଁକି ଏକ ନିର୍ଦ୍ଦିଷ୍ଟ ରୂପରେ ତାହା ଫାଟିଲା ଏହା ନିର୍ଦ୍ଧାରଣ କରିବା କଷ୍ଟକର । ୧୯୧୭ରେ ନାରାୟଣ ଗୁରୁଙ୍କ ଜନ୍ମଦିନ ଖୁବ୍ ଆଡ଼ମ୍ବରରେ ପାଳିତ ହେଉଥାଏ । ଏହି ଉତ୍ସବରେ ଯୋଗଦେବା ଲାଗି ଆସାନଙ୍କର ଖୁବ୍ ସକାଳୁ ଯିବା କଥା । ପାହାନ୍ତା ଘ୩.୩୦ରେ ସେ ଶଯ୍ୟା ତ୍ୟାଗ କଲେ । ଅଗଣାରେ ଠିଆହୋଇ ସେ ଦାନ୍ତ ଘଷୁଥାନ୍ତି ; ଭାନୁମତୀ ତାଙ୍କ ପାଇଁ ପାଣି ଆଣି ଦେଲା । ପ୍ରରୋଚନାର କୌଣସି କାରଣ ନଥିଲା । ଏହି ସମୟରେ ଆସାନ ଭାନୁମତୀର କପାଳରେ ହାତରଖି ତାକୁ ଆଶୀର୍ବାଦ କଲେ । ଭାନୁମତୀ ଅନୁଭବ କଲା ଗୁରୁଙ୍କର ସ୍ପର୍ଶଥିଲା ଆଶୀର୍ବାଦଠାରୁ ସ୍ୱତନ୍ତ୍ର । ଦୁହେଁ ଯେ ପ୍ରେମାଶକ୍ତ ଓ ଜଣେ ଯେ ଅନ୍ୟ ଜଣକ ପାଇଁ ଉଦ୍ଦିଷ୍ଟ କ୍ରମେ ଏହା ସ୍ପଷ୍ଟ ହୋଇଗଲା ।

ପ୍ରେମ ମଣିଷକୁ ଶ୍ରେଷ୍ଠ କରିଦିଏ, ଏହା ମଧ୍ୟ ମହାନ କରିଦିଏ । ପ୍ରେମ ଜୀବନକୁ କରେ ମସୃଣ ଓ ଏକୀଭୂତ । ୪୫ ବର୍ଷର ବରିଷ୍ଠ କବି ଓ ୧୭ ବର୍ଷର ସରଳା ଅନଭିଜ୍ଞା ଝିଅ ଦୁହେଁ ଏକୀଭୂତ ହୋଇଗଲେ ।

ଭାନୁମତୀଙ୍କ ସ୍ମୃତିକଥାରୁ ଜଣାଯାଏ, ଦିନେ ଆସାନ ନିର୍ଦ୍ଧାରିତ ପାଠପଢ଼ାପରେ ତାହାଙ୍କ ରଚିତ 'କଥପୋପୁଷ୍ପମ୍' କବିତାଟି ପାଠକଲେ । ଏହାପରେ ସେ ଆପଣାର କୋଟ ପକେଟରୁ ଏକ ଶୁଖି ଯାଇଥିବା ଫୁଲ୍ କାଢ଼ି ଭାନୁମତୀଙ୍କୁ ଉପହାର ଦେଲେ । କୁଆଡ଼େ ବହୁବର୍ଷ ପର୍ଯ୍ୟନ୍ତ ଭାନୁମତୀ ଏଇ ଫୁଲର ସୁବାସକୁ ସ୍ମରଣ କରୁଥିଲେ । 'ଭୂପତିତ କୁସୁମ'ର କବି ଆପଣା ପ୍ରେମାସ୍ପଦାକୁ ଏକ ଶୁଷ୍କ କୁସୁମ ଦେବା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଏହି ଘଟଣାର ଏକ ପ୍ରତୀକାତ୍ମକ ଗୁରୁତ୍ୱ ରହିଛି । ଗୁରୁ ଓ ଶିଷ୍ୟାଙ୍କ ସମ୍ପର୍କରେ ପରିବର୍ତ୍ତନ ପ୍ରଥମେ ଭାନୁମତୀଙ୍କ ମାଆ ଲକ୍ଷ୍ୟ କରି ପାରିଥିଲେ । ସେ ଜାଣି ପାରିଲେ କନ୍ୟା ତାଂକର ଅଧିକ ଆତ୍ମୀୟା ହୋଇ ପଡ଼ୁଛି । ସେ ଏଥିପାଇଁ ତାକୁ ସାବଧାନ କରିଦେଲେ । ମାତ୍ର ସେଥିରେ କିଛି ଲାଭ ହେଲା ନାହିଁ । କ୍ରମେ ଏହି ବିଷୟ ପରିବାରର ସମସ୍ତେ ଜାଣି ପାରିଲେ । ଏହି ସମ୍ବାଦରେ ଲୋକେ ଅସନ୍ତୋଷ ପ୍ରକାଶ କରିବା ସ୍ୱାଭାବିକ । ଏଥିପାଇଁ ନାନାପ୍ରକାର ଗୁଜବ ଓ ବଦନାମ ମଧ୍ୟ ବ୍ୟାପିଗଲା ।

କୁମାରନ୍ ଆସାନ ତ୍ରିଭାନ୍ଦ୍ରମରେ ଗୋଟିଏ ଶ୍ରେଷ୍ଠ ଘର କିଣିଥିଲେ । ସେ ଓ ତାଙ୍କ ବନ୍ଧୁ ଆଯ୍ୟପ୍ପନ ସେଠାରେ ଯାଇ ରହିଲେ । ଏହାପରେ ଯଥାଶୀଘ୍ର ବିବାହ ପ୍ରସ୍ତାବ ପଡ଼ିଲା । ବହୁ ସମାଲୋଚନା, ପ୍ରତିବନ୍ଧକ ସତ୍ତ୍ୱେ ଅବିଳମ୍ବେ ବିବାହ ସମ୍ପାଦିତ ହେବା ସ୍ଥିର ହେଲା । ଆସାନଙ୍କ ଭଳି ଜଣେ ବିଶିଷ୍ଟ ବ୍ୟକ୍ତି ୧୭ ବର୍ଷୀୟା ଏକ ସରଳା ଅନଭିଜ୍ଞା ବାଳିକାକୁ ବିବାହ କରିବେ ଏହି ସମ୍ବାଦ ଅନେକଙ୍କୁ ହତଚକିତ କରିଦେଲା ।

ଆସାନ ବିବାହ କରିବାକୁ ମନସ୍ଥ କରିଥିଲେହେଁ ଏଥିପାଇଁ ଗୁରୁଙ୍କ ଅନୁମତି ଓ ଆଶୀର୍ବାଦ ପାଇବାକୁ ଇଚ୍ଛା କରୁଥିଲେ । ସମ୍ଭବତଃ ସେ ତାଙ୍କ ପାଖକୁ ଯିବାକୁ ଚାହିଁ ନଥିଲେ । ଅନୁରୋଧ ସମ୍ବଳିତ ସଂସ୍କୃତରେ ଚାରିଗୋଟି ଶ୍ଳୋକ ଲେଖି ସେ ଗୁରୁଙ୍କ ନିକଟକୁ ପଠାଇଲେ । ତାହାଙ୍କ ତତ୍କାଳୀନ ମାନସିକ ପୀଡ଼ା ବିଷୟରେ ସେ ତାଙ୍କ ଦିନଲିପିରେ ଇଂରାଜୀରେ ଗୋଟିଏ ମାତ୍ର ବାକ୍ୟ ଲେଖିଥିବା ଜଣାଯାଏ । ତାହା ହେଉଛି "ମୋ ବିବାହ ସମ୍ପର୍କରେ ଅନୁମତିପାଇଁ ମୁଁ ସ୍ୱାମୀଙ୍କୁ ପତ୍ର ଲେଖିଛି । ୧୪.୨.୧୯୧୭ ରେ ମୁଁ ଏଇ ସଂସ୍କୃତ ଶ୍ଳୋକରେ ଏଇ ପ୍ରାର୍ଥନାଟି ଲେଖିଥିଲି" । ସେହିପରି ଭାନୁମତୀର ବାପାଙ୍କ ସଙ୍ଗେ ତାଙ୍କର ଆଳାପ ସଂପର୍କରେ ମାତ୍ର ଗୋଟିଏ ବାକ୍ୟ ତାଙ୍କ ଦିନଲିପିରେ ଲିପିବଦ୍ଧ "ଶ୍ରୀଯୁକ୍ତ ଏମ୍. କୁମାରୁଙ୍କୁ ମୋ ବିବାହ ବିଷୟ କହିଲି-୭.୨.୧୯୧୭ରେ ।"

ସ୍ୱାମୀଙ୍କୁ ପତ୍ର ଲେଖିଥିବା ଅନୁରୋଧ ଶ୍ଳୋକର ମର୍ମ ହେଉଛି- ପ୍ରଭୁ ଆପଣଙ୍କୁ

ସମ୍ମତି ନ ନେଇ ମୁଁ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛୁ ସେଥିପାଇଁ ମୋତେ କ୍ଷମା କରନ୍ତୁ । ତାହାଙ୍କ ଅନୁରୋଧ ପତ୍ରଟି ସ୍ୱାମୀଙ୍କ ଆଗରେ ଦୁଇଥର ପଢ଼ାଯାଇଥିଲା । ସ୍ୱାମୀଙ୍କ ପ୍ରତିକ୍ରିୟା ଜାଣିବାକୁ ଲୋକେ ଉତ୍କଣ୍ଠିତ ହୋଇ ଅପେକ୍ଷା କରିଥିଲେ । ମାତ୍ର ସେ ଏ ସଂପର୍କରେ ପଦେମାତ୍ର ଉଚ୍ଚାରଣ କଲେ ନାହିଁ। ସପ୍ତାହକ ପରେ ତାଙ୍କର ଆଶୀର୍ବାଦ ଭିକ୍ଷାକରି ଏକ ଟେଲିଗ୍ରାମ ଆସିଲା । ଜଣେ ଶିଷ୍ୟ ପଚାରିଲେ—ଆମେ କଣ ତାଙ୍କୁ ଅନୁମତି ଦେଇ ଉତ୍ତର ଦେବା ନାହିଁ ?

'ବିବାହ ତ ସ୍ଥିର ହୋଇ ଯାଇଛି । ଏବେ ଆଉ ଅନୁମତି ଦେବାର ଯଥାର୍ଥତା କଣ ଅଛି ?

'ସେ ଆଶୀର୍ବାଦ ପାଇଁ ଅନୁରୋଧ କରିଛନ୍ତି'

'ଆଶୀର୍ବାଦ ତ ଅଛି ।'

ଏଇଆ କଣ ଜଣାଇ ଦିଆଯିବ ?

ନାରାୟଣ ଗୁରୁ ଏହାପରେ ନୀରବ ରହିଲେ । ସେ ଏ ବିଷୟରେ ଆନନ୍ଦିତ ହୋଇ ପାରି ନଥିଲେ ; କିନ୍ତୁ ସେ ଏଥିରେ ହସ୍ତକ୍ଷେପ କରିବାକୁ ମଧ୍ୟ ଚାହିଁ ନ ଥିଲେ ।

ସରଳ କାର୍ତ୍ତିକମ୍ବର ସ୍ଥିତରେ ୧୯୧୭ ମସିହାରେ ଆସାନଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ବରକନ୍ୟାଙ୍କ ମଧ୍ୟରେ ମାଳା ବିନିମୟହିଁ ଥିଲା ଏହାର ମୁଖ୍ୟ ଅଂଗ । ରାଜ୍ୟ ସଚିବାଳୟର କୃଷ୍ଣ ଆୟାର ନାମକ ଜଣେ ବ୍ୟକ୍ତି ପୁରୋହିତ ହୋଇଥିଲେ । ସୁନ୍ଦରୀ ଗୃହିଣୀଟି ପାଇଁ ଅପେକ୍ଷା କରୁଥିବା ନୂଆଘରେ ନବଦମ୍ପତି ଯାଇ ରହିଲେ । ନବଦମ୍ପତି ପରସ୍ପରଠାରୁ ଅବାଧରେ ନୂତନ ଶିକ୍ଷା ଲଭ କଲେ, ଏଣୁ ବନ୍ଧୁ ଆତ୍ମୀୟସ୍ୱଜନ ସେଇ ଘର ଛାଡ଼ି ଅନ୍ୟତ୍ର ରହିଲେ । ଶିକ୍ଷକଙ୍କ ଶିକ୍ଷାଦାନ ପୂର୍ବପରି ଚାଲିଲା । ମାତ୍ର ସଂସ୍କୃତ ମହାକାବ୍ୟ ଶିକ୍ଷାଦେବାରେ ଏହା ସୀମିତ ନଥିଲା । ଗୃହ ପରିଚାଳନା, ରନ୍ଧନକଳା ପ୍ରଭୃତି ବହୁବିଧ ବିଷୟରେ ଏହାଥିଲା ପରିବ୍ୟାପ୍ତ । ସ୍ୱାମୀଙ୍କଠାରୁ ବହୁ ବିଷୟରେ ଶିକ୍ଷାଲଭ କରି କର୍ମନିପୁଣା ହୋଇ ପାରିଥିବା ବିଷୟ ଭାନୁମତୀ ଅମ୍ମା ତାହାଙ୍କ ସ୍ମୃତି କଥାରେ ସ୍ୱୀକାର କରିଅଛନ୍ତି ।

ଆସାନଙ୍କୁ ଜୀବନରେ ବହୁ ପ୍ରକାର ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ଏହାଥିଲା ବ୍ୟକ୍ତିଗତ, ସାମାଜିକ ଓ ସାହିତ୍ୟିକ ପ୍ରଭୃତି ନାନା ପ୍ରକାରର । ମୁଖ୍ୟତଃ ତାଙ୍କରି ସମ୍ପ୍ରଦାୟର ଲୋକେ ଏଥିରେ ଅଂଶ ଗ୍ରହଣ କରିଥିଲେ । ସଙ୍ଘ ସେତେବେଳକୁ ଏକ ବିରାଟ ଅନୁଷ୍ଠାନରେ ପରିଣତ ହୋଇ ସାରିଥାଏ । ଏଣୁ ଏହାର ସମ୍ପାଦକ ପଦ ବେଶ୍ ସମ୍ମାନଜନକ ବିବେଚିତ ହେବା

ସ୍ୱାଭାବିକ । ତ୍ରାଭାଙ୍କୋରର ପ୍ରଜାସଭାର ସଭ୍ୟ ହେବା ଯୋଗୁ ସଂଘ ଏକ ରାଜନୈତିକ ସୁବିଧା ମଧ୍ୟ ଅର୍ଜନ କରିଥିଲା । ଆସାନଙ୍କ ପକ୍ଷେ ରାଜ୍ୟର ଦେଓ୍ୱାନଙ୍କ ପାଖକୁ ଯିବା ଥିଲା ଖୁବ୍ ସହଜ ଓ ତାଂକ ସୁପାରିସର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଥିଲା । ନିଜ ସମ୍ପ୍ରଦାୟର ଯାହାକୁ ସେ ସାହାଯ୍ୟ ପାଇଁ ଉପଯୁକ୍ତ ବିବେଚନା କରୁଥିଲେ, ତାହାପାଇଁ ଉପରକୁ ସୁପାରିଶ କରିପାରୁଥିଲେ । ସମକାଳୀନ କେତେକ ବ୍ୟକ୍ତି ଏଥିପାଇଁ ଈର୍ଷାନ୍ୱିତ ହୋଇ ପଡ଼ିଲେ ଓ ସେମାନେ ଆସାନଙ୍କ ସୁନାମରେ କଳଙ୍କଲେପନ କରିବାକୁ ଚେଷ୍ଟାକଲେ । ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଅଭିଯୋଗ କଲେ, ଆସାନ ତାହାଙ୍କ ପଦର ଅପବ୍ୟବହାର କରି ନିଜ ସ୍ୱାର୍ଥ ସାଧନ କରୁଛନ୍ତି । ଅନ୍ୟ କେତେକ ବ୍ୟକ୍ତି ତାହାଙ୍କ ବ୍ୟକ୍ତିଗତ ଓ ଆପଣା ଗୃହୀଙ୍କୁ ବିବାହ କରିବା ପ୍ରସଙ୍ଗକୁ ନେଇ ତାଙ୍କପ୍ରତି ଦୋଷାରୋପ କରିବାକୁ ଲାଗିଲେ ।

ଘନିଷ୍ଠ ବନ୍ଧୁ ବିବେଚିତ ହେଉଥିବା କେତେକ ବ୍ୟକ୍ତି ତାଙ୍କ ପ୍ରତି ଦୋଷାରୋପ କରିବାରୁ ଆସାନ ମର୍ମାହତ ହୋଇ ପଡ଼ିଲେ । ଏହି ଭାବାବେଗର ମେଘରୁ ଝରିଥିଲା 'ଗ୍ରାମ ବୃକ୍ଷତଲେ କୁୟିଲ' (ଗ୍ରାମ୍ୟ ବୃକ୍ଷର କୋଇଲି) ନାମକ ଏକ କାବ୍ୟ (୧୯୧୯) । କାବ୍ୟ ବର୍ଣ୍ଣିତ ଏଇ କୋଇଲିଟି ହେଉଛନ୍ତି କବି ନିଜେ ଏବଂ ଏଇ ଗଛ ହେଉଛି ତାଙ୍କର ସଂଘ । ସେ ଗଛଟି ଯେଉଁ ଯୋଗୀଙ୍କର, ସେ ହେଉଛନ୍ତି ନାରାୟଣ ଗୁରୁ । ଏହି ରୂପକ ମାଧ୍ୟମରେ ଆପଣାର ମନୋଭାବକୁ ବ୍ୟକ୍ତ କରି କବି ଆପଣାର ନୈରାଶ୍ୟ ଓ ଦୁଃଖକୁ ଲାଘବ କରିଛନ୍ତି । ଏହି ସୁନ୍ଦର କବିତାଟିରୁ କବିଙ୍କ ମନର ଭାବ ଭଲଭାବେ ବୁଝିହୁଏ ।

"ସବୁଦିନ ଶୁଣି ତୁମ ଗୀତ
ପ୍ରେମରୁ ଯା ଝରିଥିଲା ଅମୃତର ସମ
(ଏଇତରୁ) ପ୍ରସାରିତ କରି ତାର ପତ୍ରଯୁକ୍ତ ଶାଖା
ସୁନୀଳ ଆକାଶ ସମ ଉଠିଥିଲା ଊର୍ଦ୍ଧ୍ୱେ ।"

ପନ୍ଦର ବର୍ଷ ମଧ୍ୟରେ କୋଇଲି ସଂଘ ପାଇଁ କିପରି ଗୋଟିଏ ପରେ ଗୋଟିଏ କାମ କରିଛି ତାହାର ସୂଚନା ଏଥିରେ ପ୍ରଦତ୍ତ । ଦିନରେ କାଉମାନେ ଓ ରାତିରେ ପେଚାମାନେ କୋଇଲିକୁ ତାର କର୍ତ୍ତବ୍ୟ ସଂପାଦନରେ ବାଧା ଦେଉଥିଲେହେଁ ସେ ଏଥିରୁ ନିବୃତ୍ତ ହୋଇ ନ ଥିଲା । ଏହି ଆତ୍ମଜୀବନ-ମୂଳକ ପ୍ରସଂଗଟି କବିତାଟିର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଇଛି ।

ସଂଘ ୧୯୦୨ରେ ପ୍ରତିଷ୍ଠିତ ହୋଇଥିବା ଓ ୧୯୧୯ ପର୍ଯ୍ୟନ୍ତ ଆସାନ ଏହାର ସାଧାରଣ ସଂପାଦକ ଥିବା ବିଷୟ ପୂର୍ବରୁ କୁହାଯାଇଛି । ଏହାର ସଂବିଧାନ

ଅନୁଯାୟୀ ସଂପାଦକ ପ୍ରତ୍ୟେକ ବର୍ଷ ନିର୍ବାଚିତ ହେବା କଥା । ଅନୁଷ୍ଠାନର ଆଦ୍ୟ ପର୍ଯ୍ୟାୟରେ ସଂପାଦକ ହେବା ପାଇଁ କେହି ଆଗ୍ରହୀ ନ ଥିଲେ । ପରେ କେତେକ ବ୍ୟକ୍ତି ଆଗ୍ରହୀ ହେଲେହେଁ, କେହି କୁମାରନ୍‌ଙ୍କ ସମକକ୍ଷ ନ ଥିଲେ । ଏଣୁ ସେ ସବୁବର୍ଷ ସଂପାଦକ ଭାବେ ନିର୍ବାଚିତ ହେଉଥିଲେ । ଏହା ଫଳରେ କେତେକ ବ୍ୟକ୍ତି ବିଚଳିତ ହେବା ଓ ଏହି ପଦରେ ପରିବର୍ତ୍ତନ କାମନା କରିବା ସ୍ୱାଭାବିକ । ସେମାନେ ଆଶାନଙ୍କ ପାଇଁ ନାନା ସମସ୍ୟା ସୃଷ୍ଟି କରିବାକୁ ଚେଷ୍ଟା କଲେ । ଆଶାନ ମଧ୍ୟ ପରିବର୍ତ୍ତନ କାମନା କଲେ । ୧୯୧୫ ପ୍ରାରଂଭରୁ ତାହା ସ୍ପଷ୍ଟ ହୋଇ ଯାଇଥିଲା । ତାହାଙ୍କ ସୁନାମ ଓ ଖ୍ୟାତି ସେତେବେଳକୁ କେରଳ ବାହାରେ ମଧ୍ୟ ପ୍ରସାରିତ ହୋଇଯାଇଥାଏ । ସଂଘର ୧୬ଶ ବାର୍ଷିକ ଅଧିବେଶନରେ ଆଶାନ ତାହାଙ୍କ ପଦତ୍ୟାଗ କରିବାର ନିଷ୍ପତ୍ତି ସର୍ବସାଧାରଣରେ ଘୋଷଣା କରିଥିଲେ । ଦାୟିତ୍ୱରୁ ଅବ୍ୟାହତି ନମିତ୍ତ ବନ୍ଧୁ କଷ୍ଟରେ ସେ ଲୋକମାନଙ୍କୁ ରାଜି କରାଇ ପାରିଥିଲେ ।

ଏହା ପୂର୍ବରୁ ନାରାୟଣ ଗୁରୁ ସଂଘର ପ୍ରତ୍ୟକ୍ଷ ସଂପର୍କରୁ ଆପଣାକୁ ଦୂରେଇ ନେଇଥିଲେ । ତାହା ଏହି କବିତାଂଶରୁ ଜଣାଯାଏ ।

"ଏଇଭୂମି ତୁମେ ଏବେ ଛାଡ଼ିଯାଇପାର
ଅଶ୍ରୁପାତ ଯୋଗ୍ୟ ନୁହେଁ ଏତରୁ ବିରହ ।
ତପସ୍ୟା ତ ହୋଇ ଅଛି ସଫଳ ତାହାଙ୍କ
ସନ୍ନ୍ୟାସୀ ଗଲେଣି ତେଜି ତାଙ୍କ ବାସଭୂମି
ମହତ ନୁହନ୍ତି ଲିପ୍ତ ଦୀର୍ଘକାଳ କେଉଁ ବିଷୟରେ ।"

ଆଶାନ ସଂଘର ସମ୍ମାନିତ ପଦରୁ ସଂପର୍କ ଛିନ୍ନ କରିଥିଲେହେଁ ସଂପ୍ରଦାୟର ଲୋକେ ତାଙ୍କୁ ଉପେକ୍ଷା କରି ନଥିଲେ । ୧୭ଶ ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରିବାକୁ ତାଙ୍କୁ ଯେ ନିମନ୍ତ୍ରଣ କରାଯାଇଥିଲା, ଏଥିରୁ ତାହାର ପ୍ରମାଣ ମିଳିଥାଏ ।

ଆପଣାର ବ୍ୟକ୍ତିଗତ ସୁଖସୁବିଧା ଓ ଲାଭକୁ ଉପେକ୍ଷା କରି ଆଶାନ ସଂଘ ପାଇଁ ଦୀର୍ଘ ୧୬ ବର୍ଷ କଠିନ ପରିଶ୍ରମ କରିଥିଲେ । ୧୯୧୭ରେ ଚଳିବା ଖର୍ଚ୍ଚ ସ୍ୱରୂପ ତାଙ୍କୁ ମାତ୍ର ଟ୩୦. ୦୦ ମିଳୁଥିଲା । ଏହାକୁ ବଢାଇ ଯେତେବେଳେ ଟ ୫୦. ୦୦ କରାଗଲା ସେତେବେଳେ କେତେକ ପ୍ରତିବାଦ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ କିପରି କାମ କରୁଥିଲେ, ତାହା ଏଥିରୁ ସହଜରେ ଜାଣିହେବ । ଉନ୍ନତ ଜନତାଙ୍କ ପ୍ରଶଂସା ଓ ନିନ୍ଦାଠାରୁ ଦୂରରେ ରହି ଆପଣାର ସୃଜନ-ପ୍ରତିଭାର ଉପଯୋଗ ପାଇଁ ଏକ ଶାନ୍ତ ଗୃହସ୍ଥଳୀ ଲାଗି ଯେ ତାହାଙ୍କ ହୃଦୟରେ ଆକୁଳତା ଜନ୍ମିଥିଲା, ଏହା ଯଥାର୍ଥରେ ସମର୍ଥନ ଯୋଗ୍ୟ ।

# ପ୍ରାରୋଦନମ୍ ଓ ସୀତା

କୁମାରନ୍ ଆସାନଙ୍କ ଜୀବନକୁ ପରିବର୍ତ୍ତନ କରିଦେବାରେ ବିବାହ ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ । ତାହାଙ୍କ ବିରୁଦ୍ଧରେ ହେଉଥିବା ଅଭିଯୋଗର କାର୍ଯ୍ୟକାରିତାର ଉତ୍ତର ହେଉଛି ତାଙ୍କର 'କୁଇଲ୍' (୧୯୧୮) । ଏହାର ଅବ୍ୟବହିତପରେ (୧୯୧୯) ସେ ସଂଘର ସଂପାଦକ ପଦରୁ ଅବ୍ୟାହତି ନେଲେ । ୧୯୧୯ ହେଉଛି ଆସାନଙ୍କ ସାହିତ୍ୟିକ ଜୀବନକାଳର ଏକ ସୁଫଳପ୍ରସୂ ବର୍ଷ । ଏହିବର୍ଷ ସେ 'ପ୍ରାରୋଦନମ୍' ଓ 'ସୀତା' ନାମକ ଦୁଇଟି ପ୍ରଧାନ କାବ୍ୟ ପ୍ରଣୟନ କରିଥିଲେ ।

**ପ୍ରାରୋଦନମ୍—** : ଆସାନଙ୍କ ସବୁ ପ୍ରସିଦ୍ଧ କାବ୍ୟ କାରୁଣ୍ୟ-ପ୍ରଧାନ ଓ ତାହାଙ୍କ ରଚିତ 'ପ୍ରାରୋଦନମ୍' ଏକ ପୂର୍ଣ୍ଣାଙ୍ଗ ଶୋକ-କାବ୍ୟ । ୬ଷ୍ଠ ପରିଚ୍ଛେଦରେ ଏହା ଆମେ ବର୍ଣ୍ଣାଇଛୁ । 'ପ୍ରାରୋଦନମ୍'ର ଅର୍ଥ ଅତ୍ୟଧିକ ରୋଦନ । ଏ. ଆର୍. ରାଜରାଜ ବର୍ମାଙ୍କ (୧୮୬୩-୧୯୧୮) ବିୟୋଗ ଉପଲକ୍ଷେ ଏହି ଶୋକଗୀତିଟି ରଚିତ । ସେ ଥିଲେ ଏକାଧାରରେ ପଣ୍ଡିତ, ବୈୟାକରଣ ଓ କବି । ପ୍ରାଚୀନ ରୀତି ଓ ଆଧୁନିକ ଦୃଷ୍ଟିଭଙ୍ଗୀର ସେ ଥିଲେ ସମନ୍ୱିତ ବିଗ୍ରହ । ରାଜରାଜ ବର୍ମା ଥିଲେ ଆସାନଙ୍କ ସହୃଦୟ ବନ୍ଧୁ ଓ ଉତ୍ସାହୀ ପୃଷ୍ଠପୋଷକ । କବିଭାବରେ ଆସାନ ସୁପରିଚିତ ନ ହୋଇଥିବା ପୂର୍ବରୁ ସେ ତାହାଙ୍କ 'ନଳିନୀ' କାବ୍ୟର ଏକ ଚମତ୍କାର ମୁଖବନ୍ଧ ଲେଖିଥିଲେ ଓ ଏଥିରେ ହୋଇଥିବା ପ୍ରାଚୀନ କାବ୍ୟରୀତି ବ୍ୟତିକ୍ରମର ଗୁରୁତ୍ୱ ବର୍ଣ୍ଣାଇଥିଲେ ।

ଏପରି ଜଣେ ବିଶେଷଜ୍ଞଙ୍କ ଅଭିମତ ଦ୍ୱାରା କବି କମ୍ ଉତ୍ସାହବୋଧ କରି ନ ଥିବେ । ଉତ୍କୃଷ୍ଟ କାବ୍ୟ କେବଳ ଉଚ୍ଚକୁଳ ସମ୍ଭୂତ ବ୍ୟକ୍ତି ଲେଖିପାରନ୍ତି, ଏହାହିଁ ସେତେବେଳେ ସମାଜରେ ଲୋକେ ଭାବିବାରେ ଅଭ୍ୟସ୍ତ ଥିଲେ । ଏହି ଦୃଷ୍ଟିରୁ କ୍ଷତ୍ରୀୟ ସନ୍ତାନ ରାଜରାଜ ବର୍ମା ଏକ ବ୍ୟତିକ୍ରମ । ଏହି କାରଣରୁ ଦୁଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଘନିଷ୍ଠତା ଗଢି ଉଠିଥିଲା । ଆପଣାର ଆତ୍ମମୁଖ୍ୟ ଓ ଅଭିଳାଷକୁ ଆସାନ ଭଲଭାବେ ହୃଦୟଙ୍ଗମ କରିପାରିଥିବା ଦ୍ୱିତୀୟ ବ୍ୟକ୍ତି କେରଳରେ ଆଉ କେହି ଅଛନ୍ତି ବୋଲି ଆସାନ ଭାବୁ ନଥିଲେ । ସେଥିପାଇଁ ୧୯୧୮ ରେ ବର୍ମାଙ୍କ ବିୟୋଗ ତାଙ୍କୁ ଅତୀବ ବ୍ୟଥିତ କରିଥିଲା ।

ଆସାନ ଏହି କବିତାର ଦୀର୍ଘ ମୁଖବନ୍ଧରେ ଏହି ବିଷୟ ପ୍ରତି ତାଙ୍କର ବିଶେଷ

ଆଗ୍ରହ ପ୍ରକାଶ କରି ଲେଖିଥିଲେ—"ଉତ୍ତର ଟ୍ରାଭାଙ୍କୋର ପରିଭ୍ରମଣରେ ଯାଇଥିବାବେଳେ ମୁଁ ଏହି ହୃଦୟସ୍ପର୍ଶୀ ବିଦାରକ ବିୟୋଗ ସମ୍ବାଦ ଶୁଣିବାକୁ ପାଇଲି । ଏହି ଅପ୍ରତ୍ୟାଶିତ ଅସହନୀୟ ସମ୍ବାଦ ଏକ ନିଦାରୁଣ ଆଘାତ । ମୋର ହୃଦୟ ସ୍ତମ୍ଭିଭୂତ ହୋଇଗଲା । ପ୍ରଚଳିତ ରୀତି ଅନୁସାରେ ବହୁ ସମ୍ବାଦପତ୍ର, ସାହିତ୍ୟପତ୍ରିକା ମୋଠାରୁ କବିତା ଆଶା କରିଥିଲେ । ଏହା ମୋ ପକ୍ଷେ ଅତୀବ ଦୁଃଖଦାୟକ ମନେହେଲା । ମୁଁ ଗୋଟିଏ ଶବ୍ଦ ମଧ୍ୟ ଲେଖିପାରିଲି ନାହିଁ । ସମୟ କ୍ରମେ ହୃଦୟର ଗୁରୁଭାର ସାମାନ୍ୟ ଲଘବ ହେଲା । ସେହି ମହାନ ଆତ୍ମାଙ୍କ ସଂପର୍କୀୟ ବହୁ ସ୍ମୃତି ଓ ଭାବନା ମନରେ ଜମିଉଠି ମୋତେ ଅସ୍ଥିର କରିଦେଲା "ହୃଦୟକୁ ଭାରମୁକ୍ତ କରିବାଲାଗି ମୁଁ ଅବଶେଷରେ ଏକ ଶୋକଗୀତ ଲେଖିବାକୁ ମନସ୍ଥ କଲି ।" ଶ୍ମଶାନରେ ରାଜରାଜ ବର୍ମାଙ୍କ ଶବ ଦଗ୍ଧୀଭୂତ ହୋଇଥିବା ସମୟରେ ଟ୍ରାଭାଙ୍କୋର, କୋଚିନ ଓ ମାଲବାର * ଦେବୀ ରୂପରେ ଅବତରଣ କରିଥିବା ବିଷୟ କବି କଳ୍ପନା କରିଅଛନ୍ତି । ତାହାଙ୍କ ଆତ୍ମା ସ୍ୱର୍ଗରେ ଉପସ୍ଥିତ ହେବାମାତ୍ରେ ଭାସ, କାଳିଦାସ, ରବୀନ୍ଦ୍ରନାଥ ପ୍ରମୁଖ ମହାନ କବିଗଣ ତାଙ୍କୁ ସ୍ୱାଗତ କରିବାକୁ ଆସିଛନ୍ତି । କେରଳ ଭାଷାକୁ ସାନ୍ତ୍ୱନା ଦେବାଲାଗି ସ୍ୱୟଂ ସରସ୍ୱତୀ ମଧ୍ୟ ଆବିର୍ଭୂତ ହୋଇଛନ୍ତି ।

ଏହାପରେ କବି ଅନୁଭବ କରିଛନ୍ତି ଯେ ଏସବୁ ହେଉଛି ତାଙ୍କର କଳ୍ପନା । ଏଣୁ ସେ ଜୀବନ ଓ ମୃତ୍ୟୁ ସଂପର୍କରେ ଚିନ୍ତାକରି ଅବଶେଷରେ ଏହାହିଁ ସିଦ୍ଧାନ୍ତ କରିଛନ୍ତି ଯେ, ଏକମାତ୍ର ପ୍ରେମ ଛଡ଼ା ଆଉ କେଉଁ ବିଷୟରେ ଆସ୍ଥା ସ୍ଥାପନ କରିହେବ ନାହିଁ । ଆସାନଙ୍କ ଅନ୍ୟ କବିତାଭଳି ଏଥିରେ ନବ୍ୟ କ୍ଲାସିକ ଅଳଙ୍କାର ପରିଲକ୍ଷିତ ହୁଏ ନାହିଁ । ଯାହାହେଉ ଆତ୍ମଗତ ଭାବନା ଓ ଆବେଗର ଅପୂର୍ବ ସମ୍ମିଶ୍ରଣ ଯୋଗୁଁ ମାଲୟାଲମ ଭାଷାର ଏହା ଏକ ଅତୁଳନୀୟ ଶୋକଗୀତ । ତାହାର କେତୋଟି ଉତ୍କୃଷ୍ଟ ପଦ ଏହିପରି—

(୧) "ପ୍ରାଜ୍ଞ କେବେ ନ ହୋଇ ବିମୁଖ
ବାକ୍‌ଦେବୀଙ୍କୁ ସମର୍ପିଛ
ସୁବର୍ଣ୍ଣ ଲେଖନୀ ଯାହା ହୋଇନ ବିଶୁଷ୍କ

---

* ଭାରତର ରାଜ୍ୟସମୂହ ପୁନର୍ଗଠିତ ହେବା ପୂର୍ବରୁ ମାଲୟାଲମ ଭାଷାଭାଷୀ କେରଳ ରାଜ୍ୟ ଟ୍ରାଭାଙ୍କୋର, କୋଚିନ ଏହି ଦୁଇଟି ରାଜ୍ୟ ଓ ମାଲବାର ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ।

ଲଭିଅଛ ଉପହାର ବହୁ
ଅଲୌକିକ ବହୁ କାର୍ଯ୍ୟ ସାଧାଦ୍ଧ କଥା ଓ କାର୍ଯ୍ୟରେ
ଶନ୍ତ୍ର ତୁମ ହୋଇଲେ ଲକ୍ଷିତ
ଜନମୀ କେରଳଭାଷା ହେଲା ଆଲୋକିତ
ଲଭିଲା ସେ ମୁକୁଟ ତାହାର ।"

(୨) "ସୌର ରଶ୍ମି ! କୁହ ମୋତେ
ନୁହଁକହେ ତୁମେ ତପ୍ତ ଶିଖା ସେ ମନର
ସୃଷ୍ଟିର ଆରମ୍ଭୁ ଯିଏ ମରଣକୁ କରନାହିଁ ଭୟ ?
ହେ ସମୀର ତୁମେଇ କି ନୁହଁ
ପ୍ରକୃତିର ପୁଂଜୀଭୂତ ବହୁ ଦୀର୍ଘଶ୍ୱାସ ?
ହେ ବରଷା ନୁହଁଟିକି ତୁମେ
ନିରୁଦ୍ଧିତ ଅଶ୍ରୁଧାର ବିଗତ ବର୍ଷର ?"

ମୃତ୍ୟୁ କ'ଣ ? ଏହା କଣ ଗୋଟାଏ ଜୀବନରୁ ଆଉ ଏକ ଜୀବନ ଲଭିଲାଗି ସାମୟିକ ଅବ୍ୟାହତି ? ଅଥବା ଏଥିରେହିଁ ସବୁ ଶେଷ ହୋଇଯାଏ ? ସ୍ୱର୍ଗ, ନରକ, ପୁର୍ନଜନ୍ମ, ଆତ୍ମା—ଏ ସବୁ କଣ ସତ୍ୟ ? ଜୀବନର ଅର୍ଥ କଣ ? ଅଦୃଷ୍ଟର ରହସ୍ୟକୁ ଆମେ କେତେଦୂର ଅବଧାରଣା କରିପାରିବୁ, ଏଥିରେ ଏହି ସବୁ ଭାବନାକ୍ଷେତ୍ରକୁ କବି ଆମକୁ ଟାଣି ନେଇଛନ୍ତି ।

"ସନ୍ଦେହ ନାହିଁ, ମରଣ ବଢ଼ାଏ ଜୀବନର ମଧୁରତା
ରଜନୀ ଅନ୍ତରେ ଦିବସ ହୁଅଇ ତୀବ୍ର ଦହନମୟ
କମଳ ସୁରଭି ଘେନି ଦିବାହେଉ ନୃତ୍ୟରେ ନିୟୋଜିତ ।
ରଜନୀ ଶାନ୍ତି ହେଉ ମଣ୍ଡିଣ ଦୀର୍ଘ ତା କେଶପାଶ
ଉଜ୍ଜ୍ୱଳ ନୀଳ କୁମୁଦ କୁସୁମ ମାଳେ ।"

ଆସାନ ମୁଖ୍ୟତଃ ଇଂରାଜୀ ଶୋକଗୀତିର ଆଙ୍ଗିକକୁ ଅନୁସରଣ କରିଛନ୍ତି । ବିଶେଷ ଭାବେ ସେଲିଙ୍କ 'ଆଡୋନେଆସ' ଥିଲା ତାଙ୍କର ଆଦର୍ଶ । ମାତ୍ର ଏହା କୌଣସି ଇଂରାଜୀ କବିତାର ଅନୁକରଣ ନୁହେଁ, ଏଥିରେ ଦାର୍ଶନିକ ଭାବନାର ଗମ୍ଭୀରତା ଥିଲେ ହେଁ ଆବେଗର ଅଭିବ୍ୟକ୍ତିକୁ ଏଥିରେ ପରିହାର କରାଯାଇ ନାହିଁ । ଏହାହିଁ ଉତ୍କୃଷ୍ଟ ଶୋକଗୀତିର ଲକ୍ଷଣ ।

**ସୀତା— :** ଆସାନଙ୍କ କବିତା ମାଲୟାଲମ ଭାଷାର ଆଲୋଚକଙ୍କୁ ଆଲୋଚନା ଲାଗି ଯଥେଷ୍ଟ ଉପାଦାନ ଯୋଗାଇ ଦେଇଥିଲା । ତାହାଙ୍କ କବିତାମାନଙ୍କ ମଧ୍ୟରୁ

‘ସୀତା’ ସମ୍ପର୍କରେହିଁ ସର୍ବାଧିକ ଓ ବିଷଦ ଆଲୋଚନା ହୋଇଅଛି । ଏହି କାବ୍ୟଟିର ସମ୍ପୂର୍ଣ୍ଣ ଶିରୋନାମା ହେଉଛି ‘ଚିନ୍ତାଭିଷ୍ଟାୟାୟ ସୀତା (ଚିନ୍ତାଜର୍ଜରିତା ସୀତା ) । ସୀତାଙ୍କ ଦୀର୍ଘ ଦିବାସ୍ୱପ୍ନ ମାଧ୍ୟମରେ କବି ଏଥିରେ ରାମାୟଣର ସବୁଠାରୁ ହୃଦୟ ବିଦାରକ ଅଂଶଟି ଆମ ଆଗରେ ଉପସ୍ଥାପିତ କରାଇ ଅଛନ୍ତି । ୧୯୧୯ ରେ ଏହା ପ୍ରକାଶିତ ହୋଇଥିଲେହେଁ ‘ଲୀଳା’ କାବ୍ୟଟି ସମାପ୍ତ ହେବାପରେ କବି ଏହାକୁ ଲେଖିବାରେ ଆତ୍ମନିୟୋଗ କରିଥିଲେ । ଦୀର୍ଘ ପାଞ୍ଚବର୍ଷ ମଧ୍ୟରେ କବି ଏହାର ମାତ୍ର ୮୦ ଟି ପଦ ରଚନା କରିପାରିଥିଲେ । ପରବର୍ତ୍ତୀ ୧୧୬ ଟି ପଦ ଅଳ୍ପ କେତେଦିନ ମଧ୍ୟରେ ରଚିତ ହୋଇଥିଲା । ବିବାହ ପୂର୍ବରୁ ସଂଘର ଦାୟିତ୍ୱରେ ଥିବାବେଳେ ଓ ବିବାହପରେ ଏହି ଦାୟିତ୍ୱରୁ ମୁକ୍ତ ହେବାପରେ ତାଙ୍କର ଅବସ୍ଥାର କିପରି ପରିବର୍ତ୍ତନ ହୋଇଥିଲା ଏବଂ ସେ କିପରି ଅସ୍ଥିର ଓ ଅଶାନ୍ତ ଜୀବନଯାପନ କରୁଥିଲେ ତାହା ଏଥିରୁ ଅନୁମେୟ ।

ଶୁଣାଯାଏ ରବି ବର୍ମାଙ୍କ ଅଙ୍କିତ ସୀତାଙ୍କର ଏକ ତୈଳଚିତ୍ର ସନ୍ଦର୍ଶନ କରି କବି ଏହି କାବ୍ୟଟି ରଚନା କରିବାକୁ ପ୍ରେରଣା ଲାଭ କରିଥିଲେ । ବହୁ ଭାଷାରେ ରାମାୟଣର କାହାଣୀ ବହୁ କବିଙ୍କୁ କାବ୍ୟ ଲେଖିବାକୁ ଉପାଦାନ ଯୋଗାଇଛି । ଭାରତର ବିଭିନ୍ନ ଭାଷାରେ ସୀତାଙ୍କ ସମ୍ପର୍କରେ ବହୁ ବିଷୟ ଲେଖାଯାଇଛି । ମାତ୍ର ଆସାନଙ୍କ ସୀତା ତାହାଙ୍କ ‘ଭୂପତିତ କୁସୁମ’ ପରି ଅନନ୍ୟ ଓ ଅତୁଳନୀୟ । ଅନେକ ଏହାକୁ ତାହାଙ୍କର ସର୍ବଶ୍ରେଷ୍ଠ କୃତିଭାବେ ଗ୍ରହଣ କରି ଅଛନ୍ତି । ଏହି ବହୁ ପୁରାତନ ଏପିକ-କାହାଣୀକୁ ସେ କିପରି ରୂପ ଦେଲେ ?

ବାଲ୍ମୀକିଙ୍କ କାବ୍ୟଟି ପୁରୁଷର ଦୃଷ୍ଟିକୋଣରୁ ଲେଖା ହୋଇଛି । ମାତ୍ର ଆସାନଙ୍କ ସୃଜନୀ ପ୍ରତିଭା ସୀତାଙ୍କୁ କେନ୍ଦ୍ରକରି ଗଢ଼ିଉଠିଛି । କବି ଏଥିରେ ସୀତାଙ୍କ ଜୀବନର ସବୁଠାରୁ ସ୍ପର୍ଶ କାତର ମୁହୂର୍ତ୍ତକୁ କେନ୍ଦ୍ରକରି ତାହାଙ୍କୁ ଆମ ନିକଟରେ ଉପସ୍ଥାପିତ କରି ଅଛନ୍ତି । ଜଗତରୁ ସେ ଶେଷ ବିଦାୟ ନେବାର ପୂର୍ବ ଦିବସରୁ ଏହାର କଥା-ବସ୍ତୁ ଆରମ୍ଭ । ପରିତ୍ୟକ୍ତା ସୀତା ବାଲ୍ମୀକି ଋଷିଙ୍କ ଆଶ୍ରମରେ ବାରବର୍ଷ ରହିଥିଲେ । ଋଷି ସୀତାଙ୍କ ଯମଜ ପୁତ୍ରଙ୍କୁ ନେଇ ରାମଙ୍କ ଦରବାରକୁ ଯାଇଛନ୍ତି । ପୁତ୍ରଯୁଗଳ ରାଜାଙ୍କ ନିକଟରେ ନବ ରଚିତ ରାମାୟଣ ଗାନ କରିବେ । ଏହା ଶୁଣି ରାଜାଙ୍କ ହୃଦୟ ଦ୍ରବୀଭୂତ ହୋଇଯିବ ଓ ସେ ଅନୁତପ୍ତ ହୋଇ ବିହିତ ବ୍ୟବସ୍ଥା କରିବେ । ସୀତା ଉପଲବ୍ଧି କରିଛନ୍ତି ତାଙ୍କୁ ହୁଏତ ଏଥିପାଇଁ ପୁଣି ନୂତନ ଆବେଗପୂର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ସେଦିନ ସନ୍ଧ୍ୟାରେ ସେ ଆଶ୍ରମ ଉପବନର ଏକ ନିଭୃତ ସ୍ଥାନକୁ ଗଲେ ଓ ସେଠାରେ ଆପଣା ଜୀବନର ଅତୀତ ଘଟଣାବଳୀ ଭାବିବାକୁ ଲାଗିଲେ । ଆତ୍ମଚିନ୍ତା ପାଇଁ ଏହା ସମ୍ପୂର୍ଣ୍ଣ ଅନୁକୂଳ ସମୟ । ଏହାକୁ

ସମ୍ବଳ କରି ଆଶାନଙ୍କ କାବ୍ୟ ଗଢ଼ିଉଠିଛି । ଅପୂର୍ବ ସଂଯମ ସହକାରେ କବି ଏହାକୁ ଏହିପରି ଆରମ୍ଭ କରିଛନ୍ତି—

"ସେ ଏକ ସନ୍ଧ୍ୟାରେ
ତାହାଙ୍କର ପୂର୍ବଦୃଷ୍ଟ ମହର୍ଷିଙ୍କ ସହ
ଅଯୋଧ୍ୟାକୁ ଯାଇଥିଲେ ଯେବେ
ସୀତା ହୋଇ ଚିନ୍ତା ଜର୍ଜରିତା
ଉପବିଷ୍ଟ ହେଲେ ସେହି ଆଶ୍ରମର ଉପବନ ପାର୍ଶ୍ୱେ ।"

ଆଶ୍ରମରେ ନରଖି ତାଙ୍କୁ ଉପବନରେ ରଖିବା ଦ୍ୱାରା କବି ଯଥାର୍ଥ କରିଛନ୍ତି । ସେ ଏପରି ଏକ ସ୍ଥାନରେ ଉପବେଶନ କରିଛନ୍ତି ଯେଉଁଠି ତାଙ୍କ ଭାବନାରେ କେହି ବ୍ୟାଘାତ ସୃଷ୍ଟି କରି ପାରିବେ ନାହିଁ । ସମସ୍ତ ସନ୍ଧ୍ୟା, ମାତ୍ର କେତେବେଳେ ସୂର୍ଯ୍ୟ ଅସ୍ତମିତ ହେଲେ ଓ ଚନ୍ଦ୍ର ଉଦିତ ହେଲେ ଏହା ସେ ଜାଣିପାରି ନାହାନ୍ତି । ଆପଣାର ଅତୀତ ଜୀବନର ଉତ୍‌ଥାନ ପତନ ଚିନ୍ତାରେ ସେ ସମ୍ପୂର୍ଣ୍ଣ ବିଭୋର ।

ପରବର୍ତ୍ତୀ କେତେକ ଶ୍ଳୋକ ପରିପାର୍ଶ୍ୱର ସୁନ୍ଦର ବର୍ଣ୍ଣନା ସବଳିତ । ଯେଉଁ ପୁଷ୍ପିତ ଭାଗ୍ୟବୃକ୍ଷତଳେ ସୀତା ଉପବେଶନ କରିଥିଲେ ସେହି ବୃକ୍ଷ, ସବୁଜ ପ୍ରାନ୍ତର ଓ ତମସା ନଦୀ ଏହାର ଅଂଶୀଭୂତ । ୧୭ଶ ଶ୍ଳୋକରେ ସୀତାଙ୍କ ଶୋକର ବର୍ଣ୍ଣନା ଏହିପରି—

"ପଶୁ ସହେ ବ୍ୟଥା ଅଗଣନ
କିନ୍ତୁ ତାହା ନୁହେଁ ଦୀର୍ଘସ୍ଥାୟୀ
ଭୋଗିଥାଏ କେବଳ ମାନବ
ଅସହନ୍ତ ବେଦନାର ଜ୍ୱାଳା
ଆହତ ଗର୍ବରୁ ଯାହା ହୋଇଥାଏ ଜାତ ।"

୧୨ଶ ଶ୍ଳୋକରୁ ସୀତାଙ୍କର ପ୍ରକୃତ ଆତ୍ମକଥନ ଆରମ୍ଭ ହୋଇଛି । ସୁକୁମାର ଅଝିକୋଡ଼ (୧) ସୀତା' କାବ୍ୟର ବିଶ୍ଳେଷଣାତ୍ମକ ଅନୁଶୀଳନ କରି ଏହାକୁ ଭାବନା, ଆଲୋଚନା, ଅଭିଯୋଗ, କଳ୍ପନା ଭେଦରେ ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । କାବ୍ୟର ୧୨ଶରୁ ୪୪ଶ ପର୍ଯ୍ୟନ୍ତ ଶ୍ଳୋକଗୁଡ଼ିକ ଭାବନାତ୍ମକ । ପରବର୍ତ୍ତୀ ପର୍ଯ୍ୟାୟ (୪୫-୫୪) ସ୍ୱାଭାବିକଭାବେ ଆଲୋଚନାତ୍ମକ ହୋଇଛି ଓ ଏହା ଗମ୍ଭୀରତର ହୋଇ ଅଭିଯୋଗରେ (୮୦-୧୩୩) ପରିଣତି ଲାଭ କରିଛି । ଯାହାହେଉ ସେ ପରିଶେଷରେ ପ୍ରଶାନ୍ତ ଓ ବିଗ୍ଭରପ୍ରବଣା ହୋଇଛନ୍ତି ।

---

(୧) ସୁକୁମାର ଅଝିକୋଡ—'ଅସନ୍ତେ ସୀତା କାବ୍ୟମ'

ଆସାନଙ୍କ ସୀତାଙ୍କୁ କେହି କେହି କଠୋର ସମାଲୋଚନା କରିଅଛନ୍ତି । ସେମାନଙ୍କ ମତରେ କବି ସୀତାଙ୍କ ମୁଖରେ ବା ଚରିତ୍ରରେ ଅନୁପଯୁକ୍ତ ଭାବନା ସଂଯୋଗ କରି କାଳିମା ଯୁକ୍ତ କରିଛନ୍ତି । ଏକଥା ସତ ଯେ ଆସାନ ରାମଙ୍କୁ ଏକ ପ୍ରକାର ସାକ୍ଷୀଭାବରେ ଠିଆ କରାଇ ଦେଇଛନ୍ତି ଓ ତାଙ୍କୁ କେତେକ ସମ୍ମୁଖୀନ କରେଇଛନ୍ତି । ବାଲ୍ମୀକିଙ୍କ ମହାକାବ୍ୟରେ ରାମ ଯେପରି ଚିତ୍ରିତ ହୋଇଛନ୍ତି ଏଥିରେ କବି ତାଙ୍କୁ ଠିକ୍ ସେପରି ଚିତ୍ରଣ କରି ନାହାନ୍ତି । ମାତ୍ର ସେ ତାଙ୍କୁ ତଳକୁ ଖସେଇ ଦେଇଛନ୍ତି ବୋଲି କହିବା ଯଥାର୍ଥ ନୁହେଁ । ରାମ ଦୋଷବର୍ଜିତ ଦେବତା ନୁହନ୍ତି । ସେ ହେଉଛନ୍ତି ବହୁ ମହାନ ଗୁଣ ଓ କେତେକ ତ୍ରୁଟିସଂପନ୍ନ ଜଣେ ବାସ୍ତବ ମଣିଷ ମାତ୍ର । ଏହି ଦୃଷ୍ଟିରୁ ବାଲ୍ମୀକିଙ୍କ ସଂପର୍କରେ ମଧ୍ୟ ଅଭିଯୋଗ କରାଯାଇପାରେ । ଚରିତ୍ର ଚିତ୍ରଣର ସ୍ୱାଭାବିକତା ଦୃଷ୍ଟିରୁ ବିଚାର କଲେ ଏହି କାବ୍ୟଟି ଏକ ମହାନ ମହାକାବ୍ୟ ।

ଆସାନଙ୍କ ସୀତା ହେଉଛନ୍ତି ଜଣେ ସୁଗୁଣସଂପନ୍ନା, ଉଦାରହୃଦୟା, ବିଚାର-ପ୍ରବଣା ନାରୀ, ରକ୍ତ ମାଂସଧାରୀ ବାସ୍ତବ ନାରୀ । ବାଲ୍ମୀକି ତାଙ୍କୁ ପରଦା ଅନ୍ତରାଳରେ ରଖି ଦେଇଥିଲେ । ଆସାନ ତାଙ୍କୁ ମଞ୍ଚର କେନ୍ଦ୍ରକୁ ଆଣିଛନ୍ତି ଓ ତାହାଙ୍କୁ ଆପଣାର ମନର କଥା କୁହାଇବାକୁ ଛାଡ଼ି ଦେଇଛନ୍ତି । କାହାଆଗରେ ନ କହୁଥିବାରୁହିଁ ସେ ଅକପଟରେ ଆପଣାର ଗହନ ମନର ଭାବନାକୁ କହିଯାଇଛନ୍ତି । ସୀତାଙ୍କର ଏତାଦୃଶ ଦୃଷ୍ଟିକୋଣର ଅଭିବ୍ୟକ୍ତ ପୂର୍ବରୁ ଦେଖିବାକୁ ମିଳିନଥିଲା । ଏହା ହେଉଛି ନାରୀଭାବରେ ସୀତାଙ୍କ ଦୃଷ୍ଟିକୋଣର ଉପସ୍ଥାପନା ।

ଏହି କାବ୍ୟ ସଂପର୍କରେ ଅନ୍ୟତମ ଅଭିଯୋଗ ହେଉଛି, ସୀତାଙ୍କ ଚରିତ୍ର ଏଥିରେ କେତେକ ପରିମାଣରେ ଅସମୀଚୀନ ହୋଇଛି । ସୀତାଙ୍କ ମାନସିକ ସ୍ଥିତିର ପରିବର୍ତ୍ତନ ହୋଇଛି, ହେବା ମଧ୍ୟ ସ୍ୱାଭାବିକ । ତାହାଙ୍କ ଭାବନା ଶେଷରେ ଅଭିଯୋଗାତ୍ମକ ହୋଇପଡ଼ିଛି । କାବ୍ୟଟିକୁ ଭଲଭାବେ ବିଚାର କଲେ ଜଣାଯାଏ ପ୍ରତୀୟମାନ ଅସଂଗତି ହେଉଛି ପରିସ୍ଥିତିର ସ୍ୱାଭାବିକ ପରିଣତି ଓ ଏହା ଚରିତ୍ରାଧାରର ଅବସ୍ଥାନ୍ତର ବ୍ୟତୀତ ଅନ୍ୟକିଛି ନୁହେଁ । ଏହି ସବୁ ସମସ୍ୟାର ସଦୁତ୍ତର ଏହି କାବ୍ୟରେ ମଧ୍ୟ ବିଚ୍ଛୁରିତ ହୋଇରହିଛି । ସୀତା ସନ୍ନ୍ୟାସିନୀଭାବେ ଆଶ୍ରମରେ ଦଶବର୍ଷରୁ ଅଧିକ ରହିଛନ୍ତି । ମାତ୍ର

"ଧରି ରଖିଥାଏ ପ୍ରାଣୀ ପ୍ରକୃତିକୁ ତା'ର
ଆପଣା ପିଣ୍ଡରୁ ପ୍ରାଣ ନ ଚେଳିବା ଯାଏ ।"

ରାମ ଏକାଧାରରେ ମଣିଷ, ସ୍ୱାମୀ ଓ ରାଜା । ସେହିପରି ସୀତା ହେଉଛନ୍ତି ଜଣେ

ନାରୀ, ପତ୍ନୀ ଓ ନାଗରିକା । ଆସାନଙ୍କ ସୀତା ଯଥାର୍ଥତଃ ଏହି ତ୍ରିଭୂମିକାରେ ଯେପରି ଚରିତ୍ର, ସେହିପରି ସେ ରାମଙ୍କୁ ମଧ୍ୟ ବିଚାର କରିଛନ୍ତି । ଏଣୁ ତାଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଘଟିବାର ଯଥେଷ୍ଟ ଅବକାଶ ରହିଛି । ତାହାଙ୍କ ପରିବର୍ତ୍ତନଶୀଳ ମନଃସ୍ଥିତିକୁ ଓ ଭାବାବେଶକୁ ଜାଣିବା ଆନନ୍ଦଦାୟକ । ତାହାଙ୍କ ବିଭିନ୍ନ ବିଚିତ୍ର ମାନସିକ ସ୍ଥିତି କିଣ ତାହା ଏବେ ଦେଖାଯାଉ ।

ରାମଙ୍କ ପ୍ରତି ତାଙ୍କର କୋମଳ ଅନୁଭୂତି ସମ୍ପୂର୍ଣ୍ଣ ଦୂରୀଭୂତ ହୋଇ ଯାଇ ନଥିଲା । ଦୂରର ପ୍ରତିଧ୍ୱନୀ ଭଳି ଏହା ଥିଲା ତାହାଙ୍କ ଜୀବନରେ ବିଦ୍ୟମାନ—

"ଏପରି ସେ ପ୍ରେମଥିଲା ସୁଗଭୀର, କ୍ଷଣିକ ବିଚ୍ଛେଦ
ହୃଦୟକୁ କରୁଥିଲା ବିକ୍ଷତ ବିଧୁର
କିନ୍ତୁ ତାହା ସୁପ୍ତ ଏବେ ଅଜଗର ସମ
ଅବନତ କରି ତାର ଶିର ।"

ସୀତା ସେହି ଦୁର୍ଦ୍ଦିନକୁ ସ୍ମରଣ କରିଛନ୍ତି । ରାଜା ଓ ବଡ଼ ଭାଇଙ୍କପ୍ରତି ଆନୁଗତ୍ୟ ଏବଂ ସୀତାଙ୍କ ପ୍ରତି ଅନୁରାଗର ଦ୍ୱନ୍ଦ୍ୱରେ ଜର୍ଜରିତ ହୋଇଥିବା ଲକ୍ଷ୍ମଣଙ୍କୁ ସେ କୃତଜ୍ଞ ଚିତ୍ତରେ ସ୍ମରଣ କରିଛନ୍ତି । ରାବଣର ଅପହରଣ ବେଳେ ସେ ତାଙ୍କୁ କଠୋର କଥା କହିଥିବାରୁ କ୍ଷମା ମାଗିଛନ୍ତି ।

"ଦୋଷ ମୋର କ୍ଷମାକର
ସେ କଠୋର କଥାଲାଗି
ଚନ୍ଦ୍ରାଗ୍ନିନଭିବେ ଯାହା କହିଥିଲି ମୁହିଁ ।"

ସୀତା ଏହାପରେ ତାହାଙ୍କ ରକ୍ଷାକାରୀ ବାଲ୍ମୀକି ଓ ତାହାଙ୍କ ଆଶ୍ରମ ଜୀବନ ବିଷୟ ସ୍ମରଣ କରିଛନ୍ତି । ଏ ଜୀବନକୁ ନାଗରିକ ଜୀବନସହ ତୁଳନା କରାଯାଇଛି । ପବିତ୍ର ବିବାହ ବନ୍ଧନ ଛିନ୍ନ ହୋଇଯିବାପରେ ସେ ରାମଚନ୍ଦ୍ରଙ୍କ ମନୋଭାବକୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିଛନ୍ତି ।

"ଅପଯଶ ଭୟେ ପୁଣି ଅତୀବ ଆଗ୍ରହେ
ପୋଛିବାକୁ କଳଙ୍କ କାଳିମା ଆପଣାର ନାମୁ
ରାଜାକି ନ କଲେ ଦୃଢ଼ ଦ୍ୱିଷଣକୁ ପୁଣି
କରି ଏହି କଳଙ୍କିତ କାର୍ଯ୍ୟ ?"

ସୀତା ସେମାନଙ୍କ ସୁଖମୟ ଦିନକୁ ସ୍ମରଣ କରିଛନ୍ତି । ତଥାପି ସେ ରାମଙ୍କୁ ଏହି ଅପ୍ରୀତିକର ପ୍ରଶ୍ନ ପଚାରିବାକୁ କୁଣ୍ଠାବୋଧ କରିନାହାନ୍ତି ।

"ନଥିଲେ କି ନୃପତିଙ୍କ ସମର୍ଥ ଅନୁଜ

ରାଜ୍ୟ ପରିଚାଳନାର ଲାଗି ?
ନଥିଲା କି ସ୍ଥାନ ଅରଣ୍ୟରେ
ତାଙ୍କ ଲାଗି ରହିବାକୁ
ବିବାହିତା ଧର୍ମପତ୍ନୀ ସହି ?

କ୍ରମେ ସେ ଆପଣାର ଅବସ୍ଥା ବୁଝିବାକୁ ଚେଷ୍ଟା କରିଛନ୍ତି । ରାମ ଏବେ ତାଙ୍କର ଏକ ସ୍ୱର୍ଣ୍ଣ ପ୍ରତିମା ଯଜ୍ଞଶାଳାରେ ସ୍ଥାପନ କରିଥିବା ବିଷୟ ସେ ଶୁଣିଛନ୍ତି ।

"ନ୍ୟାୟର ପଥ କଣ୍ଟକିତ ବିଷମ କରୁଣ
ହାୟ ଯଦିଓ ଆବଦ୍ଧ ନୃପତି
ସ୍ୱାମୀ ମୋତେ ବାଧ୍ୟହୋଇ କଲେ ନିର୍ବାସିତ
ଉପାସକ ହେଲେ ପୁଣି ମୋର ପ୍ରତିମାର ।"

ଆସାନଙ୍କ ସୀତା ନଥିଲେ କେବଳ ଦୋଷଦର୍ଶୀ ଓ ଆବେଗପ୍ରବଣା । ସେ ଥିଲେ ଗଭୀର ସମ୍ବେଦନଶୀଳା ଓ ଅପୂର୍ବ ବିଚାର ବୁଦ୍ଧି ପ୍ରବଣା—

"ପ୍ରଭୁମୋର କ୍ଷମାକର ପତ୍ନୀରେ ତୁମର
ଯିଏ ତାର ଆତ୍ମସମ୍ମାନରୁ
ଦୋଷାରୋପ କରିଅଛି
ତୁମ ପ୍ରତି ଅଭିମାନ ବଶେ ।"

ଅବଶେଷରେ ସେ ପ୍ରକୃତି ଓ ପ୍ରାଣୀ ଜଗତଠାରୁ ବିଦାୟ ମାଗିଛନ୍ତି—

"ମନୋହର ହେ ଅରଣ୍ୟ
ହେ କୁସୁମ ମଧୁପ ଗୁଞ୍ଜିତ
ତୁମକୁ ଯେ ଅକୁଣ୍ଠିତେ ପାଇଥିଲି ଭଲ ।
ବିଦାୟ ନେଉଛି ସିଏ ଏବେ ତୁମଠାରୁ ।"

ସୀତା ତାହାଂକର ସ୍ୱାମୀଙ୍କ ଠାରୁ ଯେପରି ବିଦାୟ ମାଗିଛନ୍ତି, ତାହା ଅତୀବ ମର୍ମସ୍ପର୍ଶୀ—

"ହେ ପ୍ରିୟ ରାଘବ ! ଘେନ ମୋ ବିଦାୟ
ତେଜି ତୁମ ବାହୁର ଆଶ୍ରୟ
ମୁଁ ଏବେ ଚାଲିଲି ଉର୍ଦ୍ଧ୍ୱେ ସରଗର ପଥେ
ଅବଶେଷେ ମୁକ୍ତ ମୁହିଁ ହୋଇ ଭୟହୀନ ।"

ତାହାଙ୍କ ହୃଦୟରେ ଜାତ ହୋଇଥିବା ଦୁର୍ଭାବନା ସଂପୂର୍ଣ୍ଣଭାବେ ଦୂରୀଭୂତ ହୋଇପାରିଛି ଏବଂ ସମସ୍ତ ପରିସ୍ଥିତିକୁ ସେ ଉଦାରଭାବରେ ଗ୍ରହଣ କରିଛନ୍ତି । ଏହି କାବ୍ୟର ପ୍ରତ୍ୟେକଟି ଶବ୍ଦ ସ୍ମରଣୀୟ ଓ ପ୍ରତ୍ୟେକଟି ଶ୍ଳୋକ ଉଦ୍ଧୃତଯୋଗ୍ୟ ।

ଏହି ହୃଦୟସ୍ପର୍ଶୀ କାବ୍ୟରେ ଆସାନ କଳାକୁ ଜୀବନ୍ତ କରି ପାରିଅଛନ୍ତି । ପ୍ରାଚୀନେଦନମ୍ ଅପେକ୍ଷା ଏହା ଅଧିକ ସରଳ ହେଲେହେଁ ଏହାର ଗାମ୍ଭୀର୍ଯ୍ୟ ସ୍ୱଳ୍ପ ନୁହେଁ । ମନୁଷ୍ୟର ମନ ଭଲ ଆଉ କିଛି ଏତେ ଜଟିଳ ନୁହେଁ । ଆସାନ ମନୁଷ୍ୟ ମନର ଚେତନ, ଅଚେତନ ଓ ଅବଚେତନ ସ୍ତରକୁ ଅପୂର୍ବ ଦକ୍ଷତାର ସହିତ ଏଥିରେ ଚିତ୍ରଣ କରିଅଛନ୍ତି । ମାଲୟାଲମ ସାହିତ୍ୟରେ ଏହାର ସମକକ୍ଷ ରଚନା ବିରଳ । ଆଦ୍ୟ ଓ ପ୍ରାନ୍ତ କେତୋଟି ଛନ୍ଦକୁ ବାଦଦେଲେ ଚନ୍ତାଭିଷ୍ଟାସ୍ତା ସୀତା ଏକ ଦୀର୍ଘ ଆତ୍ମକଥନାତ୍ମକ କାବ୍ୟ । ବ୍ୟକ୍ତିଙ୍କ ଅନୁଭୂତିର ଗଭୀରତା ଓ ଆତ୍ମାନୁଭୂତିରେ ନିବିଡ଼ତା ଦୃଷ୍ଟିରୁ ଗୀତିକାବ୍ୟ ଭାବେ ଏହାର ମହତ୍ତ୍ୱ ସର୍ବାଧିକ । ଯଥାର୍ଥତଃ ଏହା ଏକ ମହାକାବ୍ୟରୁ ସଂଜାତ ଏକ ଆତ୍ମ ବିସ୍ମୃତଧର୍ମୀ ଗୀତିକାବ୍ୟ ।

# ସମାଜ ସଂପର୍କିତ କାବ୍ୟସମୁହ

ସଂସ୍କୃତ ଅଳଙ୍କାର ଶାସ୍ତ୍ରାନୁଯାୟୀ ମହାକାବ୍ୟ ରଚୟିତାଙ୍କୁ ମହାକବି ଆଖ୍ୟାରେ ଅଭିହିତ କରାଯାଇଥାଏ । ମାଲୟାଲମ ଭାଷାରେ ବହୁ ଗୌଣ କବି ମହାକବି ହେବା ଆଶାରେ ଦୀର୍ଘ ମହାକାବ୍ୟ ରଚନାରେ ମନୋନିବେଶ କରୁଥିବା ସମୟରେ କୁମାରନ୍ ଆଶାନ ଏ ବିଷୟରେ ଆଦୌ ମନଯୋଗୀ ହୋଇ ନଥିଲେ । ପଦବୀ ବା ପୁରସ୍କାର ଲାଭ ପ୍ରତି ମଧ୍ୟ ତାଙ୍କର ଆକର୍ଷଣ ନଥିଲା । ଆଧୁନିକ ଯୁଗ ପାଇଁ ମହାକାବ୍ୟ ଯେ ଉପଯୋଗୀ ନୁହେଁ, ଏହାହିଁ ଥିଲା ତାଙ୍କର ବିଶ୍ୱାସ । ଏଣୁ ସେ ଜାଣିଶୁଣି ମହାକାବ୍ୟ ରଚନାରୁ ବିରତ ହୋଇଥିଲେ । ମାତ୍ର ସ୍ୱାଭାବିକ ଭାବେହିଁ ତାଙ୍କୁ ମହାକବି ଆଖ୍ୟା ମିଳିଯାଇଥିଲା । ଖ୍ରୀ ୧୯୨୨ରେ ପ୍ରିନ୍ସ ଅଫ ୱେଲ୍ସ ମାନ୍ଦ୍ରାଜ ଆସିଥିବା ବେଳେ ସେ ତାଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଭାରତର ଅନ୍ୟତମ ବିଶିଷ୍ଟ କବିଭାବେ ତାଙ୍କୁ ଏକ ସିଲକ୍ ଶାଲ ଓ ସୁନାର କଙ୍କଣ ଉପହାର ସ୍ୱରୂପ ପ୍ରଦତ୍ତ ହୋଇଥିଲା । କବିଙ୍କର ଏହି ମୂଲ୍ୟବାନ ଶାଲ ପରିହିତ ଆଲୋକ-ଚିତ୍ର ଖୁବ୍ ଜନପ୍ରିୟ ହୋଇଥିଲା ।

ଆଶାନଙ୍କ କବି ଜୀବନର ଶେଷ ପର୍ଯ୍ୟାୟ ବର୍ତ୍ତମାନ ଉଲ୍ଲେଖଯୋଗ୍ୟ । ଏହି ପରିଚ୍ଛେଦରେ ଆମେ ତାହାଙ୍କ ରଚିତ 'ଦୁରବସ୍ଥା' ଓ 'ଚଣ୍ଡାଳ ଭିକ୍ଷୁ' ନାମକ ଆଉ ଦୁଇଗୋଟି କାବ୍ୟ ବିଷୟ ଆଲୋଚନା କରିବୁ । ଏହି ଦୁଇଟି ସମାଜ ସଂପର୍କୀୟ ରଚନା । ଏ କ୍ଷେତ୍ରରେ ମଧ୍ୟ ତାଙ୍କ ବ୍ୟତୀତ ଅନ୍ୟ କେହି ଏପରି ଦୃଢ଼ତା ଓ ଶକ୍ତିମତ୍ତା ଦର୍ଶାଇ ନାହାନ୍ତି । ହିନ୍ଦୁମାନଙ୍କ ମଧ୍ୟରେ ଥିବା ଜାତିପ୍ରଥାର ପରିଣତି ସ୍ୱରୂପ ବହୁ ସଂପ୍ରଦାୟ ନିଗୃହୀତ ଜୀବନଯାପନ କରୁଥିଲେ । ଏହା ଆଶାନଙ୍କ ମନରେ ବହୁକାଳରୁ ତୀବ୍ର ଅସନ୍ତୋଷ ଓ ବିଦ୍ରୋହାଗ୍ନି ପ୍ରଜ୍ୱଳିତ କରି ଦେଇଥିଲା । ସଂଘର ସଂପାଦକଭାବେ ପତିତମାନଙ୍କ ସ୍ୱାର୍ଥ ଓ ଦାବୀକୁ ଉପସ୍ଥାପିତ କରିବାଲାଗି ସେ ବହୁ ସୁଯୋଗ ପାଇଥିଲେ । ମାତ୍ର ଏହି କଳଙ୍କକୁ କାବ୍ୟରୂପ ମାଧ୍ୟମରେ ଉପସ୍ଥାପିତ କରିବାର ସୁଯୋଗ ମିଳିନଥିଲା । ୧୯୨୩ରେ ହିଁ ପୂର୍ବୋକ୍ତ କାବ୍ୟ ଦୁଇଟି ରଚନା କରି ସେ ତାହା ସଂପାଦନ କରିଥିଲେ ।

**ଦୁରବସ୍ଥା**:— ଆଶାନଙ୍କ କାବ୍ୟ କବିତା ମଧ୍ୟରେ 'ଦୁରବସ୍ଥା' ବିଶେଷଉଚ୍ଚସ୍ଥାନ ଓ ଗତାନୁଗତିକ । ଏହା ପ୍ରକାଶିତ ହେବା ମାତ୍ରେ ମାଲୟାଲମ ସମାଲୋଚକ-

ମାନଙ୍କୁ ବିବ୍ରତ କରିଦେଇଥିଲା । ସମାଲୋଚକମାନଙ୍କ ମଧ୍ୟରୁ ସର୍ବାଧିକ ବ୍ୟକ୍ତିଥିଲେ ଉଚ୍ଚବର୍ଣ୍ଣର । ସେମାନେ ଏହି କାବ୍ୟର କଥାବସ୍ତୁର ଯଥାର୍ଥତା ସମ୍ପର୍କରେ କବିଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଏହି କାବ୍ୟର କଥାବସ୍ତୁ ସଂକ୍ଷେପରେ ଏହିପରି—

କାବ୍ୟର ଘଟଣା ସଂଗଠନର ସ୍ଥାନ ହେଉଛି ମାଲବାର ଓ ପ୍ରସଙ୍ଗ ହେଉଛି ୧୯୨୧ରେ ସଂଘଟିତ ମୋପଲା ସଂଘର୍ଷ ପରବର୍ତ୍ତୀ ଏକ ଘଟଣା । ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଏକ ବିରାଟ ସଂଘର୍ଷ ହେବା ଫଳରେ ବହୁ ପରିବାର ନିର୍ମୂଳ ହୋଇଗଲେ । ସାବିତ୍ରୀ ନାମକ ଏକ ନମ୍ବୁଦ୍ରୀ ପରିବାରର କନ୍ୟା ଆପଣାର ଆତ୍ମୀୟସ୍ୱଜନଙ୍କୁ ହରାଇ ନିଜ ଜୀବନରକ୍ଷା ଉଦ୍ଦେଶ୍ୟରେ ପଳାଇ ଯାଇଛି । ଚଥନ ନାମକ ପୁଲୟ ଜାତିର ଜଣେ ବ୍ୟକ୍ତିର କୁଡ଼ିଆରେ ସେ ଯାଇ ବାଧ୍ୟ ହୋଇ ଆଶ୍ରୟ ନେଇଛି । ପୁଲୟ ଯୁବକଟି ତାଙ୍କୁ ଆଶ୍ରୟ ଦେଇଛି । ତରୁଣୀର ଆଉ ଫେରିଯିବାର ଉପାୟ ନାହିଁ । ଏଣୁ ସେମାନେ ଏକତ୍ର ସେଇ କୁଡ଼ିଆରେ ରହିଲେ । କ୍ରମେ ପାରସ୍ପରିକ ସହାନୁଭୂତି ଦୁହିଁଙ୍କୁ ଅନୁରକ୍ତ ଓ ଘନିଷ୍ଠ କରିଦେଲା । ଅବଶେଷରେ ଦୁହେଁ ସ୍ୱାମୀ ସ୍ତ୍ରୀ ଭାବେ ଚଳିବାକୁ ସ୍ଥିର କଲେ । କବି ଏହିପରି ଭାବେ ସମାଜର ବର୍ଣ୍ଣଶ୍ରେଷ୍ଠ ନମ୍ବୁଦ୍ରୀ ଓ ନିମ୍ନତମ ପୁଲୟଙ୍କୁ ବିବାହ ବନ୍ଧନ ସୂତ୍ରରେ ସମ୍ମିଳିତ କରାଇ ଦେଇଛନ୍ତି । ଜାତିପ୍ରଥାରୁ ସମ୍ଭୂତ ସମସ୍ତ କୃତ୍ରିମତାରୁ ମୁକ୍ତ ହୋଇ ସାବିତ୍ରୀ ଓ ଚଥନ ସ୍ୱାମୀ ସ୍ତ୍ରୀ ଭାବେ ସମ୍ମିଳିତ ହେଲେ । 'ଦୁରବସ୍ଥା' ପୂର୍ବରୁ କବି ସଂସ୍କୃତ ଛନ୍ଦରେହିଁ କାବ୍ୟପ୍ରଣୟନ କରୁଥିଲେ । ମାତ୍ର ଏହି କାବ୍ୟରେ ସେ ସ୍ୱଳ୍ପ ଜଟିଳ ଓ ସ୍ୱଚ୍ଛନ୍ଦ ମାଲୟାଲମ ଛନ୍ଦଯୋଜନା କରିଅଛନ୍ତି ।

ବିବ୍ରତ ସାବିତ୍ରୀ କପୋତମାନଙ୍କୁ ଦେଖି କେତେକ ପରିମାଣରେ ଆଶ୍ୱାସନା ଲାଭ କରିଛି ଯଥା—

"କାହିଁକ ଝୁରିବି ମୁହିଁ
ଏଇ ଦେଖ ନିଶ୍ଚିନ୍ତରେ ଉଡ଼ୁଛନ୍ତି କପୋତ ସମୂହ
ନାହିଁ ତାଙ୍କ ହୃଦୟରେ ଜ୍ୱାଳା ଓ ଯନ୍ତ୍ରଣା
ନ କରନ୍ତି କ୍ରନ୍ଦନ ସେ ଦୁଃଖ ତାଙ୍କ ସ୍ପର୍ଶ ନାହିଁ କରେ ।
ଜାତିଭେଦ ଯୋଗୁଁ କେବେ ନ ଭୋଗନ୍ତି ସନ୍ତାପ ସେମାନେ
ଯେ ବିଭେଦ ଅଜଣା ଅଶୁଣା ।"

ଏଥିରେ କେତେକ ଉପଦେଶାତ୍ମକ ପଦ ମଧ୍ୟ ରହିଛି । ହିନ୍ଦୁଶାସ୍ତ୍ରର ପୁରୋଧାଙ୍କୁ ସମ୍ବୋଧନ କରି କବି ସତର୍କ ବାଣୀ ଶୁଣାଇଛନ୍ତି—

"ତୁମେ ବଦଳାଅ ଏବେ ବିଧାନ ତୁମର
ନଚେତ୍ ତୁମକୁ ଦେବ ବଦଳାଇ ବିଧାନ ନିଷ୍ଠୁର ।"

ଆସାନଙ୍କ ଅନ୍ୟାନ୍ୟ କାବ୍ୟ ଭଳି ଏହାର ରଚନା ଖୁବ୍ ଶୀଘ୍ର ସଂପନ୍ନହୋଇଥିବା ଅନୁମେୟ । ମୁଖବନ୍ଧରୁ ଜଣାଯାଏ ଏହାର ସାହିତ୍ୟିକ ମୂଲ୍ୟ ସଂପର୍କରେ କବି ନିଜେ ଥିଲେ ସନ୍ଦିହାନ । ଜାତିପ୍ରଥା ଜନିତ ଅମାନବିକତା ଓ ଅନ୍ୟାୟ ସଂପର୍କରେ ଶିକ୍ଷିତ ଜନସାଧାରଣଙ୍କୁ ଅବହିତ କରାଇବା ଏହି କାବ୍ୟ ରଚନାର ମୁଖ୍ୟ ଉଦ୍ଦେଶ୍ୟ । ଏହା ଏଥିରେ ଉତ୍ତମଭାବେ ସଂପାଦିତ ହୋଇଅଛି । କବିଙ୍କ ଭାଷାରେ "ମୋର ଅନ୍ୟାନ୍ୟ କାବ୍ୟ ସହ ତୁଳନା କଲେ 'ଦୁରବସ୍ଥା'ରେ ପ୍ରଚଳିତ କାବ୍ୟାଦର୍ଶ ଅନୁସୃତ ହୋଇନାହିଁ । ଏତଦ୍‌ବ୍ୟତୀତ ସମାଜ ସଂସ୍କାର ଭଳି ଏକ ଅତୀବ ବିବଦମାନ ବିଷୟକୁ ଉପଜୀବ୍ୟ କରି ଏହା ରଚିତ ।" ଏହି ପ୍ରସଙ୍ଗରେ ସେ ଉଭୟଙ୍କର ପ୍ରତିକ୍ରିୟା ଆଶଙ୍କା କରିବା ସଙ୍ଗେ ସଙ୍ଗେ ଏହାର ପରିଣାମ ସାଫଲ୍ୟମଣ୍ଡିତ ହେବା ସଂପର୍କରେ ସନ୍ଦେହ ପ୍ରକାଶ କରିଛନ୍ତି । ଯାହାହେଉ, କାବ୍ୟର ଲକ୍ଷ୍ୟ ଯେ, ପ୍ରଶଂସନୀୟ ଓ ଆଦର୍ଶାନୁପ୍ରାଣୀତ ଏଥିପାଇଁ ସେ ଆତ୍ମପ୍ରସାଦ ଲାଭ କରିଥିବା ଜଣାଯାଏ ।

ଏହାର କଥାବସ୍ତୁ ଦୁର୍ବଳ ମନେହୁଏ । କାରଣ କାବ୍ୟନାୟିକା ସାବିତ୍ରୀ ନିୟତିର ବହିର୍ଭୁତ ପରିସ୍ଥିତିର ତାଡ଼ନା ଯୋଗୁ ଏକ ନୀଚବର୍ଣ୍ଣ ବ୍ୟକ୍ତି ସଂପର୍କରେ ଆସିଛି ଓ ଅବଶେଷରେ ତାହା ସହ ସଂଯୁକ୍ତ ହୋଇଛି । ଆସାନଙ୍କ ସ୍ୱଭାବସୁଲଭ ସଂଯମ ଏଠାରେ ପ୍ରଦର୍ଶିତ ହୋଇପାରିନାହିଁ । କାବ୍ୟରେ ଏଠି ସେଠି ସୁନ୍ଦର ବର୍ଣ୍ଣନା ଥିଲେହେଁ ଏହା ପ୍ରଗଲ୍‌ଭତାପୂର୍ଣ୍ଣ ହୋଇ ପଡ଼ିଛି ଓ ଏଥିରେ ଉପଦେଶାତ୍ମକତା ମଧ୍ୟ ପ୍ରକାଶ ପାଇଛି । କେତେକ ଆଲୋଚକଙ୍କ ମତାନୁଯାୟୀ ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ସ୍ୱଭାବସୁଲଭ ମୀତିକୁ ଏଥିରେ ଉପେକ୍ଷା କରାଯାଇଛି । ଏହି ସବୁ ତ୍ରୁଟି ସତ୍ତ୍ୱେ 'ଦୁରବସ୍ଥା'ର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ । ଏହା ଏକ ସାମାଜିକ ବିପ୍ଳବର ବୀଜବପନ କରି ଦେଇଥିଲା ଓ ଜାତିପ୍ରଥା ଯେ କୃତ୍ରିମ, ନିଷ୍ଠୁର ଓ ଅମାନବିକ, ଏହି ଭାବନାକୁ ଖେଳାଇ ଦେଇପାରିଥିଲା ।

**ଚଣ୍ଡାଳଭିକ୍ଷୁକୀ**—: 'ଚଣ୍ଡାଳଭିକ୍ଷୁକୀ' କାବ୍ୟଟି ଏକ ପ୍ରକାର 'ଦୁରବସ୍ଥା' କାବ୍ୟର କ୍ରମ ପରିଣାମ । ଦୁଇଟି କାବ୍ୟର ଲକ୍ଷ୍ୟ ସମାନ । ଜାତିଗତ ବିଭେଦର ବିଲୋପ ଉଭୟର ଲକ୍ଷ୍ୟ ହୋଇଥିଲେହେଁ ଉଭୟରେ ସ୍ୱରଗତ ତାରତମ୍ୟ ରହିଛି ।

ଏଥିରେ ଆମେ ନାୟିକାକୁହିଁ ସମାଜର ନିମ୍ନତମ ଶ୍ରେଣୀର ଅନ୍ତର୍ଭୁକ୍ତ ରୂପେ ଦେଖିଥାଉ । କାବ୍ୟ ଦୁଇଟିର ଗଠନ ଶୈଳୀରେ ମଧ୍ୟ କେତେକ ପାର୍ଥକ୍ୟ ପରିଲକ୍ଷିତ ହୁଏ । କଥାବସ୍ତୁ ସହ ପରିଚିତ ହେବା ପରେହିଁ ଆମେ ଦୁଇ କାବ୍ୟର କଳାଗତ ପାର୍ଥକ୍ୟ ବିଷୟରେ ଅବହିତ ହୋଇଥାଉ ।

ଏହି କାବ୍ୟର କଥାବସ୍ତୁର ରୂପରେଖ କିମ୍ବଦନ୍ତୀରୁ ଗୃହୀତ । ଆନନ୍ଦ ନାମକ ବୁଦ୍ଧଙ୍କର ଜନୈକ ଶିଷ୍ୟ ଦିନେ ମଧ୍ୟାହ୍ନ କାଳରେ ସୂର୍ଯ୍ୟ କିରଣରେ ଭ୍ରମଣ କଲାପରେ ଆସି ଏକ ପ୍ରକାଣ୍ଡ ଆମ୍ରବୃକ୍ଷ ଛାୟାରେ ଦଣ୍ଡାୟମାନ ହୋଇଛନ୍ତି । ଏହି ସମୟରେ ମାତଙ୍ଗୀ ନାମକ ଏକ ଚଣ୍ଡାଳ କନ୍ୟା ନିକଟବର୍ତ୍ତୀ ଏକ କୂପରୁ ଜଳ ନେବା ଲାଗି ଆସି ପହଞ୍ଚିଛି । ତୃଷାର୍ତ୍ତ ଆନନ୍ଦ ସେଇ ଚଣ୍ଡାଳ କନ୍ୟାଠାରୁ ଜଳ ମାଗିଛନ୍ତି । ମାତଙ୍ଗୀ ମନରେ ସନ୍ଦେହ ଜନ୍ମିଛି । ସତେ କ'ଣ ଭିକ୍ଷୁ ତାଭଳି ଚଣ୍ଡାଳୁଣୀଠାରୁ ଜଳ ଗ୍ରହଣ କରିବେ । ଭିକ୍ଷୁଙ୍କର ଯାହା ଇଚ୍ଛା । ସେ ଯେତେବେଳେ ପାଣି ମାଗୁଛନ୍ତି, ମୁଁ ନଦେବି ବା କିପରି ? ଏହାଭାବି ସେ ତାଙ୍କୁ ପାଣି ଦେଇଛି ଓ ଆନନ୍ଦ ସନ୍ତୋଷରେ ତାହା ପାନ କରିଛନ୍ତି । ଭିକ୍ଷୁଙ୍କ ସହିତ ଏହି ଅପ୍ରତ୍ୟାଶିତ ସାକ୍ଷାତ ମାତଙ୍ଗୀ ମନରେ ଏକ ନୂତନ ଅନୁଭୂତି ସଞ୍ଚାର କରିଛି । ଏହି ନବାଗତ ତାହାର ସମଗ୍ର ହୃଦୟକୁ ଅଧିକାର କରିବସିଛନ୍ତି । ସେଦିନ ରାତିଟା ବିନିଦ୍ରଭାବରେ ଅତିବାହିତ କରି ପ୍ରତ୍ୟୁଷରୁ ସେ ଯାଇ ବୌଦ୍ଧ ବିହାରରେ ପହଞ୍ଚିଛି । ତାହାର ପ୍ରଣୟକୁ ନିର୍ମଳ ଓ ଅବିମିଶ୍ର ମନେକରି ବୁଦ୍ଧ ତାଙ୍କୁ ଶିଷ୍ୟାରୂପେ ଗ୍ରହଣ କରିଛନ୍ତି । ଉଚ୍ଚବର୍ଣ୍ଣର ବ୍ୟକ୍ତିମାନେ ଏହି ଘଟଣାରେ ଅସନ୍ତୋଷ ପ୍ରକାଶ ପୂର୍ବକ ରାଜାଙ୍କ ନିକଟରେ ଯାଇ ଅଭିଯୋଗ କରିଛନ୍ତି । ବୁଦ୍ଧଙ୍କ ସଙ୍ଗେ ଆଲୋଚନା କରିବାଲାଗି ରାଜା ନିଜେ ବିହାରକୁ ଆସିଛନ୍ତି । ଜାତିପ୍ରଥାର ଅଳୀକତା ଓ ଏହା ମାନବ ସମାଜ ପ୍ରତି କିପରି କ୍ଷତିପ୍ରଦ ତାହା ବୁଦ୍ଧ ବୁଝାଇ ଦେଇଛନ୍ତି । ରାଜାଙ୍କର ମତ ପରିବର୍ତ୍ତିତ ହୋଇଛି ଓ ଅଭିଯୋଗକାରୀଗଣ ହତାଶ ହୋଇଛନ୍ତି । ମାତଙ୍ଗୀର ବୌଦ୍ଧ ସଙ୍ଘରେ ଆଶ୍ରୟନେବା ସମସ୍ୟାର ସମାଧାନ ହୋଇଥିଲେହେଁ ସୁନ୍ଦର ସୁପୁରୁଷ ଭିକ୍ଷୁଙ୍କ ପ୍ରତି ତାହାର ପ୍ରଣୟ ସମସ୍ୟାକୁ ଏଥିରେ ଏଡ଼େଇ ଦିଆଯାଇଛି । ସମ୍ଭବତଃ ନୂତନ ପରିବେଶରେ ଏଭଳି ପ୍ରଶ୍ନ ଆଦୌ ତା ମନରେ ଉଦିତ ହୋଇନାହିଁ ।

ଆମମାନଙ୍କ ହାତରେ ଏହି ଉପାଦାନଟି ସୁନ୍ଦର କାବ୍ୟ ରୂପ ଲାଭ କରିଛି । ଏଥିରେ ସ୍ଥାନେ ସ୍ଥାନେ ବର୍ଣ୍ଣନା ଅତୀବ ସୁନ୍ଦର ହୋଇଛି । ଭିକ୍ଷୁ ଜଳପାନ

କରିବା ଲାଗି ଯେତେବେଳେ ଅଂଜଳି ପ୍ରସାରିତ କରିଛନ୍ତି, ସେତେବେଳେ ଚଣ୍ଡାଳୁଣୀର ବର୍ଣ୍ଣନା କରି କବି ଲେଖିଛନ୍ତି—

''ଉନ୍ମୋଚିତ କଲା ସେ ବସନ ଏକ ପାର୍ଶ୍ୱେ
ଆବୃତ୍ତ ଯା କରିଥିଲା ବଦନ ମଣ୍ଡଳ
ଘନକୃଷ୍ଣ କେଶଗୁଚ୍ଛ କଲା ସେ ସଂବୃତ୍ତ
ଠିଆ ହୋଇଥିଲା ସିଏ ବିମୁଗ୍ଧ ନୟନେ
ସୁନ୍ଦର ବଦନୁ ତାର ବିକଶିଲା
ସୁମଧୁର ସ୍ମିତହାସ୍ୟ ବିସ୍ମୟେ ନିଷିକ୍ତ
ଯଥା ଏକ ରକ୍ତପଦ୍ମ ଉନ୍ମୁକ୍ତ କେଶର
ବିକଶିତ କାକଳି ଆଘାତେ ।
ଉଦ୍‌ଭାସିତ ଅଂଗତାର
ପ୍ରଭାତର ଉଜ୍ଜ୍ୱଳ ବସନେ
ଅରୁଣିତ ସବୁଜ ପ୍ରାନ୍ତର ଠାରୁ
ଥିଲା ଯାହା ଅତୀବ ସୁନ୍ଦର ।

ପକ୍ଷହୀନ ଖଦ୍ୟୋତ ଭଳି ସେଇ ଯୁବତୀ ଅତିବାହିତ ହେଲା । ବୁଦ୍ଧଙ୍କୁ ଦର୍ଶନ କଲାପରେ ସେ ଏହିପରି ଅନୁଭବ କରିଥିଲା—

''ସଦ୍ୟ ପ୍ରଜ୍ଜ୍ୱଳିତ ଦୀପ ପାଶେ ଯଥା ହୁଅଇ ପତଂଗ
ସୂର୍ଯ୍ୟର ସମ୍ମୁଖେ ଯଥା ହୁଅଇ ଧରଣୀ
ନିରକ୍ଷର ବ୍ୟକ୍ତି ଯଥା ପଣ୍ଡିତ ସମ୍ମୁଖେ
ସଂଶୟ ହୁଅଇ ଯଥା
ଅବିଚଳ ବିବେକର ପାଶେ ।''

ଯାହା ହେଉ ଭଗବାନ ବୁଦ୍ଧ ତାକୁ ଶାନ୍ତ କରିବା ସଂଗେ ସଂଗେ ଶିଷ୍ୟାଭାବେ ଗ୍ରହଣ କରି କହିଛନ୍ତି—

''କନ୍ୟା ମୋର ! ଶ୍ରେୟ ଏହା ଆସିଛୁ ତୁ ପାଶେ
ସବୁ ମୁଁ ଜାଣିଛି
ନିଷ୍ପାପ ମୋ ଆନନ୍ଦକୁ
ସଦୟ ହୋଇଣ ତୁହି ଅରପିଛୁ ଜଳ
ତୃଷାତାର ହୋଇଛି ନିବୃତ୍ତ
ସେହିପରି ପ୍ରକାଶିତ ହେଉ ତୋର ତୃଷ୍ଣା

ଉପୁଯାଇ ଥାଏ ଯାହା ଅସୀମ ବେଦନା
ଜନ୍ମ ଓ ମୃତ୍ୟୁର ।"

ଜାତିଭେଦ ସଂପର୍କରେ ରାଜା ଓ ବୁଦ୍ଧଙ୍କ ଆଲୋଚନା ହୋଇଛି କାବ୍ୟର କେନ୍ଦ୍ରବିନ୍ଦୁ । ବୁଦ୍ଧଙ୍କ ମୁଖରେ କବିଙ୍କ ଭାବନା ଏହିପରି ଚମତ୍କାର ଭାବେ ଅଭିବ୍ୟକ୍ତ—

"କୁହ ମୋତେ
ବ୍ରାହ୍ମଣ କି ହୁଅନ୍ତି ଜନମ
ଇଶ୍ୱର ଶୀର୍ଷରୁ ?
ଅଥବା ସ୍ୱର୍ଗରୁ ?
ସମ୍ଭୂତ ହୁଅନ୍ତି ସିଏ
ଯଥା ହୁଏ ହୋମାନଳ, ଅନଳ ବ୍ୟତୀତ ?
ରକ୍ତର କି ଅଛି ଜାତିଭେଦ
ଅବା ଅଛି ଅସ୍ଥି ଓ ମଜ୍ଜାରେ ?
ଚଣ୍ଡାଳ ରମଣୀ ପକ୍ଷେ ନିଷ୍ଫଳ କି ବ୍ରାହ୍ମଣର କାମ ?
ଜନ୍ମରୁ କି ମିଳିଥାଏ
ଶିଖା ଅବା ଉପବୀତ, ତିଳକ ଯା କପାଳେ ମଣ୍ଡିତ
ଅନ୍ୟଠାରୁ ନଶିଖି କି
ଜାଣିଲଭେ ବ୍ରାହ୍ମଣ ସନ୍ତାନ ?"

ଖୁବ୍ କମ୍ କବି ଜାତିପ୍ରଥା ପ୍ରସଂଗକୁ ଏପରି ପ୍ରଭାବଶାଳୀ ଭାବରେ ଉଦ୍ଘାଟନ କରି ପାରିଥିଛନ୍ତି । ଆମମାନଙ୍କ ମନରେ ଜାତିପ୍ରଥା ହେଉଛି, ବ୍ୟକ୍ତି ଧୂମାଛନ୍ନ ମନରୁ ଜାତ ହୋଇଥିବା ଇର୍ଷାର ଧୂଆଁ । ଜାତିଗତ ବିଗ୍ରହର ଊର୍ଦ୍ଧ୍ୱକୁ ଯିବା ଏବଂ ପ୍ରେମ ଓ କରୁଣାରେ ବିଗଳିତ ହେବା ଜନସାଧାରଣଙ୍କ କର୍ତ୍ତବ୍ୟ । ଜନସାଧାରଣଙ୍କୁ ରାଜା ଏହି ଶିକ୍ଷା ଦିଅନ୍ତୁ—ଏହାହିଁ ଥିଲା ରାଜାଙ୍କ ପ୍ରତି ବୁଦ୍ଧଙ୍କର ଉପଦେଶ । କ୍ଷମାର ଗୁଣ ସଂବଧରେ ସେକସ୍‌ପିଅରଙ୍କ ସୁପ୍ରସିଦ୍ଧ ଉକ୍ତି ଭଳି କବିଙ୍କର ପ୍ରେମ ସଂପର୍କୀୟ ଉକ୍ତିଟି ହେଉଛି—

"ଏ ଜଗତ ପ୍ରେମରୁ ସଂଜାତ
ପ୍ରେମରେ ହୁଅଇ ପୁଣି ବିବର୍ଦ୍ଧିତ ସିଏ
ପ୍ରେମ ନିଜେ ଜଗତ ଶକ୍ତି
ପ୍ରେମହିଁ ଜୀବନ
ଏହାର ଅଭାବ ଯହିଁ ତାହାହିଁ ମରଣ ।"

ଆନନ୍ଦକୁ ଶ୍ରଦ୍ଧା କରିବା ଯୋଗୁଁ ମାତଙ୍ଗୀ ଉନ୍ନତ ଜୀବନ ଆଡ଼କୁ ଆକୃଷ୍ଟ ହୋଇ ଯାଇଛି ଏବଂ ବ୍ୟକ୍ତିବିଶେଷ ପ୍ରତି ତାହାର ଅନୁରାଗ ଅନନ୍ତ ବିଳମ୍ବରେ ଉନ୍ନୀତ ହୋଇଯାଇଛି । ଉଚ୍ଚବର୍ଣ୍ଣର ଭିକ୍ଷୁକୁ ଜଳଦେବାକୁ ସମ୍ମତ ହେବା ଭଳି ଏକ ସାଧାରଣ ବିଷୟ ତାହା ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ସେ ଏପରି ଏକ ରାଜ୍ୟରେ ଉପନୀତ ହୋଇଛି ଯେଉଁଠି ଜାତିଭେଦ ଅର୍ଥହୀନ ଓ ସେ ପ୍ରକୃତ ପ୍ରେମ କ'ଣ ତାହା ମଧ୍ୟ ଅନୁଭବ କରିପାରିଛି । ଏଇଠି ତା ଭିତରେ ସୃଷ୍ଟି ହୋଇଛି ନବ ଜୀବନ ଲାଭ ପାଇଁ ଆକାଂକ୍ଷା । ସାବିତ୍ରୀଭଳି ସେ ପୁଲୟର କୁଟୀରକୁ ପରିତ୍ୟକ୍ତ ରୂପରେ ଦୈବ କ୍ରମେ ରାଣୀ ହୋଇ ଯାଇ ନାହିଁ । ବାହ୍ୟ ଦୃଷ୍ଟିରୁ ଦେଖିଲେ ଜଣାଯାଏ ସାବିତ୍ରୀ ତଳକୁ ଗ୍ଳାଲିଯାଇଛି । ମାତ୍ର ମାତଂଗୀର ଗତି ହୋଇଛି ଉର୍ଦ୍ଧ୍ୱକୁ । ଯେଉଁ ଭାବରୁ ବିଗ୍ଚାର କଲେ ମଧ୍ୟ ଜାତିପ୍ରଥା ମୂଲୋତ୍ପାଟନ ସାଧିତ ହୋଇଛି । କଳାତ୍ମକ ଦୃଷ୍ଟିରୁ 'ଚଣ୍ଡାଳଭିକ୍ଷୁ', 'ଦୁରବସ୍ଥା' ଅପେକ୍ଷା ଉଚ୍ଚକୋଟୀର । 'ଦୁରବସ୍ଥା' ବଳିଷ୍ଠ, ମାତ୍ର କେତେକ ପରିଣାମରେ ରୁକ୍ଷ ଓ ସ୍ଥାନେ ସ୍ଥାନେ ଅମାର୍ଜିତ । 'ଚଣ୍ଡାଳଭିକ୍ଷୁ' ସୁଗଠିତ ଓ ସଂସ୍କୃତ ହେଲେହେଁ ନିର୍ମଳ ।

ସାମାଜିକ ସୁଯୋଗ ବଂଚିତ ସଂପ୍ରଦାୟ ମାନଙ୍କର ଦୁର୍ଗତି ଅବସ୍ଥାର ଦୂରୀକରଣ ଲାଗି ଯେଉଁ ଆସାନଙ୍କ ସମଗ୍ର ଜୀବନକାଳ ବିନିଯୁକ୍ତ ହୋଇଥିଲା, ସେଇ କବି ଆସାନଙ୍କ ବୈଶିଷ୍ଟ୍ୟର ମୁଦ୍ରାଙ୍କ ଏହି ଦୁଇଟି କାବ୍ୟରେ ନିହିତ । ଅନ୍ୟ କେଉଁ କବି 'ଝାଣାପୁଷ୍ପ', 'ନଳିନୀ' ଓ 'ସୀତା' ପ୍ରଭୃତି କାବ୍ୟ ରଚନା କରି ପାରନ୍ତି, ମାତ୍ର 'ଦୁରବସ୍ଥା' ଓ ଚଣ୍ଡାଳଭିକ୍ଷୁ' ଅନ୍ୟ କାହାଦ୍ୱାରା ରଚିତ ହେବା କଳ୍ପନା କରାଯାଇ ନ ପାରେ । ଏହାହିଁ କବିଙ୍କ ଘନିଷ୍ଠ ସାମାଜିକ ସଂପୃକ୍ତିର ପରିଚ୍ୟାୟକ ।

ପ୍ରେମ ହେଉଛି ଜୀବନର ସର୍ବଶ୍ରେଷ୍ଠ ସମତା ସଂପାଦକ । ସାମାଜିକ ସମତା ସଂପାଦନର ଶ୍ରେଷ୍ଠ ପରୀକ୍ଷା ହୁଏ ବୈବାହିକ ବନ୍ଧନରେ ଆବଦ୍ଧ ହେବା ଲାଗି ସମ୍ମତ ହେବାରେ । ସାମାଜିକ ଅସମତା ଦୂରକରିବା ଲାଗି ଉଦାରମନା ବ୍ୟକ୍ତିଗଣ ଅନ୍ୟମାନଙ୍କୁ ନାନାବିଧ ସୁଯୋଗ ଦେବା ସପକ୍ଷରେ ମତ ପ୍ରକାଶ କରିଥାନ୍ତି । ମାତ୍ର ଏହାର ପରୀକ୍ଷାର ସମୟ ଉପସ୍ଥିତ ହେଲେ ସେମାନେ ବିଫଳ ହୁଅନ୍ତି । ଆସାନ ସମସ୍ୟାର ମୂଳରେ ପହଞ୍ଚିଛନ୍ତି ଓ ଏହାର ସମାଧାନର ସୂତ୍ର ନିର୍ଦ୍ଦେଶ କରିଯାଇ ଅଛନ୍ତି । ଏକତ୍ର ଉପବେଶନ ଓ ଏକ ଟେବୁଲରେ ଭୋଜନ ପ୍ରଭୃତି ଗୌଣ, ଏହା ସମସ୍ୟାର ପ୍ରାନ୍ତ ଭାଗ ସହିତ ସଂପୃକ୍ତ । ଆସାନ ଜାତିପ୍ରଥାର ସମୂଳ ବିଲୋପ ଓ ସର୍ବାଙ୍ଗୀନ ସମ୍ମେଳନ କାମନା କରିଥିଲେ । ସେଥିପାଇଁ ଏହା ସେ ଯୁଗରେ

କେରଳର ସାମାଜିକ ତଥା ସାହିତ୍ୟିକ ମଣ୍ଡଳରେ ବିପୁଳ ଆଲୋଡ଼ନ ସୃଷ୍ଟି କରିଥିଲା । ଏହା ଅପ୍ରତ୍ୟାଶିତ ନଥିଲା । ଏହାଥିଲା ଏକ ସୁବିଚାରିତ ଆହ୍ୱାନ । ଏଣୁ କବି ଭାବେ ଆସାନଙ୍କ ଅବଦାନକୁ ଅସ୍ୱୀକାର କରାଯାଇ ନପାରେ । ମୁସଲମାନ ଓ ସବର୍ଣ୍ଣ ହିନ୍ଦୁ ଉଭୟ ସଂପ୍ରଦାୟରୁ ଉଠିଥିବା ଝଡ଼କୁ ସେ ସାହସର ସହିତ ସମ୍ମୁଖୀନ ହୋଇଥିଲେ । ମୋପଲା ମେଳାର ଏହା ମୂଳବୋଲି ବିଶ୍ବାସ କରୁଥିବା ମୁସଲମାନ-ମାନେ ବିରକ୍ତ ହେଲେ । ଯାହାହେଉ ସଂପ୍ରତି ଏହି ଦୃଷ୍ଟିକୋଣ ବହୁ ପରିମାଣରେ ବଦଳି ଯାଇଛି ଓ ସାମାଜିକ ଦୃଷ୍ଟିକୋଣକୁ ପରିବର୍ତ୍ତିତ କରାଇବାରେ ଆସାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଓ ଅବିସ୍ମରଣୀୟ ।

# କ୍ଷୁଦ୍ର କବିତାବଳୀ

ପୂର୍ବରୁ ଉଲ୍ଲେଖ କରାଯାଇଥିବା ଭକ୍ତିମୂଳକ କବିତା ବ୍ୟତୀତ ଆସାନ କେତେକ ଅତି ଉତ୍କୃଷ୍ଟ କ୍ଷୁଦ୍ର କବିତା ରଚନା କରିଯାଇଛନ୍ତି । 'ପୁଷ୍ପବାଟୀ', 'ମଣିମାଳା', ଓ 'ବନମାଳା' ନାମକ ତିନୋଟି ସଂକଳନ ଆକାରରେ ତାହା ପ୍ରକାଶିତ । ପ୍ରଥମଟି କବି ଜୀବିତ ଥିବା ବେଳେ ଓ ଅନ୍ୟ ଦୁଇଟି ତାହାଙ୍କ ମୃତ୍ୟୁପରେ ତାହାଙ୍କ ପତ୍ନୀଙ୍କ ଦ୍ୱାରା ପ୍ରକାଶିତ । ଏହି କବିତାମାନଙ୍କ ମଧ୍ୟରୁ କେତେକ କବିଙ୍କ ସମ୍ପର୍କାନ୍ୱିତ-ବ୍ୟକ୍ତିଙ୍କ ସ୍ୱାଗତ ଓ ବିଦାୟ ଉପଲକ୍ଷେ ରଚିତ । ତଥାପି ଏହାର ସ୍ଥାୟୀ ମୂଲ୍ୟ ଅନସ୍ୱୀକାର୍ଯ୍ୟ । ଅନ୍ୟ କବିତା ଗୁଡ଼ିକ କବିଙ୍କ ପ୍ରକୃତିପ୍ରେମ, ଉପଦେଶାତ୍ମକ ଓ ଜୀବନର ବିବିଧ ବିଷୟରେ ତାହାଙ୍କ ମନନଶୀଳତାର ପରିଚାୟକ । ଆଙ୍ଗିକ ଓ ଭାବ ସଂପଦ ଦୃଷ୍ଟିରୁ ଏହି କବିତାମାନଙ୍କ ମଧ୍ୟରୁ କେତେକ ମାଲୟାଲମ ସାହିତ୍ୟର ରତ୍ନ ରୂପେ ଗ୍ରହଣୀୟ ।

ଦୀର୍ଘ କବିତାରେ ଆମେ ତାଙ୍କୁ ପ୍ରେମର ସ୍ୱରକବି ବୋଲି ଗ୍ରହଣ କରିଥିଲେ ହେଁ, କ୍ଷୁଦ୍ର କବିତାବଳୀରେ ଆମେ ତାଙ୍କୁ ମୁକ୍ତି ଓ ସ୍ୱାଧୀନତାର ଗୀତିକବି ରୂପେ ଦେଖିବାକୁ ପାଉ । 'ଓରୁ ଉଦ୍‌ବୋଧନମ୍' ଏକ ରୂପକଧର୍ମୀ କବିତା । ଏଥିରେ କବି ଜନସାଧାରଣଙ୍କୁ ଜାଗ୍ରତ ହୋଇ ସମ୍ମିଳିତ ଭାବେ ସ୍ୱାଧୀନତା ଲାଭ କରିବାକୁ ଆହ୍ୱାନ ଜଣାଇଛନ୍ତି । କାରଣ ସ୍ୱାଧୀନତା ହେଉଛି ଅମୃତ ଓ ଜୀବନ, ଅହଂକାରର ଦାସତ୍ୱ ମୃତ୍ୟୁଠାରୁ ବଡ଼ ଭୟଙ୍କର ।

'ସିଂହନାଦମ୍' କବିତାରେ ସତ୍କର୍ମୀମାନଙ୍କୁ ତାହାଙ୍କ ଆହ୍ୱାନ ଅଧିକ ତୀବ୍ର— 'ଜାଗ, ଜାଗ, ଭାଇ ବିଳମ୍ବ କରନାହିଁ, ବଜାଅ ବିଜୟ ବାଦ୍ୟ/ଆଗେଇଚାଲ ରାକ୍ଷସ ଜାତି ଯେଉଁଠି ରଖିଛି ପାଦ, କରିବାକୁ ପ୍ରତିରୋଧ ।'

୧୯୨୨ରେ ଏରମାଲୁର୍‌ଠାରେ ହୋଇଥିବା ସଂଘର ଅଧିବେଶନରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଗୀତହେବା ଉଦ୍ଦେଶ୍ୟରେ 'ସ୍ୱାତନ୍ତ୍ର୍ୟଗାଥା' ନାମକ ସଂଗୀତଟି ସେ ରଚନା କରିଥିଲେ । ପରବର୍ତ୍ତୀ କାଳରେ ସାମାଜିକ ଅସମତା ଦୂରୀକରଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ସଭାସମିତି ମାନଙ୍କରେ ମଧ୍ୟ ଏହି ଗୀତଟି ଗାନ କରାଯାଉଥିଲା । କେବଳ ରାଜନୈତିକ ସ୍ୱାଧୀନତାଲାଭ ଆସାନଙ୍କ ଅଭିଳାଷ ନଥିଲା । ସାମାଜିକ, ଆର୍ଥନୀତିକ ମୁକ୍ତି ଓ ସବୁ ଜାତି ସଂପ୍ରଦାୟ ପ୍ରତି ସମତା ବିଧାନକୁ ସେ

ସମାନ ଗୁରୁତ୍ୱ ଦେଇଥିଲେ । ଏହି ସଂଗୀତରେ ସେ ଆମର ହସ୍ତ ଓ ପଦର ଶୃଙ୍ଖଳକୁ ଛିନ୍ନ କରାଇ ଦେବା ଲାଗି ସ୍ୱାଧୀନତାର ଦେବତାଙ୍କୁ ପ୍ରାର୍ଥନା କରିଛନ୍ତି । ନିମ୍ନରେ ଉକ୍ତ କବିତାର କିୟଦଂଶ ପ୍ରଦତ୍ତ ହେଲା—

"ସ୍ୱାଧୀନତା ପ୍ରତି
ହେ ମୁକ୍ତ ସାମ୍ରାଜ୍ୟ ପ୍ରଭୁ
ହେ ଦେବତା ଅଧିଷ୍ଠିତ ସ୍ୱର୍ଣ୍ଣ ସିଂହାସନେ
ବିଚ୍ଛୁରିତ ଦୀପ୍ତି ତବ ଦିଗ ଦିଗନ୍ତରେ
କର ଭୁଜେ ଶୋଭେ ତବ ଦୀପ୍ତ ରାଜଦଣ୍ଡ
ହେଉ ତୁମ ଶାସନର ଜୟ ।
ଭୋଗୁଥିଲେ ଯିଏ ଦୁଃଖ ଯୁଗଯୁଗାନ୍ତର
ସେମାନେ ବିସ୍ମରି ତାହା
ଗାଇବେ ପ୍ରଶସ୍ତି ତବ
ବିଘୋଷିବ ଏ ଜଗତେ ତାର ପ୍ରତିଧ୍ୱନି...
ଝଲସିତ ତୁମ ଖଡ୍ଗ ଆଲୋକ ସ୍ଫୁଲିଂଗ ।
ପଡ଼ୁ ଆମ ନୟନରେ
ଛିନ୍ନ କରି ଫିଙ୍ଗି ଦେଉ ପଦର ଶୃଂଖଳ
ତୁଟାଉ ହସ୍ତର ବେଡ଼ି
ହେ ଦେବତା !
ଆମକୁ ଉନ୍ନୀତ କର ସେ ଦୁର୍ଗରୁ
ଚତୁର୍ଦ୍ଦିଗେ ଅନ୍ଧକାର ଯହିଁ
ଆମକୁ ମିଳିତ କର ହରଷରେ
ଦେଖାଅ ସେ ଆନଂଦର ମୁକତିସାଗର ।
ମାନବ ସମାଜ କରୁ ସତ୍ୟର ଆଘ୍ରାଣ
ଅନୁଭବୁ ସମତାରେ
ପ୍ରେମର ସୁରଭି ଲଭୁ
ଲଭି କରୁ ସୁଦିବ୍ୟ ସନ୍ତୋଷ ।
ଧର୍ମ ପଥେ ହେଉ ଅଗ୍ରସର
ଏ ଧରଣୀ ପରିଣତ ହେଉ ସରଗରେ ।

"ଏକ ଦେଶ, ଏକ ଭାଷା, ଏକ ଈଶ୍ୱର ଓ ଏକ ସଂପ୍ରଦାୟ ଏହାହିଁ ହେଉଛି

'ପ୍ରଭାତ ନକ୍ଷତ୍ରମ୍' ନାମକ କବିତାର ମର୍ମକଥା ।" 'ପରିବର୍ତ୍ତିନମ୍'ରେ କବିଙ୍କ ବୈପ୍ଳବିକ ଚେତନାର ଅଭିବ୍ୟକ୍ତି ଦେଖିବାକୁ ମିଳେ । ଏଇ କବିତାଟି କବି ସମାଜ ସଂସ୍କାରକ ସହୋଦରନ୍ ଆୟ୍ୟପ୍ପନଙ୍କ ନିର୍ଦ୍ଦେଶରେ ରଚନା କରିଥିଲେ । 'କପୋତ ପୁଷ୍ପମ୍' ( କପୋତ ଶାବକ ), 'ମିନ୍ନାମିନୁଙ୍ଗୁ' ( ଖଦ୍ୟୋତ ବା ଜୁଳୁଜୁଳିଆ ପୋକ ) ତୋଟ୍ଟାଟିଲେ ଏଟ୍ଟୁକାଲି' (ବଗିଚାରେ ମାଙ୍କଡ଼ସା ) ଓ 'ଭାରତ ମୟୂରମ୍' (ଭାରତର ମୟୂର ) ପ୍ରଭୃତି କବିତାରୁ କବିଙ୍କ ସୂକ୍ଷ୍ମ ପ୍ରକୃତି ପର୍ଯ୍ୟବେକ୍ଷଣ ଓ ସୌନ୍ଦର୍ଯ୍ୟ ପ୍ରୀତିର ପରିଚୟ ମିଳିଥାଏ । ଏହିକବିତା ଗୁଡ଼ିକ ଚମତ୍କାର ଉପମାରେ ସୁଶୋଭିତ । ଶେଷୋକ୍ତ କବିତାଟି ଭାରତୀୟ ମୟୂରର ଅପୂର୍ବ ବର୍ଣ୍ଣନା ସମ୍ବଳିତ । ଏହାର ଶେଷ ପଂକ୍ତିରେ କବି ଏହି ପକ୍ଷୀଠାରେ ସମ୍ରାଟ ସୁଲଭ ରାଜକୀୟ ଲକ୍ଷଣ ସନ୍ଦର୍ଶନ କରି 'ଚିର ସ୍ୱରାଜ୍ୟ'ର ଲୀଳାଭୂମି ଭାରତ ଜନନୀ ଏହାର ଯଥାର୍ଥ ଆବାସସ୍ଥଳ ବୋଲି ବର୍ଣ୍ଣନା କରିଅଛନ୍ତି । ୧୯୨୩ରେ ଏହି କବିତା ରଚିତ ହୋଇଥିଲା । ଏହା ରଚିତ ହେବାର ୪୦ବର୍ଷ ପରେ ମୟୂରକୁ ଭାରତର ଜାତୀୟ ପକ୍ଷୀ ଭାବେ ଗ୍ରହଣ କରାଯାଇଥିଲା । ଏଥିରୁ କବିଙ୍କ ଦୂରଦୃଷ୍ଟି ଓ ଭବିଷ୍ୟତ ବାଣୀ ଅନୁମେୟ ।

କାବ୍ୟକଳା ବା 'ଏଟ୍ଟାମ ଇନ୍ଦ୍ରିୟମ' ( ସପ୍ତମ ଇନ୍ଦ୍ରିୟ ) ରେ କାବ୍ୟ ସୃଷ୍ଟିର ବିଚିତ୍ର ବ୍ୟାପାର ରୂପାୟିତ । କାବ୍ୟ ଲକ୍ଷ୍ମୀର ମହତ୍ତ୍ୱ ବର୍ଣ୍ଣନା ପ୍ରସଙ୍ଗରେ କବି କାବ୍ୟ କଳାର ସୂକ୍ଷ୍ମ ଓ ଉଦାତ୍ତ ଗୁଣକୁ ଅପୂର୍ବ ଚମତ୍କାରିତା ସହ ଉପସ୍ଥାପନ କରିଅଛନ୍ତି । ତାହାଙ୍କ 'ସି. ଭି. ସ୍ମାରକମ୍,' ଭଣ୍ଡିଟେପାଟ୍ଟୁ' ( ଝିଲ୍ଲୀର ସଂଗୀତ ), 'ସଂକୀର୍ତ୍ତିନମ୍', 'ଦିବ୍ୟ କୋକିଲମ୍' ( ପୂର୍ବରୁ ଉଲ୍ଲିଖିତ ) ପ୍ରଭୃତି କବିତା ଗୁଡ଼ିକ ଉନ୍ନତ ସୃଜନ ପ୍ରତିଭାର ପରିଚାୟକ ।

# ଅନନ୍ୟାନନ୍ୟ କୃତିତ୍ୱ

ଆମେ ଆସାନଙ୍କୁ ମୁଖ୍ୟତଃ ଈଳବ ଓ ଏଝବ ସମ୍ପ୍ରଦାୟର ସାମାଜିକ ବିକାଶ ଆନ୍ଦୋଳନର ସଂଗଠକରୂପେ ବିଗ୍ରହ କରିଛୁ । ତାହାଙ୍କ ଜୀବନ ଓ କୃତିର ଅନ୍ୟ କେତେକ ଦିଗ ମଧ୍ୟ ବିଶ୍ଳେଷଣୀୟ । ଏହି ପରିଚ୍ଛେଦରେ ସେ ସମ୍ପର୍କରେ କିଛି ଆଲୋଚନା କରାଯାଉଛି ।

**ସଂପାଦକ**—

୪ର୍ଥ ପରିଚ୍ଛେଦରେ ସମ୍ପ୍ରଦାୟର ଆହ୍ୱାନ ବର୍ଣ୍ଣନା ପ୍ରସଙ୍ଗରେ 'ବିବେକୋଦୟମ୍' ନାମକ ପତ୍ରିକା ପ୍ରକାଶନ କ୍ଷେତ୍ରରେ ଆସାନଙ୍କ ଭୂମିକା ବିଷୟ ସଂକ୍ଷେପରେ ଉଲ୍ଲେଖ କରାଯାଇଛି । ପତ୍ରିକା ନାମର ଗୁରୁତ୍ୱ ଓ ଏହା କିପରି ବିବେକାନନ୍ଦଙ୍କ ମହନୀୟ ନାମର ସୂଚକ ତାହା ମଧ୍ୟ ଏଥିରେ କୁହାଯାଇଛି । ଏତଦ୍ ସଙ୍ଗେ ବିବେକର ଜାଗରଣ ପତ୍ରିକାର ଲକ୍ଷ୍ୟ ହୋଇଥିବାରୁ ଏହି ନାମଟି ପତ୍ରିକା ପାଇଁ ଏକାନ୍ତ ଉପଯୋଗୀ । ଏହା ମୁଖ୍ୟତଃ ସଂଘର ମୁଖପତ୍ର ଥିଲେହେଁ ପ୍ରଥମ ସଂପାଦକ ଆସାନ ଏହାକୁ ଏକ ସାଂପ୍ରଦାୟିକ ପତ୍ରିକାରେ ସୀମିତ କରିବାକୁ ଚାହିଁ ନଥିଲେ । ଏଥିରେ ସାହିତ୍ୟିକ ଓ ଜ୍ଞାତବ୍ୟ ରଚନାବଳୀ ପ୍ରକାଶିତ ହେଉଥିବାରୁ, ଏହା ସବୁ ସଂପ୍ରଦାୟର ଶିକ୍ଷିତ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଆସାନଙ୍କ ଲିଖିତ ସଂପାଦକୀୟ ଥିଲା ଏହାର ପାଠକମାନଙ୍କର ମୁଖ୍ୟ ଆକର୍ଷଣ । ଆକର୍ଷଣୀୟ ବିଷୟବସ୍ତୁ, ଯୁକ୍ତିସମ୍ମତ ଉପସ୍ଥାପନା ଓ କଥ୍ୟରୀତି ସଂପନ୍ନ ଗଦ୍ୟଶୈଳୀ ଯୋଗୁ ଏହା ଥିଲା ସୁବିଦିତ । ସମକାଳୀନ ଘଟଣାବଳୀର ନିର୍ଭୀକ ସମାଲୋଚନା ଯୋଗୁ ଦେଶର ନେତୃବର୍ଗ ଏହା ପ୍ରତି ଆକୃଷ୍ଟ ହେବାକୁ ବାଧ୍ୟ ହୋଇଥିଲେ । ଏବେ ମଧ୍ୟ ସେ କାଳର ଲୋକେ ଏଝବମାନଙ୍କର ସରକାରୀ ସ୍କୁଲରେ ପଢ଼ିବା ବିଷୟରେ କଟକଣା ଓ ଅନୁନ୍ନତ ସଂପ୍ରଦାୟଙ୍କ ଲାଗି କର୍ମନିଯୁକ୍ତିର ଅଭାବ ସଂପର୍କରେ କଠୋର ଭାଷାରେ ଲିଖିତ ସଂପାଦକୀୟକୁ ସ୍ମରଣ କରନ୍ତି ।

ଭି. ପି. ମାଧବ ରାୟର ଦେୱାନ ଥିବାବେଳେ ଏଝବମାନେ ଶ୍ରୀ ମୂଲମ୍ ବିଧାନ ସଭାକୁ ପ୍ରତିନିଧି ପଠାଇବାରେ ଅଧିକାର ଲାଭ କରିଥିଲେ । ତାହାଙ୍କ ସୁବିଚାର ଓ ସଂପ୍ରଦାୟ ପକ୍ଷରୁ ଅବିରତ ଆବେଦନ ଫଳରେହିଁ ଏହା ହୋଇପାରିଥିଲା । ସବର୍ଣ୍ଣ ହିନ୍ଦୁମାନଙ୍କଦ୍ୱାରା ପରିଚାଳିତ କେତେକ ପତ୍ରିକା ଏହାକୁ ସମର୍ଥନ କରି ନଥିଲେ ।

'ମ୍ରାସ ମେଲ୍' ଏଝବମାନଙ୍କ ଲଗି ଏହି ସଂସ୍କାରମୂଳକ ପଦକ୍ଷେପ ସଂପର୍କରେ ଅନୁକୂଳ ମତ ପ୍ରକାଶ କରୁନଥିଲେ । 'ମାଲବାର ମେଲ'ର ସମ୍ବାଦଦାତା ଓ ମଦୁରାଇ ପରିଷଦର ଜନୈକବ୍ୟକ୍ତି ଲେଖିଥିଲେ—ଦେଓ୍ୱାନ ଏଝବ ସଂପ୍ରଦାୟର ମର୍ଯ୍ୟାଦାକୁ ବଢ଼ାଇଦେଲେ, ନମ୍ବୁଦ୍ରୀ ଓ ଅନ୍ୟ ସବର୍ଣ୍ଣ ହିନ୍ଦୁମାନଙ୍କ ସହ ସେମାନଙ୍କୁ ସମଆସନରେ ବସିବାକୁ ସୁଯୋଗ ଦେଇ ଦେଲେ । ଏ ସଂପର୍କରେ ଆସାନଙ୍କ ପ୍ରତିକ୍ରିୟା ଜ୍ଞାତବ୍ୟ । ବିବେକୋଦୟମ୍‌ରେ ପ୍ରକାଶିତ ତାହାଙ୍କ ସଂପାଦକୀୟର କିୟଦଂଶର ସ୍ଥୂଳ ଅନୁବାଦ ଏଠାରେ ପ୍ରଦତ୍ତ ହେଲା ।

"ନମ୍ବୁଦ୍ରୀ (ପୃଥିବୀର ଦେବତା) ଅଥବା ଇନ୍ଦ୍ର (ଦେବତାଙ୍କ ରାଜା)ଙ୍କ ସହିତ ବସିଲେ ଉନ୍ନତ ହୋଇଗଲା ବୋଲି ଭାବୁଥିବା ନିର୍ବୋଧ ବ୍ୟକ୍ତିଟିଏ ଏଝବମାନଙ୍କ ମଧ୍ୟରେ ପାଇବା କଷ୍ଟକର । ବାସ୍ତବ ପରିସ୍ଥିତିସହ ସଂପୃକ୍ତ ଏଝବମାନେ ନିରପେକ୍ଷ ଦେଓ୍ୱାନଙ୍କଠାରୁ ଭଲ ବ୍ୟବହାର ଆଶାକରନ୍ତି ।"

ଏହି ବିଶିଷ୍ଟ ସଂପାଦକଙ୍କ ତୀକ୍ଷ୍ଣ ବୁଦ୍ଧି ଓ ବ୍ୟଙ୍ଗକୁ ବୁଝିବାକୁ ହେଲେ ତାହାଙ୍କ ଲିଖିତ ସମଗ୍ର ସଂପାଦକୀୟକୁ ଭଲଭାବେ ପଢ଼ିବା ଆବଶ୍ୟକ । ସମସ୍ତଙ୍କ ପଛରେ ପଡ଼ି ରହିଥିବା ଧାରଣା, ଆସାନଙ୍କ ପକ୍ଷେ ଥିଲା ଅଭିଶାପ ସଦୃଶ । କାରଣ ସେ ନିଜକୁ ଅନ୍ୟ କାହାଠାରୁ ନିକୃଷ୍ଟ ମନେକରୁନଥିଲେ । ଏହି ଗର୍ବବୋଧ ତାହାଙ୍କ ରଚନାରେ ପ୍ରତିଫଳିତ ।

କୁମାରନ୍ ଆସାନ 'ବିବେକୋଦୟମ୍' ପତ୍ରିକା ୧୯୦୪ ଠାରୁ ଆରମ୍ଭ ହେବା ଦିନୁ ୧୫ ବର୍ଷ ପର୍ଯ୍ୟନ୍ତ ଏହାର ସଂପାଦକ ଥିଲେ । ବିବାହ କରିବାର ବର୍ଷକ ପରେ ସେ ସଂଘ ଓ 'ବିବେକୋଦୟମ'ର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ । ମାତ୍ର ବୁଦ୍ଧିମାନ ନାରାୟଣ ଗୁରୁ ତାଙ୍କର ଯୋଗ୍ୟତାର ଯଥାର୍ଥ ବିନିଯୋଗ ଲାଗି ତାଙ୍କୁ ଅନ୍ୟ କ୍ଷେତ୍ରରେ ନିୟୋଜିତ କରି ଦେଇଥିଲେ । ସେ ତାଙ୍କୁ ୧୯୨୦ରେ ଅଲଓ୍ୱୀ ସହରରେ ପ୍ରତିଷ୍ଠିତ ଅଦ୍ୱୈତ ଆଶ୍ରମ ଓ ସଂସ୍କୃତ ବିଦ୍ୟାଳୟର ସଂପାଦକଭାବେ ନିଯୁକ୍ତ କରିଥିଲେ । ଆସାନ ଯାଇ ଅଲଓ୍ୱୀରେ ରହିଲେ ଓ ଦାୟିତ୍ୱ ଗ୍ରହଣ କରିଥିଲେ । ସେଠାରେ ରହୁଥିବା ସମୟରେ କୋଚିନର ଚେରାଇ ଅଞ୍ଚଳର ଏଝବମାନେ ସେମାନଙ୍କ ବିଜ୍ଞାନ ବର୍ଦ୍ଧିନୀ ନାମକ ଅନୁଷ୍ଠାନର ମୁଖପତ୍ର ରୂପେ ପରିକଳ୍ପିତ 'ପ୍ରତିଭା' ନାମକ ଏକ ପତ୍ରର ସଂପାଦକ ଦାୟିତ୍ୱ ଗ୍ରହଣ କରିବାକୁ ଅନୁରୋଧ କଲେ । ଆସାନ ସେଥିରେ ସମ୍ମତ ହେଲେ । ପ୍ରଥମ ସଂଖ୍ୟାରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ପ୍ରକାଶ ପାଇଥିଲା । ତାହା ହେଉଛି—ଏହାର ପାଠକ-ମାନଙ୍କୁ ସମକାଳୀନ ଆକର୍ଷଣୀୟ ଘଟଣା, ସାମାଜିକ ଓ ରାଜନୈତିକ ପ୍ରସଙ୍ଗ ଓ

ସାହିତ୍ୟିକ ବିଷୟରେ ଅବହିତ କରିବା । ଆସାନଙ୍କ ରଚିତ କେତେକ କ୍ଷୁଦ୍ର କବିତା 'ପ୍ରତିଭା'ରେ ପ୍ରକାଶିତ ହୋଇଥିଲା । ସେମାନଙ୍କ ମଧ୍ୟରୁ 'ଦୀପାର୍ପଣମ୍' 'ସଂକୀର୍ତ୍ତନମ୍' ଓ 'ଗୁରୁଦକ୍ଷିଣ'ର ନାମ ଉଲ୍ଲେଖ ଯୋଗ୍ୟ ।

ଏହି ପତ୍ରିକାର ଦୁଇଟି ସଂଖ୍ୟାରେ ସାହିତ୍ୟାଲୋଚନା ଅବକାଶରେ ଆସାନଙ୍କ ଦୃଷ୍ଟିକୋଣର ସ୍ୱଚ୍ଛ ଅଭିବ୍ୟକ୍ତି ଦେଖିବାକୁ ମିଳେ । 'ସରସ୍ୱତୀ ରଙ୍ଗମ୍' ଶିରୋନାମାରେ ଏହା ପ୍ରକାଶିତ । ପୁସ୍ତକ ଆଲୋଚନାର ଆଦର୍ଶ ଏଥିରେ ଉତ୍ତମ ରୂପେ ସୂଚିତ । ତାହାଙ୍କ ମତାନୁଯାୟୀ ଯଥାର୍ଥ ସୁସମାଲୋଚନା ଚିତ୍ତାକର୍ଷକ, ଶିକ୍ଷାପ୍ରଦ ଓ ସଂପୂର୍ଣ୍ଣ ନିରପେକ୍ଷ ହେବା ଆବଶ୍ୟକ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ କବିଙ୍କ ନିଜସ୍ୱ ଅବଦାନ ପ୍ରସଙ୍ଗ ସଂପ୍ରତି ବିଚାର୍ଯ୍ୟ ।

**ଆଲୋଚକ—** ବହୁ ଭଲ କବି ଆଲୋଚନା ମନୋବୃତ୍ତି ସଂପନ୍ନ ହେଲେହେଁ ସେମାନେ ସମସ୍ତେ ଭଲ ସମାଲୋଚକ ହୋଇ ନଥାନ୍ତି । ସୃଜନ ଶକ୍ତି ସଂପନ୍ନ ବ୍ୟକ୍ତି ଅନ୍ୟର ସୃଷ୍ଟି ସଂପର୍କରେ ଆଲୋଚନା ଲେଖିବାକୁ ବେଳେ ବେଳେ ବିରକ୍ତିକର ବିଷୟ ମନେକରନ୍ତି । ଆସାନଥିଲେ ଯେପରି କବିଭାବେ ମହାନ ସେହିପରି ଆଲୋଚକ ଭାବେ ସୁଅଭ୍ୟସ୍ତ । ସଂପାଦକଭାବେ କେତେକ ଚିନ୍ତାର ସାହିତ୍ୟିକ ମୂଲ୍ୟାଙ୍କନ କରିବାକୁ ସୁଯୋଗ ତାଙ୍କୁ ମିଳିଥିଲା । 'ବିବେକୋଦୟମ୍' ଓ 'ପ୍ରତିଭା'ରେ ପ୍ରକାଶିତ ତାହାଙ୍କ ସାହିତ୍ୟିକ ସମୀକ୍ଷା ଓ ଅଭିମତ ଗୁଡ଼ିକରୁ, ତାହାଙ୍କ ଆଲୋଚନା କ୍ଷେତ୍ରରେ କୃତିତ୍ୱ ବିଚାରଣୀୟ ।

ଆସାନ ଲେଖିଥିବା ପୁସ୍ତକ ଆଲୋଚନାମାନଙ୍କ ମଧ୍ୟରୁ ଭଲ୍ଲଥୋଲଙ୍କ 'ଚିତ୍ରାଯୋଗମ୍' ଉଳ୍ଳୂର ପରମେଶ୍ୱର ଅୟାରଙ୍କ 'ଉମାକେରଳମ୍' ଓ ପନ୍ଦଳମ କେରଳ ବର୍ମାଙ୍କ 'ରୁଗ୍ମାଙ୍ଗଦଚରିତମ୍'ର ସ୍ୱାତନ୍ତ୍ର୍ୟ ଉଲ୍ଲେଖ ଯୋଗ୍ୟ । 'ଚିତ୍ରାଯୋଗମ୍' ସଂପର୍କରେ ତାହାଙ୍କ ଅଲୋଚନା କେରଳର ସାହିତ୍ୟିକ ମହଲରେ ଏକଦା ବିରାଟ ଶୃଙ୍ଖଳା ସୃଷ୍ଟି କରିଥିଲା । ସଂକ୍ଷିପ୍ତ ଆଲୋଚନା ପ୍ରସଙ୍ଗରେ ଆସାନ ସଂସ୍କୃତ ଆଲଂକାରିକ ଆଦର୍ଶ ଦୃଷ୍ଟିରୁ ମହାକାବ୍ୟ ରଚନାର ଉପାଦେୟତା ସଂପର୍କରେ ପ୍ରଶ୍ନ ଉତ୍ଥାପନ କରିଥିଲେ । ସମୁଦ୍ର, ପର୍ବତ, ନଗର, ଋତୁବର୍ଣ୍ଣନା କରିବାକୁ ଯାଇ କବି କାହିଁକି କାବ୍ୟର କଥାବସ୍ତୁକୁ ଉପେକ୍ଷା କରିବେ, ଏହାହିଁ ଥିଲା ତାଙ୍କର ପ୍ରଶ୍ନ । ସଂସ୍କୃତ ମହାକାବ୍ୟର ଅନ୍ଧଅନୁକରଣ ପଦ୍ଧତିକୁ ଓ ରକ୍ଷଣଶୀଳ ମନୋବୃତ୍ତିକୁ ସେ କଠୋର ଭାବରେ ସମାଲୋଚନା କରିଛନ୍ତି । ସୁପରିଚିତ ସଂସ୍କୃତ କାବ୍ୟର ଅଂଶ ବିଶେଷର ପ୍ରଭାବକୁ ମଧ୍ୟ ସେ ସ୍ଥାନେ ସ୍ଥାନେ ଦର୍ଶାଇ ଅଛନ୍ତି ।

ଏହାଫଳରେ ଭାଲଥୋଲ ଓ ତାହାଙ୍କ ସମର୍ଥକଗଣ କ୍ଷୁବ୍ଧ ହେବା ସ୍ୱାଭାବିକ । ସେତେବେଳକୁ ଭାଲଥୋଲ ଓ ଆସାନ ଦୁହେଁ ପ୍ରସିଦ୍ଧ କବି ଭାବେ ସୁବିଦିତ । 'କଳାବିତ ସୁଲଭ ଈର୍ଷା'ରୁ ଦୁହେଁ ମୁକ୍ତ କି ? ଏ ସଂପର୍କରେ ପ୍ରଶ୍ନ ଉଠିବା ମଧ୍ୟ ସ୍ୱାଭାବିକ । ସେ ଯୁଗରେ ସାହିତ୍ୟ କ୍ଷେତ୍ର ମଧ୍ୟ ଜାତିଗତ ଭାବନାରୁ ମୁକ୍ତ ନଥିଲା । ଏଣୁ ଅନେକ ମନେ କରିଥିଲେ ଜଣେ 'ଏଝବ କବି' 'ନାୟାର କବି'ଙ୍କୁ ଏପରି ସମାଲୋଚନା କରିଅଛନ୍ତି । ଏହାର ଅବ୍ୟବହିତ ପରେ ହି, ଉଲ୍ଲିଖିତ ନାୟାର ନାମକ ଆଉ ଜଣେ କବି ଭାଲଥୋଲଙ୍କୁ ସମର୍ଥନ କରି ଏକ ଲେଖା ପ୍ରକାଶ କରିଥିଲେ । ଆପଣାର ମୌଳିକ ବିଚାରଧାରାକୁ ଭିତ୍ତିକରି 'ଚିତ୍ରଯୋଗମ୍'ର ଏକ ବିସ୍ତୃତ ଆଲୋଚନା ଲେଖିବା ଲାଗି ଆସାନଙ୍କୁ ସୁଯୋଗ ମିଳିଥିଲା । ଏହା ନିଶ୍ଚିତଭାବରେ ଆସାନଙ୍କ ଏକ ସୂକ୍ଷ୍ମ ବିଚାର ସଂପନ୍ନ ଆଲୋଚନା । ଏଥିରେ ତାହାଙ୍କ ଅନ୍ତର୍ଦୃଷ୍ଟି, ମାର୍ଜିତ ରୁଚି ଓ ଗଭୀର ଜ୍ଞାନ ପ୍ରତିଫଳିତ ହୋଇଥିବା ଦୃଷ୍ଟିରୁ ଏହା ସର୍ବୋତଭାବେ ପ୍ରଶଂସାର୍ହ ।

ଗୋଟିଏ କାବ୍ୟର ନିରପେକ୍ଷ ଆଲୋଚନା ଜାତିଗତ ଭାବନା ସୃଷ୍ଟି କରିଥିବା ଯୋଗୁ ଆସାନ ଦୁଃଖ ଅନୁଭବ କରିଥିଲେ । କେତେକ ପତ୍ରିକାରେ ଏ ସଂପର୍କରେ ଅନୁଚିତ ଭାଷାରେ କଟୂକ୍ତି ପ୍ରକାଶ ପାଇଥିଲା । କ୍ଷୁବ୍ଧ ହେଲେହେଁ ସେ ଯଥେଷ୍ଟ ସଂଯମ ଶାଳୀନତା ସହ ଏହି ସମାଲୋଚନାଟି ରଚନା କରିଥିଲେ । ଏହି ପୂର୍ବ ଆଲୋଚନାଟିର ଉପସଂହାର ଥିଲା ଏହିପରି—''ଯେଉଁମାନେ ସେମାନଙ୍କ ଆନ୍ତରିକ ମତାମତ ପ୍ରକାଶ କରୁଛନ୍ତି ସେମାନଙ୍କ ଜାତି ଓ ବୃତ୍ତିକୁ ନିନ୍ଦାକରି ଯଦି ପତ୍ରପତ୍ରିକା ଦ୍ୱାରା ଏପରି କଦର୍ଯ୍ୟ ବିଷୟ ଛାପନ୍ତି, ସାହିତ୍ୟ ସମାଲୋଚନା ନାମରେ ଜନସାଧାରଣଙ୍କୁ ଭ୍ରାନ୍ତ ପଥରେ ନେବାକୁ ଚାହାନ୍ତି ଓ ସେଥିପାଇଁ ଲଜ୍ଜାବୋଧ ନକରନ୍ତି ତେବେ ଆମର ଦୁଃଖ କରିବା ବ୍ୟତୀତ ଅନ୍ୟପନ୍ଥା ନାହିଁ ।''

ଅନ୍ୟ ଦୁଇ ମହାକାବ୍ୟର ସମାଲୋଚନା ଥିଲା ଅଧିକ ଅନୁକୂଳତା ବ୍ୟଞ୍ଜକ । ଆଧୁନିକ ଯୁଗର କବିମାନଙ୍କର ପାରଂପରିକ ତଥା ଶ୍ଳିଷ୍ଟ ସାହିତ୍ୟିକ ଶୈଳୀ ଅନୁକରଣାତ୍ମକ କାବ୍ୟରଚନାକୁ ସେ ସମର୍ଥନ କରିପାରି ନଥିଲେ । ତଥାପି ସେ ମହାକାବ୍ୟଭାବେ ଉଲ୍ଲୁରଙ୍କ 'ଉମା କେରଳମ୍'ର କେତେକ ସଦ୍‌ଗୁଣ ଦର୍ଶାଇଛନ୍ତି ।

ଏହି ବାଦାନୁବାଦ ପ୍ରସଙ୍ଗରେ ଭାଲଥୋଲ ସମ୍ପୂର୍ଣ୍ଣ ନୀରବ ରହିପାରି ନଥିଲେ । ସେତେବେଳେ ସେ ଥିଲେ 'ଆତ୍ମପୋଷିଣୀ' ନାମକ ପତ୍ରିକାର ସଂପାଦକ । ସେ ଆସାନଙ୍କ 'ପ୍ରରୋଦନମ୍' ଶୋକଗୀତ ସଂପର୍କରେ କଟୁ ସମାଲୋଚନା ତାହାଙ୍କ ପତ୍ରିକାରେ ଛପାଇଥିଲେ । ଆସାନ ମଧ୍ୟ ଅବିଳମ୍ବେ ଏହାର ପ୍ରତ୍ୟୁତ୍ତର

ଦେଇଥିଲେ । ପରବର୍ତ୍ତୀ କାଳରେ କବିଙ୍କ ଉଚିତ ଏହି ସବୁ ଆଲୋଚନା ଓ ଅନ୍ୟକେତେକ ସଂକ୍ଷିପ୍ତ ଆଲୋଚନା 'ନାରୁଓପନଙ୍ଗଲ' ନାମକ ଏକ ପୁସ୍ତକରୂପେ ପ୍ରକାଶିତ ହୋଇଥିଲା । ଏଥିରେ ଭଲ୍ଲଥୋଲଙ୍କ 'ବନ୍ଧନସ୍ଥ ନାସ୍ୱ ଅନିରୁଦ୍ଧନ' ନାମକ ରଚନା ସଂପର୍କୀୟ ଅନୁକୂଳ ଅଭିମତ ନାହିଁ । ଏଥିରୁ ଜଣେ ପ୍ରତିଯୋଗୀ କବିଙ୍କ ସୃଜନ ପ୍ରତିଭାକୁ ସେ ଆସାନ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ ତାହାର ପରିଚୟ ମିଳିଥାଏ ।

**ଅନୁବାଦକ—** ଅନୁବାଦକଭାବେ ମଧ୍ୟ ଆସାନ ମାଲୟାଲମ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ତାହାଙ୍କ ସର୍ବଶ୍ରେଷ୍ଠ ଅନୁବାଦ ଗ୍ରନ୍ଥ ହେଉଛି 'ବୁଦ୍ଧଚରିତମ୍' । ଏହା ଏଡ୍‌ୱିନ ଆର୍ଣ୍ଣୋଲ୍‌ଡ୍‌ଙ୍କ 'ଲାଇଟ୍ ଅଫ ଏସିଆ' ପୁସ୍ତକର ଅନୁବାଦ । ବୌଦ୍ଧ ଦର୍ଶନର ମହାନ ସମର୍ଥକ ହୋଇଥିବା ଯୋଗୁ ଓ ବୁଦ୍ଧଙ୍କ ଜୀବନଚରିତ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବା ଯୋଗୁ, ଆସାନ ଏହାକୁ ସରଳ ପଦ୍ୟରେ ଅନୁବାଦ କରିବାକୁ ଉପଯୁକ୍ତ ବିବେଚନା କରିଛନ୍ତି । ୧୯୦୩ରୁ ଏହାର ଅନୁବାଦ କାର୍ଯ୍ୟ ଆରମ୍ଭ କରିଥିଲେହେଁ ଏହାର ପ୍ରଥମ ସର୍ଗ ୧୯୧୫ ରେ ସମାପ୍ତ ହୋଇଥିଲା । ବହୁ କାର୍ଯ୍ୟବ୍ୟସ୍ତତା, ଯୋଗୁଁ ପୁଣି ଏହାର ରଚନା ବିଳମ୍ବିତ ହୋଇଗଲା । ବିବେକୋଦୟମ୍‌ରେ ଏହାର କେତେକାଂଶ ଧାରାବାହିକଭାବେ ପ୍ରକାଶ ପାଇଥିଲା । ୧୯୧୮ରେ ଏଥିରେ ଆଉ କିଛି ସଂଯୁକ୍ତ ହେଲା । ଅବଶେଷରେ ଏହାର ୫ମ ଓ ଶେଷସର୍ଗ ୧୯୨୪ରେହିଁ ସମାପ୍ତ ହୋଇଥିଲା । ଏହି ଅନୁବାଦ ସଂପର୍କରେ ଗୋଟିଏ ବିଷୟ ସ୍ୱତନ୍ତ୍ରଭାବେ ଉଲ୍ଲେଖଯୋଗ୍ୟ । ଏହାର ପ୍ରାରମ୍ଭିକ ଅଂଶ (ପ୍ରଥମ ଓ ଦ୍ୱିତୀୟସର୍ଗ) ହେଉଛି ଯଥାର୍ଥ ଅନୁବାଦ । ମୂଳଗ୍ରନ୍ଥର ଆଠଟି ସର୍ଗ ମଧ୍ୟରୁ ଆସାନ ପାଞ୍ଚଗୋଟିକୁ ଅନୁବାଦ କରିଥିଲେ । ଅବଶିଷ୍ଟ ତିନିଗୋଟି ହେଉଛି ଆସାନଙ୍କ ଶେଷ ରଚନା । ଆସାନ ମୂଳଗ୍ରନ୍ଥର ମର୍ଯ୍ୟାଦାରକ୍ଷା କରିଛନ୍ତି । ତାହାଙ୍କ ଅନୁବାଦ ସ୍ୱଚ୍ଛ ଓ ସାବଲୀଳ ।

ଲେଖକଙ୍କ ଅନ୍ୟତମ ପ୍ରସିଦ୍ଧ ରଚନା ହେଉଛି 'ବାଲରାମାୟଣମ୍'। ବାଲ୍ମୀକଙ୍କ ରାମାୟଣକୁ ଭିତ୍ତିକରି ଏହା ରଚିତ । ଏଣୁ ଏହାକୁ ଯଥାର୍ଥ ଅନୁବାଦ ଭାବେ ଗ୍ରହଣ କରିବା ସମୀଚୀନ ମନେହୁଏ ନାହିଁ । କବି ଏହାକୁ ସ୍ୱତନ୍ତ୍ର ଭାବେ କିଶୋର ମାନଙ୍କ ଲାଗି ରଚନା କରିଛନ୍ତି । ମାତ୍ର ସବୁ ଶ୍ରେଣୀର ପାଠକ ଏହା ପଢ଼ି ଏଥିରୁ ଆନନ୍ଦ ଓ ଉପାଦେୟତା ଉପଲବ୍ଧି କରିଥାନ୍ତି । ଏହାର ଭାଷା ସରଳ ଓ ଛନ୍ଦ ମନୋରମ । ଏଥିରେ ବ୍ୟବହୃତ ଅଷ୍ଟ ଅକ୍ଷରମାତ୍ରିକ ଅନୁଷ୍ଟୁପ ଛନ୍ଦ ଶ୍ଳୋକ ଗୁଡ଼ିକୁ ସ୍ମରଣ ଯୋଗ୍ୟ କରାଇବା ପକ୍ଷେ ସହାୟକ ହୋଇଛି । ସମଗ୍ର ରାମାୟଣକୁ

ଏହି ଭାବରେ ରୂପଦେବାକୁ କବି ମନସ୍ଥ କରିଥିଲେ । ମାତ୍ର ବାଲକାଣ୍ଡ, ଅଯୋଧ୍ୟାକାଣ୍ଡ ଓ ଆରଣ୍ୟକକାଣ୍ଡ ସମେତ ମାତ୍ର ୩ଟିଗୋଟି କାଣ୍ଡକୁ ସେ ରୂପାୟିତ କରି ଯାଇଛନ୍ତି ।

**ମନଶକ୍ତି**—ଇଂରାଜୀ କାବ୍ୟ କବିତା ଦ୍ୱାରା ଆସାନ ପ୍ରଭାବିତ ହୋଇଥିବା ବିଷୟ ପୂର୍ବରୁ କୁହାଯାଇଛି । ସେ ବହୁ ଇଂରାଜୀ ଗଦ୍ୟରଚନା ପାଠକରି ମୁଗ୍ଧ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜେମ୍ସ ଆଲ୍ଲେନ୍‌ଙ୍କ ରଚିତ 'ଆଜ ଏ ମ୍ୟାନ ଥିଙ୍କେଥ୍' ଅନ୍ୟତମ । ଏହା ଅନୂଦିତ ହୋଇ 'ବିବେକୋଦୟମ୍'ରେ 'ମନପୋଲେ ମଂଗଲମ୍' ନାମରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ଶେଷରେ ପୁସ୍ତକାକାରରେ ମୁଦ୍ରିତ ହେଲାବେଳେ ଏହାର ଶିରୋନାମା ପରିବର୍ତ୍ତନ କରାଯାଇ ତାହା ହୋଇଥିଲା 'ମନଃଶକ୍ତି' । ମନୁଷ୍ୟ ତାହାର ଉନ୍ନତି-ଅବନତି, ସାଫଲ୍ୟ ଓ ବିଫଳତା ପାଇଁ ନିଜେ ଦାୟୀ । ଏଣୁ ଆତ୍ମଚେଷ୍ଟା ଦ୍ୱାରା ଆତ୍ମ ବିକାଶରେ ବ୍ରତୀ ହେବା ତାହାର କାମ୍ୟ । ମନୁଷ୍ୟ ଯେଉଁ ପରିବେଶ ବା ଯେଉଁ ପରିବାରରେ ଜନ୍ମ ହେଉନା କାହିଁକି ଉଚ୍ଚ ଚିନ୍ତା ଓ ମହତ କାର୍ଯ୍ୟବଳରେ ସେ ଉର୍ଦ୍ଧ୍ୱକୁ ଉଠି ପାରିବ । ଏହାହିଁ ଏହାର ପ୍ରତିପାଦ୍ୟ ବିଷୟ । ଏଭଳି ଜୀବନ ଦର୍ଶନଦ୍ୱାରା ଆସାନ ନିଜେ ଅନୁପ୍ରାଣିତ ହୋଇଛନ୍ତି ଓ ପାଠକମାନେ ଏହା ପାଠକରି ଯଥେଷ୍ଟ ଉପକୃତ ହୋଇ ପାରିବେ ବୋଲି ଆଶା କରିଅଛନ୍ତି ।

ପତଂଜଳି ଯୋଗଶାସ୍ତ୍ର ଉପରେ ଆଧାରିତ ସ୍ୱାମୀ ବିବେକାନଂଦଙ୍କ 'ରାଜଯୋଗ'ର ଅନୁବାଦ ମଧ୍ୟ ତାହାଙ୍କ ଅନ୍ୟତମ କୃତି । ସଂସ୍କୃତରେ ଲିଖିତ କେତୋଟି ଅନୁଚ୍ଛେଦ ସହ ଏହି ଗ୍ରନ୍ଥଟି ୧୯୦୮ରେ ସ୍ୱାମୀ ବିବେକାନଂଦଙ୍କୁ ଉତ୍ସର୍ଗ କରାଯାଇଥିଲା ।

ଆସାନଙ୍କ ଦ୍ୱାରା ଆଉ କେତୋଟି ରଚନା ମଧ୍ୟ ମାଲୟାଲମ ଭାଷାରେ ଅନୂଦିତ ହୋଇଅଛି । ମେଡୋଜ ଟେଲରଙ୍କ 'ତାରା' ଉପନ୍ୟାସକୁ ସେ 'ଦୈବୀ କମାୟ ପ୍ରତିକାରମ୍' ନାମରେ ଅନୁବାଦ କରିଛନ୍ତି । ଇଂରାଜୀରୁ ଅନୂଦିତ 'ମୈତ୍ରେୟୀ' ସେହିପରି ଅନ୍ୟଏକ ରଚନା । ବସ୍ତୁତଃ ତରୁଣ ବୟସରୁ ଆସାନ ଅନୁବାଦ କାର୍ଯ୍ୟରେ ଆତ୍ମ ନିୟୋଗ କରିଥିଲେ, ଗୃହାବସ୍ଥାରେ ସେ 'ମେଘଦୂତ'ର ଅନୁବାଦ କରିଥିଲେ । ମାତ୍ର ଏହା ସେ ସମାପ୍ତ କରିପାରି ନାହାନ୍ତି । ମହୀଶୂରରେ ଅବସ୍ଥାନ କରୁଥିବା ବେଳେ, ସେ ଶଂକରାଚାର୍ଯ୍ୟଙ୍କ 'ସୌନ୍ଦର୍ଯ୍ୟ ଲହରୀ' ଓ କୃଷ୍ଣ ମିଶ୍ରଙ୍କ 'ପ୍ରବୋଧ ଚନ୍ଦ୍ରୋଦୟମ୍' ଅନୁବାଦ କରିଥିବା ବିଷୟ ପଞ୍ଚମ ପରିଚ୍ଛେଦରେ ସୂଚିତ ।

**ଆସାନଙ୍କ କର୍ମଶାଳା**— କିପରି ଓ କେଉଁ ପରିବେଶ ମଧ୍ୟରେ ଏହି ମହାନ୍ ଶିଳ୍ପୀ ତାହାଙ୍କ ରଚନାବଳୀକୁ ରୂପ ଦେଇଥିଲେ ତାହା ବେଶ୍ କୌତୂହଳପ୍ରଦ । ଆପଣାର କଳାକୃତିକୁ ରୂପଦେବା ଓ ତାହାକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରତ୍ୟେକ କଳାବିତ୍ର ନିଜସ୍ୱ ବୈଶିଷ୍ଟ୍ୟ ଥାଏ । କେତେକ କଳାବିତ୍ ଲେଖାଟି ରଚିତ ହେଲା-ପରେ ଆଉ ସେ ବିଷୟରେ ମୁହୂର୍ତ୍ତିକପାଇଁ ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ । ଆଉ କେତେକ ନିରବଚ୍ଛିନ୍ନ ଭାବେ ଆପଣାର ଲେଖାର ପରିବର୍ତ୍ତନ କରି ମଧ୍ୟ ସନ୍ତୋଷ ବୋଧ କରନ୍ତି ନାହିଁ । ଅଧିକାଂଶ କଳାବିତ୍ଙ୍କୁ ଆମେ ଏଇ ଦୁଇ ମୁଖ୍ୟ ଓ ଚରମ ଶ୍ରେଣୀଭୁକ୍ତ କରିପାରୁ । ମାତ୍ର ରଚନା ସୃଷ୍ଟି ପାଇଁ କଳାବିତ୍ର ମାନସିକ ପ୍ରସ୍ତୁତି ଓ ପରିକଳ୍ପନାକୁ ପରିମାପ କରିବା ଯଥାର୍ଥତଃ ସମ୍ଭବ ନୁହେଁ ।

ଅନ୍ତର୍ଜଗତରେ ପରିକଳ୍ପନା କରିବାରେ ଆସାନ ଥିଲେ ସୁଦକ୍ଷ । କିଛି କହିବା ଓ ଲେଖିବା ପଛରେ ଚାଲିଥିବା ଚିନ୍ତାର ପରିମାଣରୁ ବ୍ୟକ୍ତିତ୍ୱ ଜଣାଯାଏ । ଆସାନ ତାହାଙ୍କ ମନ ଗହନରେ ବହୁ କାର୍ଯ୍ୟ ସମ୍ପାଦନ କରୁଥିବାରୁ ଅନେକ ତାଙ୍କୁ ଭାବୁକ ( introvert ) ବୋଲି ସହଜ ଭାବରେ ଗ୍ରହଣ କରିଥାନ୍ତି । ଲେଖମାରେ ରୂପ ଦେବା ପୂର୍ବରୁ ସେ କାବ୍ୟଟିର ସମଗ୍ର ରୂପଟିକୁ ମନରେ ଅବଧାରଣ କରନ୍ତି ଓ ଏହି ଅବଧାରଣାର ସମସ୍ତ ମଧ୍ୟରେ ତାହାଙ୍କ ବ୍ୟକ୍ତ ସତ୍ତା ହୁଏ ଚଂଚଳ ଓ ବିକ୍ଷୁବ୍ଧ ।

ଭାନୁମତୀ ଅମ୍ମାଙ୍କ ସ୍ମୃତିକଥାରୁ କବି କୌଣସି ବିଷୟରେ ଗଭୀର ଭାବେ ଭାବାବିଷ୍ଟ ହେଲେ, କିପରି ଆଚରଣ ପ୍ରକାଶ କରୁଥିଲେ ତାହାର କିଞ୍ଚିତ ଆଭାସ ମିଳିଥାଏ । "ଆସାନ ଯେ ଭାବୁକ ଥିଲେ ଏହା ସ୍ମରଣୀୟ । କବିତା ବା ଅନ୍ୟକିଛି ଲେଖିବା ପୂର୍ବରୁ କେତେଦିନ ପାଇଁ ସେ ସର୍ବଦା ଭାବନାରେ ବୁଡ଼ିରହୁଥିଲେ । ତାହାଙ୍କ ପରିକଳ୍ପିତ ରଚନା ସମ୍ପର୍କରେ ଦୀର୍ଘ ନୋଟ ଲିପିବଦ୍ଧ କରିବାର ଅଭ୍ୟାସ ତାଙ୍କର ନଥିଲା । ସବୁବିଷୟରେ ପରିକଳ୍ପନା ଓ ସଂଯୋଜନା ତାଙ୍କର ମନରେହିଁ ଚାଲୁଥିଲା । କବିତାଟି କିପରି ଆରଂଭ ହେବ, କିପରି ବିକଶିତ ହେବ ଓ କିପରି ସମାପ୍ତ ହେବ ଏହା ସେ ଆଗରୁ ନିଷ୍ପତ୍ତି କରି ନେଉଥିଲେ । ଲେଖାଟି ରଚିତ ହେଲାହେଲେ ମୂଳ ପରିକଳ୍ପନାକୁ ପରିବର୍ତ୍ତନ କରିବାକୁ ସେ ଚାହୁଁ ନଥିଲେ । ତାଙ୍କ ମତରେ ପୂର୍ବରୁ ଯଥେଷ୍ଟ ଚିନ୍ତା କରିନଥିବା ଯୋଗୁହିଁ ପରିବର୍ତ୍ତନ ଆବଶ୍ୟକ ପଡ଼ିଥାଏ ।"

ଆସାନଙ୍କ ମୁଖ୍ୟ କାବ୍ୟମାନଙ୍କର ଗଠନ ରୀତିରେ ଯେଉଁ ଅନୁପାତ ବୋଧ ଓ

ଦୃଢ଼ତା ପରିଦୃଷ୍ଟ ହୁଏ ତାହା ତାହାଙ୍କ ସୁଚିନ୍ତିତ ପରିକଳ୍ପନା ଓ ସୁବିସ୍ତୃତ ସଂଯୋଜନାର ପରିଣାମ । ଲେଖୁଥିଲାବେଳେ ଶବ୍ଦ ଓ ବାକ୍ୟାଂଶ ନିର୍ବାଚନ ଲାଗି ତାଙ୍କୁ ସ୍ୱତନ୍ତ୍ର ଭାବେ ମନୋଯୋଗୀ ହେବାକୁ ଅବଶ୍ୟ ପଡୁଥିଲା । ଏହି ଅବସ୍ଥାରେ ପରିବର୍ତ୍ତନ ପୁନଃ ସଂଶୋଧନ ସ୍ୱାଭାବିକ (ଗୋଟିଏ ଶ୍ଳୋକର ପ୍ରତିରୂପ-ପୃ-୨ ଦ୍ରଷ୍ଟବ୍ୟ) ।

ସାଧାରଣତଃ କାନଭାସ ନିର୍ମିତ ଗୋଟିଏ ଇଜି ଚେୟାର ଉପରେ ବସି ସେ ଲେଖାଲେଖି କରୁଥିଲେ ; ନୋଟ ବହି ରଖିବାକୁ ପତଳା କାଠ ପଟାଟିଏ ବ୍ୟବହୃତ ହେଉଥିଲା । ମଝିରେ ମଝିରେ ସେ କୋଠରି ଭିତରେ ବୁଲାବୁଲି କରନ୍ତି ଓ ବିଶେଷତଃ କବିତା ସଂସ୍କୃତ ଛନ୍ଦର ହୋଇଥିଲେ ଗୁଣୁଗୁଣୁ ହୋଇ ଛନ୍ଦର ଗତିକୁ ସଜାଡ଼ି ନିଅନ୍ତି । ଏହି ଗତିରେହିଁ ଆଶାନ ତାହାଙ୍କ କଳାକୃତିକୁ ରୂପ ଓ ରଙ୍ଗ ଦେଇ ଯାଇଅଛନ୍ତି ।

# କରୁଣା

ଆସାନଙ୍କ ରଚିତ ଅନୁପମ ତଥା ବିଶିଷ୍ଟ ଗ୍ରନ୍ଥଟିର ନାମ ହେଉଛି 'କରୁଣା'। ବହୁ କଳାରସିକଙ୍କ ମତରେ ଏହା ତାହାଙ୍କ ସର୍ବଶ୍ରେଷ୍ଠ କୃତି। ମାତ୍ର ଅନ୍ୟମାନେ ଏ ବିଷୟରେ ଭିନ୍ନ ମତ ପ୍ରକାଶ କରନ୍ତି। କେତେକ ଲେଖକଙ୍କ ସର୍ବଶ୍ରେଷ୍ଠ ରଚନାକୁ ସୁନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ କରିବା ସହଜ। ମାତ୍ର ଆସାନଙ୍କୁ ଏହି ଲେଖକ ଶ୍ରେଣୀଭୁକ୍ତ କରିହେବ ନାହିଁ। କେତେକ ଆଲୋଚକ 'ସୀତା'ଙ୍କୁ ତାହାଙ୍କ ସର୍ବଶ୍ରେଷ୍ଠ କୃତି ବୋଲି ମତପ୍ରକାଶ କରିଅଛନ୍ତି। ଅନ୍ୟକେତେକ 'ନଳିନୀ' ସପକ୍ଷରେ ଭୋଟ ଦେଇଛନ୍ତି। ମାତ୍ର ତାହାଙ୍କ 'କରୁଣା' ଯେ ସର୍ବାଧିକ ଭୋଟ ପାଇବ ଏହା ନିଃସନ୍ଦେହରେ କୁହାଯାଇପାରେ।

ଭାରତବର୍ଷର ବହୁଭାଷାରେ ଗୃହୀତ ହୋଇଥିବା ବାସବଦତ୍ତା ଏବଂ ଉପଗୁପ୍ତଙ୍କ ସଂପର୍କିତ ଗଳ୍ପକୁ ଆସାନ ଏହାର ବିଷୟବସ୍ତୁ ଭାବେ ନିର୍ବାଚନ କରିଅଛନ୍ତି। ଏମାନଙ୍କ ମଧ୍ୟରୁ ଟାଗୋରଙ୍କ ଅଭିସାର ନାମକ କବିତା ସୁପରିଚିତ। ସମ୍ଭବତଃ ଟାଗୋର ତାଙ୍କର ବିଷୟବସ୍ତୁର ଉପାଦାନ 'ବୋଧିସତ୍ତ୍ୱ ପଦକ କଳ୍ପଲତା'ରୁ ଆହରଣ କରିଅଛନ୍ତି। ମାତ୍ର ଡକ୍ଟର ପାଉଲ୍‌କାରସ୍‌ଙ୍କ ( **Paul Carus** ) ଦ୍ୱାରା ଲିଖିତ ବୁଦ୍ଧଙ୍କ ବାଣୀରୁ ଆସାନ ଏହି କଥାବସ୍ତୁଟି ଗ୍ରହଣ କରିଥିବା ଅନୁମିତ ହୁଏ। ବସ୍ତୁତଃ ଉଭୟ ଗଳ୍ପର ମୌଳିକତାରେ ସାମ୍ୟଭାବ ଥିଲେହେଁ ସାମଗ୍ରିକ ଭାବେ ଉଭୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ।

ବାସବଦତ୍ତା ଥିଲି ଉତ୍ତର ମଥୁରାର ପ୍ରସିଦ୍ଧ ରାଜନର୍ତ୍ତକୀ ( **courtesan** )। ସେ ଥିଲି ସୁନ୍ଦରୀ ଓ ନୃତ୍ୟନିପୁଣା। ଏଣୁ ସେ ସହଜରେ ଜନମନ ହରଣ କରିପାରୁଥିଲି। ମଥୁରାର ଧନୀ ବ୍ୟକ୍ତିଗଣ ବାସବଦତ୍ତାଙ୍କ ଆଦର ଲାଭ କରିବା ଆଶାରେ ତାହାର ପାଦତଳେ ଅଜସ୍ର ଅର୍ଥ ଢାଳିଦେବାଲାଗି ପଶ୍ଚାତ୍‌ପଦ ହେଉନଥିଲେ। ମାତ୍ର ଆଶ୍ଚର୍ଯ୍ୟ ବିଷୟ ପ୍ରଭୁ ବୁଦ୍ଧଙ୍କ ପ୍ରଧାନ ଶିଷ୍ୟ ସଂସାର ତ୍ୟାଗୀ ଉପଗୁପ୍ତଙ୍କୁ ଆକୃଷ୍ଟ କରିବା ଲାଗି ବାସବଦତ୍ତା ଥିଲି ସର୍ବଦା ଆଗ୍ରହୀ। କିନ୍ତୁ ଉପଗୁପ୍ତ ବାସବଦତ୍ତାଙ୍କ ପ୍ରତି ଆଦୌ ଆକୃଷ୍ଟ ହୋଇ ନଥିଲେ କିଂବା ବାସବଦତ୍ତାର ରୂପ ସୌନ୍ଦର୍ଯ୍ୟରେ ସେ ଆଦୌ ବିଚଳିତ ହୋଇ ନଥିଲେ। ଯେତେବେଳେ ବାସବଦତ୍ତାଙ୍କ ପରିଚାରିକା ବାସବଦତ୍ତାଙ୍କ ଆବେଦନ ପତ୍ର ଧରି ଉପଗୁପ୍ତଙ୍କ ନିକଟରେ

ଦୃଢ଼ତା ପରିଦୃଷ୍ଟ ହୁଏ ତାହା ତାହାଙ୍କ ସୁଚିନ୍ତିତ ପରିକଳ୍ପନା ଓ ସୁବିସ୍ତୃତ ସଂଯୋଜନାର ପରିଣାମ । ଲେଖୁଥିଲାବେଳେ ଶବ୍ଦ ଓ ବାକ୍ୟାଂଶ ନିର୍ବାଚନ ଲାଗି ତାଙ୍କୁ ସ୍ୱତନ୍ତ୍ର ଭାବେ ମନୋଯୋଗୀ ହେବାକୁ ଅବଶ୍ୟ ପଡୁଥିଲା । ଏହି ଅବସ୍ଥାରେ ପରିବର୍ତ୍ତନ ପୁନଃ ସଂଶୋଧନ ସ୍ୱାଭାବିକ (ଗୋଟିଏ ଶ୍ଳୋକର ପ୍ରତିରୂପ-ପୃ-୨ ଦ୍ରଷ୍ଟବ୍ୟ) ।

ସାଧାରଣତଃ କାନଭାସ ନିର୍ମିତ ଗୋଟିଏ ଇଜି ଚେୟାର ଉପରେ ବସି ସେ ଲେଖାଲେଖି କରୁଥିଲେ ; ନୋଟ ବହି ରଖିବାକୁ ପତଳା କାଠ ପଟାଟିଏ ବ୍ୟବହୃତ ହେଉଥିଲା । ମଝିରେ ମଝିରେ ସେ କୋଠରୀ ଭିତରେ ବୁଲାବୁଲି କରନ୍ତି ଓ ବିଶେଷତଃ କବିତା ସଂସ୍କୃତ ଛନ୍ଦର ହୋଇଥିଲେ ଗୁଣୁଗୁଣୁ ହୋଇ ଛନ୍ଦର ସ୍ୱାଦକୁ ସଜାଡ଼ି ନିଅନ୍ତି । ଏହି ସ୍ୱାଦରେହିଁ ଆସାନ ତାହାଙ୍କ କଳାକୃତିକୁ ରୂପ ଓ ରଙ୍ଗ ଦେଇ ଯାଇଅଛନ୍ତି ।

# କରୁଣା

ଆସାନଙ୍କ ରଚିତ ଅନୁପମ ତଥା ବିଶିଷ୍ଟ ଗ୍ରନ୍ଥଟିର ନାମ ହେଉଛି 'କରୁଣା' । ବହୁ କଳାରସିକଙ୍କ ମତରେ ଏହା ତାହାଙ୍କ ସର୍ବଶ୍ରେଷ୍ଠ କୃତି । ମାତ୍ର ଅନ୍ୟମାନେ ଏ ବିଷୟରେ ଭିନ୍ନ ମତ ପ୍ରକାଶ କରନ୍ତି । କେତେକ ଲେଖକଙ୍କ ସର୍ବଶ୍ରେଷ୍ଠ ରଚନାକୁ ସୁନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ କରିବା ସହଜ । ମାତ୍ର ଆସାନଙ୍କୁ ଏହି ଲେଖକ ଶ୍ରେଣୀଭୁକ୍ତ କରିହେବ ନାହିଁ । କେତେକ ଆଲୋଚକ 'ସୀତା'ଙ୍କୁ ତାହାଙ୍କ ସର୍ବଶ୍ରେଷ୍ଠ କୃତି ବୋଲି ମତପ୍ରକାଶ କରିଅଛନ୍ତି । ଅନ୍ୟକେତେକ 'ନଳିନୀ' ସପକ୍ଷରେ ଭୋଟ ଦେଇଛନ୍ତି । ମାତ୍ର ତାହାଙ୍କ 'କରୁଣା' ଯେ ସର୍ବାଧିକ ଭୋଟ ପାଇବ ଏହା ନିଃସନ୍ଦେହରେ କୁହାଯାଇପାରେ ।

ଭାରତବର୍ଷର ବହୁଭାଷାରେ ଗୃହୀତ ହୋଇଥିବା ବାସବଦତ୍ତା ଏବଂ ଉପଗୁପ୍ତଙ୍କ ସଂପର୍କିତ ଗଳ୍ପକୁ ଆସାନ ଏହାର ବିଷୟବସ୍ତୁ ଭାବେ ନିର୍ବାଚନ କରିଅଛନ୍ତି । ଏମାନଙ୍କ ମଧ୍ୟରୁ ଟାଗୋରଙ୍କ ଅଭିସାର ନାମକ କବିତା ସୁପରିଚିତ । ସମ୍ଭବତଃ ଟାଗୋର ତାଙ୍କର ବିଷୟବସ୍ତୁର ଉପାଦାନ 'ବୋଧିସୁତ୍ର ପଦକ କଳ୍ପଲତା' ରୁ ଆହରଣ କରିଅଛନ୍ତି । ମାତ୍ର ଡକ୍ଟର ପାଉଲ୍‌କାରସ୍‌ଙ୍କ ( **Paul Carus** ) ଦ୍ୱାରା ଲିଖିତ ବୁଦ୍ଧଙ୍କ ବାଣୀରୁ ଆସାନ ଏହି କଥାବସ୍ତୁଟି ଗ୍ରହଣ କରିଥିବା ଅନୁମିତ ହୁଏ । ବସ୍ତୁତଃ ଉଭୟ ଗଳ୍ପର ମୌଳିକତାରେ ସାମ୍ୟଭାବ ଥିଲେହେଁ ସାମଗ୍ରିକ ଭାବେ ଉଭୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ ।

ବାସବଦତ୍ତା ଥିଲି ଉତ୍ତର ମଥୁରାର ପ୍ରସିଦ୍ଧ ରାଜନର୍ତ୍ତକୀ ( courtesan ) । ସେ ଥିଲି ସୁନ୍ଦରୀ ଓ ନୃତ୍ୟନିପୁଣା । ଏଣୁ ସେ ସହଜରେ ଜନମନ ହରଣ କରିପାରୁଥିଲି । ମଥୁରାର ଧନୀ ବ୍ୟକ୍ତିଗଣ ବାସବଦତ୍ତାଙ୍କ ଆଦର ଲାଭ କରିବା ଆଶାରେ ତାହାର ପାଦତଳେ ଅଜସ୍ର ଅର୍ଥ ଢାଳିଦେବାଲାଗି ପଶ୍ଚାତ୍ପଦ ହେଉନଥିଲେ । ମାତ୍ର ଆଶ୍ଚର୍ଯ୍ୟ ବିଷୟ ପ୍ରଭୁ ବୁଦ୍ଧଙ୍କ ପ୍ରଧାନ ଶିଷ୍ୟ ସଂସାର ତ୍ୟାଗୀ ଉପଗୁପ୍ତଙ୍କୁ ଆକୃଷ୍ଟ କରିବା ଲାଗି ବାସବଦତ୍ତା ଥିଲି ସର୍ବଦା ଆଗ୍ରହୀ । କିନ୍ତୁ ଉପଗୁପ୍ତ ବାସବଦତ୍ତାଙ୍କ ପ୍ରତି ଆଦୌ ଆକୃଷ୍ଟ ହୋଇ ନଥିଲେ କିଂବା ବାସବଦତ୍ତାର ରୂପ ସୌନ୍ଦର୍ଯ୍ୟରେ ସେ ଆଦୌ ବିଚଳିତ ହୋଇ ନଥିଲେ । ଯେତେବେଳେ ବାସବଦତ୍ତାଙ୍କ ଚାକରାଣୀ ବାସବଦତ୍ତାଙ୍କ ଆବେଦନ ପତ୍ର ଧରି ଉପଗୁପ୍ତଙ୍କ ନିକଟରେ

ପହଂଚଲା, ସେ ଉତ୍ତର ଦେଲେ—"ବାସବଦତ୍ତାଙ୍କ ଗୃହକୁ ଯିବା ଲାଗି ଉପଗୁପ୍ତର ସମୟ ଏବେ ସୁଦ୍ଧା ଆସି ନାହିଁ ।"

ଏହି ଉତ୍ତର ଶୁଣି ବାସବଦତ୍ତା ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ନିର୍ଗୁଣ ବୋଧ କରିଛି । କାରଣ ସେ ଉପଗୁପ୍ତଙ୍କ ଠାରୁ ଅର୍ଥ ଚାହିଁ ନଥିଲା, ବରଂ ଚାହିଁଥିଲା ତାଙ୍କର ପ୍ରେମ । ତଥାପି ସେ ପୁଣି ଶୀଘ୍ର ନିଜର ମନର ଦୁଃଖ ଭୁଲି ତାହାର ପ୍ରାତ୍ୟହିକ ଭୋଗ ବିଳାସରେ ଲିପ୍ତ ରହିଲା । ଏହି ସମୟରେ ଏକ ଦୂରବର୍ତ୍ତୀ ସ୍ଥାନର ଜଣେ ଧନୀ ବ୍ୟବସାୟୀଙ୍କୁ ସେ ତାହାର ପ୍ରେମିକ ରୂପେ ପାଇ ପାରିଥିଲା । ଏହା ପୂର୍ବରୁ କଳା କାରିଗର ମାନଂକର ମୁଖ୍ୟ ବ୍ୟକ୍ତି ଜଣକ ତାଂକର ପ୍ରେମିକ ଥିଲେ । ତେଣୁ ବାସବଦତ୍ତାର ଦୁଇଜଣ ପ୍ରେମିକ ହେବାରୁ ଉଭୟଙ୍କ ମଧ୍ୟରେ କଳହର ସୂତ୍ରପାତ ହେଲା ଏବଂ ଏହି ଦୁହିଁଙ୍କ ମଧ୍ୟରୁ ସେ ଜଣକର ପକ୍ଷ ନେବାକୁ ବାଧ୍ୟ ହେଲେ । ତଥାପି ଏହି ବିବାଦକୁ ତୁଟାଇବା ସମ୍ଭବ ନ ହେବାରୁ ବାସବଦତ୍ତା କାରିଗର ମୁଖ୍ୟଙ୍କୁ ହତ୍ୟା କରିବାର ବ୍ୟବସ୍ଥା କରିଦେଲେ । ଏହି ଘଟଣା ଯୋଗୁ ବିଚାରାଳୟରେ ବିଚାର ଚାଲିଲା । ଅବଶେଷରେ ବାସବଦତ୍ତାଙ୍କୁ କଠୋର ଦଣ୍ଡ ଭୋଗ କରିବାକୁ ପଡ଼ିଲା । ତାହାର ହାତ, ପାଦ, ନାକ ଓ କାନକୁ କାଟି ଦିଆଗଲା । ତାହାର କ୍ଷତବିକ୍ଷତ ଶରୀରକୁ ମଶାଣି ପଦାରେ ପକାଇ ଦିଆଗଲା । ବିକ୍ଷତ ଶରୀରରେ ମଶାଣି ପଦାରେ ପଡ଼ି ମୃତ୍ୟୁକୁ ଅପେକ୍ଷା କରୁଥିବା ବେଳେ ତାହାର ଅତୀତର ପ୍ରିୟ ଉପଗୁପ୍ତ ଆସି ସେଠାରେ ପହଞ୍ଚିଛନ୍ତି । ଏହାପରେ ଜୀବନ ଓ ମୃତ୍ୟୁ ମଧ୍ୟରେ ତାହାର ଆତ୍ମା ବିକଳ ହେଉଥିବା ବେଳେହିଁ କାହାଣୀର ସବୁଠାରୁ ଗୁରୁତ୍ୱ-ପୂର୍ଣ୍ଣ ବିଷୟଟି ସଂଘଟିତ ହୋଇଛି । ବାସବଦତ୍ତା ଭିକ୍ଷୁଙ୍କୁ ଚିହ୍ନି ପାରିଛି । ତାହା ଜୀବନରେ ଘଟି ଯାଇଥିବା ସମସ୍ତ ବିଷୟ ବୁଝିବା ସତ୍ତ୍ୱେ ଭିକ୍ଷୁ ତାହାର ବିକଳ ହୃଦୟରେ ଆଣିଛନ୍ତି ପ୍ରଶାନ୍ତି ଏବଂ ପ୍ରବୃତ୍ତିକୁ ପ୍ରଶମିତ କରି ତାହାକୁ ଊର୍ଦ୍ଧ୍ୱାଭିମୁଖୀ କରିପାରିଛନ୍ତି । ବାସବଦତ୍ତା ନୂତନ ଦୃଷ୍ଟି ଲାଭ କରି ନିର୍ବାଣ ଲାଗି ପ୍ରସ୍ତୁତ ହୋଇଛି ।

ନିଶ୍ଚିତ ଭାବେ କରୁଣା ହେଉଛି କୁମାରନ୍ ଆସାନଙ୍କ ରଚିତ ସର୍ବାଧିକ ଜନପ୍ରିୟ କାବ୍ୟ । ଏହା ମଧ୍ୟ ମାଲୟାଲମ ସାହିତ୍ୟର ସର୍ବଶ୍ରେଷ୍ଠ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ । କର୍ମରତ ଶ୍ରମିକ ମଧ୍ୟ ଏହି କାବ୍ୟର ପଂକ୍ତି ବିଶେଷକୁ ଆବୃତ୍ତି କରିଥାନ୍ତି । ଏପରି ସର୍ବଜନାଦୃତ କାବ୍ୟଗ୍ରନ୍ଥ ଯେକୌଣସି ଭାଷାରେ ବିରଳ । ୧୯୩୦-୪୦ ମଧ୍ୟରେ 'କରୁଣା' ସ୍ୱାମୀ ବ୍ରହ୍ମବ୍ରତଙ୍କ ଦ୍ୱାରା ନାଟ୍ୟ ରୂପାୟିତ ଓ ଅଭିନୀତ ହୋଇ ଅପୂର୍ବ ଜନପ୍ରିୟତା ଅର୍ଜନ କରିଥିଲା । ଏହି ନାଟ୍ୟଦଳ କେରଳର ଗୋଟିଏ

ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହାକୁ ପ୍ରଦର୍ଶିତ କରାଇଥିଲେ ଓ ବହୁବର୍ଷ ପର୍ଯ୍ୟନ୍ତ ଏହା ପ୍ରବଳ ଆଗ୍ରହ ସୃଷ୍ଟି କରିପାରିଥିଲା । ପରେ ଏହା ଚଳଚ୍ଚିତ୍ର ରୂପ ଲାଭ କରିଥିଲେ ହେଁ ତାହା ଅନୁରୂପ ଜନପ୍ରିୟତା ଲାଭ କରିପାରିନଥିଲା । କେତେକ କାବ୍ୟ ଜନସାଧାରଣଙ୍କ ପକ୍ଷେ ଆଦରଣୀୟ ହେଲେହେଁ ତାହା ଅଭିଜ୍ଞ କାବ୍ୟରସିକଙ୍କ ସମାଦର ଲାଭ କରିବାକୁ ସମର୍ଥ ହୁଏ ନାହିଁ । ସେହିପରି ଯାହାକୁ କାବ୍ୟରସିକ ପସନ୍ଦ କରନ୍ତି ତାହା ଜନସାଧାରଣଙ୍କ ଦ୍ୱାରା ସମାଦୃତ ହୋଇ ନଥାଏ । 'କରୁଣା' ପ୍ରବୀଣ କାବ୍ୟରସିକ ଓ ସ୍ୱଳ୍ପଶିକ୍ଷିତ ଜନସାଧାରଣ ପ୍ରଭୃତି ସର୍ବବିଧ ସ୍ତରରେ ସମାଦର ଲାଭ କରିଥିବାରୁ ଏପରି କାବ୍ୟ ଯଥାର୍ଥତଃ ବିରଳ । ସୁପରିଚିତ ଆଲୋଚକ ଯୋସେଫ ମୁଣ୍ଡାସେରି ଏହି କାବ୍ୟର ମହତ୍ତ୍ୱକୁ ଏହିପରି ବ୍ୟାଖ୍ୟା କରିଛନ୍ତି ।

"କେଉଁ ଅନ୍ତର୍ନିହିତ ଗୁଣଯୋଗୁ କରୁଣା ଏକାଧାରରେ ସୁମହତ ତଥା ଜନପ୍ରିୟ ହୋଇପାରିଛି ? ପ୍ରଥମତଃ ଏହାର କଥାବସ୍ତୁ—ଏହା ସାମାନ୍ୟ ଅନୁଭୂତି ପ୍ରବଣ ହୃଦୟକୁ ମଧ୍ୟ ସ୍ପର୍ଶ କରିଥାଏ । ବିବିଧ ଜଟିଳ ଭାବାବେଗର ମୂଳକାରଣ ହେଉଛି ଯୌନାକର୍ଷଣ । ଯୌନଭୋଗବୃତ୍ତି ସମ୍ପନ୍ନ ଏକ ରାଜନର୍ତ୍ତକୀ ଯେଉଁ କାବ୍ୟର ମୁଖ୍ୟ ଚରିତ୍ର ତାହା ଜନସାଧାରଣଙ୍କୁ ପ୍ରତ୍ୟକ୍ଷଭାବେ ଆକୃଷ୍ଟ କରିବା ଏକାନ୍ତ ସ୍ୱାଭାବିକ । ସମକାଳୀନ ମାଲୟାଲମ ସାହିତ୍ୟର ତ୍ରିମୂର୍ତ୍ତି ମଧ୍ୟରୁ ଭାଲଥୋଲ, ଉଲ୍ଲୁର ମଧ୍ୟ ଏହିପରି ରାଜନର୍ତ୍ତକୀର ପରିବର୍ତ୍ତନ ସମ୍ପର୍କରେ କାବ୍ୟରଚନା କରିଛନ୍ତି । ଭାଲଥୋଲଙ୍କ ମାଗ୍‌ଡାଲେନା ମରିଅମ ଓ ଉଲ୍ଲୁରଙ୍କ ପିଙ୍ଗଳାର ନାମ ଏ ସମ୍ପର୍କରେ ଉଲ୍ଲେଖଯୋଗ୍ୟ ।

'ସ୍ନେହଗାୟକମ୍' (ପ୍ରେମରକବି) ନାମରେ ସୁପରିଚିତ ଆଶାନ ପ୍ରେମର ବିବିଧ ବିଭାବକୁ ବର୍ଣ୍ଣନା କରିଅଛନ୍ତି । ଆମେ 'ନଳିନୀ' 'ଲୀଳା' 'ଦୁରବସ୍ଥା' 'ଚଣ୍ଡାଳଭିକ୍ଷୁକୀ' ପ୍ରସଙ୍ଗ ପୂର୍ବରୁ ଆଲୋଚନା କରିଛୁ । ଏ ଗୁଡ଼ିକରେ ପ୍ରେମାନୁଭୂତି ଜନ୍ମକୁ ଅବତାରଣା କରିବା ବର୍ଣ୍ଣିତ ହୋଇଛି । କାବ୍ୟନାୟିକାମାନେ ବିଭିନ୍ନ ପାଦପୀଠରେ ଦଣ୍ଡାୟମାନ ହୋଇଛନ୍ତି—ଏମାନଙ୍କ ମଧ୍ୟରୁ ନଳିନୀର ସ୍ଥାନ ହେଉଛି ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ । ମାତ୍ର 'କରୁଣାକୁ' ଆସି ଦେଖୁ ଏହାର ନାୟିକାର ସ୍ଥାନ ସମସ୍ତଙ୍କଠାରୁ ତଳେ । ବାସବଦତ୍ତା ନୈତିକ ସ୍ଖଳନ ସଂପନ୍ନା ରାଜନର୍ତ୍ତକୀ ନୁହେଁ, ସେ ନିଷ୍ଠୁରା, ହତ୍ୟାକାରିଣୀ । ଏପରି ଏକ ବ୍ୟକ୍ତିର ହୃଦୟରେ ମଧ୍ୟ ପବିତ୍ର ପ୍ରେମର ସ୍ଫୁରଣ ହୋଇପାରେ । ଉପଗୁପ୍ତଙ୍କୁ ଦେଖିବା ମାତ୍ରେ ତାହା ହଠାତ୍ ପ୍ରଜ୍ୱଳିତ ହୋଇ

ଉଠିଛୁ । ଯଦି ଏହି ନିଃସ୍ୱ ସନ୍ନ୍ୟାସୀ ତାଙ୍କୁ ପ୍ରେମ କରନ୍ତି ତେବେ ସେ ତାଙ୍କ ପଦତଳେ ତାର ସମସ୍ତ ସମର୍ପଣ କରିଦେବାକୁ ପ୍ରସ୍ତୁତ । କାବ୍ୟନାୟିକାର ଏହି ବିଚାର ସ୍ୱତଃ ପ୍ରତ୍ୟେକ ପାଠକର କଳ୍ପନାକୁ ସ୍ପନ୍ଦିତ କରେ । ଉପଗୁପ୍ତଙ୍କ ପ୍ରତିକ୍ରିୟା ମଧ୍ୟ ତତୋଽଧିକ ବିଚାର ସୌନ୍ଦର୍ଯ୍ୟରେ ସୁବିକଶିତ। ବାସବଦତ୍ତାକୁ ଦେଖିବାଲାଗି ନଆସି ପାଖୁଡ଼ାସବୁ ଝରିପଡ଼ୁଥିବା ବେଳେ ସେ ତାଙ୍କୁ ଦେଖିବାଲାଗି ଆସିଛନ୍ତି । ଏହାହିଁ ହେଉଛି ତାଙ୍କୁ ଦେଖିବାର ଯଥାର୍ଥ ସମୟ । ମାତ୍ର ସାଧାରଣ ମନୁଷ୍ୟ ପକ୍ଷେ ଏହା ଅଭାବ ବିଳମ୍ବିତ ଉପସ୍ଥିତି । କାଗତିକ ସ୍ଥିତିକୁ ଏକମାତ୍ର ବାସ୍ତବ ସତ୍ୟ ବୋଲି ଯେଉଁମାନେ ଗ୍ରହଣ କରନ୍ତି, ସେମାନଙ୍କ ପକ୍ଷେ ଏହା ନିଃସନ୍ଦେହ ଭାବେ ବିଳମ୍ବିତ; ମାତ୍ର ମୃତ୍ୟୁପରେ ଜୀବନର ଅସ୍ତିତ୍ୱ ରହିଛି ବୋଲି ଯେଉଁମାନେ ବିଶ୍ୱାସ କରନ୍ତି ସେମାନଂକ ପକ୍ଷେ ଏହା ବିଳମ୍ବ ନୁହେଁ ।

କଥାବସ୍ତୁର ନାଟକୀୟ ଉପସ୍ଥାପନ ଯୋଗୁ 'କରୁଣା' ସୃଷ୍ଟିକର୍ମ ଭାବେ ଉଚ୍ଚସ୍ଥାନ ଲାଭ କରିଛି । ଆମେ ପୂର୍ବରୁ ଦେଖିଛୁ ଯେ ଆଶାନଙ୍କ ସବୁ ପ୍ରସିଦ୍ଧ କାବ୍ୟ ନାଟକୀୟ ଭାବରେ ପରିକଳ୍ପିତ । 'କରୁଣା'ରେ ମଧ୍ୟ ଏହା ସମୁଚିତ ସ୍ଥାନରେ ବିଦ୍ୟମାନ । ଏହି କାବ୍ୟର ଅନ୍ୟ ଏକ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଯଥାଯଥ ସଂକ୍ଷିପ୍ତ ବର୍ଣ୍ଣନାର ବହୁଳତା । ବହୁ ବାସ୍ତବ ଚିତ୍ର ନାଟକୀୟ ସମ୍ମିଶ୍ରଣ କ୍ରମରେ ଏଥିରେ ଉପସ୍ଥାପିତ ହୋଇଛି । ଏହାର ପ୍ରାରମ୍ଭିକ ପରିଚ୍ଛେଦଟି ଏତାଦୃଶ ସମ୍ମିଶ୍ରଣର ଯଥାର୍ଥ ନିଦର୍ଶନ । ନାଟକୀୟତା ଓ ବର୍ଣ୍ଣନା ଦୁହେଁ ମିଶି 'କରୁଣା'କୁ ଏକ ଜୀବନ୍ତ ଓ ମନୋରମ ଶିଳ୍ପ କର୍ମରେ ପରିଣତ କରିଛନ୍ତି । ଅଳ୍ପ କେତୋଟି ଧାଡ଼ିରେ ସ୍ଥାନର ବର୍ଣ୍ଣନା କରି କବି କାବ୍ୟନାୟିକା ଯେଉଁଠି ଉପବେଶନ କରିଥିଲେ ତାହାର ବର୍ଣ୍ଣନା କରିଛନ୍ତି । ତାପରେ ନିମ୍ନୋକ୍ତ ଭାବରେ ତାହାଙ୍କର ସେଇ ଅପୂର୍ବ ଭଙ୍ଗୀ ବର୍ଣ୍ଣିତ—

"ସଧୀରେ ସେ ସମ୍ମୁଖକୁ ହୋଇଲା ଆଗତ
ମସ୍ତକର ଏକପାର୍ଶ୍ୱ କୁଞ୍ଚିତ କେଶରୁ
ଖସିଗଲା ଶାଢୀଟିର ଧାର
ଲଘୁଭାବେ ନ୍ୟସ୍ତଥିଲା ଯାହା
ବିଭାସିଲା ମଣିବିମଣ୍ଡିତ ଅବତଂସ ଉଜ୍ଜ୍ୱଳ ମୟୂଖ ।
ପ୍ରକାଶିତ ହେଲା ତାର ମେଘ କୃଷ୍ଣ ଗୁଚ୍ଛ
ବିମଣ୍ଡିତ ଥିଲା ଯାହା ସେବତୀର କଳିକାମାଳାରେ
ନିମ୍ନେ ତାର ଚନ୍ଦ୍ରାନନ ଅମଳ କପୋଳ
ସୁଶୋଭନ କର୍ଣ୍ଣମଣ୍ଡଳକେ

ସ୍ୱର୍ଣ୍ଣ ପଦ୍ମ ସ୍ପର୍ଦ୍ଧୀ ତାର ବାମେତର ପଦ
ନ୍ୟସ୍ତଥିଲା ବାମ ଉରୁ ପରେ
ଗୋଲାପର ଦଳେ ସିକ୍ତ ସୁବାସ ବ୍ୟଜନ
ସଧୀରେ ଫଗ୍ଗୁଲୁଥିଲା ସହଚରୀତାର
ସୁମଧୁର କଂକଣ ନିନାଦେ
ତହିଁ ସମାସୀନ ଥିଲା ମନୋରମା ସେ ରୂପରଂଗିଣୀ
ଯଥା ପ୍ରେମ ଦେବତାର ସେ ପଞ୍ଚମହିଷୀ ।"

ଏକ ପୂର୍ଣ୍ଣାବୟବ ପ୍ରତିକୃତିର ଆଭାସ ଏଇ ପଂକ୍ତି ଗୁଡ଼ିକରୁ ମିଳିଥାଏ । ଏହି ରୂପଶ୍ରୀର ପରବର୍ତ୍ତୀ ବର୍ଣ୍ଣନା ଏହିପରି—

"ସୁନ୍ଦରୀ ସେ ସୁକୁନ୍ତଳା ବସିଥିଲା କା'ର ପ୍ରତୀକ୍ଷାରେ
ଏକକରେ ସଂଗ୍ରଥିତା କୁସୁମ ସ୍ତବକ
ନିକ୍ୱଣିତ ହେଉଥିଲା ତାହାର ନୂପୁର
ଆକମ୍ପନେ ଦକ୍ଷ ଚରଣର
କମଳର ସମ ଯାହା ଉଠିଥିଲା ଫୁଟି
କଲ୍ଲୋଳିତ ସ୍ରୋତସ୍ୱିନୀ ପରେ
ବିକମ୍ପିତ ହେଉଥିଲା ବସନ ତା ମନ୍ଦ ସମୀରଣେ ।

ସେ ଆଗ୍ରହରେ କାହାକୁ ପ୍ରତୀକ୍ଷା କରୁଥିଲା । ସହଚରୀ ଉପଗୁପ୍ତଙ୍କ ଠାରୁ ଫେରିଆସିବା ପରଠାରୁ କାବ୍ୟର କଥାବସ୍ତୁ ଆରଂଭ ହୋଇଛି । ଏହାପରେ ବାସ୍ତବ ଧର୍ମୀ ସଂଳାପ ଏଥିରେ ପ୍ରତିଫଳିତ ହୋଇଛି ଏକ ଭାବାବିଷ୍ଟ ପ୍ରେମିକାର ଗଭୀର ଅନୁଭୂତି—

"ନୁହେଁକି ଏ ନିଷ୍ଠୁରତା, ଏହିପରି ସୁପୁରୁଷ ଏକ
ହୁଏ ଯଦି ଉଦାସୀନ ରମଣୀ ବିଷୟେ ?

ଏହି ସଂଳାପ ମଧ୍ୟରେ ବାସବଦତ୍ତା ସ୍ପଷ୍ଟ ଜଣାଇ ଦେଇଛି ଯେ ଉପଗୁପ୍ତ ପ୍ରତି ତାହାର ପ୍ରେମ ପବିତ୍ର କାମ ଭାବ ବିବର୍ଜିତ ଓ ଏହା ସାଧାରଣ ବାରବନିତା ସୁଲଭ ନୁହେଁ । ଏହି ଦୃଶ୍ୟର ଶେଷ ଭାଗରେ ଧନିକ ବଣିକ (ଚେଟିଅର) ଆସି ଉପସ୍ଥିତ ହୋଇଛି । ସେ ସୁସଜ୍ଜିତ ଶକଟରେ ବସି ସେଠାକୁ ଆସିଛନ୍ତି । ଏକ ବର୍ଣ୍ଣାଢ୍ୟ ବର୍ଣ୍ଣନା ମାଧ୍ୟମରେ ତାହାର ଆଗମନରୁ ନାଟକୀୟ ଦ୍ୱନ୍ଦ୍ୱ ହୋଇଛି ସୁଗଭୀର । ଯଥାଯୋଗ୍ୟ ଉପମାଦ୍ୱାରା କବି ନାୟିକାର ପ୍ରତିକ୍ରିୟାକୁ ଯଥାର୍ଥ ରୂପେ ଫୁଟାଇ ପାରିଛନ୍ତି । ଯଥା—

"ଅପସର ଗଲା ସିଏ
ତଟ ଦେଖେ କ୍ଷଣେରହି ଫେରଯାଏ ଯଥା
ରାଜହଂସୀ ସଲଜରେ ଚଳପଦ୍ମ ସରସୀ ମଧ୍ୟକୁ ।"

୨ୟ ଦୃଶ୍ୟଟି ପ୍ରଥମ ଦୃଶ୍ୟଟି ସଦୃଶ ସମାନ୍ତରାଳ ଭାବରେ ରଚିତ । ଏହାର କେନ୍ଦ୍ରବିନ୍ଦୁ ସେଇ ବାସବଦତ୍ତା । ମାତ୍ର ସିଏ ସେହି କାମ ଉଦ୍ଦୀପନା ସୃଷ୍ଟିକାରିଣୀ ରୂପଗର୍ବିତା-ସନ୍ତୃପ୍ତା ପ୍ରେମ ବିହ୍ୱଳା ନାରୀ ନୁହେଁ, ସେ ହେଉଛି ଏକ ବିରୂପା, କୁତ୍ସିତ ଦର୍ଶନା ଘୃଣ୍ୟା ନାରୀ, ସେ ଆଉ ସୁନ୍ଦର ଅଶୋକ ବୃକ୍ଷତଳେ ସମାସୀନ ହୋଇନ । ଏକ ବୃଦ୍ଧ ବଟବୃକ୍ଷ ତଳେହିଁ ସେ ଉପବିଷ୍ଟା । ଏଠି ମଧ୍ୟ ସହଚରୀଟିଏ ରହିଛି, ମାତ୍ର ସେ ସୁବାସିତ ବ୍ୟଜନ ଚାଳନା କରି ସ୍ୱାମିନୀଙ୍କୁ ଆମୋଦିତ କରୁନ, ମାତ୍ର ବାଡ଼ିଟିଏ ଧରି କାଉ ମାନଙ୍କୁ ତାଡ଼ନା କରୁଛି । ପ୍ରଥମ ଦୃଶ୍ୟରେ ପ୍ରତ୍ୟେକ ଉପାଦାନ ବିଭବର ଅଭିବୃଦ୍ଧି ପାଇଁ ନିୟୋଜିତ ମାତ୍ର ୨ୟ ଦୃଶ୍ୟର ପ୍ରତ୍ୟେକଟି ବିଷୟରେ ବିରକ୍ତି ଓ ଘୃଣା ବ୍ୟଂଜକ । ପ୍ରଥମ ଦୃଶ୍ୟର ଶେଷରେ ଚେଟିଅର ଉପସ୍ଥିତ ହେଲାଭଳି ୨ୟ ଦୃଶ୍ୟର ଶେଷାଂଶରେ ଉପଗୁପ୍ତ ଉପସ୍ଥିତ ହୋଇଛନ୍ତି । ପ୍ରତ୍ୟେକଟି ବିଷୟରେ ଏହିପରି ବୈପରୀତ୍ୟ ପ୍ରଦର୍ଶିତ ହୋଇଛି । ଏହା ଯେପରି କଳାତ୍ମକ ଭାବରେ ସଂପାଦିତ ହୋଇଛି । ତହିଁରୁ କବିଙ୍କ ଅପୂର୍ବ ସଂଗଠନ ଚାତୁରୀ ଓ ଅପୂର୍ବ ନାଟକୀୟ କୁଶଳତା ବିଷୟରେ ଯେକୌଣସି ସଚେତନ ପାଠକ ଅବହିତ ହୋଇ ପାରିବ ।

୩ୟ ଓ ଶେଷ ଦୃଶ୍ୟରେ ଦ୍ୱନ୍ଦ୍ୱର ନିଷ୍ପତ୍ତି ପ୍ରଦତ୍ତ । ବାରବନିତା ବାସବଦତ୍ତାର ପବିତ୍ର ନାରୀତ୍ୱ ମଧ୍ୟରେ ଦ୍ୱନ୍ଦ୍ୱକୁ ଏହା ପ୍ରକଟିତ କରୁଛି । ନାରୀ ମଧ୍ୟରେ ସୁପ୍ତ ଭାବରେ ଥିବା ଦେବୀତ୍ୱର ହୋଇଛି ପୁନର୍ଜାଗରଣ । ବାସବଦତ୍ତା ପକ୍ଷେ ଉପଗୁପ୍ତ ନାମଟି ହୋଇଛି ଜୀବନଦାନକାରୀ ଅମୃତ । ବହୁକଷ୍ଟରେ ସେ ଆପଣାର ସମ୍ମିଶ୍ରିତ ଅନୁଭୂତିକୁ ପ୍ରକାଶ କରିବାକୁ ଚେଷ୍ଟା କରିଛି । ତାହାର ବିକ୍ଷତ ବାକ୍ ଯନ୍ତ୍ରରୁ ନିଃସୃତ ବିଭଗ୍ନ ଶବ୍ଦାବଳୀକୁ ଏକମାତ୍ର ଉପଗୁପ୍ତହିଁ ବୁଝିପାରିଛନ୍ତି । ଏହି କରୁଣ ଶୋକାବହ ଦୃଶ୍ୟରେ ଯେ କୌଣସି ବ୍ୟକ୍ତି କଂପିତ ଓ ମୂର୍ଚ୍ଛାହତ ହୋଇ ପଡ଼ିବ । ମାତ୍ର ଉପଗୁପ୍ତ ରହିଛନ୍ତି ଅବିଚଳିତ । ଏହା ତାଙ୍କ ହୃଦୟରେ କଂପନ ସୃଷ୍ଟି କରି-ଥିଲେହେଁ ସେ ବିଶେଷ ଭାବେ ବିଚଳିତ ହୋଇନାହାନ୍ତି । ଗମ୍ଭୀର ଭାବରେହିଁ ସେ ବାସବଦତ୍ତା ହୃଦୟରୁ ଉଚ୍ଛ୍ୱସିତ ପ୍ରକୃତ ପ୍ରେମର ଉଚ୍ଛ୍ୱାସକୁ ସ୍ୱୀକୃତି ଜଣାଇଛନ୍ତି । ତାହାର ଦୁର୍ଦ୍ଦଶା ପ୍ରତି ସେ ପୂର୍ଣ୍ଣ ସମବେଦନା ଜଣାଇଛନ୍ତି ଓ କରୁଣାରେ ତାହାଙ୍କ ହୃଦୟ ହୋଇଛି ବିଗଳିତ । ସର୍ବାଧିକ ଅପରାଧ କରିଥିଲେହେଁ ସେ ତାକୁ ଦୋଷ

ଦେଇ ନାହାନ୍ତି । ପରନ୍ତୁ ତାହାର ପ୍ରଣୟ ଓ ନିଷ୍ଠାକୁ ସେ ସମ୍ମାନ ପ୍ରଦର୍ଶନ କରିଛନ୍ତି । ଏକ ଭିନ୍ନ ଗାରେ ସେ ପ୍ରେମର ପ୍ରତିଦାନ ଦେଇଛନ୍ତି । ତାହାଙ୍କର ପ୍ରଣୟ ଥିଲା ପବିତ୍ର, ବିଶ୍ୱଜନୀନ ଓ ଦେହଭୋଗ ରହିତ ।

ଏହାହିଁ ସଂକ୍ଷେପରେ କରୁଣାର ମର୍ମକଥା । ଉପଗୁପ୍ତ କହିଛନ୍ତି—

"ଭଗିନୀ ନକର ଶୋକ
ପରିହର ମନରୁ ଆଶଙ୍କା
ଲଭିବ ପ୍ରଶାନ୍ତି ତୁମେ
ସଧୀରେ ମୁଁ ଦେଉଛି ପରଶି
ଏଇ ହସ୍ତେ ତୁମର କପାଳ
ଯାହାଧୌତି କରିଅଛି ଦୀର୍ଘକାଳ
ବୁଦ୍ଧଙ୍କର ସୁପବିତ୍ର ଚରଣ କମଳ ।"

ଉପଗୁପ୍ତ ଆପଣା ଅଙ୍ଗୁଳିରେ ତାହାର କପାଳକୁ ଆଉଁଶି, ତା' ଆଖିରୁ ଲୁହ ପୋଛିଦେଲେ । ବାସବଦତ୍ତା ଲଭ କରିଛି ପ୍ରଶାନ୍ତି, ଦେହରୁ ଆତ୍ମା ଚାଲିଯିବା ପୂର୍ବରୁ ସେ ମୁହୂର୍ତ୍ତିକ ମଧ୍ୟରେ ନୂତନ ପ୍ରାଣୀରେ ପରିଣତ ହୋଇଯାଇଛି ।

ଉପଗୁପ୍ତଙ୍କ ମହାନ କରୁଣାର ବାସ୍ତବ ଅଭିବ୍ୟକ୍ତି ଆମେ ସେତିକବେଳେ ଦେଖୁ ଯେତେବେଳେ ବାସବଦତ୍ତାର ପ୍ରଜ୍ଜ୍ୱଳିତ ଚିତାରେ ତାହାଙ୍କ ଆଖିରୁ ଅଶ୍ରୁବିନ୍ଦୁଟିଏ ଝରିଯାଇଛି—

"ଏହା ଆଉ କିଛି ନୁହେଁ
ଖାଲି ଏକ ଉଜ୍ଜ୍ୱଳ ମୁକୁତା
ସୁଗତର କରୁଣାରେ ହୋଇଥିଲା ଯାହା ପ୍ରକ୍ଷାଳିତ ।"

ପବିତ୍ର ପ୍ରେମାନୁଭବ ଓ କରୁଣାର ଏହି ଅଶ୍ରୁବିନ୍ଦୁ ହୋଇଛି ଯଥାର୍ଥ ଅଭିବ୍ୟକ୍ତି । ଏକ କମନୀୟ ଶବ୍ଦରେ ପ୍ରସ୍ଫୁଟିତ କବିତାର କମନୀୟତା ଆମେ ଏଥିରେ ଦେଖିବାକୁ ପାଇଥାଉ ।

'କରୁଣା'ରେ ଚିତ୍ରମର୍ମୀ ବିଭବଟି କପରି କାବ୍ୟକୁ ଆକର୍ଷଣୀୟ କରିଛି ତାହା ଏଠାରେ କୁହାଗଲା । ଏହାର ଅନ୍ୟ ବିଭବଟି ହେଉଛି ଏଥିରେ ବ୍ୟବହୃତ ସୁନ୍ଦର ଉପମା ଓ ଚିତ୍ରକଳ୍ପ । ଏହି ଉପମାଗୁଡ଼ିକ ଅତୀବ ସତେଜ ଓ ଜୀବନ୍ତ । ବାସବଦତ୍ତାର ଉତ୍‌କଣ୍ଠିତ ଆଖିଥିଲା ଏହିପରି—

"ସୁରକ୍ଷିତ କାଚପାତ୍ରେ ନିର୍ମଳ ଜଳରେ

ପରଲ ମାଛ * ସନ୍ତରଣ ଖେଳୁଥିଲ ତାହା ।”

ଶ୍ମଶାନର ବଟବୃକ୍ଷଟିକୁ କବ ଏହିପରି ଦେଖିଛନ୍ତି—

“ସୁବିରାଟ ବଟବୃକ୍ଷ ରହିଛି ସେଠାରେ
ପ୍ରକମ୍ପିତ କରାଇ ସକଳେ
ଶ୍ମଶାନର ଭୂତସମ ଦୀର୍ଘକାୟ
ପ୍ରଜ୍ୱଳିତ ଅଗ୍ନିଶିଖା ଜାଳି ତା’ ମସ୍ତକେ ।”

ଭାଗ୍ୟର ଗତି ଦୁର୍ଜ୍ଞେୟ । ଏହାର ବିଚାର ଗୀତ ଏହିପରି ଏକ ନକଟ ରୂପେ ଉପସ୍ଥାପିତ—

“କେଜାଣେ କାହାର ଭାଗ୍ୟ-ତରଙ୍ଗର ପତନ ଉତ୍ଥାନ
ହାୟ, ସୁଖ ସିନା ମାୟାହିଁ କେବଳ
ହୁଅଇ ଅବୋଧ ନର ଆଶାର କବଳେ
ଅଜ୍ଞାନ ଶୟନ କରେ
ବିଷଧର ସର୍ପ କୁଣ୍ଡଳୀକୁ
ଭାବି ତାର ରମ୍ୟ ସୀମସ୍ଥାନ ।”

ଏହିପରି ଶବ୍ଦଚୟ ସମୂହ କାବ୍ୟଟିକୁ ବାସ୍ତବଧର୍ମୀ ଓ ଅତୀବ ମନୋହର କରିଅଛି । ଗୀତି ଧର୍ମିତା ମଧ୍ୟ ଏହାର ଅନ୍ୟତମ ମୁଖ୍ୟ ବିଭାଗ । ଭଞ୍ଜିପ୍ପଟ୍ଟୁ ବା ନାଉକ୍ଷୀଆଗୀତ ନାମକ ଲୋକଗୀତ ଛନ୍ଦରେ ଏହି କାବ୍ୟଟି ରଚିତ । ଏହାର ସରଳ ଛନ୍ଦରୀତି ଅତୀବ ଆକର୍ଷଣୀୟ । ଅତୀବ ସ୍ଥିତି ସ୍ଥାପକ ଓ ଗୀତଧର୍ମୀ । ଏହି ଛନ୍ଦଟିକୁ ଆସାନ ଅତ୍ୟନ୍ତ ଦକ୍ଷତାର ସହ ବ୍ୟବହାର କରିଅଛନ୍ତି ।

କେତେକ ଆଲୋଚକଙ୍କ ମତରେ ବିଫଳ ପ୍ରେମ ଚିତ୍ରଣ ପ୍ରତି ଆସାନଥିଲେ ବିଶେଷ ଅନୁରକ୍ତ । କରୁଣା ସମେତ ତାହାଙ୍କ ରଚିତ ସମସ୍ତ ଗୀତଧର୍ମୀ କାବ୍ୟରେ ଏହାର ନିଦର୍ଶନ ପ୍ରତିଫଳିତ । ସେମାନଙ୍କ ମତରେ ବାସବଦତ୍ତାର ଆତ୍ମା ତାହାର ଦେହକୁ ଛାଡ଼ି ଚାଲିଯିବାର ଅଳ୍ପ କେତେକ୍ଷଣ ପୂର୍ବରୁ ଉପଗୁପ୍ତଙ୍କର ଉପସ୍ଥିତି ମୃତ୍ୟୁଶଯ୍ୟାରେ ମଣିଷର ଆତ୍ମୋତ୍ସର୍ଗ ଭଲ । ନବଜୀବନ ଲାଭ କରିଥିବା ବାସବଦତ୍ତା ପୁଣି ଏଇ ଜଗତରେ ଆସି ରହିପାରିଥିଲେ ଭଲ ହୋଇଥାନ୍ତା । ଏମାନଙ୍କ ପ୍ରତି ଆସାନଙ୍କ ଉତ୍ତର ଭାବେ ମୂଳକାବ୍ୟ ବାସବଦତ୍ତା ପ୍ରତି ଉପଗୁପ୍ତଙ୍କ ଉକ୍ତିକୁ ଗ୍ରହଣ କରାଯାଇପାରେ । “ତୁମର ହୃଦୟସ୍ଥିତ ଅବାଧ, ତୁମ ଅଙ୍ଗର ସୌନ୍ଦର୍ଯ୍ୟର ଛଳନା

---

* କଳା ଓ ଧଳା ଜାତିବିଶିଷ୍ଟ ଏକ ପ୍ରକାର ନଦୀର ମାଛ ।

ରେ ତୁମେ ଭୁଲ ଯାଇଥିଲ—ଏଣୁ ତଥାଗତଙ୍କ ଉପଦେଶକୁ ତୁମେ ଶୁଣିପାର ନଥାନ୍ତ ।

କେରଳରେ ପ୍ରେମର ଦୈହିକ ବିଭାଗକୁ ନେଇ ବହୁ କାବ୍ୟ ରଚିତ ହେବା ସ୍ୱାଭାବିକ । ମାତ୍ର ଆସାନ ଏଠାରେ ଏକ ସ୍ୱତନ୍ତ୍ର ରାଗିଣୀ ସୃଷ୍ଟି କରିବାକୁ ଚାହିଁଥିଲେ । ଯଥାର୍ଥ ପ୍ରେମ ଚିରନ୍ତନ ଓ ଏହାର ଚରମ ସାର୍ଥକତା ମୃତ୍ୟୁପରେହିଁ ଅନ୍ୱେଷଣ କରାଯାଇପାରେ । ବୁଦ୍ଧ, ଧର୍ମ, ସଂଘରେ ଆଶ୍ରିତ ବ୍ୟକ୍ତିହିଁ ନିର୍ବାଣ ବା ମୁକ୍ତିଲାଭ କରିଥାଏ । 'କରୁଣା' ଦ୍ୱାରା ମୁକ୍ତି ମଧ୍ୟ ସମ୍ଭବପର ; ମହାପାପୀ ତାହାର ପ୍ରାଣ ପ୍ରୟାଣ ପୂର୍ବରୁ ମଧ୍ୟ ଏହା ଲଭ କରିପାରେ । ଏହି ଭାବନାକୁହିଁ ସେ ଏଠାରେ ଅନୁପ୍ରବିଷ୍ଟ କରିବାକୁ ଚାହିଁଥିଲେ ।

# ଶେଷକଥା

କୁମାରନ୍ ଆସାନଙ୍କ ସୃଜନ ପ୍ରତିଭା ସମୁଚ୍ଚ ସ୍ତରକୁ ଉନ୍ନୀତ ହୋଇଥିବା ସମୟରେ ଭାଗ୍ୟର ନିଷ୍ଠୁର ହସ୍ତ ତାହାଙ୍କୁ ଜଗତରୁ ଅପସାରିତ କରିଦେଲା । ତାହାଙ୍କ ଜୀବନର ପରିଣତି ଥିଲା ଅତୀବ କରୁଣ, ଆକସ୍ମିକ ଓ ଅପ୍ରତ୍ୟାଶିତ । କବି ସେଲିଙ୍କ ଭଳି ସେ ଲାଭ କରିଥିଲେ ସଲିଳ ସମାଧି ।

ଏହା ଘଟିଥିଲା ୧୬ ଜାନୁଆରୀ ୧୯୨୪ ମସିହାରେ । ସେଦିନ ଆସାନ ତୋନ୍ନାକ୍କଲ (ତ୍ରିଭାନ୍ଦ୍ରମରୁ ୧୫ ମାଇଲ ଉତ୍ତର ଦିଗରେ ଅବସ୍ଥିତ) ନାମକ ସ୍ଥାନରୁ ଅଲୱେ ଯିବାପାଇଁ ପ୍ରସ୍ତୁତ ହେଲେ । ସେଠାରେ ଥିଲା ତାଙ୍କର ୧୮ ଏକର ଜମି । ଅଲୱେରେ ଥିବା ଟାଇଲ୍ କାରଖାନାରେ ତାଂକର ଅଂଶ ଥିଲା । ତେଣୁ ସେଠାରେ ଅନୁଷ୍ଠିତ ସଭାରେ ଅଂଶ ଗ୍ରହଣ କରିବା ଲାଗି ତାଙ୍କୁ ଯିବାକୁ ପଡ଼ିଲା । ତାପରେ ସେ କୁଇଲନରୁ ଆଲେପିକୁ ଯାଉଥିବା ଶେଷ ବୋଟରେ ବସିଲେ । ସେହି ବୋଟଟି କୁଇଲନରୁ ଯାତ୍ରା ଆରମ୍ଭ କଲାବେଳେ ଯାତ୍ରୀମାନଙ୍କ ଦ୍ୱାରା ଭରପୂର ହୋଇଯାଇଥିଲା । ତଥାପି ପ୍ରତ୍ୟେକ ରହିବା ସ୍ଥାନରେ ସେହି ବୋଟକୁ ବହୁଯାତ୍ରୀ ପ୍ରବେଶ କରିଥିଲେ ।

ଅଷ୍ଟମୁଦି ହ୍ରଦର ଅସ୍ଥିର ତରଙ୍ଗ ମାଳା ଉପରେ ସେହି ବହୁ ଜନପୂର୍ଣ୍ଣ ବୋଟଟି ଭାସି ଚାଲିଲା । ସେଥିରେ ଶୋଇବା ପାଇଁ ସୁବିଧା ନଥାଏ । କବିଙ୍କର କେତେଜଣ ପ୍ରଶଂସାକାରୀ ତାଙ୍କୁ କବିତା ଆବୃତ୍ତି କରିବାକୁ ଅନୁରୋଧ କଲେ । କବି ଆନନ୍ଦରେ ତାହା କରିଥିଲେ । ସେତେବେଳେ ତାଂକ ପାଖରେ 'ବୁଦ୍ଧ ଚରିତମ୍' (ପଞ୍ଚମସର୍ଗ) ଏବଂ 'କରୁଣା'ର ପାଣ୍ଡୁଲିପି ଥିଲା ।

ମଧ୍ୟରାତ୍ରୀର ଶେଷଭାଗ । ଏହି ସମୟକୁ ବୋଟଟି ସମସ୍ତ ବିପଦଜନକ ଅଞ୍ଚଳ ଅତିକ୍ରମ କରି ସାରିଥିଲା । ତାପରେ ଆସାନ ଶୋଇବା ପାଇଁ ଇଚ୍ଛାକଲେ । ବୋଟର ନିମ୍ନଭାଗରେ ଅବସ୍ଥିତ ପ୍ରଥମ ଶ୍ରେଣୀ କୋଠରୀ ଆଡ଼କୁ ସେ ଚାଲିଲେ । ଏହାଥିଲା ଶୀତକାଳର ଏକ ଅଧିକ ଶୀତଳ ରାତ୍ରୀ । ଏଣୁ ଆସାନ ଦେହରୁ ଖଦିକୋଟକୁ ବାହାର କରିବାକୁ ଚାହିଁଲେନ । ପାତଳା ଉଲେନ ସାଲ ଦ୍ୱାରା ମସ୍ତକକୁ ଆଚ୍ଛାଦିତ କରି ସେ ଶୋଇପଡ଼ିଲେ । ଏହା ଥିଲା ତାଂକର ଶେଷନିଦ୍ରା । ସେ ଆଉ ଉଠିନାହାନ୍ତି । ଏହାପରେ ବୋଟଟି ପଲନଠାରେ ଏକ ଛୋଟିଆ କେନାଲରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଭାଙ୍ଗିଗଲା । ଆସାନ ଏପରି ସୁଦକ୍ଷ

ସନ୍ତରଣକାରୀ ଥିଲେ ସେ ଶରୀର ସମୁଦ୍ର ମଧ୍ୟ ତାଙ୍କୁ ଭସ୍ମସାତ୍ କରପାରୁ ନଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ବୋଟଟିର ଗୋଟିଏ ଗ୍ରେଟିଆ କେନାଲରେ ଶୋଚନୀୟ ଦୁର୍ଘଟଣା ଘଟିବାରୁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ପୁଣି ତାଙ୍କୁ ନେଇ ଯାତ୍ରା କରୁଥିବା ବୋଟଟିର ନାମ ଥିଲା ରିଡମର ବା ଉଦ୍ଧାରକାରୀ । ପରଦିନ ଆସାନଙ୍କର ଶରୀର ଉଦ୍ଧାର କରାଗଲା । ତାଂକର କପାଳରେ ଥିଲା ଏକ କ୍ଷତଚିହ୍ନ । ଏହାହିଁ ସମ୍ଭବତଃ ଏକ ପ୍ରାଣଘାତୀ ଆଘାତର ପରିଣାମ ।

ଆସାନ ବୋଧହୁଏ ଆପଣାର ଶେଷ ଅବସ୍ଥା ସମ୍ପର୍କରେ ପୂର୍ବରୁ ଅବହିତ ଥିଲେ ଏହା ଅମୂଳକ ମନେହୁଏ । ତାଂକ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ସେ କୋଚ୍ଚେସ୍ଥାମର ଶ୍ରୀଯୁକ୍ତ ଶଙ୍କୁଙ୍କପାଖକୁ ଦୁଇଟି ପତ୍ର ଦେଇଥିଲେ । ଏଥିରେ ସେ କୋଚ୍ଚେସ୍ଥାମର ସାହିତ୍ୟକ ସମ୍ମିଳନୀରେ ଯୋଗଦେବାକୁ ଯିବାବେଳେ ଏପରି କିଛି ଘଟଣା ଘଟିବ ବୋଲି ସନ୍ଦେହ ପ୍ରକାଶ କରିଥିଲେ । ପୁନଶ୍ଚ ସେ ଯିବା ପୂର୍ବରୁ ମଧ୍ୟ ତାଂକର ପତ୍ନୀ ଏବଂ ଦୁଇ ପୁତ୍ରଙ୍କ ସହ ସେମାନଂକ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଯାତ୍ରା ସମୟରେ ଅତ୍ୟନ୍ତ ଅସ୍ୱାଭାବିକ ଭାବେ ତାଂକର ପତ୍ନୀକୁ ବିଦାୟ ସମ୍ଭାଷଣ ଜଣାଇ ଥିଲେ ।

ମୃତ୍ୟୁ ସମୟକୁ ଆସାନଙ୍କୁ ୫୧ ବର୍ଷ ବୟସ ଏବଂ ତାଂକ ପତ୍ନୀକୁ ୨୩ ବର୍ଷ ହୋଇଥିଲା । ସେମାନେ ମାତ୍ର ୭ ବର୍ଷ ଦାମ୍ପତ୍ୟ ଜୀବନ ଉପଭୋଗ କରିଥିଲେ । ସେମାନଂକର ଦୁଇପୁତ୍ରଙ୍କ ମଧ୍ୟରୁ ଜଣକୁ ପାଞ୍ଚବର୍ଷ ଓ ଅନ୍ୟଜଣକୁ ମାତ୍ର ଦୁଇବର୍ଷ ହୋଇଥିଲା । ଏଥିରୁ ଆସାନଂକର ଅକାଳ ବିୟୋଗରେ ତାଙ୍କର ଘରର ଦୁରବସ୍ଥା କଥା ଅନୁମେୟ । କେବଳ ଆସାନଂକର ପରିବାର ନୁହେଁ, ତାଂକର ବନ୍ଧୁ ବାନ୍ଧବ ଓ ସହକର୍ମୀ ତାଂକର ମୃତ୍ୟୁରେ ଅଭିଭୂତ ହୋଇ ପଡ଼ିଥିଲେ । ପନ୍ଦର ବର୍ଷ ସାହିତ୍ୟ ସାଧନାରେ ଏବଂ କୋଡ଼ିଏ ବର୍ଷକାଳ ସମାଜ ସେବାରେ ଆପଣାକୁ ନିୟୋଜିତ କରିଥିବା ଆସାନଂକ ବିୟୋଗରେ ସମସ୍ତ କେରଳବାସୀ ଶୋକାବିହ୍ୱଳ ହୋଇ ପଡ଼ିଲେ । କୁମାରନ୍ ଆସାନଂକର ଜୀବନ ତଥା କୃତିତ୍ୱକୁ ଲେଖନୀରେ ସାର୍ଥକ-ଭାବେ ଚିତ୍ରଣ କରିବା ଅସମ୍ଭବ । ଏହାର କାରଣ ହେଉଛି କବିଙ୍କର ଜଟିଳ ବ୍ୟକ୍ତିତ୍ୱ । ସେ ଆତ୍ମସଚେତନ ବ୍ୟକ୍ତି ନଥିଲେ । ଆପଣା ଜୀବନ ପୁସ୍ତି (ଡାଏରୀ) ରେ ସେ ଯାହା ଲିପିବଦ୍ଧ କରିଅଛନ୍ତି ତାହା ଅତ୍ୟନ୍ତ ସଂକ୍ଷିପ୍ତ । ସବୁ ପ୍ରକାର ଭାବ ପ୍ରବଣତା ପ୍ରତି ଥିଲା ତାଂକର ବିରାଗ ।

ସେଥିଲେ ଏକ ପରିପୂର୍ଣ୍ଣ ବ୍ୟକ୍ତି । ଆତ୍ମାବିଷୟରେ ଅନେକ କଥା କହୁଥିଲେ ହେଁ, ନଶ୍ୱର ଶରୀର ପ୍ରତି ସେ ଅବହେଳା ପ୍ରଦର୍ଶନ କରୁ ନଥିଲେ । ବଗିଚ୍ଚ କାମ

କରିବା ତାଂକର ପ୍ରିୟ ବିଷୟଥିଲା । ଶାରୀରିକ ପରିଶ୍ରମ କରିବାକୁ ଅକ୍ଷମ ହେଲେ ସେ ବ୍ୟାୟାମ ଦ୍ୱାରା ଶରୀରକୁ ପୁଷ୍ଟ କରୁଥିଲେ । ଏତେ ପ୍ରକାର ବ୍ୟାୟାମ କରି ମଧ୍ୟ ସେ ତାଙ୍କର ୧୬୦ ପାଉଣ୍ଡ ଓଜନ ବିଶିଷ୍ଟ ଶରୀରର ଓଜନକୁ କମାଇ ପାରିନଥିଲେ । ଉଚ୍ଚତା ତୁଳନାରେ ତାଙ୍କର ଓଜନ ଯଥେଷ୍ଟ ଅଧିକ ଥିଲା । ଏଣୁ ଏକ ଉପାୟ ଅବଲମ୍ବନ କରି ସେ ନିଜର ଓଜନକୁ ହଠାତ୍ ୧୦୦ ପାଉଣ୍ଡକୁ କମାଇ ଦେଇଥିଲେ । ଏଥିପାଇଁ ତାଙ୍କର ଆତ୍ମୀୟ ଓ ପ୍ରିୟବ୍ୟକ୍ତିମାନେ ଚିନ୍ତିତ ହୋଇ-ପଡ଼ିଲେ । ଏଣୁ ଆସାନ ଏହି ପନ୍ଥା ପରିତ୍ୟାଗ କରିଥିଲେ । ସେ ଥିଲେ ଶାକାହାରୀ । ମାତ୍ର ଆମିଷାହାର ପ୍ରତି ତାଙ୍କର ଘୃଣାନଥିଲା । ସ୍ୱାମୀଙ୍କ ଯୋଗୁ ତାହାଙ୍କ ପତ୍ନୀ ଶାକାହାରୀ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ । ମାତ୍ର ଆସାନ ଏ ପ୍ରକାର ବ୍ୟବସ୍ଥାକୁ ଅନାବଶ୍ୟକ ମନେକରି ଏଥିରୁ ତାହାଙ୍କୁ ନିବୃତ୍ତ କରିଥିଲେ ।

ବାହାର ଲୋକଙ୍କ ଦୃଷ୍ଟିରେ ଆସାନ ଥିଲେ ଜଣେ ପୂର୍ଣ୍ଣ ବ୍ୟକ୍ତିତ୍ୱ ସଂପନ୍ନ ବ୍ୟକ୍ତି । କିନ୍ତୁ ତାଙ୍କର ପତ୍ନୀ ଭାନୁମତୀଙ୍କ କଥା ଅନୁଯାୟୀ ଅନେକ ସମୟରେ ଆସାନଙ୍କ ଆଚରଣ ଥିଲା ଶିଶୁଭଳି ସରଳ ଓ ନିଷ୍କପଟ । ଏପରି ବିରୋଧାଭାଷ ସ୍ୱାଭାବିକ । କାରଣ ବହୁ ମହାପୁରୁଷଙ୍କ ଜୀବନରେ ଏ ପ୍ରକାର ଘଟୁଥିବାର ଦୃଷ୍ଟାନ୍ତ ବିଦ୍ୟମାନ ।

ଆସାନ୍‌ଙ୍କର ଜୀବନ ଦର୍ଶନ ଓ ବିଭିନ୍ନ ସମସ୍ୟା ପ୍ରତି ତାହାଙ୍କ ଦୃଷ୍ଟିକୋଣକୁ ବିଶ୍ଳେଷଣ କଲେ ଏଥିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରାର ସମନ୍ୱୟ ପରିଦୃଷ୍ଟ ହୁଏ । ତାଙ୍କ ଭିତରେ ଦେଖିବାକୁ ମିଳେ ଜଣେ ଭାରତୀୟ ଯୋଗୀ ଓ ପାଶ୍ଚାତ୍ୟ ବ୍ୟକ୍ତିର ସମନ୍ୱୟ । ଏହିପରି ଦୁଇ ଭିନ୍ନଧର୍ମୀ ଦୃଷ୍ଟିଭଙ୍ଗୀର ସମ୍ମିଶ୍ରଣ ହିଁ ତାହାଙ୍କ ସଫଳ ବ୍ୟକ୍ତିତ୍ୱର ନିଦର୍ଶନ । ଏଥିପାଇଁ ସେ ତାହାଙ୍କ ସମସାମୟିକ କବି ଭାଲ୍ଲଥୋଲ ନାରାୟଣ ମେନନ ଏବଂ ଉଲୁର ପରମେଶ୍ୱର ଆୟାରଙ୍କ ଠାରୁ ଥିଲେ ଭିନ୍ନ । ଆସାନଙ୍କ ଗ୍ରନ୍ଥାବଳୀରୁ ଜଣାଯାଏ ଯେ ସେ ବୌଦ୍ଧଧର୍ମ ପ୍ରତି ବିଶେଷ ଅନୁରାଗୀ ଥିଲେ । ତଥାପି ସେ ବୌଦ୍ଧଧର୍ମ ଗ୍ରହଣ କରିନଥିଲେ । ଆଧ୍ୟାତ୍ମିକ ବିଷୟରେ ଅନୁରକ୍ତ ଥିବା ଯୋଗୁ ସେ ପୃଥିବୀର ବିଭିନ୍ନ ଧର୍ମଗ୍ରନ୍ଥ ଅନୁଧ୍ୟାନ କରିଥିଲେ । ପରନ୍ତୁ ଜାତି-ପ୍ରଥା ସମ୍ପନ୍ନ ହିନ୍ଦୁ ଧର୍ମର ଏକ ସଂପ୍ରଦାୟର ନେତାଭାବେ ସେ ଆପଣା ଲୋକଙ୍କୁ କି ପରାମର୍ଶ ଦେବେ ? ସେଥିପାଇଁ ବିଭିନ୍ନ ଧର୍ମଶାସ୍ତ୍ର ଅନୁଶୀଳନ କରିଥିଲେ । ଏହି ଶତାବ୍ଦୀର ଦ୍ୱିତୀୟ ଦଶକରେ କେରଳର ଏଝବ ସମ୍ପ୍ରଦାୟର ନେତାମାନେ ଭାବୁ-ଥିଲେ ଯେ ଏହି ସମ୍ପ୍ରଦାୟର ବ୍ୟକ୍ତିମାନେ ହିନ୍ଦୁଧର୍ମ ପରିତ୍ୟାଗ କରି ଜାତିପ୍ରଥା ନଥିବା ଅନ୍ୟ ଏକ ଧର୍ମ ଗ୍ରହଣ କରିବା ବିଧେୟ । କେତେକ ଖ୍ରୀଷ୍ଟିୟାନ ଧର୍ମ

ଗ୍ରହଣ ପାଇଁ ମତ ଦେଲା ବେଳେ ଅନ୍ୟ କେତେକ ବୌଦ୍ଧ ବା ମୁସଲମାନ ଧର୍ମ ସପକ୍ଷରେ ଯୁକ୍ତି କରୁଥିଲେ। ମାତ୍ର ଅଧିକାଂଶ ଏ ପ୍ରକାର ଧର୍ମାନ୍ତରକୁ ପସନ୍ଦ କରୁ ନଥିଲେ। ଏଇ ପ୍ରକାର ପରସ୍ପର ବିରୋଧୀ ଚିନ୍ତା ମଧ୍ୟରେ ଆସାନନ୍ଦ ସେମାନଙ୍କୁ ଦେଇଥିଲେ ନେତୃତ୍ୱ। ଦେଇଥିଲେ ଏକ ସରଳ ତତ୍ତ୍ୱପୂର୍ଣ୍ଣ ଦୃଷ୍ଟିକୋଣର ସନ୍ଧାନ। ୧୯୬୩ ମସିହାରେ ସଂଘର ସଭାପତି ଅଭିଭାଷଣରେ ସେ ଯାହା କହିଥିଲେ, ତହିଁରୁ ତାଙ୍କ ଚିନ୍ତାଧାରା ସୁସ୍ପଷ୍ଟ। ତାହାର କିୟଦଂଶ ଏହିପରି "ଜାତିପ୍ରଥାରୁ ନିଷ୍କୃତି ପାଇବା ପାଇଁ ସଂଘ ସର୍ବଦା ଧର୍ମାନ୍ତର ଗ୍ରହଣ କଥା କରି ଆସିଛି। ଏବେ ବୌଦ୍ଧଧର୍ମ ଗ୍ରହଣ କଥା ଉଠୁଛି। ବୌଦ୍ଧ ଧର୍ମ ଗ୍ରହଣ ସପକ୍ଷରେ ମୁଖ୍ୟ ପ୍ରବର୍ତ୍ତକ ହେଉଛନ୍ତି ମୋର ବ୍ୟକ୍ତିଗତ ବନ୍ଧୁ, ସଂପ୍ରଦାୟର ବିଶିଷ୍ଟ ନେତୃ-ସ୍ଥାନୀୟ ବ୍ୟକ୍ତି ଓ 'ମିତବାଦୀ' ପତ୍ରିକାର ସମ୍ପାଦକ ସି. କିଷ୍ଟନ। ତାଙ୍କ ପ୍ରତି ଆମର ସ୍ନେହ ଓ ସମ୍ମାନ ଦୃଷ୍ଟିରୁ ଏ ବିଷୟକୁ ଆମେ ଗୁରୁତ୍ୱ ଦେଉଛୁ। ମୋ ପକ୍ଷେ ବୌଦ୍ଧଧର୍ମ ବିଷୟଟି ନୂଆ ନୁହେଁ। ଏହାର 'ଧର୍ମ' ଓ 'ମୋକ୍ଷକୁ' ମୁଁ ସର୍ବଦା ସମ୍ମାନ କରି ଆସିଛି। ମାତ୍ର ମୋର ବିନମ୍ର ମତ ହେଉଛି, ବହୁବର୍ଷ ଧରି ମାନି ଆସୁଥିବା ବିଷୟକୁ ବଦଳାଇବା ଜଣକ ପକ୍ଷେ ସହଜ ନୁହେଁ। ଏହା କାମିଜ ବଦଳାଇବା ଭଳି ବିଷୟ ନୁହେଁ। ଏହା ମନସ୍ତତ୍ତ୍ୱ ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ। ଦ୍ୱିତୀୟତଃ, ଏହାର ବାସ୍ତବ ଉପକାରିତା ବିଷୟରେ ମଧ୍ୟ ମୋର ଆସ୍ଥା ନାହିଁ। ତୃତୀୟତଃ ବହୁଲକ୍ଷ ବିଶିଷ୍ଟ ତଥା ବିବିଧ ମାନସିକ ଅବସ୍ଥାସଂପନ୍ନ ଏକ ସଂପ୍ରଦାୟ ସମୁହ ଭାବରେ ଗୋଟାଏ ଧର୍ମ ଛାଡ଼ି ଅନ୍ୟ ଏକ ଧର୍ମ ଗ୍ରହଣ କରି ପାରିବେ ନାହିଁ। ଏପରି ପଦକ୍ଷେପ ବିଜ୍ଞତାସମ୍ମତ ନୁହେଁ ଏବଂ ଏହା ଫଳରେ ସଂପ୍ରଦାୟ ବିଖଣ୍ଡିତ ହୋଇଯିବ। ତା'ଛଡ଼ା ଏଭଳି ଧର୍ମ ସଂକ୍ରାନ୍ତୀୟ ବିଷୟରେ ଆମର ସ୍ୱାମୀ (ନାରାୟଣ ଗୁରୁ)ଙ୍କ ଉପଦେଶ ଲୋଡ଼ିବା ଉଚିତ। ଧର୍ମ ଓ ଦର୍ଶନ ସଂପର୍କରେ ଅଭିଜ୍ଞ ଓ ଅନୁଭବୀ ଏପରି ଜଣେ ବ୍ୟକ୍ତି ଜୀବିତ ଥାଇଁ ଥା'ଉଁ ତାଙ୍କର ପରାମର୍ଶ ନ ନେଇ ଅନ୍ୟର ପରାମର୍ଶ ନେବା ତାଙ୍କ ପ୍ରତି ଅପମାନ।"

ଧର୍ମମତ ପରିବର୍ତ୍ତନ ସଂପର୍କରେ ଆସାନ ଲେଖିଥିବା 'ମତ ପରିବର୍ତ୍ତନ ରସବାଦମ୍' କ୍ଷୁଦ୍ର ପୁସ୍ତକଟି ନ୍ୟାୟ ସମ୍ମତ ଯୁକ୍ତି ଓ ବିଚାର ବୁଦ୍ଧି ଉପରେ ପ୍ରତିଷ୍ଠିତ ଏକ ରଚନାର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଆସାନ ଜନଗହଳି ଭିତରେ ସର୍ବଦା ରହିବାକୁ ଚାହୁଁ ନଥିଲେ। ଅତ୍ୟନ୍ତ ସ୍ୱାଧୀନ ଚେତା ଥିବାରୁ ସେ ଅନ୍ୟମାନଙ୍କଠାରୁ ବାରି ହୋଇ ପଡୁଥିଲେ। ଅନ୍ୟମାନେ ବିଦ୍ରୋହ କଲାବେଳେ ସେ ଥିଲେ ଶାନ୍ତ ଓ ସଂଯମର ପକ୍ଷପାତୀ। ଧର୍ମମତ ପରିବର୍ତ୍ତନ ସଂପର୍କରେ ମଧ୍ୟ ତାଙ୍କର ସେପରି

ପ୍ରତିଚ୍ଛବି ଆମେ ଲକ୍ଷ୍ୟ କରୁ । ଅନ୍ୟମାନେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଥିବା ବେଳେ ତାଙ୍କଠାରେ ପ୍ରକାଶ ପାଇଥିଲା ବିଦ୍ରୋହ ଓ ବିପ୍ଳବର ପ୍ରତିଚ୍ଛବି । ତାହାଙ୍କ ମୁଖ୍ୟ କାବ୍ୟ ଗ୍ରନ୍ଥରେ ମଧ୍ୟ ଆମେ ତାହାହିଁ ଲକ୍ଷ୍ୟ କରୁ । କାବ୍ୟର ଭାବ ଓ ଆଙ୍ଗିକ କ୍ଷେତ୍ରରେ ଆମେ ତାଙ୍କୁ ଯଥାକ୍ରମେ ବିଦ୍ରୋହୀ ଓ ବିପ୍ଳବୀ ଭାବେ ଦେଖିବାକୁ ପାଉ । ତାହାଙ୍କ କାବ୍ୟ ରଚନା ରୀତିରେ ବିକାଶ ଦେଖିବାକୁ ମିଳେ । 'ବୀଣାପୁଭ୍ଭ'ରୁ ସେ ସ୍ୱାତନ୍ତ୍ର୍ୟ ଲାଭ କରିଥିଲେ ଓ ତାପରେ ତାହା କ୍ରମବିକାଶ ଲାଭ କରିଥିଲା । କବିତାର ଲକ୍ଷ୍ୟ ସ୍ଥଳରେ ଉପନୀତ ହେବାକୁ ଓ କାବ୍ୟ କଳାରେ ସର୍ବୋଚ୍ଚ ସିଦ୍ଧି ଲାଭ କରିବାକୁ ସେ ଥିଲେ ଦୃଢ଼ ସାଧନାରତ । ତଥାପି ପାରମ୍ପରିକ ମୂଲ୍ୟବୋଧ ବିଷୟରେ ସେ ଥିଲେ ପୂର୍ଣ୍ଣ ସଚେତନ । ତାହାଙ୍କ ମତରେ କ୍ରମବିକାଶ ଓ ବିପ୍ଳବ ମଧ୍ୟରେ ସହାବସ୍ଥାନ ସମ୍ଭବପର ଓ ସାମାଜିକ ସ୍ଥିତିରେ ବିପ୍ଳବ ଆନୟନ ନିମିତ୍ତ ମୀମାଂସାତ୍ମକ ଆହ୍ୱାନ ଦିଆ ଯାଇଥିବାରୁ ତାହା ଅନେକଙ୍କୁ କ୍ଷୁବ୍‌ଧ କରିଥିଲା । ଆସାନ ବିଚାର ପୂର୍ବକ ଏହା କରିଥିଲେ । ମାତ୍ର ଯେତେବେଳେ ସମୂହ ଧର୍ମାନ୍ତର ଗ୍ରହଣ ପ୍ରଶ୍ନ ଉଠିଲା, ସେତେବେଳେ ସାମାଜିକ ଅଭ୍ୟୁତ୍‌ଥାନ ପରିବର୍ତ୍ତେ କ୍ରମବିକାଶ ରୀତିକୁ ଗ୍ରହଣ କରିଥିଲେ । ବୈପ୍ଳବିକ ଭାବନାର ସଂପ୍ରସାରଣ ଘଟିଥିଲେହେଁ କ୍ରମବିକାଶ ଲାଗି ଆବଶ୍ୟକ ଶକ୍ତି ମିଳିଥାଏ । ସମ୍ଭବତଃ ଏହାହିଁ ଥିଲା ତାଙ୍କର ମତ । ସମାଜର ରକ୍ଷଣଶୀଳ ନେତୃବର୍ଗଙ୍କୁ ଆସାନ ଏହି ଭାବରେ ସାବଧାନ କରେଇଛନ୍ତି—

"ତୁମେ ନିଜ ବିଧାନକୁ ବଦଳାଇ ଦିଅ
ଅନ୍ୟଥା ବିଧାନ ନିଶ୍ଚେ ତୁମ୍ଭକୁହିଁ ଦେବ ବଦଳାଇ ।"

ସେ କେବଳ ବିପ୍ଳବୀ କବି ନଥିଲେ, ସେ ଥିଲେ ମହାପୁରୁଷ । ଆପଣାର 'ସମୟ' ଠାରୁ ସେ ଥିଲେ ଯଥେଷ୍ଟ ପୁରୋଭାଗରେ । ତାହାଂକ ଉପ୍ର ଆହ୍ୱାନରୁ ଏହା ଜଣାଯାଏ । ସମକାଳୀନ ଇତିହାସ ଆମକୁ କଣ ଶିକ୍ଷା ଦେଇଛି ? ହୁଏତ ନିୟମାବଳୀ କଠୋର ଭାବରେ ବଦଳିଯାଇଛି ନଚେତ କେତେକ ପୁରୁଣା ନିୟମକୁ ଦୃଢ଼ଭାବେ ସମର୍ଥନ କରୁଥିବା ଲୋକଙ୍କୁ ସ୍ଥାନଚ୍ୟୁତ ହେବାକୁ ପଡ଼ିଛି । ଆସାନ ସାହିତ୍ୟ ଓ ସମାଜ ଉଭୟ କ୍ଷେତ୍ରରେ ବିପ୍ଳବର ବୀଜ ବପନ କରିଥିଲେ । ତାହାଙ୍କ ଉକ୍ତି କେପରି ଯଥାର୍ଥ ତାହା ବିଗତ ଚାରି ଦଶନ୍ଧିରୁ ପ୍ରମାଣିତ । ସେତେବେଳେ ସ୍ଥିତାବସ୍ଥାକୁ ଧରିରଖିବାକୁ ଯେଉଁମାନେ ଯୁକ୍ତି କରୁଥିଲେ ତାହା ଏବେ ସମ୍ପୂର୍ଣ୍ଣ ହାସ୍ୟୋଦ୍ଦୀପକ ମନେହୁଏ ।

ଆସାନଙ୍କ ସମଗ୍ର ଜୀବନକୁ ବିଚାର କଲେ ଜଣାଯାଏ ପ୍ରତ୍ୟେକ ବିଷୟ ସେ ବିଳମ୍ବରେହିଁ ଲାଭ କରିଛନ୍ତି । କେବଳ ମୃତ୍ୟୁହିଁ ତାଙ୍କୁ ଖୁବ୍ ଶୀଘ୍ର ମିଳିଯାଇଥିଲା ।

ତାହାଙ୍କ କବିତ୍ୱର ବିକାଶ ଘଟିଲା ବିଳମ୍ବରେ, ୩୫ ବର୍ଷ ବୟସରେ ଲେଖିଥିଲେ 'ୱୀଣାପୁଭୁ' । ସାହିତ୍ୟ କ୍ଷେତ୍ରରେ ସ୍ୱୀକୃତି ମଧ୍ୟ ତାଙ୍କୁ ମିଳିଥିଲା ବିଳମ୍ବରେ । ତାଙ୍କର ୪୫ ବର୍ଷ ବୟସରେ ବିବାହ କରିବା ମଧ୍ୟ ଏକ ଅସ୍ୱାଭାବିକ ବିଳମ୍ବ । ଏପରିକି ତାହାଙ୍କ କାବ୍ୟ କବିତାର ନିମିକ ସଂହିତ ମଧ୍ୟ ବହୁ ବିଳମ୍ବରେ ମୃତ୍ୟୁର ଅଳ୍ପ ପୂର୍ବରୁହିଁ ସାଧିତ ହୋଇଥିଲା ।

ତାହାଙ୍କର ପ୍ରତ୍ୟେକଟି କାବ୍ୟ ସମାଜର ଦୁର୍ବଳ ଶ୍ରେଣୀଙ୍କୁ ନେଇ ଲିଖିତ ଓ ସ୍ୱଳ୍ପ ସୁବିଧା ଭୋଗୀମାନଙ୍କ ଦାବୀକୁହିଁ ସେ ଏଥିରେ ଦୃଢ଼ଭାବେ ଉପସ୍ଥାପିତ କରିଛନ୍ତି । ପ୍ରେମିକ ଓ ପ୍ରେମିକାଙ୍କୁ ସମପର୍ଯ୍ୟାୟଭୁକ୍ତ କରି ନାରୀର ମର୍ଯ୍ୟାଦାକୁ ବଢ଼ାଇ ରୋମାଣ୍ଟିକ ପ୍ରେମର ଧାରଣାକୁ ସମୃଦ୍ଧ କରିଅଛନ୍ତି । ଏହି ଦୃଷ୍ଟିରୁ କବି ସେଲିଙ୍କ ସହ ସେ ତୁଳନୀୟ । ସେ ହେଉଛନ୍ତି ମାଲୟାଲମ କାବ୍ୟ କବିତା କ୍ଷେତ୍ରରେ 'ପୁନର୍ଜାଗରଣ ଆନ୍ଦୋଳନର ଅଗ୍ରଦୂତ ।

ଅଳ୍ପ କେତେବର୍ଷ ପୂର୍ବେ ଏହି ମହାନ କବିଙ୍କ ସ୍ମୃତି ରକ୍ଷାଲାଗି କେରଳର ଜନସାଧାରଣ ଓ ସରକାର ଯଥୋଚିତ ଆଗ୍ରହ ପ୍ରକାଶ କରିଅଛନ୍ତି । ତାହାଙ୍କ ଜନ୍ମସ୍ଥାନ କାୟିକ୍କରାଠାରେ ତାହାଙ୍କର ସ୍ମୃତିରକ୍ଷାଲାଗି ଏକ ସୁବୃହତ ଭବନ ନିର୍ମିତ ହୋଇଅଛି । ସେହି ସାଗର ସୈକତରେ ପ୍ରତ୍ୟେକବର୍ଷ ତିନଦିନ ପାଇଁ ସେଠାରେ ସାହିତ୍ୟିକ ଓ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଥାଏ । ବହୁ ବିଶିଷ୍ଟ ଲେଖକ ଓ କଳାବିତ୍ ଏଠାରେ ଅଂଶ ଗ୍ରହଣ କରିଥାନ୍ତି । ଆସାନଙ୍କ ଜୀବନର ଶେଷ ତିନବର୍ଷ ଯେଉଁ ଥୋନ୍ନକ୍କଲ ଠାରେ ଅତିବାହିତ ହୋଇଥିଲା ସେଠାରେ ମଧ୍ୟ କେରଳ ସରକାର ଏକ ସ୍ମୃତିସୌଧ ନିର୍ମାଣ କରିଅଛନ୍ତି । ଆସାନଙ୍କ ବ୍ୟବହୃତ ସାମଗ୍ରୀ ଓ ତାହାଙ୍କ ପାଣ୍ଡୁଲିପି ଏଠାରେ ପ୍ରଦର୍ଶନ ପାଇଁ ରଖାଯାଇଛି । ପଲ୍ଲନ, ଯେଉଁଠି ସେ ସଲିଲ ସମାଧି ଲାଭ କରିଥିଲେ ସେଠାରେ ମଧ୍ୟ ଏକ ସ୍ମୃତିସୌଧ ଓ ବିଦ୍ୟାଳୟ ସ୍ଥାପନ କରାଯାଇଛି । ଏହି ସ୍ଥାନଟିକୁ 'କୁମାରକୋଟି' ନାମରେ ମଧ୍ୟ ପୁନର୍ନାମିତ କରାଯାଇଛି । ତ୍ରିଭାନ୍ଦ୍ରମ୍‌ଠାରେ କେରଳ ବିଶ୍ୱବିଦ୍ୟାଳୟର ସମ୍ମୁଖ ଓ ଏମ୍.ଏଲ୍.ଏ. ହଷ୍ଟେଲ ନିକଟରେ ତାହାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ନିର୍ଦ୍ଧାରିତ ହୋଇଛି । ଏହା ଶୀଘ୍ର ସଂପାଦିତ ହେବ ।

କେରଳରେ ତଥା କେରଳ ବାହାରେ ବହୁ ଏକାଡ଼େମୀ ଓ ବିଦ୍ୟାଳୟ

ଆସାନଙ୍କ ନାମରେ ନାମିତ ହୋଇଅଛି । ସେମାନଙ୍କ ମଧ୍ୟରେ ସର୍ବପ୍ରଧାନ ହେଉଛି ମାଡ୍ରାଜରେ ସ୍ଥାପିତ ଆସାନ ସ୍ମାରକ ବିଦ୍ୟାଳୟ । ମହାନ କବିଙ୍କ ସ୍ମୃତିରକ୍ଷା ପାଇଁ ଏହା ଅବଶ୍ୟ ଯଥେଷ୍ଟ ନୁହେଁ । କବିଙ୍କ ପ୍ରଶଂସାକାରୀ ତାହାଂକ ଲାଗି ଯେଉଁ ପ୍ରକାର ସ୍ମାରକ କ୍ଷେତ୍ର ନିର୍ମାଣ କଲେହେଁ ସବୁଠାରୁ ସ୍ଥାୟୀ ଓ ପ୍ରେରଣା-ଦାୟକ ହେଉଛି ତାହାଂକ ଗ୍ରନ୍ଥାବଳୀ । ଏହା ସର୍ବଦା ବାଙ୍ମୟ ଓ ଆମେ ତହିଁରୁ ସର୍ବଦା ଶିକ୍ଷାଲାଭ କରୁଥିବୁ ।

# ନିର୍ବାଚିତ ଗ୍ରନ୍ଥପଞ୍ଜି


କେଶବନ୍, ପି. ଓ.—ମହାକବି କୁମାରନ୍ ଆସାନ

ସୁରେନ୍ଦ୍ରନ୍, କେ.—କୁମାରନ୍ ଆସାନ

ପନ୍ନିକର୍, କେ. କେ.—ଶ୍ରୀ ନାରାୟଣ ପରମହଂସମ୍

ଜନାର୍ଦ୍ଦନ ମେନନ୍, କୁନ୍ନଛେରି—ମହାକବି କୁମାରନ୍ ଆସାନ

ମୁଣ୍ଡେସ୍ସର, ଯୋସେଫ—ଆସାନ, ଓରୁ ପଠନମ୍

ମୁଣ୍ଡେସ୍ସର, ଯୋସେଫ—ମନୁଷ୍ୟ କଥାନୁଗାୟିକଲ

ମୁଣ୍ଡେସ୍ସର, ଯୋସେଫ—ମାଟୋଲ

ଦାନଏଲ, କେ.ଏମ.—ବୀଣାପୂଭୁ କନ୍ମୁନପିଲ

ଜର୍ଜ, କେ.ଏମ୍.—ମୁନ୍ତରଗ୍ଗୁ

କୁଛିକିଷ୍ଣନ ମାରର—ରାଜାଙ୍କନମ୍

ଗୋପାଳନ ପିଲ୍ଲଇ, ଏନ୍.—ଚନ୍ଦ୍ରାଦୀପମ୍

କୁମାରନ୍ ଆସାନ—ନିରୂପଣନଙ୍ଗଲ

ବାଲକିଷ୍ଣନ୍, ପି. କେ.—କାବ୍ୟକଲା କୁମାରନ୍ ଆସାନଂଲୁଢ଼େ


## ସଂକଳନ ସମୂହ


କୁମାରନ୍ ଆସାନ ଗ୍ରନ୍ଥାବଳୀ (୩ଖଣ୍ଡ)

ଆସାନ ସ୍ମାରକ ଗ୍ରନ୍ଥମ୍

ଆସାନ୍ ସୋଭେନର (୧୯୫୮)

କୁମାରନଆସାନ୍ରେ କବିତା (କବିତା ସମିତି)

ଆସାନ (ସମାଲୋଚନା)

ଆସାନ କବିତା (ଆସାନ ଏକାଡେମୀ, ତ୍ରିବନ୍ଦ୍ରମ)



Indian In…
117775
21/12/04
SHIMLA

କୁମାରନ୍ ଅସାନ ହେଉଛନ୍ତି ଆଧୁନିକ ମାଲୟାଲମ୍ କାବ୍ୟସାହିତ୍ୟର ପ୍ରସିଦ୍ଧ ତ୍ରିମୂର୍ତ୍ତି ମଧ୍ୟରୁ ଅନ୍ୟତମ । ଏହାର ଅନ୍ୟ ଦୁଇଜଣ କବି ହେଉଛନ୍ତି ଭଲ୍ଲଥଲ ନାରାୟଣ ମେନନ୍ ଓ ଉଲ୍ଲୁର ପରମେଶ୍ୱର ଅୟ୍ୟାର । ଅସାନଙ୍କ ଜୀବନଦର୍ଶନ ଓ ବିଭିନ୍ନ ସମସ୍ୟାପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀରେ ଆମେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଏକ ଅନନ୍ୟ ସମତୁଲ ଭାବ ଦେଖିବାକୁ ପାଉ । ଅସାନ ଯେ କେବଳ ଜଣେ ପ୍ରସିଦ୍ଧ କବି ଥିଲେ ତାହା ନୁହେଁ ସମଭାବରେ ସେ ମଧ୍ୟ ଜଣେ ପ୍ରସିଦ୍ଧ ସଂଗଠକ ଥିଲେ । ଶ୍ରୀ ନାରାୟଣ ଗୁରୁଙ୍କର ଜଣେ ଅନୁଗତ ଶିଷ୍ୟ ଏବଂ ଅନୁନ୍ନତ ଏଝବ ସଂପ୍ରଦାୟର ଜଣେ ବ୍ୟକ୍ତି ହିସାବରେ ସେ ଏସ୍.ଏନ୍.ଡି.ପି ଯୋଗମ୍‌କୁ ସଂଗଠିତ କରି ଦୀର୍ଘ ୧୭ ବର୍ଷ କାଳ ଧରି ଏହାର ସାଧାରଣ ସଂପାଦକ ହିସାବରେ କାର୍ଯ୍ୟ କରିଥିଲେ । ଏହି ଅନୁନ୍ନତ ସଂପ୍ରଦାୟର ନିଷ୍କ୍ରିୟତାଭାବକୁ ଭଙ୍ଗକରି ସେମାନଙ୍କ ମନରେ ଅଲୋକପ୍ରାପ୍ତି, ସମାଜରେ ସମତାଲାଭ ଓ ଦ୍ରୁତ ପରିବର୍ତ୍ତନ ନିମିତ୍ତ ସେମାନଙ୍କ ମନରେ ଏକ ପ୍ରବଳ ଆବେଗ ଭାବ ସୃଷ୍ଟି କରିବାହିଁ ଅସାନଙ୍କର ଏକ ବରିଷ୍ଠ ଦାୟିତ୍ୱ ଥିଲା । "ତୁମେମାନେ ଆଇନକାନୁନ୍ ବଦଲାଇ ଦିଅ, ନଚେତ୍ ଆଇନକାନୁନ୍ ତୁମମାନଙ୍କୁ ବଦଳେଇ ଦେବ" ସମାଜର ରକ୍ଷଣଶୀଳ ନେତାମାନଙ୍କୁ ଲକ୍ଷ୍ୟ କରି ସତର୍କବାଣୀ
ରଚନାରେ ଆମେ ଭବିଷ୍ୟ
ପାଉ ।

ଅସାନ ତାଙ୍କର ଦୃଜ
ପହଞ୍ଚିଥିବା ସମୟରେହିଁ ସେ ଏକ ଦାରୁଣ ଦୁର୍ଯୋଗର ସମ୍ମୁଖୀନ ହୋଇ ସଲିଳସମାଧି ପ୍ରାପ୍ତ ହୋଇଥିଲେ । ସେତେବେଳକୁ ତାଙ୍କୁ ମୋଟେ ୫୧ ବର୍ଷ ବୟସ ହୋଇଥିଲା ।

Library IIAS, Shimla
OR 891.481 218 1 As 13 G
00117775